# ଧରିତ୍ରୀ
DHARITRI

୪୭

ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୨୪/୨୦୨୦ (୧୬+୧୨ ପୃଷ୍ଠା) Sambalpur, Tuesday, November 24/2020 ★★

୧୬ଶ ଭାଗ ୨୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



KHIMJI®

*Jewellers since 1936*

Congratulations
Odisha's pride

For providing



years of seamless news coverage

STORES ONLY at
**Bhubaneswar:** 621, Saheed Nagar, Janpath | **Bhubaneswar:** 309 District Centre, Chandrashekarpur
**Berhampur:** Venkatraju Arcade, Sano Bazar | **Cuttack:** 558/834, Cantonment Road | **Rourkela:** Kesar Bhawan, Main Road
**Jharsuguda:** Sarbahal Road **(Opening Shortly)**

Open on All Days
**Toll Free** 1800 3131 777
(10am to 8pm)

Follow us on

NOWHERE ELSE




# ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଲେ ହାଇକୋର୍ଟ

**ଘରୋଇ ସ୍କୁଲ ଫି' ଛାଡ଼ ପ୍ରସଙ୍ଗ**

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ଘରୋଇ ସ୍କୁଲ୍ ଫି' ଛାଡ଼ ପ୍ରସଙ୍ଗରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। କେତେ ପ୍ରତିଶତ ଫି' ଛାଡ଼ କରି ହେବ ସେ ନେଇ ସରକାର ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବେ। ହାଇକୋର୍ଟରେ ଏନେଇ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଏ ସମ୍ପର୍କିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨ରେ ହେବ।

ସୂଚନାଯୋଗ୍ୟ, କରୋନା ଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଏଭଳି ସ୍ଥଳେ ବେସରକାରୀ ସ୍କୁଲ୍ କର୍ତ୍ତୃପକ୍ଷ ପିଲାଙ୍କଠାରୁ ମାସିକ ଦେୟ ଆଦାୟ କରିବାରେ ଲାଗିଛନ୍ତି। ଏହାକୁ ବିରୋଧ କରି ଓଡ଼ିଶା ଅଭାଭାବକ ମହାସଂଘ ସ୍କୁଲ ଫି' ଛାଡ଼ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଘରୋଇ ସ୍କୁଲ ଫି' ବୃଦ୍ଧି ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପକ୍ଷରୁ ହାଇକୋର୍ଟରେ ଦାଖଲ



ହୋଇଥିବା ରିପୋର୍ଟରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଫି' କମାଇବା ନେଇ ସୁପାରିସ କରାଯାଇଥିଲା। କିନ୍ତୁ କେତେକ ସ୍କୁଲ କର୍ତ୍ତୃପକ୍ଷ ଏହା ବିରୋଧରେ ଇଣ୍ଟରଭେନ୍ସି ପିଟିଶନ ଦାଏର କରିଥିଲେ। ମାତ୍ର ଉକ୍ତ ପିଟିଶନକୁ ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ। ଫି' ହ୍ରାସ ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏ ସମ୍ପର୍କରେ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘରୋଇ ସ୍କୁଲ ଉପରେ ସରକାରଙ୍କ କ'ଣ ନିୟନ୍ତ୍ରଣ ରହିଛି ତାହା ଉପରେ ସ୍ପଷ୍ଟ ଆଭିମୁଖ୍ୟ ସତ୍ୟପାଠରେ ଦେବା ପାଇଁ ମାନ୍ୟବର ହାଇକୋର୍ଟ କହିଥିଲେ। କେତେ ପରିମାଣର ଫି' ବୃଦ୍ଧି କରାଯିବ ସେ ନେଇ ଓଡ଼ିଶା ଏଜୁକେଶନ ଆକ୍ଟରେ କୌଣସି ବ୍ୟବସ୍ଥା ନାହିଁ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ପୂର୍ବରୁ ଜଣାଇଥିଲେ। ଫି' ବୃଦ୍ଧି ପ୍ରସଙ୍ଗରେ ନିଜ ଆଡୁ ଅଦାଲତ ନିଷ୍ପତ୍ତି ନିଅନ୍ତୁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

## ୪ ଦିନ ହେଲା ବଢୁଛି ତେଲ ଦର

**ପେଟ୍ରୋଲ ୭, ଡିଜେଲ ୨୦ ପଇସା**

ଭୁବନେଶ୍ୱର, ୨୩।୧୧

ଲଗାତର ୪ ଦିନ ହେବ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଘଟୁଛି। ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ୭ ପଇସା ବଢି ଲିଟର ପିଛା ଦର ୮୨.୧୩ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ ଦର ୨୦ ପଇସା ବଢିବା ଯୋଗୁ ଲୋକଙ୍କୁ ୭୭.୫୯ ଟଙ୍କା ଦେବାକୁ ପଡୁଛି। ସୂଚନା ଯୋଗ୍ୟ, ଗତ ୨ ମାସ ହେବ ତେଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ହେଲେ ପୁଣି ଥରେ ଲଗାତର ତେଲ ଦର ବୃଦ୍ଧି ଲୋକଙ୍କ ଚିନ୍ତାକୁ ବଢାଇଛି। ହେଲେ ପୁଣି ଥରେ ତେଲ ଦର ଲଗାତର ବଢିବା ଯୋଗୁ ଏହା ବୋଝ ଉପରେ ଲଳିତା ବିଡା ଭଳି ହୋଇଛି।




## ଯୁବତୀଙ୍କୁ ହତ୍ୟା, ଅନରକିଲିଂ ସନ୍ଦେହ

**ଭାଇ ଅଟକ**

ନୟାଗଡ ଅଫିସ/ଗଣିଆ, ୨୩।୧୧(ଡି.ଏନ୍.ଏ.)

ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମରେ ମମତା ରାଉତ ନାମ୍ନୀ ଜଣେ ଯୁବତୀ(୨୬)ଙ୍କୁ ହତ୍ୟା କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହା ଅନରକିଲିଂ ବୋଲି ସନ୍ଦେହ କରାଯାଉଥିବା ଗଣିଆ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା କହିଛନ୍ତି। ମମତାଙ୍କ ଭାଇ କାମାକ୍ଷା ପ୍ରସାଦ ରାଉତଙ୍କୁ ପୋଲିସ ଥାନାରେ ଅଟକ ରଖି ଜେରା କରିବା ସହ ହତ୍ୟା ପଛର କାରଣ ଖୋଜୁଛି।

ମମତା ହେଉଛନ୍ତି ପ୍ରହଲ୍ଲାଦ ରାଉତଙ୍କ ଝିଅ। ସେ ରବିବାର ରାତିରେ ଘରେ ଶୋଇଥିବାବେଳେ କେହି ତାଙ୍କୁ କଟୁରିରେ ହାଣି ହତ୍ୟା କରିଥିବା ପ୍ରହଲ୍ଲାଦ ସୋମବାର ସକାଳେ ଗଣିଆ ଥାନାରେ ଅଭିଯୋଗ କରିଥିଲେ। ଖଣ୍ଡପଡ଼ା ଏସ୍‌ଡିପିଓ ବିଶ୍ୱ ପ୍ରକାଶ ପଟ୍ଟନାୟକ ଓ ଥାନା ଅଧିକାରୀ ପରିଡ଼ା ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ପରିବାର ଲୋକଙ୍କଠାରୁ ବୟାନ ସଂଗ୍ରହ କରିଥିଲେ। ପୋଲିସ ଏକ କଟୁରି ଓ ମମତାଙ୍କ ମୋବାଇଲ ଫୋନ ଜବତ କରିଛି। ମଧ୍ୟାହ୍ନରେ କଟକର ଡଗ୍ ସ୍କ୍ୱାଡ୍ ଦ୍ୱାରା ତଦନ୍ତ କରାଯିବା ସହ ଖୋର୍ଦ୍ଧାରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତନମୁନା, ଫିଙ୍ଗର ପ୍ରିଣ୍ଟ ନମୁନା ସଂଗ୍ରହ କରିଥିଲା। ଏହାପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ଆଇପିସି ଦଫା ୩୦୨ ଅନୁଯାୟୀ ଏକ ମାମଲା (ନଂ.୫୮/୨୦) ରୁଜୁ କରାଯାଇଛି।

ପ୍ରହଲ୍ଲାଦଙ୍କ କହିବାନୁଯାୟୀ, ରବିବାର ରାତିରେ ମମତା ଖାଇପିଇ ଶୋଇଥିଲେ। ଭୋର ୪ଟାରେ ସେ ଉଠି ଦେଖିବାବେଳେ ମମତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶେଯରେ ପଡ଼ିରହିଥିଲେ। କେହି ଦୁର୍ବୃତ୍ତ ହତ୍ୟାକାଣ୍ଡ ଘଟାଇ ଫେରାର ହୋଇଯାଇଥିବା ପ୍ରହଲ୍ଲାଦ କହିଛନ୍ତି। ଥାନା ଅଧିକାରୀ ପରିଡ଼ା କହିଛନ୍ତି ଯେ, ବନ୍ଦ ଘରେ ବାହାର ଲୋକ ପ୍ରବେଶ କରି ହତ୍ୟା କରିବା ସନ୍ଦେହଜନକ ଲାଗୁଛି। ଏହା ଅନରକିଲିଂ ବୋଲି ସନ୍ଦେହ ହେଉଥିବାରୁ ଏନେଇ ଅଧିକ ତଦନ୍ତ କରାଯାଉଛି।

## କ୍ଷୋଭ ପ୍ରକାଶ କଲେ ଲୋକାୟୁକ୍ତ

**ମାସ୍କ, ପିପିଇ କିଟ୍ କିଣାରେ ଦୁର୍ନୀତି ପ୍ରସଙ୍ଗ**

**୭ରେ ଚୂଡ଼ାନ୍ତ ନିଷ୍ପତ୍ତି**

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ପିପିଇ କିଟ୍ ଓ ମାସ୍କ ଦୁର୍ନୀତି ଅଭିଯୋଗ ମାମଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ତଥ୍ୟ ଦେଇପାରିନାହାନ୍ତି। ତେଣୁ ଏହାକୁ ନେଇ ଲୋକାୟୁକ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣାର ଚୁଡାନ୍ତ ଶୁଣାଣି ଆସନ୍ତା ୭ ତାରିଖରେ କରାଯିବ ବୋଲି ଜଣାପଡିଛି। ଏନେଇ ଆବେଦନକାରୀ ସୁଦର୍ଶନ ଦାସ ଏବଂ ତାଙ୍କ ଓକିଲ ସୁଶାନ୍ତ ପାଢୀ ସୂଚନା ଦେଇଛନ୍ତି।

ଏହି ମାମଲାରେ ମୁଖ୍ୟ ଶାସନ ସଚିବଙ୍କୁ ପକ୍ଷ ରଖିବା ପାଇଁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ସରକାରଙ୍କ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଚିଠି ମାଧ୍ୟମରେ ଉତ୍ତର ରଖିଛନ୍ତି। କୋଭିଡ ସମୟରେ କେଉଁ ଅଧିକାରୀ କଣ ସବୁ ଦାୟିତ୍ୱରେ ରହିଥିଲେ ସେନେଇ ଚିଠିରେ ଦର୍ଶାଇଛନ୍ତି। ହେମନ୍ତ ଶର୍ମାଙ୍କୁ କେଉଁ କାରଣରୁ ନିଜ ଦାୟିତ୍ୱରୁ ଅବ୍ୟାହତି ଦିଆଗଲା ବୋଲି ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ତାଙ୍କ ଦାୟିତ୍ୱ ଭାର ଅଧିକ ହୋଇଯାଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଫଳରେ ଲୋକାୟୁକ୍ତ ଅଧିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ସୋମବାର ପୁନର୍ବାର ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଜାମିନୀ ଷଡଙ୍ଗୀ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମା ହାଜର ହୋଇଛନ୍ତି। ସମସ୍ତ ପକ୍ଷକୁ ଡିସେମ୍ବର ୭ରେ ପ୍ରସ୍ତୁତ ହୋଇ ଆସିବା ଲାଗି କୁହାଯାଇଥିବା ବେଳେ ସେଦିନ ଚୁଡାନ୍ତ ନିଷ୍ପତ୍ତି ହେବ ବୋଲି କୁହାଯାଇଛି।

## ମୃତ ଗାଙ୍ଗେଟିକ୍ ଡଲ୍‌ଫିନ ଉଦ୍ଧାର

କେନ୍ଦ୍ରାପଡ଼ା ଅଫିସ/ରାଜନଗର(ଡି.ଏନ.ଏ.)/ ପଟ୍ଟାମୁଣ୍ଡାଇ(ସ୍ୱ.ପ୍ର.), ୨୩।୧୧

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗଙ୍ଗାରାମପୁର ପଞ୍ଚାୟତର କଇଁକୁଳା ଗାଁ ନିକଟରୁ ଏକ ମୃତ ଗାଙ୍ଗେଟିକ୍ ଡଲଫିନ ରବିବାର ଉଦ୍ଧାର ହୋଇଛି। ଏହାର ଓଜନ ୬୦ କେଜି ଏବଂ ଲମ୍ବ ୭ ଫୁଟ ୩ ଇଞ୍ଚ। ଏହା ବିରଳ ଜାତୀୟ ଜଳଚର ପ୍ରାଣୀ ଏବଂ ସାଧାରଣତଃ ମଧୁର ଜଳରେ ରୁହନ୍ତି। ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳରେ ଏମାନେ ବେଶି ଦେଖାଯାଆନ୍ତି। ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ଏମାନେ ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ ପ୍ରାଣୀ ବୋଲି ପ୍ରାଣୀ ବିଶେଷଜ୍ଞ ଶିବ ପ୍ରସାଦ ପରିଡ଼ା କହିଛନ୍ତି।

କଇଁକୁଳା ଗ୍ରାମ ନିକଟ ଭେଡିସାହି ଗାଁର ମତ୍ସ୍ୟଜୀବୀମାନେ ରବିବାର ଗୋବରୀ ନଦୀରେ ଜାଲ ପକାଇ ଉଠାଇବାବେଳେ ସେଥିରେ ଉକ୍ତ ଡଲଫିନ୍‌ଟି ପଡ଼ିଥିବା ଦେଖିବାକୁ ପାଇଥିଲେ। ଜାଲକୁ ଟାଣି ଭୂମି ଉପରେ ରଖିବା ପରେ ଡଲଫିନ୍‌ଟି ମରିଯାଇଥିଲା। ମତ୍ସ୍ୟଜୀବୀମାନେ କଇଁକୁଳା ଗାଁ ନିକଟ ପଡ଼ିଆରେ ତାହାକୁ ଫୋପାଡ଼ି ଦେଇଥିଲେ। ବିଳମ୍ବିତ ରାତ୍ରିରେ ରାଜନଗର ଭାରପ୍ରାପ୍ତ ରେଞ୍ଜ ଅଫିସର ଧନେଶ୍ୱର ରଥ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ଫରେଷ୍ଟ ଗାର୍ଡ ତ୍ରିଦୀପ କୁମାର ପ୍ରଧାନ, ଦେବେନ୍ଦ୍ର କୁମାର ଶତପଥୀ, ନିରୁପମା ଷଡ଼ଙ୍ଗୀ ପ୍ରମୁଖ ମୃତ ଡଲଫିନକୁ ଉଦ୍ଧାର କରି ସଂସାରଫଳସ୍ଥିତ ସେଣ୍ଟ୍ରାଲ ନର୍ସରିକୁ ଆଣିଥିଲେ। ମହାନଦୀ ଡେଲ୍‌ଟା ମୁହାଣରୁ ଏହି ଡଲ୍‌ଫିନ୍‌ଟି ଗୋବରୀ ନଦୀକୁ ପଶି ଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୋମବାର ରାଜନଗରର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡ ମୃତ ଡଲଫିନର ବ୍ୟବଚ୍ଛେଦ କରିଥିଲେ। ମାଂସ କଢ଼ାଯାଇ ଡିଏନଏ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରାଯାଇଛି। କଙ୍କାଳକୁ ମଙ୍ଗଳବାର ଭିତରକନିକାର ଡାଙ୍ଗମାଳ ମ୍ୟୁଜିୟମ୍‌କୁ ପଠାଯିବ। ସେଠାରେ କାଚ ବାକ୍ସରେ ସଂରକ୍ଷିତ କରି ରଖାଯିବା ବ୍ୟବସ୍ଥା ହୋଇଛି।

RAIN, SUN AND FIREPROOF
KONARK IS THE RIGHT ROOF
KONARK
USE KONARK AC SHEETS & ACCESSORIES
UAL-ODISHA
Right at the top
(PROP.: UAL INDUSTRIES LTD.)
(AN ISO 9001, 14001 & OHSAS 18001 CERTIFIED COMPANY)
ODISHA WORKS
At/P.O. Korian, Dist-Dhenkanal-759013 (Odisha)
Phone: (06762) 228881, Fax: (06762) 228263
EPABX: (06762) 228881
E-mail:ual_dkl@ualind.com
BENGAL WORKS
UAL-BENGAL
Guptamani Kultikri Road, Midnapore (West Bengal)
Phone: (03222) 202401, 202402
Fax: (03222) 257274, E-mail: ual_kgp@ualind.com
U.P. Work
UAL-UTTAR PRADESH
At-Barmanpur, Tehsil-Kerakat, Dist: Jaunpur-222129 (U.P)
Phone: (05450) 249301, E-mail: ual_up@ualind.com

WHILE SOME PERSUE FOR EXCELLENCE
WE ARE BORN TO EXCELL.

## ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ନାବାଳିକା ଗଣବଳାତ୍କାର ମାମଲା**

କେନ୍ଦୁଝର, ୨୩।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାର ବିଚାର କରି ସୋମବାର ଅତିରିକ୍ତ ଜିଲା ଜଜ୍ ଓ ସ୍ୱତନ୍ତ୍ର ଜଜ ଲୋକନାଥ ସାହୁ ପୋକ୍‌ସୋ ଆଇନ୍‌ରେ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବା ସହ ୧୦ହଜାର ଲେଖାଏଁ ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଆଉ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଶ୍ରୀବାସ୍ତବ ଲୋହାର (୨୦) ଓ ଦୁମ୍ବି ମୁଣ୍ଡା (୨୫)। ସେମାନଙ୍କ ଘର ଯୋଡା ଆଜାଦ ବସ୍ତିରେ। ଅନ୍ୟପକ୍ଷରେ ପ୍ରମାଣ ଅଭାବରୁ ୩ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ସରକାରୀ ଓକିଲ ଗଣେଶ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

ଉକ୍ତ ନାବାଳିକାଙ୍କ ସହ ଶ୍ରୀବାସ୍ତବ ଲୋହାରଙ୍କର ପ୍ରେମ ସମ୍ପର୍କ ଥିଲା। ୨୦୧୯ ଜୁନ ୨୪ତାରିଖ ସନ୍ଧ୍ୟାରେ ଉକ୍ତ ନାବାଳିକାଙ୍କୁ ଶ୍ରୀବାସ୍ତବ ଲକ୍ଷ୍ମୀପଡିଆକୁ ଡାକି ନେଇଥିଲେ। ସେଠାରେ ସେ ବଳାତ୍କାର ଉଦ୍ୟମ କରିଥିଲେ। ଅନ୍ୟ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ତାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୧୨୦ ଓଡ଼ିଆ ଅଧ୍ୟାପକ ନିଯୁକ୍ତ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ରାଜ୍ୟର ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୨୦ ଓଡ଼ିଆ ଅଧ୍ୟାପକ ପଦବୀରେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସିଲେକ୍ସନ ବୋର୍ଡ ଦ୍ୱାରା ଏହି ଅଧ୍ୟାପକଙ୍କୁ ଚୟନ କରାଯାଇଥିବା ନେଇ ସୋମବାର ସୂଚନା ଦିଆଯାଇଛି।

ଖାଲିଥିବା ପଦବୀ ନିମନ୍ତେ ଏହି ଅଧ୍ୟାପକମାନେ ଅନ୍‌ଲାଇନ୍‌ରେ ସେମାନଙ୍କ ପସନ୍ଦ ମୁତାବକ ମହାବିଦ୍ୟାଳୟ ପାଇଁ ଆବେଦନ କରିଥିଲେ। ଏମାନେ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକ ଦ୍ୱାରା ନିଯୁକ୍ତ ହେବେ। ଏମାନଙ୍କ ଉଦ୍ଦେଶ୍ୟରେ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜନ କରାଯାଇଛି। ପୂର୍ବାହ୍ନ ୧୦ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଓ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ଯୋଗଦେବେ।



ଧରିତ୍ରୀ
DHARITRI
୪୭
ମଙ୍ଗଳବାର, ନଭେମ୍ବର ୨୪/୨୦୨୦ | Tuesday, November 24/2020 | ପୃଷ୍ଠା-୧



**ମାଳଦ୍ୱୀପରେ ସାମନ୍ଥା**

ସାଉଥ୍ ଅଭିନେତ୍ରୀ ସାମନ୍ଥା ଅକିନେନୀ ଛୁଟି କାଟିବାପାଇଁ ମାଳଦ୍ୱୀପ ଯାଇଛନ୍ତି। ସେଠାକୁ ଯାଇ ନିଜର ସୁନ୍ଦର ସୁନ୍ଦର ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି।

୧୨

୧୧

**ମେଡ୍‌ଭେଡେଭଙ୍କୁ ଟାଇଟଲ**

ଲଣ୍ଡନରେ ଅନୁଷ୍ଠିତ ବର୍ଷଶେଷ ଏଟିପି ଟୁର୍ନାମେଣ୍ଟର ଫାଇନାଲରେ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ହରାଇ ଟାଇଟଲ ଜିତିଛନ୍ତି ରୁଷିଆର ଡାନିଲ ମେଡ୍‌ଭେଡେଭ।



# ୫ ଅଙ୍ଗୁଳି ସମାନ

ଆଜି ୨୪ ନଭେମ୍ବର ମହାଯୋଗୀ ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ। ଏହି ଅବସରରେ ସେହି ମହାନ୍ ଆତ୍ମାଙ୍କୁ ସମ୍ମାନ ଜଣାଇ ଧରିତ୍ରୀ ତା'ର ୪୬ ବର୍ଷ ପୂର୍ଣ୍ଣ କରି ୪୭ତମ ବର୍ଷରେ ପଦାର୍ପଣ କରୁଛି। ଏହି ସମୟ ମଧ୍ୟରେ ଧରିତ୍ରୀ ଅନେକ ସଫଳତା ଦେଖିବା ସହ ଅନେକ ସଂଗ୍ରାମ ମଧ୍ୟ କରିବାର ସୁଯୋଗ ପାଇଛି। ଓଡ଼ିଆ ଭାଷାରେ ଛପା ହେଉଥିବା ହେତୁ ଏହି ଖବରକାଗଜ ଓଡ଼ିଶାର ସୀମା ମଧ୍ୟରେ ଆବଦ୍ଧ ରହିବାକୁ ବାଧ୍ୟ ହୋଇଛି। ଏହା ସତ୍ୟ ଯେ, ଓଡ଼ିଶା ବାହାରେ ଥିବା ଅନେକ ଓଡ଼ିଆ ଧରିତ୍ରୀର ଛପା କାଗଜ ସଂସ୍କରଣ ବିଳମ୍ବରେ ପାଇବା ସତ୍ତ୍ୱେ ଏହାକୁ କିଣୁଛନ୍ତି। ବିଳମ୍ବକୁ ଅପେକ୍ଷା କରିବାକୁ ଅନିଚ୍ଛୁକ ଅନେକ ଲକ୍ଷ ପାଠକ ଧରିତ୍ରୀର ଇଣ୍ଟରନେଟ୍ ଏଡିଶନକୁ ୧୯୯୭ ମସିହାଠାରୁ ପଢ଼ି ନିଜର ମତ ସୃଷ୍ଟି କରିଆସୁଛନ୍ତି। ସେମାନଙ୍କ ମଧ୍ୟରୁ, ଅନେକ ସମୟରେ, କେତେକ ପାଠକ ଧରିତ୍ରୀର ଆଭିମୁଖ୍ୟଠାରୁ ଭିନ୍ନ ମତ ଜଣାଇଥାଆନ୍ତି। ଉଦାହରଣ ସ୍ୱରୂପ ଦିଲ୍ଲୀର ରାମଲୀଳା ମଇଦାନରେ ଆନ୍ନା ହାଜାରେଙ୍କ କାର୍ଯ୍ୟକ୍ରମକୁ ଦେଶବ୍ୟାପୀ ଗଣମାଧ୍ୟମ ପ୍ରଶଂସା କରୁଥିବା ବେଳେ ଧରିତ୍ରୀ ତାହାକୁ ଏକ ଗଣତନ୍ତ୍ରକୁ କ୍ଷତି ପହଞ୍ଚାଇଲା ଭଳି ଆନ୍ଦୋଳନ ଭାବେ ଦର୍ଶାଇଥିଲା। ନିକଟ ଅତୀତରେ ସେହି କେତେକ ଅସନ୍ତୁଷ୍ଟ ପାଠିକାପାଠକ ଆନ୍ନା ହାଜାରେଙ୍କ କାର୍ଯ୍ୟକ୍ରମ ବାସ୍ତବରେ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରିଦେଲା ବୋଲି ସ୍ୱୀକାର କରିଛନ୍ତି। ଅନୁରୂପ ଭାବେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରେ ଜଣେ ବାବାଙ୍କ ବିରୋଧରେ ଅନେକ ଗଣମାଧ୍ୟମ ଏକଜୁଟ ହୋଇଥିବା ବେଳେ ଧରିତ୍ରୀ ଏକ ଭିନ୍ନ ଦିଗ ସମ୍ପର୍କରେ ଲେଖିଥିଲା। ଅନ୍ୟମାନେ ସେହି ବାବାଙ୍କୁ କେତେକ କୁକର୍ମ ପାଇଁ ଦୋଷ ଦେଉଥିବା ବେଳେ ଧରିତ୍ରୀ ମତ ଦେଇଥିଲା ଯେ ବାବା ନୁହେଁ, ଚେଲାମାନଙ୍କ ଆଗ୍ରହ ଏହିଭଳି ଅନୈତିକ କାର୍ଯ୍ୟ ପାଇଁ ଦାୟୀ। ସେତେବେଳେ ମଧ୍ୟ ଯେଉଁ ପାଠକୀୟ ପ୍ରତିକ୍ରିୟା ହୋଇଥିଲା, ତାହାକୁ ସେହି ପାଠିକାପାଠକମାନେ ପରବର୍ତ୍ତୀ ସମୟରେ ମତ ସଂଶୋଧନ କଲେ ବୋଲି ଆମ ଧରିତ୍ରୀକୁ ପତ୍ର ମାଧ୍ୟମରେ ଜଣାଇଥିଲେ।

**ତଥାଗତ ସତପଥୀ**

ସରକାର କିମ୍ବା କୌଣସି ବ୍ୟବସାୟିକ ସଂସ୍ଥାଠାରୁ ଲାଭ ଉଠାଇବା ପାଇଁ ଚେଷ୍ଟା କରୁ ନ ଥିବା ହେତୁ ଆଜି ଧରିତ୍ରୀ ବାସ୍ତବରେ ନିରପେକ୍ଷତା ରକ୍ଷା କରିପାରୁଛି। ଏହି ଶକ୍ତି ଦେବା ପାଇଁ ଗୋଟିଏପଟେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଥିବାବେଳେ ଅନ୍ୟପଟେ ଆମର ଅଗଣିତ ପାଠିକାପାଠକଙ୍କର ସ୍ନେହ ଓ ଶ୍ରଦ୍ଧା ଧରିତ୍ରୀକୁ ବଞ୍ଚାଇ ରଖିଛି। ଏହି ୧ ନମ୍ବର କିମ୍ବା ୫୦ ନମ୍ବର ଖେଳରେ ସାମିଲ ହେବା ପରିବର୍ତ୍ତେ ଧରିତ୍ରୀ ତା'ର ସତ୍ୟ ଓ ନିଷ୍ଠାକୁ ବଞ୍ଚାଇ ରଖିବା ପାଇଁ ଅଧିକ ଗୁରୁତ୍ୱ ଦେଇଛି। ଯେତେ ଆଚାର, ବାଲ୍‌ଟି, ଜଡ଼ାତେଲ ସ୍କିମ୍ କରି ପାଠକ ବୃଦ୍ଧି କରିବାର ଚେଷ୍ଟା କରାଯାଇଛି, ସେଥିରେ ଧରିତ୍ରୀର ଅଗ୍ରଣୀ ଓ ପ୍ରଗତିଶୀଳ ପାଠିକାପାଠକ ଦିଗହରା ହୋଇନାହାନ୍ତି ବୋଲି ଆଜି ଧରିତ୍ରୀ ବଞ୍ଚିଛି। କେବଳ ବଞ୍ଚିନି। ଅତି ହୃଷ୍ଟପୁଷ୍ଟ ଭାବେ ଆଗେଇ ଚାଲିଛି। ଏଥିପାଇଁ ଧରିତ୍ରୀ ତା'ର ପାଠିକାପାଠକଙ୍କ ସମ୍ମୁଖରେ ମୁଣ୍ଡ ନୁଆଁଉଛି।

ପୃଥିବୀ ଆଜି ଏକ ଅଶାନ୍ତ ପରିସ୍ଥିତି ଦେଇ ଗତିକରୁଛି। ୨୦୨୦ ମସିହା ସମଗ୍ର ବିଶ୍ୱ ପାଇଁ ଏକ ଚ୍ୟାଲେଞ୍ଜର ବର୍ଷ ଭାବେ ଆରମ୍ଭ ହୋଇଥିଲା। କୋଭିଡ୍-୧୯ ଏହି ବର୍ଷ ଯେ ଶେଷ ହୋଇଯିବ, ତାହା କେହି କହିପାରିବେ ନାହିଁ। ଟେଲିଫୋନ୍ କଲେ ସବୁବେଳେ ବାର୍ତ୍ତା ବାରମ୍ବାର ଶୁଣିବାକୁ ମିଳୁଛି ଯେ, କ୍ଷମତାସୀନ ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ରୋଗ ବିରୋଧୀ ଲଢ଼େଇରେ ସମସ୍ତେ ସହଯୋଗ କରନ୍ତୁ। ବାସ୍ତବ କଥା ହେଉଛି, କୌଣସି ଜଣେ ବ୍ୟକ୍ତି ଏହି ଲଢ଼େଇର ନେତୃତ୍ୱ ନେଉଛି ବୋଲି କହିବା ଅନୁଚିତ। ଯାହା ବ୍ୟବସାୟିକ ଜଗତୀକରଣ, ଅର୍ଥନୈତିକ ଉଦାରୀକରଣ କିମ୍ବା ଟେକ୍‌ନୋଲୋଜି କରିବାରେ ଅସଫଳ ହୋଇଛି, ତାହାକୁ ଆଜି ଏହି କରୋନା ଭୂତାଣୁ କରି ଦେଖାଇଦେଲା। ଏହି ଭୂତାଣୁ ବିରୋଧରେ ହେଉଥିବା ଲଢ଼େଇ ଯୋଗୁ ଆମେ ସମସ୍ତେ ଆଜି ସମଗ୍ର ବିଶ୍ୱର ନାଗରିକ ହୋଇଯାଇଛୁ। ଏହାର ଅର୍ଥ ହେଲା କୌଣସି ରାଜନୈତିକ ବିଭାଜନରୁ ସୃଷ୍ଟି ହୋଇଥିବା ଦେଶ ବା ଧର୍ମକୁ ନେଇ ବିଖଣ୍ଡିତ ହେଉଥିବା ସମାଜ କିମ୍ବା ଅର୍ଥନୈତିକ ସମ୍ବଳକୁ ନେଇ ଧନୀ ଓ ଗରିବର ବିଭେଦକୁ ଏହି ରୋଗ ଭାଙ୍ଗିଦେଇଛି। କୋଭିଡ୍-୧୯ ସାମ୍ନାରେ କେହି ଧନୀ ବା ଶକ୍ତିଶାଳୀ କହିପାରିବେ ନାହିଁ। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ହସ୍ପିଟାଲକୁ ଯାଇ ମୃତ୍ୟୁମୁଖରୁ ବଞ୍ଚିଆସିବା ପରି ଗଞ୍ଜାମର ସାଧାରଣ ଶ୍ରମିକଟିଏ ମଧ୍ୟ ସେହି ରୋଗରେ ଆକ୍ରାନ୍ତ ହୋଇ ବଞ୍ଚିଯାଇପାରିଛି। ସେହିଭଳି ପର୍ତ୍ତୁଗାଲର ସବୁଠାରୁ ବଡ଼ ବ୍ୟାଙ୍କର ମାଲିକଙ୍କ ମୃତ୍ୟୁ ଏହି ଭୂତାଣୁ ଦ୍ୱାରା ହୋଇଥିବା ବେଳେ ଓଡ଼ିଶାର ଜଣେ ଶକ୍ତିଶାଳୀ ମହିଳା ମଧ୍ୟ ନିକଟରେ ଉକ୍ତ ରୋଗ ଯୋଗୁ ମୃତ୍ୟୁବରଣ କରିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଏକବିଂଶ ଶତାବ୍ଦୀରେ ମଣିଷ ଜାତି ଅତ୍ୟନ୍ତ ଦୁର୍ବଳ ଓ ନିଜର ସୁରକ୍ଷା ପାଇଁ ଅସମର୍ଥ।

ପୂର୍ବରୁ ଶୁଣୁଥିଲୁ ସମାଜବାଦ ପ୍ରତିଷ୍ଠା ପାଇଁ ଅନେକେ ବିପ୍ଳବୀ ସଂଗ୍ରାମ କରି ଜୀବନ ହରାଇଛନ୍ତି। ବହୁ ତତ୍ତ୍ୱ ସେମାନଙ୍କଠାରୁ ଶିଖିବାକୁ ମିଳିଥିଲା। କିନ୍ତୁ ତା' ବିପକ୍ଷରେ ଥିବା 'ପାଞ୍ଚ ଅଙ୍ଗୁଳି ସମାନ ନୁହେଁ' ଯୁକ୍ତି ମଧ୍ୟ ବିଶ୍ୱାସଯୋଗ୍ୟ ହେଉଥିଲା। କୋଭିଡ୍-୧୯ ଆଣିଦେଇଛି ବାସ୍ତବ ସମାଜବାଦ। ଏହାଫଳରେ ରାଜନେତା, ଶିଳ୍ପପତିଠାରୁ ଆରମ୍ଭ କରି ଦିନମଜୁରିଆ ପର୍ଯ୍ୟନ୍ତ ସମସ୍ତେ ମୃତ୍ୟୁକୁ ଭୟ କରିବସିଛନ୍ତି। ଯେଉଁମାନେ ରୋଗାକ୍ରାନ୍ତ ହୋଇ ବଞ୍ଚିଯାଉଛନ୍ତି, ସେମାନେ ପୁନର୍ବାର ସଂକ୍ରମିତ ହେବାକୁ ଅଧିକ ଭୟ କରୁଛନ୍ତି; କାରଣ ସେମାନଙ୍କ ଭିତରେ ସୃଷ୍ଟି ହୋଇଥିବା ଆଣ୍ଟିବଡିଜ୍ ଦେହର ଅନ୍ୟ ଅଙ୍ଗକୁ ଦୁର୍ବଳ କରିଦେଉଛି ବୋଲି ବିଶେଷଜ୍ଞମାନେ କହିଲେଣି। ଅର୍ଥାତ୍ ଆଜିର ୨୦୨୦ ପୃଥିବୀରେ ପାଞ୍ଚ ଅଙ୍ଗୁଳି ବାସ୍ତବରେ ସମାନ ହୋଇଗଲେଣି। ଧନୀ-ଗରିବ, ଉଚ୍ଚ-ନୀଚ, ହିନ୍ଦୁ-ମୁସଲମାନ-ଖ୍ରୀଷ୍ଟିଆନ, କ୍ଷମତାସୀନ ଏବଂ ଦୁର୍ବଳଶ୍ରେଣୀ ସମସ୍ତେ ଏକ ଭାବେ କୋଭିଡ୍ ସମ୍ମୁଖରେ ଛିଡ଼ା।

କେବଳ କୋଭିଡ୍ ନୁହେଁ, ତା'ଯୋଗୁ ସୃଷ୍ଟି ହୋଇଥିବା ଅଶାନ୍ତି ସମଗ୍ର ବିଶ୍ୱକୁ ବ୍ୟାପିଗଲାଣି। ଏସିଆର ଥାଇଲାଣ୍ଡ, ହଂକଂ, ୟୁରୋପରେ ଆର୍ମେନିଆ-ଆଜରବୈଜାନ, ଫ୍ରାନ୍ସ, ଆଫ୍ରିକାରେ ଇଥିଓପିଆ, ଦକ୍ଷିଣ ଆମେରିକାରେ ପେରୁ, ବ୍ରାଜିଲ, ଗୁଏଟ୍‌ମାଲା ଭଳି ସବୁ ମହାଦେଶରେ ଏବେ ଅଶାନ୍ତି ବୃଦ୍ଧି ପାଉଛି। ବର୍ତ୍ତମାନ ଚାଇନା ତା'ର ବିସ୍ତାରବାଦୀ ଚିନ୍ତାଧାରାକୁ ନେଇ ଭୁଟାନଠାରୁ ପାଙ୍ଗଙ୍ଗ ସୋ ହ୍ରଦ ପର୍ଯ୍ୟନ୍ତ ବିଭିନ୍ନ ସାମରିକ କାର୍ଯ୍ୟ ଆରମ୍ଭ କରିଦେଇଥିବାରୁ ଭାରତ ମଧ୍ୟ ନୟାନ୍ତ ହୋଇପଡ଼ିଛି।

ଏଭଳି ଏକ ଅଶାନ୍ତ ପୃଷ୍ଠଭୂମିରେ ସବୁ ଗଣମାଧ୍ୟମର ପରୀକ୍ଷା ହେଉଛି। ଅର୍ଥଲୋଭ, ମିଛ ଦେଶପ୍ରେମର ଦ୍ୱାହି କିମ୍ବା କୌଣସି ପ୍ରକାର ଭ୍ରାନ୍ତ ଧାରଣାରେ ପ୍ରଭାବିତ ନ ହୋଇ ଯେଉଁ ଗଣମାଧ୍ୟମ ସତ୍ୟ ସହିତ ରହିବ, ତାହାର ଭବିଷ୍ୟତରେ ବଞ୍ଚିବାର ରାହା ମିଳିବ। ସମସ୍ତେ ଯେହେତୁ ବିଶ୍ୱର ନାଗରିକ ହେବା ପାଇଁ ବାଧ୍ୟ ହୋଇଛନ୍ତି, ରାଜନୀତିର ଅସତ୍ୟ ଏବଂ ଅର୍ଥନୀତିର ବାଟବଣା ଉଦ୍ୟମର ଊର୍ଦ୍ଧ୍ୱକୁ ଯିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଲାଣି। କୋଭିଡ୍-୧୯ କେବେ ଯିବ କେହି କହିପାରିବେ ନାହିଁ। କାହାର ଆୟୁଷ କେବେ ସରିବ ତାହା ମହାପ୍ରଭୁ ଜଗନ୍ନାଥ ଜାଣିଛନ୍ତି। ଏହି ସ୍ଥିତିରେ ଧରିତ୍ରୀ ସମସ୍ତେ ନୀରୋଗ ରହନ୍ତୁ କାମନା କରିବା ସହିତ ନିଜେ କଠୋର ସତ୍ୟ ପଥରେ ଯାଉଛି ବୋଲି ପାଠିକାପାଠକଙ୍କ ନିକଟରେ ପ୍ରତିଶ୍ରୁତିବଦ୍ଧ।

# ଧର୍ମଘଟ କଲେ ଜେଲ

**ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)**

**ସରକାରୀ କର୍ମଚାରୀଙ୍କ ଉପରେ ଅଙ୍କୁଶ**

- ଅତ୍ୟାବଶ୍ୟକ ସେବା ସଂଶୋଧନ ବିଲ୍-୨୦୨୦କୁ ବିଧାନସଭାର ଅନୁମୋଦନ
- ପ୍ରୋତ୍ସାହିତ କଲେ ବର୍ଷେ ଜେଲ, ୫ ହଜାର ଟଙ୍କା ଜରିମାନା
- କର୍ମଚାରୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ: ବିରୋଧୀ
- ସାଧାରଣ ଜୀବନକୁ ସୁରକ୍ଷିତ କରିବ ବିଲ୍: ସ୍ୱରାଷ୍ଟ୍ର ମନ୍ତ୍ରୀ

ସରକାରୀ କର୍ମଚାରୀ ମନଇଚ୍ଛା ଧର୍ମଘଟ କରିପାରିବେ ନାହିଁ କିମ୍ବା ଏଥିପାଇଁ ପ୍ରୋତ୍ସାହିତ କରିପାରିବେ ନାହିଁ। ବେଆଇନ ଧର୍ମଘଟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ୧ ବର୍ଷ ଜେଲ ସହିତ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଏପରିକି ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର ମଧ୍ୟ କରାଯିବ।

କୌଣସି ଧର୍ମଘଟ ପାଇଁ ଯଦି ସାଧାରଣ ଲୋକଙ୍କ ସୁରକ୍ଷା ବିପନ୍ନ ହୁଏ ତାହେଲେ ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ହେବ। ଏପରିକି ଜନସାଧାରଣଙ୍କ ନିକଟରେ ଅତ୍ୟାବଶ୍ୟକ ସେବା ପହଞ୍ଚିବାରେ ବାଧା ଉପୁଜାଉଥିବା କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଯଦି ବେଆଇନ ଧର୍ମଘଟକୁ କେହି ପ୍ରୋତ୍ସାହିତ କରେ କିମ୍ବା ଆର୍ଥିକ ସହଯୋଗ ମାଧ୍ୟମରେ ସମର୍ଥନ ଯୋଗାଇଦିଏ, ତେବେ ଉକ୍ତ ବ୍ୟକ୍ତିଙ୍କୁ ମଧ୍ୟ ଦଣ୍ଡିତ କରାଯିବ। ସ୍ଥଳବିଶେଷରେ ଉଭୟ ଆର୍ଥିକ ଓ ଜେଲଦଣ୍ଡରେ ମଧ୍ୟ ଦଣ୍ଡିତ କରାଯିବ। ସୋମବାର ସରକାରଙ୍କ ଦ୍ୱାରା ଆଗତ ଓଡ଼ିଶା ଅତ୍ୟାବଶ୍ୟକ ସେବା(ରକ୍ଷଣାବେକ୍ଷଣ) ସଂଶୋଧନ ବିଲ୍ ୨୦୨୦କୁ ବିଧାନସଭାରେ ଅନୁମୋଦନ ମିଳିଛି।

ଏହି ସଂଶୋଧିତ ବିଲ୍‌ରେ ଅତ୍ୟାବଶ୍ୟକ ସେବା ପ୍ରଭାବିତ ହେଉଥିବା କୌଣସି ଧର୍ମଘଟରେ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିବା ବେଆଇନ ବୋଲି କୁହାଯାଇଛି। ଯଦି କୌଣସି ସରକାରୀ କର୍ମଚାରୀ ବେଆଇନ ଧର୍ମଘଟରେ ଅଂଶଗ୍ରହଣ କରନ୍ତି କିମ୍ବା ଅନ୍ୟକୁ ଧର୍ମଘଟରେ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରନ୍ତି, ତାଙ୍କର ଏଭଳି କାର୍ଯ୍ୟକୁ 'ଅସଦାଚରଣ' ଭାବେ ବିବେଚନା କରାଯିବ। ଏଥିଲାଗି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଗ୍ନି ନିରାପତ୍ତା, ☞ପୃଷ୍ଠା-୨

# ୬ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି

**ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)**

- ନିଯୁକ୍ତି ଦେଲେ ରାଜ୍ୟପାଳ
- ୪ବର୍ଷ ପାଇଁ କାର୍ଯ୍ୟ କରିବେ

ରାଜ୍ୟର ୬ଟି ବିଶ୍ୱବିଦ୍ୟାଳୟ ପାଇଁ ନୂତନ କୁଳପତି ନିଯୁକ୍ତ ହୋଇଛନ୍ତି। ସୋମବାର ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ସବିତା ଆଚାର୍ଯ୍ୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ଅପରାଜିତା ଚୌଧୁରୀ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ଦୀନବନ୍ଧୁ ସାହୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ଏନ୍. ନାଗାରାଜୁ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର କିଶୋର କୁମାର ବାସା ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ନିଯୁକ୍ତି ପାଇଛନ୍ତି। ଆସନ୍ତା ୪ବର୍ଷ ପାଇଁ କାର୍ଯ୍ୟ କରିବେ। ଉପରୋକ୍ତ ସମସ୍ତ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ କୁଳପତିଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେଉଛି। ତେଣୁ ନବନିଯୁକ୍ତ କୁଳପତିମାନେ ଆସନ୍ତା ୭ଦିନ ମଧ୍ୟରେ ଦାୟିତ୍ୱ ଗ୍ରହଣ କରିବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଫେସର ସବିତା ଆଚାର୍ଯ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଚେୟାରମ୍ୟାନ ଥିଲେ। ତାଙ୍କର ୩୧ ବର୍ଷର ଅଧ୍ୟାପନା ଅଭିଜ୍ଞତା ☞ପୃଷ୍ଠା-୨

# ଅକ୍ସଫୋର୍ଡ ଟିକା ୯୦% ଫଳପ୍ରଦ




**ନୂଆଦିଲ୍ଲୀ, ୨୩।୧୧ (ପି.ଟି.)**

ଅକ୍ସଫୋର୍ଡ ଟିକା ପାଖାପାଖି ୯୦ ପ୍ରତିଶତ ଫଳପ୍ରଦ ହୋଇପାରିବ ଓ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ବ୍ରିଟେନ କମ୍ପାନୀ ଅଷ୍ଟ୍ରାଜେନିକା ସୋମବାର ଘୋଷଣା କରିଛି। ବିଶ୍ୱରୁ କରୋନା ମହାମାରୀକୁ ରୋକିବାରେ ଏହା ଆଉ ଏକ ସଫଳତା ବୋଲି କୁହାଯାଉଛି। ଏହି ଟିକା ପ୍ରସ୍ତୁତିରେ ସେରମ୍ ଇନ୍‌ଷ୍ଟିଚ୍ୟୁଟ ସାମିଲ ଥିବାରୁ ଭାରତ ପାଇଁ ଖୁସି ଖବର। ଅକ୍ସଫୋର୍ଡ ଟିକା କୋଭିଡ୍-୧୯ ବିରୋଧରେ ଖୁବ୍ ପ୍ରଭାବୀ ଓ ନିରାପଦ। ଏହା ତୁରନ୍ତ କାର୍ଯ୍ୟ କରିଥାଏ ବୋଲି ଅଷ୍ଟ୍ରାଜେନିକାର ମୁଖ୍ୟ କାର୍ଯ୍ୟନିର୍ବାହୀ ପାସ୍‌କାଲ ସୋରିଅଟ୍ କହିଛନ୍ତି।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଏହି ଟିକାକୁ ବ୍ରିଟେନ୍ ଓ ବ୍ରାଜିଲରେ ପରୀକ୍ଷା କରାଯାଇଥିଲା। ସ୍ୱେଚ୍ଛାସେବୀଙ୍କୁ ପ୍ରଥମେ ଟିକାର ଅଧା ଡୋଜ୍ ☞ପୃଷ୍ଠା-୨

# ରାଜ୍ୟପାଳଙ୍କ ସହଧର୍ମିଣୀଙ୍କ ପରଲୋକ

**ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ**

**ଭୁବନେଶ୍ୱର(ବ୍ୟୁରୋ)/ ପୁରୀ ଅଫିସ, ୨୩।୧୧**



ସୁଶୀଳା ଦେବୀ

ଓଡ଼ିଶାର ପ୍ରଥମ ମହିଳା ତଥା ରାଜ୍ୟପାଳ ଗଣେଶୀ ଲାଲଙ୍କ ସହଧର୍ମିଣୀ ସୁଶୀଳା ଦେବୀଙ୍କର ରବିବାର ବିଳମ୍ବିତ ରାତିରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ତାଙ୍କର ସ୍ୱାମୀ, ୪ ଝିଅ ଓ ୩ ପୁଅ ଅଛନ୍ତି। ନଭେମ୍ବର ପହିଲାରେ ରାଜ୍ୟପାଳଙ୍କ ସମେତ ତାଙ୍କ ପରିବାରର ଅନ୍ୟ ୪ ଜଣ ସଦସ୍ୟ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହୋଇଥିଲେ। ସୁଶୀଳା ଦେବୀ ଗତ କିଛିଦିନ ହେବ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଘଟି ନ ଥିଲା। ରବିବାର ରାତିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ☞ପୃଷ୍ଠା-୨

**ଶ୍ରଦ୍ଧାଞ୍ଜଳି**



ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

**ଅଭିନନ୍ଦନ**

ଧରିତ୍ରୀର ୪୭ତମ ଜୟନ୍ତୀ ଅବସରରେ ପ୍ରିୟ ପାଠିକାପାଠକ, ଲେଖିକାଲେଖକ, ଶୁଭେଚ୍ଛୁ, ଏଜେଣ୍ଟ, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ଆଜିର ମନ୍ତବ୍ୟ**

"ରାହୁଲ ୨୦୨୪ରେ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ରାଜନୀତିରୁ ନେବି ସନ୍ନ୍ୟାସ।
- ହରିଶ୍ ରାୱତ, ବରିଷ୍ଠ କଂଗ୍ରେସ ନେତା

**ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା**

........୩........



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଦିବ୍ୟ
ପରିବାରବର୍ଗ


ଲିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁଶୀଳା ଦେବୀଙ୍କ ବିୟୋଗରେ ଶୋକ

## ସମବେଦନା ଜଣାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପତ୍ନୀ ତଥା ରାଜ୍ୟର ପ୍ରଥମ ମହିଳା ସୁଶୀଳା ଦେବୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ସୁଶୀଳା ଦେବୀ ଜଣେ ଅତ୍ୟନ୍ତ ଅମାୟିକ ଓ ଧର୍ମପରାୟଣା ବ୍ୟକ୍ତିତ୍ୱ ଥିଲେ। ମୁଖ୍ୟମନ୍ତ୍ରୀ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ରାଜ୍ୟପାଳ ଓ ଶୋକସନ୍ତପ୍ତ ତାଙ୍କ ପରିବାରର ସଦସ୍ୟଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି।

ତାଙ୍କ ବିୟୋଗରେ ରାଜ୍ୟ ମନ୍ତ୍ରିମଣ୍ଡଳ ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ଶୋକ ବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ ସୁଶୀଳା ଦେବୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଛନ୍ତି। ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ ପ୍ରମୁଖ ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ନିଜର ସମବେଦନା ଜଣାଇଛନ୍ତି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ସେ ଶୋକବାର୍ତ୍ତାରେ କହିଛନ୍ତି, ସୁଶୀଳା ଦେବୀଙ୍କ ଅକାଳ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ। ସୁଶୀଳା ଦେବୀ ଜଣେ ବନ୍ଧୁବତ୍ସଳ, ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ମହାପ୍ରଭୁ ଜଗନ୍ନାଥ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଏଭଳି ଦୁଃଖଦ ସମୟରେ ତାଙ୍କ ପରିବାରକୁ ସାହସ ଓ ଧୈର୍ଯ୍ୟ ଦିଅନ୍ତୁ ବୋଲି ସେ କହିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ସିଇଟି ଅଧ୍ୟାପକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ୨.୧୯ କୋଟିର ସମ୍ପତ୍ତି ଠାବ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଜଣେ ଅଧ୍ୟାପକଙ୍କ ଘର ସମେତ ୪ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ହେଲେ ଘାଟିକିଆସ୍ଥିତ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି) ଗଣିତ ବିଭାଗର ସହକାରୀ ପ୍ରଫେସର ଡ. ପ୍ରସନ୍ନ କୁମାର ମିଶ୍ର। ତାଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ସକାଳୁ ଚଢ଼ାଉ ଆରମ୍ଭ କରିଥିଲା। ଯାଞ୍ଚବେଳେ ମୋଟ ୨କୋଟି ୧୯ ଲକ୍ଷ ୬୩ ହଜାର ୨୧୯ ଟଙ୍କା ମୂଲ୍ୟର ସମ୍ପତ୍ତି ଠାବ ହୋଇଛି। ଖଣ୍ଡଗିରିସ୍ଥିତ ୪ ମହଲା ବିଶିଷ୍ଟ ବାସଭବନର ଅନୁମାନିକ ମୂଲ୍ୟ ୧ କୋଟି ୫୨ ଲକ୍ଷ ୨୯ ହଜାର ଟଙ୍କା, ଖୋର୍ଦ୍ଧା ଜିଲା ଟାଙ୍ଗୀ କାଲୁପଡାସ୍ଥିତ ୨ ମହଲା ବିଶିଷ୍ଟ ପୈତୃକ ଘରର ମୂଲ୍ୟ ୪ ଲକ୍ଷ ୯୨ ହଜାର ଟଙ୍କା। ଭୁବନେଶ୍ୱରରେ ୧୪ ଲକ୍ଷ ୮୫ ଟଙ୍କାର ୨ଟି ଫ୍ଲାଟ, ୩୬ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା, ୪ ଲକ୍ଷ ଟଙ୍କାର ସୁନା ଗହଣା ସହ ବାଇକ ଓ ଅନ୍ୟାନ୍ୟ ସାମଗ୍ରୀକୁ ହିସାବ କରାଯାଇଛି।

# ସମ୍ମାନାର୍ଥେ ଗୃହ ମୁଲତବୀ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ରାଜ୍ୟର ପ୍ରଥମ ମହିଳା ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସ୍ତ୍ରୀ ସୁଶୀଳା ଦେବୀଙ୍କ ବିୟୋଗରେ ସୋମବାର ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ଗୃହର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ବାସଭବନରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଏହାକୁ ସମର୍ଥନ ଜଣାଇ ସୁଶୀଳା ଦେବୀ ଜଣେ ପରୋପକାରୀ ମହିଳା ଥିଲେ ବୋଲି କହିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରସ୍ତାବକୁ ସମର୍ଥନ ଜଣାଇ ଦୁଃଖ ପ୍ରକାଶ କରିଥିଲେ। ରାଜ୍ୟର ପ୍ରଥମ ମହିଳାଙ୍କୁ ସମ୍ମାନ ଜଣାଇ ଗୃହକୁ ମୁଲତବୀ ରଖିବାକୁ ନରସିଂହ ବାଚସ୍ପତିଙ୍କୁ ନିବେଦନ କରିଥିଲେ। ସେହିଭଳି ସିପିଆଇ ନେତା ଲକ୍ଷ୍ମଣ ମୁଣ୍ଡା ମଧ୍ୟ ଗୃହରେ ଶୋକ ପ୍ରକାଶ କରିଥିଲେ। ୭୪ ବର୍ଷୀୟା ସୁଶୀଳା ଦେବୀଙ୍କ ପରଲୋକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହାପରେ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସୁଶୀଳାଙ୍କ ସମ୍ମାନାର୍ଥେ ପୂର୍ବାହ୍ଣ ଅଧିବେଶନରେ ଗୃହରେ କୌଣସି କାର୍ଯ୍ୟ କରାଯିବ ନାହିଁ ବୋଲି ବାଚସ୍ପତି ଘୋଷଣା କରିଥିଲେ। ଏହାପରେ ଗୃହକୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

# ବସ୍‌ରୁ ଶତାଧିକ ପଶୁପକ୍ଷୀ ଜବତ

କଟକ ଅଫିସ,୨୩।୧୧

ବାଦାମବାଡି ଛକରେ ସୋମବାର କୋଲକାତାରୁ ଆସୁଥିବା ଏକ ଘରୋଇ ବସ୍‌ରୁ ପୋଲିସ ବିଭିନ୍ନ ପ୍ରଜାତିର ଶତାଧିକ ପଶୁପକ୍ଷୀ ଜବତ କରିଛି। ଏହି ଚାଲାଣରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିବାବେଳେ ପୋଲିସ ଉକ୍ତ ବସ୍ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ଉକ୍ତ ପଶୁପକ୍ଷୀଙ୍କୁ ଏକ ସ୍ୱେଚ୍ଛାସେବୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ଯାଞ୍ଚବେଳେ ବସ୍ କ୍ୟାବିନରୁ ଶତାଧିକ ଯନ୍ତା, ବିଭିନ୍ନ ପ୍ରଜାତିର ୫୨୦ ପକ୍ଷୀ ଓ ଧଳାରଙ୍ଗର ୬୮ଟି ଠେକୁଆ ଥିବା ଜଣାପଡିଥିଲା।

## ପ୍ରଥମ ପୃଷ୍ଠାରୁ...

### ଧର୍ମଘଟ କଲେ...

ସାଧାରଣ ଶୃଙ୍ଖଳା ତଥା ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତା ସହ ଜଡ଼ିତ ଯେ କୌଣସି ସେବାକୁ ଅତ୍ୟାବଶ୍ୟକ ସେବା ଭାବେ ବିବେଚନା କରାଯିବ। ଏହି ସଂଶୋଧିତ ବିଲ୍‌ରେ ଅବକାରୀ, ଜଙ୍ଗଲ, କାରାଗାର ଓ ସଂସ୍କାର ସେବାକୁ ସାମିଲ କରାଯାଇଛି। ନୂଆକରି ସାମିଲ ହୋଇଥିବା ବିଭାଗର କୌଣସି କର୍ମଚାରୀ ଧର୍ମଘଟରେ ସାମିଲ ହେଲେ ଦଣ୍ଡିତ ହେବେ। ଖାଦ୍ୟଶସ୍ୟ କ୍ରୟ, ସଂଗ୍ରହ, ସଂରକ୍ଷଣ, ଯୋଗାଣ ଓ ବଣ୍ଟନ କାର୍ଯ୍ୟରେ ସମ୍ପୃକ୍ତ ଥିବା ରାଜ୍ୟ ସରକାରଙ୍କ ମାଲିକାନାଭୁକ୍ତ ଓ ନିୟନ୍ତ୍ରଣାଧୀନ ଯେ କୌଣସି ସଂସ୍ଥା, ଉଦ୍ୟୋଗ ତଥା ଏଜେନ୍ସି ଦ୍ୱାରା ସମ୍ପାଦିତ ସେବାକୁ ମଧ୍ୟ ଅତ୍ୟାବଶ୍ୟକ ସେବା ଭାବେ ବିବେଚନା କରାଯିବ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ଯୋଗାଯୋଗ ସହ ଜଡ଼ିତ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ସଂସ୍ଥା ଯୋଗାଇ ଦେଉଥିବା ସେବାରେ ବ୍ୟାଘାତ ସୃଷ୍ଟିହୋଇ ସାଧାରଣ ପ୍ରଶାସନ ବ୍ୟବସ୍ଥା ବିପନ୍ନ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାବାଦ୍ ସରକାରଙ୍କ ବିଚାରରେ ଅନ୍ୟ କୌଣସି ସେବା କିମ୍ବା ପ୍ରସଙ୍ଗରେ ଧର୍ମଘଟ କାରଣରୁ ସେବା କିମ୍ବା ସାଧାରଣ ସୁରକ୍ଷା ବିପନ୍ନ ହେଲେ ସେହି ସେବାଗୁଡ଼ିକ ସରକାରୀ ଗେଜେଟ ମାଧ୍ୟମରେ ଅତ୍ୟାବଶ୍ୟକ ସେବାଭାବେ ଗ୍ରହଣ କରାଯିବ। ଓଡ଼ିଶା ଅତ୍ୟାବଶ୍ୟକ ସେବା(ରକ୍ଷଣାବେକ୍ଷଣ) ଅଧିନିୟମ ୧୯୮୮ରେ ବେଆଇନ ଧର୍ମଘଟ କରୁଥିବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ନ ଥିବାରୁ ଏହାର ସଂଶୋଧନ କରାଯାଇଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି।

ଏହି ବିଲ୍‌କୁ ବିରୋଧୀ କଂଗ୍ରେସ ଓ ଭାଜପାର ସଦସ୍ୟମାନେ କଡ଼ା ବିରୋଧ କରିଛନ୍ତି। ଏହା ମୌଳିକ ଅଧିକାର ବିରୋଧୀ ବୋଲି କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଲ୍‌କୁ ବିରୋଧ କରିବା ସହ ଏହାକୁ ଅସାମ୍ବିଧାନିକ ବୋଲି କହିଥିଲେ। ଏହା କର୍ମଚାରୀଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି। ଧର୍ମଘଟକୁ ବନ୍ଦ କରି ସରକାର ନିଜ କ୍ଷମତାର ଅପବ୍ୟବହାର କରିବାର ଉଦ୍ୟମ କରୁଛନ୍ତି। କର୍ମଚାରୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ଆଇନ ଅନୁଯାୟୀ ଦଣ୍ଡିତ କରିବାର ବ୍ୟବସ୍ଥା ଏହି ବିଲ୍‌ରେ କରିବାକୁ ସେ ଦାବି କରିଥିଲେ। ଏହି ବିଲ୍ ଅତ୍ୟାବଶ୍ୟକ ସେବା ଯୋଗାଇ ଦେଉଥିବା କର୍ମଚାରୀ ବିରୋଧୀ। ସେବା ଯୋଗାଇଦେବା ନାଁରେ ସରକାର ଶୋଷଣ କରିବାକୁ ଚାହୁଁଛନ୍ତି। ସମ୍ମାନର ସହ ବଞ୍ଚିବା ସମସ୍ତଙ୍କର ଅଧିକାର ଏବଂ ଯଦି ସମ୍ମାନ ପାଇଁ କିଏ ଧର୍ମଘଟ କରୁଛି ତା'ହେଲେ ତାହା ବେଆଇନ କିଭଳି ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଏହି ବିଲ୍‌କୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ବୋଲି ସେ ଆଶଙ୍କା ପ୍ରକାଶ କରିଥିଲେ।

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ବିଲ୍‌ର ଅନୁଚ୍ଛେଦ-୭(ଖ) ଉଠାଇବାକୁ ଦାବି କରିଥିଲେ। କର୍ମଚାରୀମାନେ ଧର୍ମଘଟରେ ସାମିଲ ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦୁର୍ଭାଗ୍ୟଜନକ। ନ୍ୟାଯ୍ୟ ସ୍ୱାର୍ଥ ସାଧନ ନ ହେଲେ ଲୋକେ ଧର୍ମଘଟ କରିବେ, ଯାହାକି ବେଆଇନ ନୁହେଁ ବୋଲି ସେ କହିଥିଲେ। ସରକାର କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ ଦାବି କରିଥିବା ବେଳେ ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ଧାରା ୭(ଖ)କୁ ଉଚ୍ଛେଦ କରିବାକୁ ଦାବି କରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଲ୍ ସପକ୍ଷରେ ମତରଖି ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଏହା ଶୃଙ୍ଖଳିତ ଏବଂ ସରକାରୀ ସମ୍ପତ୍ତିର ସୁରକ୍ଷା କରିବ ବୋଲି କହିଥିଲେ। ଶାସକ ଦଳ ସଦସ୍ୟ ଅମର ଶତପଥୀ କହିଥିଲେ, ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇବା ଏକ ଦାୟିତ୍ୱସମ୍ପନ୍ନ ସରକାରର କାମ। ଏହି ବିଲ୍ ନୂଆ ନୁହେଁ, ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ଆନ୍ଦୋଳନ କଲେ ଅସୁବିଧା ହେବ। ଯେଉଁଠି ସେବା ବାଧାପ୍ରାପ୍ତ ହେଉଛି, ତା'ର ପ୍ରତିବନ୍ଧକକୁ ଦୂର କରିବା ସରକାରଙ୍କ କାମ। ସାଧାରଣ ଲୋକେ ଯେପରି କ୍ଷତିଗ୍ରସ୍ତ ହେବେନି, ସେହି ଉଦ୍ଦେଶ୍ୟରେ ଏହି ବିଲ୍ ଆସିଥିବା ଶତପଥୀ କହିଥିଲେ। ବିଜେଡିର ଅଶ୍ୱିନୀ ପାତ୍ର ବିଲ୍‌କୁ ସମର୍ଥନ କରି ନିଜର ମତ ରଖିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ବିଲ୍ ଉପସ୍ଥାପନ କରି କହିଥିଲେ, ସାଧାରଣ ଜୀବନକୁ ସୁଗମ କରିବା ପାଇଁ କେତେକ ଅତ୍ୟାବଶ୍ୟକ ସେବାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଅତ୍ୟାବଶ୍ୟକ ସେବା(ରକ୍ଷଣାବେକ୍ଷଣ) ଅଧିନିୟମ, ୧୯୮୮ ପ୍ରଣୟନ କରାଯାଇଥିଲା। କିନ୍ତୁ ଏହି ଅଧିନିୟମର କାର୍ଯ୍ୟ ପରିସର ଖୁବ୍ ସୀମିତ ଥିଲା। ଏହି ଅଧିନିୟମ ଅନ୍ତର୍ଗତ ସେବାଗୁଡ଼ିକର କାର୍ଯ୍ୟ ପରିସର ବିସ୍ତୃତ କରିବା ଲକ୍ଷ୍ୟରେ ଯେଉଁ ସେବା ବ୍ୟାହତ ହେଲେ ସାଧାରଣ ଜନଜୀବନ ପ୍ରଭାବିତ ହେବାର ସମ୍ଭାବନା ରହିଛି, ଏହି ଅଧିନିୟମର ସଂଶୋଧନ କ୍ରମେ ସେହି ସେବାଗୁଡ଼ିକୁ ଏହାର ପରିସରଭୁକ୍ତ କରାଯାଇଛି ବୋଲି ମିଶ୍ର କହିଛନ୍ତି।

### ୬ ବିଶ୍ୱବିଦ୍ୟାଳୟରେ...

ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର


ଅପରାଜିତା ଚୌଧୁରୀ


ସବିତା ଆଚାର୍ଯ୍ୟ


କିଶୋର ବାସା


ପ୍ରଫୁଲ୍ଲ ମହାନ୍ତି


ଦିନବନ୍ଧୁ ସାହୁ


ଏନ୍.ନାଗାରାଜୁ

ପୂର୍ବତନ ପ୍ରଫେସର ଅପରାଜିତା ଚୌଧୁରୀଙ୍କର ୩୭ ବର୍ଷର ଅଧ୍ୟାପନା ଅଭିଜ୍ଞତା ରହିଛି। ସେହିପରି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀନବନ୍ଧୁ ସାହୁଙ୍କ ୨୬ ବର୍ଷର ଅଧ୍ୟାପନାରେ ଅଭିଜ୍ଞତା ଥିବାବେଳେ କର୍ଣ୍ଣାଟକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ପ୍ରଫେସର ଏନ୍. ନାଗାରାଜୁ ୩୪ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। ୩୮ବର୍ଷର ଅଧ୍ୟାପନା ଅଭିଜ୍ଞତା ଥିବା ପ୍ରଫେସର କିଶୋର କୁମାର ବାସା ଭାରତ ସରକାରଙ୍କ ସଂସ୍କୃତି ବିଶ୍ୱବିଦ୍ୟାଳୟ ଟାଗୋର ନ୍ୟାଶନାଲ ଫେଲୋର ପ୍ରଫେସର ଥିଲେ। ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗରେ ପୂର୍ବତନ ପ୍ରଫେସର ଥିଲେ। ତାଙ୍କର ୩୫ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି।

ସୂଚନାଯୋଗ୍ୟ, ଏହି ୬ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ପ୍ରାୟ ୮ ମାସ ତଳୁ ଶେଷ ହୋଇଥିଲା। କିନ୍ତୁ ଉତ୍ତରାଧିକାରୀ ଚୟନ ହୋଇପାରି ନ ଥିବାରୁ କୁଳାଧିପତି ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିଲେ।

### ଅକ୍ସଫୋର୍ଡ ଟିକା...

ଓ ମାସେ ପରେ ପୂରା ଡୋଜ୍ ଦିଆଯାଇଥିଲା, ଯେଉଁଥିରୁ ୯୦ ପ୍ରତିଶତ ସଫଳତା ମିଳିପାରିଛି। ତେବେ ଅନ୍ୟ ଏକ ପରୀକ୍ଷାରେ ଦୁଇଟି ପୂରା ଡୋଜ୍ ମାସେ ଅନ୍ତରରେ ଦିଆଯାଇଥିବାବେଳେ ତାହା ୬୨ ପ୍ରତିଶତ ଫଳପ୍ରଦ ବୋଲି ଜଣାପଡ଼ିଛି। ଉଭୟ ପରୀକ୍ଷାର ଫଳାଫଳକୁ ମିଶାଇ ହାରାହାରି ସଫଳତା ୭୦ ପ୍ରତିଶତ ବୋଲି କୁହାଯାଉଛି। ଭାରତରେ ଏହାର ପରୀକ୍ଷା ଚାଲିଥିବାରୁ ଉତ୍ସାହଜନକ ଫଳାଫଳ ଆସିବା ଆଶା କରାଯାଉଛି। ଅପେକ୍ଷାକୃତ ଶସ୍ତାରେ ମିଳିବାକୁ ଥିବା ଏହି ଟିକା ଭାରତରେ ମହାମାରୀ ରୋକିବାରେ ସହାୟକ ହୋଇପାରିବ। ଦେଶର ସ୍ୱାସ୍ଥ୍ୟକର୍ମୀ ଓ ବରିଷ୍ଠ ନାଗରିକମାନଙ୍କ ଲାଗି ଆଗାମୀ ଜାନୁୟାରୀ ସୁଦ୍ଧା ୧୦ କୋଟି ଡୋଜ୍ ଯୋଗାଇଦେବାକୁ ସେରମ୍ ଇନ୍‌ଷ୍ଟିଚ୍ୟୁଟ ଲକ୍ଷ୍ୟ ରଖିଛି। ଭାରତରେ ଅକ୍ସଫୋର୍ଡ ଟିକାର ଦୁଇଟି ଡୋଜ୍ ଦାମ୍ ୧୦୦୦ ଟଙ୍କା ମଧ୍ୟରେ ରହିବ ବୋଲି କମ୍ପାନୀ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା। ଏହି ଟିକାକୁ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ଗଚ୍ଛିତ କରାଯାଇପାରିବ। ୨୦୨୧ ପ୍ରଥମ ତ୍ରୈମାସିକ ସୁଦ୍ଧା ଭାରତରେ ୩୦ରୁ ୪୦ କୋଟି ଅକ୍ସଫୋର୍ଡ ଭାକ୍ସିନ ଡୋଜ୍ ଉପଲବ୍ଧ ହେବ।

### ରାଜ୍ୟପାଳଙ୍କ...

ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ହସ୍ପିଟାଲରୁ ତାଙ୍କ ମୃତ ଦେହକୁ ରାଜଭବନକୁ ଅଣାଯାଇଥିଲା। ସେଠାରେ ଗାର୍ଡ ଅଫ ଅନର ଦିଆଯାଇଥିଲା। ବିଭିନ୍ନ ବର୍ଗର ବ୍ୟକ୍ତି ସୁଶୀଳା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେଠାରୁ ମଧ୍ୟାହ୍ନରେ ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ମନୀଷ ମୁଖାଗ୍ନି ଦେଇଥିଲେ। ରାଜ୍ୟର ପ୍ରଥମ ମହିଳାଙ୍କ ଶେଷ ଦର୍ଶନ ଲାଗି ସ୍ୱର୍ଗଦ୍ୱାରରେ ସାଧାରଣ ଜନତା, ସମ୍ପର୍କୀୟ, ଶୁଭେଚ୍ଛୁ, ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଭୁବନେଶ୍ୱରରୁ ସୁଶୀଳା ଦେବୀଙ୍କ ମରଶରୀର ଅପରାହ୍ଣ ୧ଟା ୨୦ରେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲା। ଏହାପରେ ସଂସ୍କାର କର୍ମ ଆରମ୍ଭ ହୋଇଥିଲା। ଅପରାହ୍ଣ ୧ଟା ୪୦ରେ ପୋଲିସ ପକ୍ଷରୁ ସୁଶୀଳା ଦେବୀଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଅପରାହ୍ଣ ୧ଟା ୫୦ରେ ପୁଅ ମନୀଷ ମୁଖାଗ୍ନି ଦେଇଥିଲେ। ହରିୟାଣାର ପ୍ରଥା ଓ ପରମ୍ପରା ଅନୁଯାୟୀ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ତ୍ରୀ ନବକିଶୋର ଦାସ, ମନ୍ତ୍ରୀ ଅଶୋକ ପଣ୍ଡା, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଳୱନ୍ତ ସିଂ, ଏସ୍‌ପି କେ. ବିଶାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ଆପଣଙ୍କ ପ୍ରତ୍ୟେକ କର୍ମ ଓ ପଦାର୍ଥ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟ ଉନ୍ନତ ସ୍ଥିତିରେ ରହିବ। ଅସାଧ୍ୟ ସାଧନ କରିବା ସହ ସହକର୍ମୀଙ୍କ ସହାୟତାରେ ସିଦ୍ଧିଲାଭ ଅବଶ୍ୟ ଘଟିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସାମୟିକ ଭାବେ ନୀରବ ରହିବେ। ଆଜିର ପ୍ରତ୍ୟୁଷ ଯାତ୍ରା, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବୃଷ** - ଆଜି ଘରେ ହେଉ କିମ୍ବା ବାହାରେ ସବୁଠି ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇବେ। ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଅଫିସ୍ କାମରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମିଥୁନ** - ଆପଣ ଆନୁଷ୍ଠାନିକ କାମରେ, ବ୍ୟବସାୟିକ ସ୍ଥିତିରେ, ପରିବହନରେ, ସଭା ସମିତିରେ ସଫଳତା ଲାଭ କରିବେ। ସାଧାରଣ କଥାରେ ଯୁକ୍ତିତର୍କ କରି କଳହକୁ ନିମନ୍ତ୍ରଣ କରିପାରନ୍ତି। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବେ।

**କର୍କଟ** - ଭାବପ୍ରବଣତା ବୃଦ୍ଧି ପାଇବା ହେତୁ ସୁଯୋଗ ହାତଛଡ଼ା କରିବେ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁଙ୍କ ବ୍ୟବହାରରେ ବିପରୀତ ପ୍ରତିକ୍ରିୟା ପରିଲକ୍ଷିତ ହେବ, ଯାହା କି ମାନସିକ ଚିନ୍ତାକୁ ବଢାଇବ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** - ଆଜି ପ୍ରତ୍ୟେକ କାମ ସମସ୍ୟା ଭିତରେ ହିଁ ସମ୍ପନ୍ନ ହେବ। କୌଣସି ସ୍ଥାନକୁ ଯିବା ସମୟରେ ନିଜର ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ସାମୟିକ ଆଶ୍ୱସ୍ତି ମିଳିବ। ଅଫିସରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** - ନିକଟସ୍ଥ ବ୍ୟକ୍ତିମାନଙ୍କୁ ବିଶ୍ୱାସ କରି ଠକାମିରେ ପଡିପାରନ୍ତି। ଷ୍ଟେସନେରି ଜନିଷ, ଧାତୁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଅର୍ଥ ସମ୍ପର୍କରୁ ଖୁସି ରହିବେ। କୌଣସି ଶୁଭ କାମରେ ଯୋଗଦେଇ ବନ୍ଧୁମାନଙ୍କ ଗହଣରେ ଖୁସି ମନାଇବେ।

**ତୁଳା** - ଆଜି ଛୋଟ କଥାକୁ କେନ୍ଦ୍ର କରି ଘରେ ସାଧାରଣ କଥାରେ ଝଗଡା ହେବାର ଆଶଙ୍କା ରହିଛି। ଯାତ୍ରା ସମୟରେ ଯାନବାହନରେ ସତର୍କ ରହିବା ଭଲ ହେବ। କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ପାରିବାରିକ ସମ୍ବନ୍ଧରେ ବନ୍ଧୁମାନଙ୍କ ସହାନୁଭୂତି ଆଶା କରିବେ।

**ବିଛା** - କଳୁଷିତ ଚିନ୍ତାଧାରା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ଅନ୍ୟମାନଙ୍କ ବିଷୟ ଚିନ୍ତା କରି ନିଜ ପ୍ରତି ଅବହେଳା କରିପାରନ୍ତି। ପୂର୍ବରୁ ଆଲୋଚନା କରିଥିବା ଅନୁଯାୟୀ ବନ୍ଧୁଙ୍କଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇବେ। ମନ ଭୁଲାଣିଆ କଥା କହି ପାରିବାରିକ ସମସ୍ୟା ସୁଧାରି ନେବେ।

**ଧନୁ** - ପ୍ରତ୍ୟେକ କର୍ମ ସମ୍ପର୍କିତ ସମସ୍ୟାର ସରଳ ସମାଧାନ ହୋଇ ଉନ୍ନତି ପରିଲକ୍ଷିତ ହେବ। ଗୃହ, ଜମିଜମା, ପ୍ଲଟ କାରବାର, ଏଜେନ୍ସିପ୍ ସମ୍ପର୍କୀୟ ଚିନ୍ତା କରିପାରନ୍ତି। ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳିବ, କିନ୍ତୁ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସାହିତ୍ୟ, ସାମ୍ବାଦିକତା ଓ ଖେଳକୁଦରେ ପ୍ରଶଂସା ପାଇବେ।

**ମକର** - ଆଜିର ପ୍ରତ୍ୟୁଷ ଯାତ୍ରା, ସ୍ତ୍ରୀ ସମ୍ପର୍କ, ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା ସମ୍ବନ୍ଧୀୟ କାର୍ଯ୍ୟରେ ସଫଳତା ପ୍ରଦାନ କରିବେ। ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସଂଗଠନ, ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅଧ୍ୟୟନ ଓ ଅଧ୍ୟାପନାରୁ ଉପକୃତ ହେବେ।

**କୁମ୍ଭ** - ବିଭିନ୍ନ ସମସ୍ୟା କାରଣରୁ ମନରେ ସରସତା ରହିବ ନାହିଁ। ଦୁଃସାହସିକ କାର୍ଯ୍ୟରେ ଶୁଭଫଳ ଅବଶ୍ୟ ପାଇବେ। ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ ଏବଂ ଆଜିର ଯାତ୍ରା ସଫଳ ହେବ। ବାଣିଜ୍ୟ ବ୍ୟବସାୟ, କଚେରି ମାମଲା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ର ଅପରିବର୍ତ୍ତିତ ରହିବ।

**ମୀନ** - ଆଜିର ସମସ୍ତ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ ଏବଂ ନୂତନ ଯୋଜନା କରିବାରେ ମନ ଦେବେ। କିନ୍ତୁ ଈର୍ଷାପର ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ଯିବାରେ ଲାଗି ପାରନ୍ତି। ପରିବାରରେ ଲାଗି ରହିଥିବା ଦୀର୍ଘ ଦିନର ଅଶାନ୍ତି ଦୂର ହେବ।

ଆଜି କାର୍ତ୍ତିକ ଶୁକ୍ଳ ଦଶମୀ ମଙ୍ଗଳବାର, ଶ୍ରୀଜୀଉଙ୍କ ରାଶା ଦାମୋଦର ବେଶ ସମାପ୍ତି, ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ, ବାର୍ଷିକ ତପୋବନ ମେଳା, ନଭେମ୍ବର ୨୪ ତାରିଖ, ରାଶିନକ୍ଷତ୍ର-ଦିବା ଘ.୦୮.୫୨ମି. ଗତେ ପୂର୍ବଭାଦ୍ରବ/ମୀନ, ମକର ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୦୪ମି. ଗତେ ଘ.୦୬.୪୮ମି. ମଧ୍ୟେ, ଘ.୦୭.୩୨ମି. ଗତେ ଘ.୧୧.୧୧ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୦୨ମି. ଗତେ ଘ.୦୭.୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୨.୧୭ମି. ଗତେ ଘ.୦୩.୪୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile

HIRE

ବଡ଼ବିଲ୍ ମାଇନ୍‌ସ୍ ପାଇଁ ଲିଜ୍‌ରେ ହାଇୱା ଆବଶ୍ୟକ। ଯୋଗାଯୋଗ: A-102, Balianta Chowk, Hanspal, Bhubaneswar-01, 8249638057, 9337731351. D-18876

real estate

SALE

ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166. D-70113

Land for sale: One man property 28 Acres land at the side of NH-16 will be sold at 'Rameswar Chhak in Khordha district. Contact No-. 9437470050. D-19003

ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771. D-70112

Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283. D-69197

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

2000sqft. 200mtr from bypass NH corner, boundarywall, gharabari plot sale infront of DAV Public School, Kantabada, Bhubaneswar. 7008634668. D-70110

to-let

2BHK flat with parking at Lingipur, rent family Contact: 7894381416. D-59972

healthcare

Get refreshment body massage by expert therapist contact for 7205084157. D-70025

Thailand massage refreshment Bhubaneswar, Cuttack smart therapist. 9853999966, 9853999966. Homeservices9853999966@gmail.com D-18864

Swarna SPA newly open positively health benefits with expert therapist. 9556978408. D-70024

Newly open full body massage SPA in Bhubaneswar. Contact: 7205058838. D-70027

Rejuvenate and Ayurvedic full body massage by smart therapist. 9348123330. D-70028

astrology

ପ୍ରେମ ବିବାହ, ବ୍ୟବସାୟ, ଚାକିରି ସମସ୍ୟା, ପାରିବାରିକ କଳହ, ବଶୀକରଣ, ସବୁ ସମସ୍ୟାର ସମାଧାନ। 9437753594. D-19021

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୯୨,୦୪,୫୧୭ | ୧୩,୯୭,୨୮୨ | ୪,୦୯,୭୩,୫୩୩ |
| ଭାରତ | ୯୧,୭୦,୮୨୫ | ୧,୩୪,୦୮୮ | ୮୫,୯୨,୩୦୩ |
| ଓଡ଼ିଶା | ୩,୧୪,୬୨୯ | ୧୬୫୭(+୫୩) | ୩,୦୬,୭୨୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଅଧିକ ଘନୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ବାତ୍ୟା(ସାଇକ୍ଲୋନିକ ଷ୍ଟର୍ମ) ରୂପ ନେବାର ସମ୍ଭାବନା ରହିଛି। ଏହା ତାମିଲନାଡୁ ଏବଂ ପୁଡୁଚେରୀ ଉପକୂଳ ଦେଇ କରାଇକାଲ ଓ ମାମଲାପୁରମ୍ ମଧ୍ୟରେ ଗତି କରିବା ନେଇ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୫ ତାରିଖରେ ଏହା ସିଭିୟର ସାଇକ୍ଲୋନ ଷ୍ଟର୍ମ ରୂପ ନେବା ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାକୁ ୧୦୦ରୁ ୧୧୦ କି.ମି. ରହିବ ବୋଲି ଅନୁମାନ କରାଯାଇଛି। ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ସିଧାସଳଖ ପଡିବ ନାହିଁ। ତେବେ ଆସନ୍ତା ୨୫ ଓ ୨୬ ତାରିଖରେ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୬ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, କଳାହାଣ୍ଡି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ୨୫ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ସମ୍ଭାବ୍ୟ ବାତ୍ୟାଜନିତ ବର୍ଷାକୁ ଦୃଷ୍ଟିରେ ରଖି ଦକ୍ଷୀଣ ଓଡ଼ିଶାର ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବାତ୍ୟା ଆସୁଥିବାରୁ କ୍ଷେତରେ ଅମଳ ହେବାକୁ ଥିବା ଶସ୍ୟକୁ ନିରାପଦ ସ୍ଥାନକୁ ନେବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି।

**ଆସୁଛି ବାତ୍ୟା**
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଶସ୍ୟକୁ ନିରାପଦ ସ୍ଥାନକୁ ନେବାକୁ ଚାଷୀଙ୍କୁ ପରାମର୍ଶ
- ୧୫ ଡିଗ୍ରୀ ତଳେ ୮ ସହର
- ଡିସେମ୍ବର ୧ରେ ଆଉ ଏକ ଲଘୁଚାପ

ବାତ୍ୟା ଯିବା ପରେ ରାଜ୍ୟରେ ପାରଦ ତଳକୁ ଖସିବ। ଆସନ୍ତା ୨୭ ତାରିଖରୁ ରାଜ୍ୟରେ ଶୀତ ବୃଦ୍ଧି ପାଇବ। ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲସିୟସ ତଳକୁ ଖସିବ ବୋଲି ଅନୁମାନ କରାଯାଇଛି। ତେବେ ବାତ୍ୟା ପ୍ରଭାବରେ ମଙ୍ଗଳବାରଠାରୁ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଶୀତ କମିବ। ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ବଣ ପାହାଡିଆ ଅଞ୍ଚଳରେ ପୁଣି ଶୀତଲହରି ଆରମ୍ଭ ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୧.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡି ୧୨.୫, ଫୁଲବାଣୀ ୧୨.୫, ଝାରସୁଗୁଡା ୧୨.୬, କେନ୍ଦୁଝର ୧୩.୪, ଅନୁଗୋଳ ୧୩.୬, ବାରିପଦା ୧୩.୨, ଭବାନୀପାଟଣା ୧୩.୨, ତାଳଚେର ୧୫, କୋରାପୁଟ ୧୫.୬, ହୀରାକୁଦ ୧୫.୭, ସୁନ୍ଦରଗଡ ୧୬, ସମ୍ବଲପୁର ୧୬.୧ ଏବଂ ପୁରୀରେ ସର୍ବନିମ୍ନ ତାପମାତ୍ରା ୧୭.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ଡିସେମ୍ବର ୧ ତାରିଖରେ ତାମିଲନାଡୁ ଉପକୂଳରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ବାତ୍ୟାର ରୂପ ନେଇ ପାରେ ବୋଲି ପୂର୍ବାନୁମାନ କରାଯାଇଛି।

# ଆଜି 'ଏ କ୍ୟୁ' ସିରିଜ୍‌ର ଉଠାଣ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'ଏକ୍ୟୁ' ସିରିଜ୍‌ର ଉଠାଣ ମଙ୍ଗଳବାର ଅପରାହ୍ନ ୨ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। କରୋନା ମହାମାରୀଜନିତ ପରିସ୍ଥିତି ଯୋଗୁ ଏହି ଉଠାଣ କାର୍ଯ୍ୟକ୍ରମ ବିଳମ୍ବିତ ହୋଇଛି। ସାମାଜିକ ଦୂରତା ପାଳନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମରେ ଅଧିକ ଜନସମାବେଶ ନ କରି ସର୍ବସାଧାରଣଙ୍କ ପାଇଁ ଲୋକସେବା ଭବନରେ ଏହି କାର୍ଯ୍ୟ ଅନୁଷ୍ଠିତ ହେବ। ୟୁ ଟ୍ୟୁବ୍ ଏବଂ ଅର୍ଥ ବିଭାଗ ପେସବୁକ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ହେବ।




# ଓଏଏସ୍ ଅଫିସରଙ୍କ ଶ୍ୱଶୁର ଜେଲ ଗଲେ

ବାଲିଚନ୍ଦ୍ରପୁର,୨୩।୧୧(ସ୍ୱ.ପ୍ର.)

ଭୁବନେଶ୍ୱରରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଓଏଏସ୍ ଅଫିସର ପ୍ରମୋଦ ପୃଷ୍ଟିଙ୍କ ଶ୍ୱଶୁର ପ୍ରଫୁଲ୍ଲ ମହାପାତ୍ର (୮୪)ଙ୍କୁ ସୋମବାର ଯାଜପୁର ପୋଲିସ୍ ଗିରଫ କରି ଜିଲା ମୁଖ୍ୟ ଦୌରାଜଜ୍‌ଙ୍କ ଅଦାଲତରେ ହାଜର କରିଥିଲା। ସେଠାରେ ପ୍ରଫୁଲ୍ଲଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଯାଜପୁର ଟାଉନ୍ ଜେଲକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଫିସର ଡିଏସ୍‌ପି ସଂଗ୍ରାମ ଟୁଡ୍ଡୁ କହିଛନ୍ତି।

**ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା**

ପୀଡ଼ିତା ନାବାଳିକା ଜଣକ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର। ସେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ଜୋନାଲ ଡେପୁଟି କମିଶନର ପ୍ରମୋଦ ପୃଷ୍ଟିଙ୍କ ଘରେ ଘରୋଇ ସହାୟିକା ଥିଲେ। ତାଙ୍କୁ ପ୍ରମୋଦଙ୍କ ଶ୍ୱଶୁର ପ୍ରଫୁଲ୍ଲ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଗତ ୨ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ୩୦୬/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ନାବାଳିକାଙ୍କୁ ଘରେ ରଖି କାର୍ଯ୍ୟ କରାଇବା ନେଇ ପୋଲିସ ପ୍ରମୋଦଙ୍କୁ ନୋଟିସ କରିଥିଲା। ଫଳରେ ସେ ଗତ ୮ ତାରିଖ ବିଳମ୍ବିତ ରାତିରେ ଥାନାରେ ହାଜର ହେବା ପରେ ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିଲା। ସେହିପରି ପୀଡ଼ିତାଙ୍କୁ ନେଇ ପ୍ରମୋଦଙ୍କ ଘରେ ରଖାଇଥିବା କଟକ ମାହାଙ୍ଗା ଥାନା ଅଧୀନ ଜଇପୁର ଅଞ୍ଚଳର ବ୍ରହ୍ମାନନ୍ଦ ଜେନାଙ୍କୁ ମଧ୍ୟ ଜେରା ପରେ ପୋଲିସ ଛାଡ଼ି ଦେଇଥିଲା। ଏନେଇ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ୨୨ ଦିନର ଲୁଚକାଳି ଖେଳ ପରେ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ ଗିରଫ କରାଯାଇଛି। ଏଭଳି ସ୍ପର୍ଶକାତର ଘଟଣାରେ ବାଲିଚନ୍ଦ୍ରପୁର ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଥାନାଧିକାରୀ ସୁକାନ୍ତ କୁମାର ପାତ୍ରଙ୍କ ପାଖରେ ଗିରଫ ସମ୍ପର୍କିତ ଖବର ନ ଥିବା ସେ କହିଛନ୍ତି।

# 'ନାକ୍' ପ୍ରସ୍ତୁତ ଓଡ଼ିଶା ରିପୋର୍ଟ ଉନ୍ମୋଚିତ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଅଭିବୃଦ୍ଧି ପ୍ରତି ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବୈଷୟିକ ବାତାବରଣରେ ପରିବର୍ତ୍ତନ ସହିତ ଶିକ୍ଷାଦାନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି 'ନାକ୍' ଦ୍ୱାରା ପ୍ରକାଶିତ 'ଓଡ଼ିଶା ରିପୋର୍ଟ' ଆଧାରରେ ଓ ସୁପାରିସରେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକର ବିକାଶ କରାଯିବ। ଫଳରେ ଅନୁଷ୍ଠାନଗୁଡିକ ସହଜରେ 'ନାକ୍' ମାନ୍ୟତା ହାସଲ କରିପାରିବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

ସୋମବାର 'ନାକ୍' ଦ୍ୱାରା ପ୍ରସ୍ତୁତ 'ଓଡ଼ିଶା ରିପୋର୍ଟ' ପୁସ୍ତିକାକୁ ଉନ୍ମୋଚନ କରି ମନ୍ତ୍ରୀ ସାହୁ କହିଛନ୍ତି, 'ନାକ୍' ମାନ୍ୟତା ପାଇବା ଦିଗରେ ରାଜ୍ୟ ସରକାର ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି। ଏହାର ସଦୁପଯୋଗ କରି ରାଜ୍ୟର ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନ 'ନାକ୍' ମାନ୍ୟତା ହାସଲ କରିପାରିବେ। ଏଥି ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ସେଲର ପ୍ରତିଷ୍ଠା କରାଯାଇଛି ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ୟୁଜିସିର ଏକ ସ୍ୱୟଂ ଶାସିତ ସଂସ୍ଥା ଦ୍ୱାରା ରାଜ୍ୟର ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ, ଶିକ୍ଷାଦାନ ପଦ୍ଧତି ଓ ଶିକ୍ଷାଆହରଣ, ଗବେଷଣା ଓ ନୂତନ ଉଦ୍ଭାବନ, ଶିକ୍ଷା ନୁଷ୍ଠାନର ଭିତ୍ତିଭୂମି ଓ ଶିକ୍ଷାଦାନର ଭିତ୍ତିଭୂମି ଏବଂ ଏହାର ପରିଚାଳନା ପଦ୍ଧତି ଓ ଶ୍ରେଷ୍ଠ କାର୍ଯ୍ୟାନ୍ୱୟନ ଦିଗକୁ ବିଚାର କରି ଏହି 'ରିପୋର୍ଟ ପୁସ୍ତିକା' ପ୍ରକାଶ କରାଯାଇଛି।






# ଅଧିମାନସରୁ ଅତିମାନସ



ଇଂ. ସୁବାସ ଚନ୍ଦ୍ର କର

ଆକର୍ଷୟତି ଇତି 'କୃଷ୍ଣ'। ଆରାଧୟତି ଇତି 'ରାଧା'। ଦ୍ୱାପର ଯୁଗର ଅପ୍ରାକୃତ ପ୍ରେମମୂର୍ତ୍ତି ରାଧାକୃଷ୍ଣଙ୍କର ଅବତାରିତ୍ୱର ଅନେକ ଶତାବ୍ଦୀ ପରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ରୂପାନ୍ତରକାମୀ ଦ୍ୱୈତ ଅବତାର ଶ୍ରୀମା–ଶ୍ରୀଅରବିନ୍ଦଙ୍କ ଧରାବତରଣ ଘଟେ ପରମଙ୍କ ପ୍ରତିନିଧି ରୂପେ। Krushna and Radha Forever entwinned in Bliss. ପ୍ୟାରିସରୁ ଆଗତ ମୀରା ଶ୍ରୀଅରବିନ୍ଦଙ୍କ ପ୍ରଥମ ଦର୍ଶନରେ ହିଁ ତାଙ୍କୁ ଚିହ୍ନିପାରିଥିଲେ ଓ ଗାଇ ଉଠିଥିଲେ– 'ରାଧାଙ୍କ ପ୍ରାର୍ଥନା'। ଶ୍ରୀମା'ଙ୍କ ସ୍ୱଗତୋକ୍ତି ଥିଲା – ''ଶ୍ରୀଅରବିନ୍ଦଙ୍କୁ ଦେଖିବା ମୁହୂର୍ତ୍ତରେ ମୁଁ ବୁଝିପାରିଥିଲି ଯେ ସେ ମୋର ପରିଚିତ, ଯାହାଙ୍କୁ ମୁଁ କୃଷ୍ଣ ବୋଲି କହୁଥିଲି ଏବଂ ଏତିକି କହିଲେ ଯଥେଷ୍ଟ ହେବ ଯେ ମୋ କାର୍ଯ୍ୟ ଓ ମୋ ସ୍ଥାନ ଭାରତରେ, ତାଙ୍କ ନିକଟରେ।''

କୁରୁକ୍ଷେତ୍ରର ରଣାଙ୍ଗନରେ ଗୀତା ମାଧ୍ୟମରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସ୍ୱୀୟ ଅବତାର ରହସ୍ୟ ବର୍ଣ୍ଣନା କରି କହିଥିଲେ– ''ପରିତ୍ରାଣାୟ ସାଧୁନାମ୍ ବିନାଶାୟ ଚ ଦୃଷ୍କୃତମ୍, ଧର୍ମ– ସଂସ୍ଥାପନାର୍ଥାୟ, ସମ୍ଭବାମି ଯୁଗେ ଯୁଗେ।'' ଅର୍ଥାତ୍ ସାଧୁମାନଙ୍କର ପରିତ୍ରାଣ ଓ ଦୁଷ୍ଟମାନଙ୍କ ନିଧନ ସହିତ ପୃଥିବୀରେ ଧର୍ମ ସଂସ୍ଥାପନ ପାଇଁ ମୁଁ ଯୁଗେଯୁଗେ ସମ୍ଭବ ହେଉଛି। କିନ୍ତୁ ଅସଲ କଥା ହେଲା ଏହି ଯେ କଂସର ମୃତ୍ୟୁପରେ ବି କଂସତ୍ୱ ଜୀବିତ। ସାଧୁମାନେ ଏବେ ବି ଅସୁରକ୍ଷିତ। ଧର୍ମ ଆଜି ରକ୍ତରଞ୍ଜିତ ସିଂହାସନ ପରେ ଆସୀନ। ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଏହି ଅସୁରକ୍ଷିତ ମାନବସମାଜ ତଥା ସ୍ଖଳିତ ପୃଥିବୀ ଉତ୍ଥାନ ପାଇଁ ରୂପାନ୍ତରକୁ ବ୍ରତ କରି ଶ୍ରୀଅରବିନ୍ଦ ଅବତରି ଆସନ୍ତି। ଶ୍ରୀମା' ହିଁ ପ୍ରଭୁଙ୍କର ଚେତନା ଓ ଶକ୍ତି।

ମା' କହନ୍ତି– ପୃଥିବୀ ଇତିହାସରେ ଆରମ୍ଭରୁ ଏହାର ସମସ୍ତ ବିରାଟ ରୂପାନ୍ତର କ୍ରିୟାରେ ଶ୍ରୀଅରବିନ୍ଦ ହିଁ ଏକ ବା ବିଭିନ୍ନ ନାମ ରୂପରେ ପୌରୋହିତ୍ୟ କରିଆସିଛନ୍ତି। ତତ୍ ସଙ୍ଗେସଙ୍ଗେ ମା'ଙ୍କ ସ୍ୱୀକାରୋକ୍ତି ଆରମ୍ଭରୁ ଯେଉଁଠାରେ ଓ ଯେତେବେଳେ ଚେତନାର ଏକ ରଶ୍ମିର ପରିପ୍ରକାଶର ସମ୍ଭାବନା ଥିଲା– ସେଠାରେ ମୁଁ ଥିଲି ଏବଂ ଉଭୟଙ୍କର ରୂପାନ୍ତର ଗ୍ରହଣର ଉଦ୍ଦେଶ୍ୟ ହେଉଛି– 'ପାର୍ଥିବ ଜୀବନକୁ ଦିବ୍ୟ ଜୀବନରେ ରୂପାନ୍ତରିତ କରିବା।' ଶ୍ରୀଅରବିନ୍ଦଙ୍କ ଭାଷାରେ ''କୃଷ୍ଣ ଏକ ଚେତନାର ପ୍ରତୀକ। ଅଧିମାନସ–ଚେତନାର ପ୍ରତିନିଧି। ଅଧିମାନସ ସର୍ବୋଚ୍ଚ ସତ୍ୟଚେତନା। ଅଧ୍ୟାତ୍ମ–ମାନସର ଶୀର୍ଷସୀମା, ଅତିମାନସକୁ ପ୍ରବେଶପଥ।

୧୯୨୬ ମସିହା ନଭେମ୍ବର ୨୪ ତାରିଖରେ ଶ୍ରୀଅରବିନ୍ଦ ଏହି ଅଧିମାନସ– ଶ୍ରୀକୃଷ୍ଣ–ଚେତନାର ସିଦ୍ଧି ଲାଭ କରିଥିଲେ। ସେହି ଦିନରୁ ଆରମ୍ଭ ହୁଏ ତୀବ୍ର ସାଧନା ଅତିମାନସ ସିଦ୍ଧି ଯାଏ। ଏହି ଦିନ ହିଁ 'ବିଜୟ ଦିବସ।' ଏହି ଅବିସ୍ମରଣୀୟ ଦିନରୁ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ସମ୍ଭାବ୍ୟ–ଦୈବୀଗ–ପରିବର୍ତ୍ତନ। His Actions framed the movements of the gods.

## ସିଦ୍ଧି ଦିବସ ଉପଲକ୍ଷେ



ପ୍ରଭୁଙ୍କ ମତରେ 'ଶ୍ରୀକୃଷ୍ଣ ଅତିମାନସ ନୁହନ୍ତି। ଶ୍ରୀକୃଷ୍ଣଙ୍କର ଅବତାରଣର ଅର୍ଥ ହେଉଛି ଅଧିମାନସ–ଈଶ୍ୱରଙ୍କ ଅବତରଣ, ଯାହା ଅତିମାନସ ଅବତରଣ ପାଇଁ ପଥ ପ୍ରସ୍ତୁତ କରିଥାଏ। ଯଦିଓ ସେ ସ୍ୱୟଂ ତାହା ନୁହନ୍ତି, ଶ୍ରୀକୃଷ୍ଣ ହେଉଛନ୍ତି ଆନନ୍ଦମୟ।' ଗୀତାରେ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପର ବର୍ଣ୍ଣନା ରହିଛି। 'ସାବିତ୍ରୀ'ମହାକାବ୍ୟରେ ମଧ୍ୟ ବିଶ୍ୱରୂପ ଦର୍ଶନର ଚମତ୍କାର ବ୍ୟାଖ୍ୟା। ଶ୍ରୀଅରବିନ୍ଦଙ୍କ ଭାଷାରେ ଭଗବାନଙ୍କ ବିଶ୍ୱରୂପ ଏକ କଳ୍ପନା ନୁହେଁ, ଏକ ଉପମା ନୁହେଁ, ଏକବାର ସତ୍ୟ। ବିଶ୍ୱରୂପ କାରଣ ଜଗତର ସତ୍ୟ। କାରଣ ଜଗତର ସ୍ୱରୂପ ଦିବ୍ୟ ଚକ୍ଷୁରେ ଦେଖାଯାଏ। ପୁନଶ୍ଚ ଶ୍ରୀକୃଷ୍ଣ କୌଣସି ଦୈହିକ–ରୂପାନ୍ତର–ସାଧନ କରିବାକୁ ପ୍ରବୃତ୍ତ ହୋଇ ନ ଥିଲେ। ତେଣୁ ତାଙ୍କ କ୍ଷେତ୍ରରେ ଏପରି କୌଣସି ବସ୍ତୁ ଆଶା କରିବା ବୃଥା। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମ ମାଧ୍ୟମରେ ମୁକ୍ତିଲାଭ କରିବାକୁ ଶିକ୍ଷା ପ୍ରଦାନ କରିଥିଲେ, କିନ୍ତୁ କୌଣସି ଦୈହିକ ରୂପାନ୍ତର କଥା କହିନାହାନ୍ତି। ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ ଯୋଗରେ କର୍ମ ମଧ୍ୟ ସର୍ବାଧିକ ପ୍ରାଧାନ୍ୟ ଲାଭ କରିଥାଏ। "Work is the body's best prayer for the divine."

ପ୍ରଭୁ ଲେଖନ୍ତି– ''ଶ୍ରୀକୃଷ୍ଣ ମୋ ଯୋଗର ପଥପ୍ରଦର୍ଶକ ଥିଲେ ଏବଂ ମୁଁ ତାଙ୍କ ସହ ଏକାତ୍ମତା ଲାଭ କରିଛି। ଏହା ମୋର ପ୍ରତିଦିନର ଓ ପ୍ରତ୍ୟେକ ଘଣ୍ଟାର ଅନୁଭୂତି ଏବଂ ମୋ ଚେତନା ସହ ସେ ନିବିଡ଼ଭାବେ ଯୁକ୍ତ।'' ପୁନଶ୍ଚ ପ୍ରଭୁଙ୍କ ଉପଦେଶାନୁସାରେ –'' ତୁମେ ଯଦି ଶ୍ରୀକୃଷ୍ଣଙ୍କ ନିକଟରେ ଆତ୍ମସମର୍ପଣ କର, ତାହା ମୋ ନିକଟରେ ମଧ୍ୟ ଆତ୍ମ–ସମର୍ପଣ। ତତ୍ପରେ ପ୍ରଭୁଙ୍କ ସ୍ୱଷ୍ଟୋକ୍ତି– ଶ୍ରୀକୃଷ୍ଣ ହିଁ ତୁମକୁ ମା'ଙ୍କ ନିକଟକୁ ଆଣିଛନ୍ତି ଓ ମା'ଙ୍କୁ ପୂଜା କରିବା ଦ୍ୱାରା ହିଁ ତୁମେ ତାଙ୍କୁ ପାଇପାରିବ। ଶ୍ରୀକୃଷ୍ଣ ସ୍ୱୟଂ, ଏ ଆଶ୍ରମରେ ବିଦ୍ୟମାନ ଓ ଏଠାରେ ତାଙ୍କର କାର୍ଯ୍ୟ ହିଁ ଚାଲିଛି।'' ଶ୍ରୀମା'ଙ୍କ ବାକ୍ୟରୁ ଆମର ବିଶ୍ୱାସ ବିଶାଳ ହୋଇଯାଏ ଯେ ମହାନ୍ତମ ଦେବତା ବି ମୋର ସନ୍ତାନ। ଶ୍ରୀକୃଷ୍ଣ ମୋର ସନ୍ତାନ, ସେମାନେ ସମସ୍ତେ ମୋ ଆଗରେ ଶିଶୁଭଳି।

ମନେପଡ଼େ ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ–ସାଗର–ଯାତ୍ରା। ତାଙ୍କର ଜାହାଜକୁ ଏକ ଡଙ୍ଗା ଅନୁଗମନ କରୁଥିବା ଦେଖି ପ୍ରଭୁଙ୍କ ସହଯାତ୍ରୀ ଭୀତ ଓ ଚିନ୍ତିତ ହୋଇପଡ଼ିଲେ। କାଳେ ସେମାନେ ବ୍ରିଟିଶ–ଗୁପ୍ତଚର ହୋଇଥିବେ। କିନ୍ତୁ ପ୍ରଭୁ ନୀରବ, ନିଶ୍ଚଳ। କିଛି ଦୂର ଆସି ସେ ଡଙ୍ଗାଟି ଉଭାନ ହୋଇଗଲା। ପରେ ଶ୍ରୀଅରବିନ୍ଦ ସ୍ପଷ୍ଟ କଲେ ଯେ– ଅନୁଗମନ କରୁଥିବା ଡଙ୍ଗାରେ ସ୍ୱୟଂ ଶ୍ରୀକୃଷ୍ଣ ଉପସ୍ଥିତ ରହି ଆମକୁ ସୁରକ୍ଷା ପ୍ରଦାନ କରୁଥିଲେ।

ଏବେ କାରାଗାର ମଧ୍ୟସ୍ଥ ସର୍ବବାସୁଦେବମୟ ଅନୁଭୂତିର ଅବତାରଣା ଅତି ପ୍ରାସଙ୍ଗିକ ମନେହୋଇପାରେ। ଶ୍ରୀଅରବିନ୍ଦଙ୍କ ଅନୁଭୂତିରେ ସେ ଏକ ଖଦଡ଼ାକମ୍ବଳ ମଧ୍ୟରେ ନୀତି ଅନୁଭବ କରୁଥିଲେ ତାଙ୍କର ବନ୍ଧୁ ତଥା ପ୍ରେମୀ ଶ୍ରୀକୃଷ୍ଣଙ୍କ ଯୁଗଳବାହୁର ଆଲିଙ୍ଗନ। ପ୍ରଭୁ ପୁନର୍ବାର ପ୍ରକାଶ କରନ୍ତି, ''ଜେଲ ମଧ୍ୟରେ ମୁଁ ବନ୍ଦୀ ଚୋର, ହତ୍ୟାକାରୀ, ଠକମାନଙ୍କୁ ଦେଖିଲି। ସମସ୍ତ ଅନ୍ଧକାରମୟ ଆତ୍ମା ଓ ଅବ୍ୟବହୃତ ଶରୀର ମଧ୍ୟରେ ସ୍ୱୟଂ ବାସୁଦେବ ବିଦ୍ୟମାନ। କୋଠରି ସାମ୍ନାର ଗଛରେ ଥିଲେ ବାସୁଦେବ। ସେ ନିଜ ଛାୟାରେ ମୋତେ ଆବୃତ୍ତ କରି ରଖିଥିଲେ।'' ଅନ୍ୟ ଏକ ଦୃଷ୍ଟାନ୍ତଛଳରେ ପ୍ରଭୁ ତତ୍କାଳୀନ ଦୌରାଜକ୍ କଚେରିର ସ୍ମୃତି ଅବଧାରଣା କରି କୁହନ୍ତି– ''ଯେତେବେଳେ କୋର୍ଟ ଖୋଲିଲା– ଆନ୍ତଃ ନିର୍ଦ୍ଦେଶାନୁସାରେ ମୁଁ ମାଜିଷ୍ଟ୍ରେଟ୍‌ଙ୍କୁ ତଥା ଦଣ୍ଡବିଧାନକାରୀ ଉପଦେଷ୍ଟାଙ୍କୁ ଦେଖି ଜାଣିଲି: ମାଜିଷ୍ଟ୍ରେଟ୍ ବାସୁଦେବ ନାରାୟଣ, ଯିଏ କି ବେଞ୍ଚରେ ଆସୀନ ଥିଲେ। ସେହି ଦଣ୍ଡବିଧାନକାରୀଙ୍କ ମଧ୍ୟରେ ସ୍ୱୟଂ ଶ୍ରୀକୃଷ୍ଣ ବର୍ତ୍ତମାନ ଥାଇ ସ୍ମିତ ହସୁଛନ୍ତି ଏବଂ ମୋ ଆଡ଼େ ଚାହିଁ କହୁଛନ୍ତି– ''ମୁଁ ପଥ ପ୍ରଦର୍ଶନ କରୁଅଛି। ଭୟ କର ନାହିଁ। ବରଂ ଯେଉଁ କାର୍ଯ୍ୟ ପାଇଁ ଜେଲକୁ ତୁମକୁ ଆଣିଛି; ସେହି କାମ ପ୍ରତି ଧ୍ୟାନ ଦିଅ। କି ଚମତ୍କାର ଏଇ ଉପଲବ୍ଧି।''

ଜଗତକୁ ଉପଦେଶ ଦେଇ ଶ୍ରୀଅରବିନ୍ଦ କହିଛନ୍ତି– ''କେବଳ କୃଷ୍ଣ, ଖ୍ରୀଷ୍ଟ ଓ ବୁଦ୍ଧଙ୍କୁ ପୂଜା କରିବା ଯଥେଷ୍ଟ ନୁହେଁ, ଯଦି ଆମ ମଧ୍ୟରେ କୃଷ୍ଣ, ଖ୍ରୀଷ୍ଟ ଏବଂ ବୁଦ୍ଧଙ୍କ ପ୍ରକାଶ ଓ ସୃଷ୍ଟି ନ ହୋଇଛି। ଆମ ଯାତ୍ରାର ଲକ୍ଷ୍ୟ ସମ୍ପର୍କରେ ଶ୍ରୀମା'ଙ୍କ ସ୍ୱଷ୍ଟୋକ୍ତି – ''ମୁଁ ତାଙ୍କୁ ଶ୍ରୀକୃଷ୍ଣ ବୋଲି ଡାକେ। ତେଣୁ ସଚେତନ ହେଲି ଯେ ଦିନେ ନା ଦିନେ ମୁଁ ତାଙ୍କୁ ଏ ପୃଥିବୀ ଉପରେ ଭେଟିବି ଏବଂ ତାଙ୍କର ଦିବ୍ୟକର୍ମ ଏ ପୃଥିବୀରେ ରୂପାୟିତ ହୋଇପାରିବ।''

ଅଧିମାନସରୁ ଅତିମାନସର ଯାତ୍ରୀ ତଥା ପ୍ରାପ୍ତକାରୀ ଶ୍ରୀଅରବିନ୍ଦଙ୍କର ଅତିମାନସର ବର୍ଣ୍ଣନା ବିରଳ ଓ ଚମତ୍କାର। "Supermind is Superman." ଅର୍ଥାତ୍ 'ମନରୁ ମାନବପରି ଅତି ମାନସରୁ ଅତିମାନବ।' ଏଥିପାଇଁ ସର୍ତ୍ତ ହେଲା ମନର ସୀମାତିକ୍ରମଣ, ସତ୍ୟ ହିଁ ଏହାର ଭିତ୍ତିଭୂମି। ଅତିମାନବ ହେବାକୁ ହେଲେ ଏକ ଦିବ୍ୟଜୀବନରେ ବାସ କରିବାକୁ ହେବ। ଦେବତା ହୋଇ ଉଠିବାକୁ ହେବ କାରଣ ଦେବତାମାନେ ହିଁ ଈଶ୍ୱରଙ୍କ ଶକ୍ତି।

ଅତି ମାନସ ଶକ୍ତିର ଅବତରଣ ଘଟିଲା। ପୃଥିବୀ ଅପ୍ରସ୍ତୁତ। ଅତଏବ ସେ ଶକ୍ତିକୁ ନିଜ ହୃଦୟ ମଧ୍ୟରେ ଧରିବା ପାଇଁ ଶ୍ରୀଅରବିନ୍ଦ ଇଚ୍ଛାମୃତ୍ୟୁକୁ ବାଛିନେଲେ। ଏହି ଅବତରଣର ପ୍ରଥମ ବାର୍ଷିକୀ ପାଳନର ପୂର୍ବ ସନ୍ଧ୍ୟାରେ ସ୍ୱୟଂ ଶ୍ରୀକୃଷ୍ଣ ମା'ଙ୍କ ନିକଟକୁ ଆସି ଭକ୍ତମାନଙ୍କୁ ଆଶୀର୍ବାଦ ପୁଷ୍ପ ବଣ୍ଟନ କରିବାର ଅଭିଳାଷ ପୋଷଣ କରନ୍ତେ ମା' ରାଜି ହୋଇଗଲେ। ପରଦିନ ମା'ଙ୍କ କୋଳରେ ବସି ଶ୍ରୀକୃଷ୍ଣ ଆଶିଷ ବାଣ୍ଟିଲେ, ସେ ଦୃଶ୍ୟ ବାସ୍ତବିକ ସମ୍ମୋହନକାରୀ ଓ ଅନନ୍ୟ।

କୃଷ୍ଣଙ୍କ ବନ୍ଦୀଶାଳାରେ ଜନ୍ମ ପରି ଶ୍ରୀଅରବିନ୍ଦଙ୍କ କାରାବରଣ; କୃଷ୍ଣଙ୍କ ଗୋପ–ମଥୁରା ବିଚରଣପରି ଶ୍ରୀଅରବିନ୍ଦଙ୍କ ଚଉଦ ବର୍ଷର– ବିଲାତବାସ, ଶ୍ରୀକୃଷ୍ଣଙ୍କ କୁରୁକ୍ଷେତ୍ର ପରି ପ୍ରଭୁଙ୍କର ବ୍ରିଟିଶ–ବିରୋଧୀ–ଆନ୍ଦୋଳନ; ରାଧା–କୃଷ୍ଣଙ୍କ ଅବତାରର ଆଧାରରେ ମା'–ପ୍ରଭୁଙ୍କର ରୂପାନ୍ତର–ଅବତାର। କି ଚମତ୍କାର ସଂଯୋଗ! କୃଷ୍ଣଙ୍କ ମାଧ୍ୟମରେ ଶ୍ରୀଅରବିନ୍ଦଙ୍କର ଅଧିମାନସରୁ ଅତିମାନସ ଅଭିଯାତ୍ରା। ଶେଷରେ ପଦଟି, ଉପସଂହାରରେ– "Living in Krushna, even enmity becomes a play of love and the wrestling of the brothers."

ଚନ୍ଦ୍ରାଲୋକ ମାର୍କେଟ, ନୀଳାଦ୍ରି ବିହାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,
ମୋ:୯୮୬୧୩୯୬୪୪୧

## ଏଇ ଭାରତରେ

କୋଭିଡ୍–୧୯ ମହାମାରୀ ଯୋଗୁ ଚଳିତବର୍ଷ ଦୀପାବଳି ଧୁମ୍‌ଧାମରେ ପାଳନ କରାଯାଇ ନ ଥିଲେ ବି ଦେଶର କେତେକ ଅଞ୍ଚଳରେ କିଛି ଘଣ୍ଟା ପାଇଁ ପାଳନ କରାଯାଇଥିଲା। ଏହାକୁ ଆମେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖୁଥିବାବେଳେ ଚେନ୍ନାଇର ହାଫିଜ ଖାଁ ପରିବେଶକୁ ବାଣ ବର୍ଜ୍ୟମୁକ୍ତ କରିବାରେ ଲାଗିଛନ୍ତି। କେବଳ ଏତିକି ନୁହେଁ, ବାଣ ଫୁଟିବା ପରେ ଫାୟାରକ୍ରାକର କେସ୍ ବା ବାଣଖୋଳ ସଂଗ୍ରହ କରି ସେଥିରେ ଚାରା ଉତାରୁଛନ୍ତି। ଗତ ବର୍ଷ ସେ ପ୍ରଥମେ ଏଭଳି ଅଭିଯାନ ଆରମ୍ଭ କରି ୨୭,୦୦୦ଖୋଳ ସଂଗ୍ରହ କରିଥିଲେ। ଚଳିତବର୍ଷ ହାଫିଜ ୮୦,୦୦୦ ଖୋଳ ସଂଗ୍ରହ କରିଛନ୍ତି। ସେ କମ୍ୟୁନିଟି ଟ୍ରି ଏନ୍‌ଜିଓ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଏନ୍‌ଜିଓର ସଦସ୍ୟମାନେ ଘର ଘର ବୁଲି ରକେଟ୍ ସେଲ, ସିଲିଣ୍ଡ୍ରିକାଲ କେସ୍,ଫ୍ଲାୱାରପଟ୍ କିମ୍ବା ଫାଉଣ୍ଟେନ କ୍ରାକର ଆଦିର ଖୋଳ ସଂଗ୍ରହ କରୁଛନ୍ତି। ଯେଉଁ ମାନଙ୍କଠାରୁ ବାଣଖୋଳ ଆଣିଥାନ୍ତି ସେମାନଙ୍କୁ ସେଥିରେ ଗଛ ଲଗାଇ ଦେଇଥାନ୍ତି। ଯେଉଁମାନେ ଏହାକୁ ନେବାଲାଗି ଚାହାନ୍ତିନି ସେମାନେ ପୁଣି ଆମକୁ ତାହା ଫେରାଇ ଦିଅନ୍ତି ବୋଲି କହନ୍ତି ହାଫିଜ୍। ହାଫିଜଙ୍କ ବର୍ତ୍ତମାନ ବୟସ ୫୦। ସେ ଏବେ କମ୍ୟୁନିଟି ଟ୍ରି ନର୍ସରିରେ ୪୦,୦୦୦ ଚାରା ଉତାରିଛନ୍ତି। ଏଥି ମଧ୍ୟରେ ରହିଛି ପଣସ, ଅଁଳା,ପିଜୁଳି, ନିମ୍ବ ସମେତ ବିଭିନ୍ନ ପ୍ରକାର ଚାରା। ଏହି ଚାରାଗୁଡିକୁ ସେମାନେ ବିଭିନ୍ନ ସ୍ଥାନରେ ଲଗାଉଛନ୍ତି। ବାଣ ଖୋଳରେ ଥିବା ରାସାୟନିକ ପଦାର୍ଥ ଦୂର କରିବା ଲାଗି ତାହାକୁ ଗୋବରରେ ସଫା କରି ଚାରା ଲଗାଯାଉଛି। ସେ ଏବେ ଚାରାକୁ ଅନ୍ୟ ରାଜ୍ୟରେ ବିକ୍ରି କରିବା ଲାଗି ଯୋଜନା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ନଭେମ୍ବର ୧୯୯୫

- ମୁଖ୍ୟମନ୍ତ୍ରୀ ଭୈରୋଁ ସିଂ ଶେଖାୱତଙ୍କ ସହ ଗୁରୁତର ମତଭେଦ ଯୋଗୁ ରାଜସ୍ଥାନ ଭାଜପା ଶାଖା ସଭାପତି ରାମଦାସ ଅଗ୍ରୱାଲ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- କଟକ ମଦମୃତ୍ୟୁ ଘଟଣାରେ ନିଯୁକ୍ତ ଜଷ୍ଟିସ୍ ବାଳକୃଷ୍ଣ ବେହେରା କମିଶନ ବିଧାନସଭାରେ ମଦମୃତ୍ୟୁ ରିପୋର୍ଟ ଦାଖଲ କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 2 | B | 4 | | | D | | | | | | | |
| | | | 6 | | 9 | | | | | | | E | 5 | |
| | | | | | 8 | | A | | 9 | | | | | |
| | 5 | | | E | C | 8 | 9 | B | | | | 7 | | |
| 4 | B | | | | | 5 | | | | | | 8 | | |
| 2 | | 3 | | | A | | 8 | | E | | B | D | | |
| 9 | 1 | | 7 | | D | | | | | | | 4 | 0 | |
| | | | C | 2 | | | E | | | | 6 | B | | |
| | 4 | 7 | | | | | | | | C | 9 | | 6 | 5 |
| B | | | 1 | | | | | 6 | | | | | 3 | |
| | 9 | | | 8 | 6 | D | | | | | | | A | |
| E | | C | | | | | | | | 3 | 2 | | | 0 |
| | | A | | | | B | | | | 8 | D | | 4 | |
| | D | 0 | | | 3 | | 4 | E | | | | 1 | | C |
| | 7 | | A | | | 9 | | | | | 0 | 3 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | 7 | B | 2 | D | A | 9 | 6 | C | 8 | E | 4 | 1 | 5 |
| 6 | 4 | D | C | E | 1 | 3 | 2 | 0 | B | 9 | 5 | 7 | 8 | A |
| 9 | E | A | 0 | 4 | 7 | 8 | B | 5 | 2 | 3 | 1 | D | 6 | C |
| 1 | 8 | 5 | 9 | A | 6 | C | E | 7 | 0 | 4 | D | 3 | B | 2 |
| B | 2 | C | 5 | 8 | 3 | D | 4 | 1 | 6 | 7 | A | 9 | 0 | E |
| 5 | C | B | 2 | 1 | 4 | 7 | 0 | 8 | E | 6 | 3 | A | D | 9 |
| 0 | A | E | 6 | 3 | 8 | 2 | C | 9 | D | 5 | 7 | B | 4 | 1 |
| D | 7 | 2 | E | 0 | B | 4 | 6 | 3 | 1 | A | 9 | 5 | C | 8 |
| 4 | 1 | 9 | D | 7 | 5 | E | A | B | 8 | C | 0 | 6 | 2 | 3 |
| 8 | 6 | 3 | A | C | 9 | 5 | 1 | D | 4 | B | 2 | 0 | E | 7 |
| E | 3 | 4 | 8 | 9 | 0 | 6 | 5 | 2 | 7 | D | C | 1 | A | B |
| 2 | 9 | 8 | 4 | D | A | 0 | 3 | C | 5 | 1 | B | E | 7 | 6 |
| 7 | 5 | 6 | 3 | B | 2 | 1 | D | 4 | A | E | 8 | C | 9 | 0 |
| A | D | 0 | 1 | 5 | C | B | 7 | E | 9 | 2 | 6 | 8 | 3 | 4 |
| C | B | 1 | 7 | 6 | E | 9 | 8 | A | 3 | 0 | 4 | 2 | 5 | D |

ଗତକାଲିର ଉତ୍ତର

# ଫଳପ୍ରଦ କରୋନା ଟିକା ଓ ଷ୍ଟେରଏଡ୍



ଡା. ଉମେଶ ଚନ୍ଦ୍ର ପାତ୍ର

କରୋନା ଭୂତାଣୁକୁ ମୁଖ୍ୟତଃ ଦୁଇ ବର୍ଗରେ ବିଭକ୍ତ କରାଯାଇଛି। ଆଲ୍‌ଫା ଓ ବିଟା କରୋନା। କୋଭିଡ୍ ଏକପ୍ରକାର ବିଟା କରୋନା ଭୂତାଣୁ। ଅତୀତରେ କରୋନା ଭୂତାଣୁ ଦ୍ୱାରା ୨୦୦୩ ଓ ୨୦୧୨–୧୩ରେ ମଧ୍ୟଏସିଆ, ଆଖପାଖ ରାଷ୍ଟ୍ର ଓ ଚାଇନାରେ ମହାମାରୀ ପରିସ୍ଥିତି ଦେଖାଯାଇଥିଲା। ସେହି ମହାମାରୀକୁ ଶ୍ୱାସ ପ୍ରକ୍ରିୟାରେ ସାଂଘାତିକ କଷ୍ଟ ସୃଷ୍ଟି କରୁଥିବା ରୋଗ ଓ ମଧ୍ୟଏସିଆର ଶ୍ୱାସ ଜଟିଳତା ରୋଗ ନାମରେ ଅଭିହିତ କରାଯାଇଛି। କିନ୍ତୁ ତାହା ଆଜିର କୋଭିଡ୍ ମହାମାରୀ ପରି ଏତେ ଭୟାନକ ହୋଇ ନ ଥିଲା। ଏଯାଏ କରୋନା ଭୂତାଣୁ ପାଇଁ କୌଣସି ଔଷଧ ବାହାରି ପାରିନାହିଁ। ଇବୋଲା, ଇନ୍‌ଫ୍ଲୁଏଞ୍ଜା ଓ ଅନ୍ୟ ଭୂତାଣୁ ବେମାରିରେ ଦିଆଯାଉଥିବା ଔଷଧଗୁଡ଼ିକୁ ନେଇ ଚେଷ୍ଟା ଚାଲିଛି। ଭୂତାଣୁ ଜନିତ ମହାମାରୀ ରୋକିବା ପାଇଁ ଔଷଧ ଯେତିକି ଆବଶ୍ୟକ, ତା'ଠାରୁ ରୋଗର ପ୍ରସାର ରୋକିବା ପାଇଁ ପ୍ରତିଷେଧକ ଟିକା ଅଧିକ ଲୋଡ଼ା। ଟିକା ସାଧାରଣତଃ ଦୁଇ ପ୍ରକାର। ପ୍ରଥମରେ ପାସିଭ ବା ନିଷ୍କ୍ରିୟ ଟିକା ଯଥା ଇମ୍ୟୁନୋଗଲୋବୁଲିନ (ରୋଗ ମୁତାବକ ଆଣ୍ଟିବଡ଼ି) ଯାହା ଶରୀରରେ ଥିବା ଜୀବାଣୁ ବା ଭୂତାଣୁ ସହ ବାନ୍ଧି ହୋଇଯାଏ ଓ ତାକୁ ନିଷ୍କ୍ରିୟ କରିଦିଏ। ଏହାର ପ୍ରଭାବ ମାତ୍ର ଅଳ୍ପ ସମୟ ପରିଲକ୍ଷିତ ହୁଏ। ଏହି ଟିକା ମଣିଷ ଶରୀରରେ ଭୂତାଣୁ ବିରୋଧରେ ସକ୍ରିୟ ଭୂମିକା ଗ୍ରହଣ କରିପାରେନାହିଁ ଓ ଆଣ୍ଟିବଡ଼ି ସୃଷ୍ଟି କରିପାରେ ନାହିଁ। ଦ୍ୱିତୀୟରେ ଆକ୍ଟିଭ ବା କ୍ରିୟାଶୀଳ ଟିକା, ଯାହା ଜୀବାଣୁ ବା ଭୂତାଣୁର ଅଂଶବିଶେଷରୁ ଅଥବା ତା'ର ମୁଖ୍ୟ ପ୍ରୋଟିନ୍‌ରୁ ଅଂଶ ନେଇ ଅଥବା ଗବେଷଣାଗାରରେ ଭୂତାଣୁର ପ୍ରୋଟିନ୍ ପରି କୃତ୍ରିମ ପ୍ରୋଟିନ୍/ନ୍ୟୁକ୍ଲିକ୍ ଏସିଡ଼ ସୃଷ୍ଟିକରି ତିଆରି କରାଯାଏ। ଆକ୍ଟିଭ ଟିକା ଶରୀରର ପ୍ରତିରୋଧ ଶକ୍ତିକୁ ବଢ଼ାଇଥାଏ। ଏହି ଟିକା ଶରୀରର ଇମ୍ୟୁନିଟିରେ ସମ୍ପୃକ୍ତ ଜୀବକୋଷଗୁଡ଼ିକୁ ସେହି ଭୂତାଣୁ ବିରୋଧରେ ସନ୍ଦେଶ ଦେଇ ସେମାନଙ୍କୁ ଜାଗ୍ରତ କରାନ୍ତି। ଫଳତଃ ସେମାନଙ୍କର ଭୂତାଣୁ ନାଶ କ୍ଷମତା ବହୁଗୁଣରେ ବଢ଼ାଇ ଦିଅନ୍ତି। ପ୍ରତିରୋଧ ଶକ୍ତି ବଢ଼ିବା ପାଇଁ ପ୍ରଥମେ ଶରୀରର ଇମ୍ୟୁନ ପଦ୍ଧତିର 'ଟି' ଜୀବକୋଷଗୁଡ଼ିକ ଉତ୍ସାହିତ ହୋଇଥାଆନ୍ତି। ଏହି ଟି ଜୀବକୋଷଙ୍କ ପାଖରେ ସ୍ମରଣ ଶକ୍ତି ଥାଏ। ଭୂତାଣୁର ରୂପରେଖ ବିଷୟରେ ଥରେ ଜ୍ଞାତ ହେଲେ, ସେମାନେ ବହୁ ଦିନ ଧରି ତାକୁ ମନେରଖନ୍ତି। ଏଣୁ ସେମାନଙ୍କୁ ମେମୋରିଟି ସେଲ୍ ବା ଜୀବକୋଷ କୁହାଯାଏ। ଏହି ଟି ଜୀବକୋଷ, ଭୂତାଣୁ ବିରୋଧରେ ଇମ୍ୟୁନୋଗଲୋବୁଲିନ୍ ଆଣ୍ଟିବଡ଼ି ତିଆରି କରିବା ପାଇଁ ଦକ୍ଷ ଜୀବକୋଷଗୁଡ଼ିକୁ ପ୍ରବର୍ତ୍ତିତ କରିଥାନ୍ତି। ଏହି ପ୍ରକ୍ରିୟା ସମୟସାପେକ୍ଷ। ଫଳତଃ କ୍ରିୟାଶୀଳ ଟିକା କାର୍ଯ୍ୟକ୍ଷମ ହେବାକୁ ପ୍ରାୟ ଅତି କମ୍‌ରେ ୨୮ରୁ ୩୦ ଦିନ ସମୟ ଲାଗେ। ଯେଉଁ ବ୍ୟକ୍ତିମାନଙ୍କ ଇମ୍ୟୁନିଟି ସ୍ଥିତି ଭଲ ନଥାଏ ସେମାନଙ୍କ ପାଇଁ ହୁଏତ ଅଧିକ ସମୟ ଲାଗିପାରେ। ଏହି ଟିକା ବ୍ୟବହାର ଉପଯୋଗୀ ହେବା ପାଇଁ କେତେକ ଆବଶ୍ୟକ ଗୁଣ ରହିବା ଦରକାର। ଟିକାରେ ଥିବା ଦ୍ରବଣ ମଣିଷ ଶରୀର ପାଇଁ ଉପାଦେୟ ହେବା ଆବଶ୍ୟକ। ଏହା ଶରୀରରେ ସେହି ଭୂତାଣୁ ଜନିତ ଯାହାର ପ୍ରତିକାର ପାଇଁ ଉଦ୍ଦିଷ୍ଟ ବା ଅନ୍ୟ କୌଣସି ରୋଗ ସୃଷ୍ଟି କରିବ ନାହିଁ। ଟିକା ଯୋଗୁ ହେଉଥିବା ପାର୍ଶ୍ୱ ପ୍ରତିକ୍ରିୟା ସହଜରେ ସହ୍ୟ କରିହେଉଥିବ। ବିଶ୍ୱରେ ଶତ ସହସ୍ର ଜୈବ ବୈଜ୍ଞାନିକମାନେ ବିଭିନ୍ନ ଗବେଷଣାଗାରରେ କୋଭିଡ୍ ବିରୋଧରେ ଟିକା ପ୍ରସ୍ତୁତିରେ ଦିନରାତି ପରିଶ୍ରମ କରୁଛନ୍ତି। କୋଭିଡ୍‌ର ପ୍ରତିଷେଧକ ଟିକା ନିକଟ ଭବିଷ୍ୟତରେ ସମସ୍ତଙ୍କ ପାଇଁ ଉପଲବ୍ଧ ହେବାର ସମ୍ଭାବନା ଉଜ୍ଜ୍ୱଳ।

କରୋନା ମହାମାରୀକୁ ରୋକିବା ପାଇଁ ଫଳପ୍ରଦ ଔଷଧ ବାହାର କରିବା ଲାଗି ବୈଜ୍ଞାନିକମାନେ ସଂଘର୍ଷ କରୁଛନ୍ତି। ଏଭଳି ସ୍ଥିତିରେ ଗୁରୁତର କରୋନା ରୋଗୀଙ୍କ ପାଇଁ ସଞ୍ଜୀବନୀ ପାଲଟିଛି ଷ୍ଟେରଏଡ୍। ଲଣ୍ଡନର ବିଭିନ୍ନ ହସ୍ପିଟାଲରେ ଏହାକୁ ପ୍ରୟୋଗ କରାଯିବା ପରେ ଭଲ ଫଳ ମିଳିଛି। ଏବେ ଦୁଇଟି ଷ୍ଟେରଏଡ୍ ଗୁରୁତର ଆକ୍ରାନ୍ତ ରୋଗୀଙ୍କୁ ଦିଆଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଗୁରୁତର ରୋଗୀଙ୍କ ପାଇଁ ଷ୍ଟେରଏଡ୍ ଥେରାପି ଆପଣାଇବାକୁ ସୁପାରିସ କରିଛି। ଜୁନ୍‌ରେ ବ୍ରିଟେନର ଏନ୍‌ଏଚ୍‌ଏସ୍ ହସ୍ପିଟାଲରେ ଡେକ୍ସାମିଥାସୋନ ନାମକ ଏକ ଷ୍ଟେରଏଡ କିଛି ରୋଗୀଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଅକ୍ସଫୋର୍ଡ ୟୁନିଭର୍ସିଟି ନେତୃତ୍ୱରେ ଗୁରୁତର ରୋଗୀଙ୍କ ଉପରେ ଏହା ପ୍ରୟୋଗ ହୋଇଥିଲା। ଏହା କିଛି ପରିମାଣରେ ପ୍ରଭାବୀ ପ୍ରମାଣିତ ହୋଇଥିଲା। ଅତି ଗୁରୁତର ୮ କରୋନା ରୋଗୀଙ୍କ ମଧ୍ୟରୁ ଜଣଙ୍କ ଜୀବନ ବଞ୍ଚାଇ ପାରିଥିଲା। କୋଭିଡ୍ ମୃତ୍ୟୁକୁ ୨୦% କମାଇବାରେ ଏଭଳି ଷ୍ଟେରଏଡ ସହାୟକ ହେଉଥିବା କୁହାଯାଉଛି। ଏବେ ହାଇଡ୍ରୋକୋର୍ଟିସୋନ ନାମକ ଅନ୍ୟ ଏକ ଷ୍ଟେରଏଡ୍ ଦ୍ୱାରା ଗୁରୁତର କୋଭିଡ୍ ରୋଗୀଙ୍କ ଜୀବନ ବଞ୍ଚାଯାଇପାରିବ ବୋଲି ଗବେଷକମାନେ କହିଛନ୍ତି। ୧,୭୦୩ ରୋଗୀଙ୍କ ଉପରେ ହୋଇଥିବା ୭ଟି ପରୀକ୍ଷାରୁ ଜାଣିବାକୁ ମିଳିଛି ଯେ, କୋଭିଡ୍ ମୃତ୍ୟୁକୁ ଷ୍ଟେରଏଡ ଦ୍ୱାରା ୨୦% ହ୍ରାସ କରାଯାଇପାରିବ। ଆମେରିକାନ ମେଡ଼ିକାଲ ଆସୋସିଏଶନର ପତ୍ରିକାରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଏ ବାବଦରେ ବ୍ରିଷ୍ଟଲ ୟୁନିଭର୍ସିଟିର ମହାମାରୀ ବିଶେଷଜ୍ଞ ପ୍ରଫେସର ଜୋନାଥନ ଷ୍ଟର୍ଣ୍ଣ କହିଛନ୍ତି, ଷ୍ଟେରଏଡ୍ ହେଉଛି ଏକ ସୁଲଭ ଡାକ୍ତରୀ ଉପାୟ, ଯାହାକୁ ଯେକୌଣସି ସମୟରେ ଆପଣାଯାଇପାରିବ। କୋଭିଡ–୧୯ ଦ୍ୱାରା ଅତି ପ୍ରଭାବିତ ହୋଇଥିବା ଲୋକଙ୍କ ମଧ୍ୟରେ ମୃତ୍ୟୁ କମାଇବା କ୍ଷେତ୍ରରେ ଏହା ଉପଯୋଗୀ ହୋଇପାରିବ। ବୟସ ଓ ଲିଙ୍ଗ ନିର୍ବିଶେଷରେ ଏହା ଫଳପ୍ରଦ ଉପଚାର ପାଲଟିଛି। ଅକ୍ସଫୋର୍ଡ ୟୁନିଭର୍ସିଟିର ମେଡ଼ିସିନ୍ ପ୍ରଫେସର ତଥା ମହାମାରୀ ବିଶେଷଜ୍ଞ ମାର୍ଟିନ୍ ଲାଣ୍ଡରେ କହିଛନ୍ତି, କରୋନା ମହାମାରୀରେ ମୃତ୍ୟୁ ବୃଦ୍ଧି ପାଉଛି। ମୃତ୍ୟୁ କମାଇବା ପାଇଁ ଏବେ ଷ୍ଟେରଏଡ୍ ବ୍ୟବହାର କରିବାର ସମୟ ଆସିଛି। ଜଣେ ରୋଗୀ ଗୁରୁତର ହୋଇ ଅକ୍ସିଜେନରେ ରହିବା ପରେ ଷ୍ଟେରଏଡ୍‌ର ସହାୟତା ନିଆଯାଇପାରିବ। ଶ୍ୱାସକ୍ରିୟାରେ ଅଧିକ କଷ୍ଟ ଅନୁଭବ କରୁଥିବା ଲୋକମାନଙ୍କ ପାଇଁ ଭେଣ୍ଟିଲେଟରକୁ ଅପେକ୍ଷା ନ କରି ଷ୍ଟେରଏଡ୍ ଦେବା କଥା ଚିନ୍ତା କରିବା ଉଚିତ। ଉଲ୍ଲେଖଯୋଗ୍ୟ, ଇମ୍ପେରିଆଲ କଲେଜ ଲଣ୍ଡନର ପ୍ରଫେସର ଆନ୍ଥୋନି ଗର୍ଡ଼ନ (ଇନ୍‌ଟେନ୍‌ସିଭ କେୟାର ବିଶେଷଜ୍ଞ)ଙ୍କ ଦ୍ୱାରା ବ୍ରିଟେନରେ ଷ୍ଟେରଏଡ୍ ହାଇଡ୍ରୋକୋର୍ଟିସୋନ ଉପରେ ପରୀକ୍ଷା ହୋଇଥିଲା। କିଛି ରୋଗୀଙ୍କ ପାଇଁ ଏହା ଫଳପ୍ରଦ ହୋଇଥିଲା ଏବଂ ସେମାନଙ୍କ ଜୀବନ ବଞ୍ଚାଯାଇଥିଲା। ଏ ନେଇ ପ୍ରଫେସର ଗର୍ଡ଼ନ କହିଛନ୍ତି, ଅତ୍ୟଧିକ ସଂକ୍ରମଣ କ୍ଷେତ୍ରରେ ଆମେ ଆଇସିୟୁରେ ଷ୍ଟେରଏଡ୍‌କୁ ବ୍ୟବହାର କରୁଛୁ। ଏହାଦ୍ୱାରା ପ୍ରତିରୋଧକ ବ୍ୟବସ୍ଥା ଉପରେ ଚାପ ପଡ଼ିବା ଆଶଙ୍କା ରହିଛି। ଏବେ ଷ୍ଟେରଏଡ୍ ଭାବେ ଡେକ୍ସାମିଥାସୋନ, ହାଇଡ୍ରୋକୋର୍ଟିସୋନ ଏବଂ ମିଥାଇଲ ପ୍ରେଡ଼ନିସୋଲୋନକୁ ସଂକଟାପନ୍ନ କରୋନା ରୋଗୀଙ୍କ ପାଇଁ ବ୍ୟବହାର କରାଯାଇପାରିବ ବୋଲି ଜଣାପଡ଼ିଛି।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ପାଠକ ଶ୍ରେଷ୍ଠ ବିଚାରକ

### ବିବାଦୀୟ କୃଷି ବିଲ୍

ମହାଶୟ,

ସଂସଦରେ ପାରିତ ହୋଇଥିବା ତିନୋଟି କୃଷି ସଂସ୍କାର ବିଲ୍ ଦେଶ ସାରା ବିବାଦୀୟ ହୋଇଯାଇଛି। ଏହି ବିଲ୍‌କୁ ୧୮ରୁ ଅଧିକ ବିରୋଧୀ ଦଳ ଓ ଶତାଧିକ କୃଷକ ସଂଗଠନ ତରଫରୁ ବିରୋଧ ଜାରି ରହିଛି। ବିରୋଧୀ ଦଳ ଓ କୃଷକ ସଂଗଠନଙ୍କ ଯୁକ୍ତି ହେଉଛି ଏହି ବିଲ୍ ଆଇନରେ ପରିଣତ ହେଲେ ଦେଶର କୃଷି କ୍ଷେତ୍ର ପୁଞ୍ଜିପତିଙ୍କ ହାତକୁ ଚାଲିଯିବ। ଧାନମଣ୍ଡିଗୁଡିକ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବ, ଅଭାବୀ ବିକ୍ରି ବଢିବ, କୃଷକଙ୍କଠାରୁ ଏମ୍‌ଏସ୍‌ପି ଛଡାଇ ନିଆଯିବ। କୃଷକମାନେ ବିଲର ମୂଲିଆ ହେବେ ଓ ପୁଞ୍ଜିପତିଙ୍କ ଗୋଲାମ ହୋଇଯିବେ। ଚାଷୀକୁଳର ସର୍ବନାଶ ହେବ। ସରକାରଙ୍କ ଯୁକ୍ତି ହେଉଛି ଯେ, ଏହାଦ୍ୱାରା କୃଷକଙ୍କୁ ସଶକ୍ତ କରାଯିବ। ସେମାନଙ୍କର ଆୟ ବଢିବ। କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ହେବ। ତେବେ ମୁଖ୍ୟ କଥାହେଉଛି, କେନ୍ଦ୍ର ସରକାର ଏ ସମ୍ପର୍କରେ ବିରୋଧୀ ଦଳ ଓ କୃଷକ ସଙ୍ଗଠନଗୁଡିକୁ ବିଶ୍ୱାସକୁ ନ ନେଇ, ସେମାନଙ୍କ ସହିତ ବିଚାରବିମର୍ଷ ନ କରି ତରବରିଆ ଭାବେ ସଂଖ୍ୟା ଗରିଷ୍ଠତା ବଳରେ ଯେପରି ବିଲ୍‌ଗୁଡିକୁ ପାରିତ କରାଇଲେ ସେଥିପାଇଁ ସରକାରଙ୍କ ପ୍ରତି ସବୁ ସ୍ତରରେ ବିଶ୍ୱାସର ସଙ୍କଟ ସୃଷ୍ଟି ହୋଇଛି।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

# ବିବାହ ଓ ସନ୍ତାନ



ଡା. କାନ୍ତୀ ନାୟକ

ପ୍ରଖ୍ୟାତ ବ୍ରିଟିଶ୍ ଦାର୍ଶନିକ ବର୍ଟ୍ରାଣ୍ଡ ରସେଲ୍ ବିବାହ ନାମକ ସାମାଜିକ ଅନୁଷ୍ଠାନର ତନ୍ନ ତନ୍ନ ଅନୁଶୀଳନ କରି କହିଥିଲେ ଯେ, ମୁଖ୍ୟତଃ ଦୁଇଟି କାରଣ ଯୋଗୁ ମନୁଷ୍ୟ ବିବାହ ବନ୍ଧନର ଉଦ୍ଭାବନ କରିଥିଲା। ପ୍ରଥମଟି ହେଲା– ମାନବ ଶିଶୁ ହେଉଛି ଦୁନିଆର ସବୁଠାରୁ ଅସହାୟ ଜୀବ। ବାଛୁରି ଜନ୍ମ ହେବା ମାତ୍ରେ ଡିଆଁମାରେ। ଚଢ଼େଇ ଛୁଆ ମାତ୍ର କେଇ ସପ୍ତାହ ମଧ୍ୟରେ ବସାଛାଡ଼ି ଉଡିଯାଏ। ମନୁଷ୍ୟ ପିଲା କିନ୍ତୁ ନିଶ୍ଚିତ ଭାବରେ ବଞ୍ଚିବା ପାଇଁ ବର୍ଷ ବର୍ଷ ଧରି ମାତାପିତାଙ୍କର ଯତ୍ନ ଲୋଡ଼ିଥାଏ। ପାରମ୍ପରିକ ଭାବରେ ପିତା ପରିବାରର ଭରଣପୋଷଣ ପାଇଁ ସମ୍ବଳ ସଂଗ୍ରହ କରୁଥିବା ବେଳେ ମାତା ସେ ସମ୍ବଳକୁ ବ୍ୟବହାର କରି ସନ୍ତାନର ଲାଳନ ପାଳନ କରୁଥିଲେ। ମା'ଛୁଆକୁ ଜନ୍ମ ଦେଲେ ହେଁ ଛୁଆ ବଞ୍ଚି ରହିବା ପାଇଁ ବାପାର ସହଯୋଗ ଅପରିହାର୍ଯ୍ୟ ଥିଲା। ତେଣୁ ବାପା, ମା' ଏକାଠି ହୋଇ ସନ୍ତାନ ବଢ଼ାଇବା ପ୍ରକଳ୍ପ କାର୍ଯ୍ୟକାରୀ କରୁଥିଲେ। ଏହି ଏକାଠି ହେବାକୁ ଆନୁଷ୍ଠାନିକ କରୁଥିଲା ବିବାହ।

ଦ୍ୱିତୀୟ କାରଣ ହେଲା– ପୁରୁଷ ଉପରୋକ୍ତ ପ୍ରକଳ୍ପରେ ନିଜର ଉପାର୍ଜିତ ସମ୍ବଳ ବିନିଯୋଗ କରିବା ପାଇଁ ଏକ ସର୍ତ୍ତ ଆରୋପ କରିଥାଏ। ସର୍ତ୍ତଟି ହେଲା, ନିଶ୍ଚିତ ହେବା ଦରକାର ଯେ ସନ୍ତାନଟି ତାହାର ଔରସରୁ ହିଁ ଜନ୍ମ ହୋଇଛି। କୁହାଯାଏ ମା' ହେଉଛି ନିଶ୍ଚିତ, ବାପା ହେଉଛି ଏକ ଅନୁମାନ ମାତ୍ର। ଯଦି ପୁରୁଷର ସନ୍ଦେହ ହୁଏ ଯେ ସନ୍ତାନଟି ତା'ର ନୁହେଁ ତେବେ ସେ ଆଉ ସନ୍ତାନର ସୁରକ୍ଷାର କୌଣସି ଦାୟିତ୍ୱ ନେବ ନାହିଁ। ତେଣୁ ଏ ସନ୍ଦେହ ଦୂର କରିବା ପାଇଁ ମନୁଷ୍ୟ ବିବାହର ଉଦ୍ଭାବନ କଲା। ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଏକ ଦମ୍ପତିରେ ସନ୍ତାନ ଜନ୍ମ ହେଲେ ସମ୍ପୃକ୍ତ ପୁରୁଷ ହିଁ ତାହାର ପିତା ରୂପେ ସନ୍ଦେହ ଶୂନ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଥାଏ। ରସେଲ୍ ତାଙ୍କର ଏହି ଅନୁଶୀଳନ ପ୍ରକାଶ କରିବା ପରଠାରୁ ବିବାହ ଅନୁଷ୍ଠାନର ଭବିଷ୍ୟତକୁ ନେଇ ନାନା କଳ୍ପନାଜଳ୍ପନା କରାହୋଇ ଆସିଛି। ଯଥା– ଯଦି ନାରୀ ମଧ୍ୟ ନିଜେ ସମ୍ବଳ ସଂଗ୍ରହ କରିପାରେ କିମ୍ବା ସମାଜ ବା ରାଷ୍ଟ୍ର ଯଦି ସନ୍ତାନର ଲାଳନ ପାଳନ ଏବଂ ଭରଣ ପୋଷଣର ଦାୟିତ୍ୱ ନିଏ, ତେବେ ରସେଲ୍‌ଙ୍କ ତତ୍ତ୍ୱ ଅନୁସାରେ ବିବାହ ଅନାବଶ୍ୟକ ହୋଇପଡ଼ିବ। ଇତି ମଧ୍ୟରେ ରସେଲ୍‌ଙ୍କ ଲେଖା ପ୍ରକାଶ ପାଇବା ପରେ ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ଗତ ହୋଇଗଲାଣି। ଏହି ସମୟରେ ପାଶ୍ଚାତ୍ୟ ଜଗତରେ, ବିଶେଷ କରି ପଶ୍ଚିମ ଇଉରୋପରେ ଉପରୋକ୍ତ ଦୁଇପ୍ରକାର ଘଟଣା ଅଧିକରୁ ଅଧିକ ଘଟିଲାଣି। ନାରୀମାନେ ବହୁଳ ସଂଖ୍ୟାରେ ସ୍ୱାବଲମ୍ବୀ ହେଲେଣି ଏବଂ ସେଠାକାର ଜନମଙ୍ଗଳ ଲାଳନପାଳନ କରିବା ପାଇଁ ଆବଶ୍ୟକ ସାହାଯ୍ୟ ରାଷ୍ଟ୍ର ତରଫରୁ ସେମାନଙ୍କୁ ମିଳିଯାଉଛି। ତେଣୁ ଏ ପରିପ୍ରେକ୍ଷୀରେ ବିବାହ ପ୍ରତି ସେଠାକାର ଲୋକମାନଙ୍କର ଆଭିମୁଖ୍ୟ କିଭଳି ହେଲାଣି ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇଛି।

ଏ ପ୍ରଶ୍ନର ଉତ୍ତର ପାଇବା ପାଇଁ ଆମେ ବ୍ରିଟେନ୍‌ରେ ଗତ ସପ୍ତାହରେ ଅନୁଷ୍ଠିତ ଏକ ସାମାଜିକ ଆଭିମୁଖ୍ୟ ସର୍ବେକ୍ଷଣ ରିପୋର୍ଟ ଉପରେ ଦୃଷ୍ଟିପାତ କରିବା। ୧୯୮୩ଠାରୁ ପ୍ରତିବର୍ଷ ଉପରୋକ୍ତ ସର୍ବେକ୍ଷଣ ଅନୁଷ୍ଠିତ ହୋଇଆସୁଛି। ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଦୁଇ ତୃତୀୟାଂଶ ଲୋକ ବିବାହିତ ଦମ୍ପତି ଓ ଅବିବାହିତ ଦମ୍ପତିଙ୍କ ମଧ୍ୟରେ କୌଣସି ପ୍ରଭେଦ ଦେଖୁନାହାନ୍ତି। ବିବାହ ନ କରି ନାରୀ ସନ୍ତାନ ଜନ୍ମ କରିବା ଏମାନଙ୍କ ପାଇଁ ଗ୍ରହଣୀୟ। ଅର୍ଥାତ୍– ବିବାହକୁ ଏମାନେ ଆଉ ଏକ ଆବଶ୍ୟକ ଅନୁଷ୍ଠାନ ରୂପେ ବିଚାର କରୁନାହାନ୍ତି। ଏମାନେ ଏବେ ବିବାହକୁ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ରୂପେ ବିଚାର କରୁଛନ୍ତି ବୋଲି କହୁଛନ୍ତି। ଯେଉଁମାନେ ଏଥିପାଇଁ ଦରକାର ଅର୍ଥ (ହାରାହାରି ୧୭୦୦୦ ପାଉଣ୍ଡ ବା ୧୪ ଲକ୍ଷ ଟଙ୍କା) ଖର୍ଚ୍ଚ କରିବା ପାଇଁ ରାଜି, ସେମାନେ ବିବାହ ଉତ୍ସବ ଆୟୋଜନ କରୁଛନ୍ତି। ଏହାସତ୍ତ୍ୱେ ଯେତେବେଳେ ସନ୍ତାନର ଲାଳନପାଳନ ଓ ଅଭିବୃଦ୍ଧି ଉପରେ ବିବାହର ପ୍ରଭାବ ସମ୍ବନ୍ଧରେ ଏକ ପ୍ରଶ୍ନ ପଚରାଗଲା, ୪୧% ଲୋକ ସ୍ୱୀକାର କଲେ ଯେ, ଏକାକିନୀ ମା' ଅପେକ୍ଷା ଏକ ଦମ୍ପତି ସନ୍ତାନର ଅଧିକ ଭଲ ଯତ୍ନ ନେଇପାରିବ। ଏହା ମଧ୍ୟ ଦେଖାଯାଇଛି ଯେ, ସନ୍ତାନ ଜନ୍ମର ଅଳ୍ପ କାଳ ପରେ ବିବାହିତ ଦମ୍ପତିଙ୍କ ଅପେକ୍ଷା ଅବିବାହିତ ଦମ୍ପତିମାନଙ୍କ ମଧ୍ୟରେ ଅଧିକ ବିଚ୍ଛେଦ ଘଟିଥାଏ। ଅତଏବ ଏମାନଙ୍କ ମତରେ ବିବାହିତ ଦମ୍ପତିଙ୍କର ସନ୍ତାନମାନେ ଅଧିକ ଯତ୍ନର ସହିତ ପାଳିତ ହେବେ ଏବଂ ଉତ୍ତମ ନାଗରିକ ହେବେ। ଏହାକୁ ହୃଦୟଙ୍ଗମ କରି ବ୍ରିଟେନ୍‌ର ଜାତ୍ ଦଳ ପାରମ୍ପରିକ ପରିବାରର ସୁରକ୍ଷାକୁ ସେମାନଙ୍କ ଦଳର ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛି। ବିବାହକୁ ଯଦି ଏକ ଆବେଗିକ ବନ୍ଧନ ରୂପେ ବିଚାର କରାଯାଏ, ତେବେ ଏକ ଅନୁଷ୍ଠାନ ମାଧ୍ୟମରେ ଆବେଗର ମିଳନ ଘଟିବା ଉଦ୍ଭଟ ମନେ ହୋଇପାରେ। କିନ୍ତୁ ଅସହାୟ ମାନବ ଶିଶୁ ଉପଯୁକ୍ତ ଅଭିବୃଦ୍ଧି ଓ ସୁରକ୍ଷା ପାଇଁ ବିବାହ ଯେ ତଥାପି ଆବଶ୍ୟକ, ରସେଲ୍‌ଙ୍କ ଅନେକ ଉତ୍ତର ପୁରୁଷ ତଥାପି ବିଶ୍ୱାସ କରୁଛନ୍ତି।

ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡିଏ, କଟକ
E-mail : drkanti111nayak@gmail.com

## ଚିରନ୍ତନୀ

ସନ୍ଧ୍ୟା ରହିଛି ମୋହରି ଆଶାରେ
ରଞ୍ଜିବି ତା'ର ଭାଲ
ପ୍ରଭାତ ଡାକଇ ବିରହ–ଭାଷାରେ
ମୋହରି ପାଇଁ ବିକଳ।

-(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିକୁ ଦଳିତ ଅଧିକାର ମଞ୍ଚର ବିରୋଧ

ଲାଠୋର,(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ୨୦ କିମ୍ବା ତାଠାରୁ କମ୍ ଉପସ୍ଥାନ ଥିବା ବିଦ୍ୟାଳୟକୁ ବନ୍ଦ କରି ସେଠାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ୧କିମି ଦୂରତା ମଧ୍ୟରେ ଥିବା ବିଦ୍ୟାଳୟକୁ ପଠାଇବା ନିଷ୍ପତ୍ତିକୁ ନୂଆପଡା ଦଳିତ ଅଧିକାର ମଞ୍ଚ ବିରୋଧ କରିଛି। ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ସୋମବାର ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ନବୀନ ପଟେଲଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ମଞ୍ଚର ଖଗେଶ୍ୱର ଦୀପ, ଦିଲୀପ ଦାନ, ପ୍ରଭୁଲାଲ ଦୀପ, ବେଣୁଧର ଜଗତ, ସିନାପାଲି ସଭାପତି ପଦ୍ମନାଭ ଜଗତ, ଆକାଶ ଦୀପ, ତରୁଣ ନାଗ, ବେଣୁଧର ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ, ହାଇଓ୍ୱା ଜବତ

**ଅତାବିରା, ୨୩।୧୧ (ଡି.ଏନ.ଏ):** ବାଲି ଚୋରା ଚାଲାଣ କରୁଥିବା ବେଳେ ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଡାଲବ ହାଟପଦା ନିକଟରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରି ଏକ ହାଇଓ୍ୱା ଜବତ କରି ଭେଡେନ ଥାନା ଜିମା ଦେଇଛି। ପ୍ରତିଦିନ ଏହି ରାଜପଥ ଦେଇ ହାଇଓ୍ୱା, ଟ୍ରାକ୍ଟର ଯୋଗେ ବିଭିନ୍ନ ବାଲି ଘାଟରୁ ବୁର୍ଲା, ଗୋଶାଳା, ସମ୍ବଲପୁର ଅଞ୍ଚଳକୁ ବାଲି ଚୋରା ଚାଲାଣ ହେଉଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ମାଫିଆମାନେ ସକ୍ରିୟ ହୋଇ ମହାନଦୀ, ଜିରା, ଝାଉଁଯୋରରୁ ବାଲି ଚୋରା ଚାଲାଣ କରଛନ୍ତି । ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ହେଉଛି । ଏ ବିଷୟରେ ଭେଡେନ ଅତିରିକ୍ତ ତହସିଲଦାର ନାରାୟଣ ତନସନାଙ୍କୁ ପଚରାଯିବାରୁ ଡାଲବ ହାଟପଦା ଝଲକ ଢ଼ାବା ନିକଟରେ ବାଲି ଚୋରା ଚାଲାଣ କରି ଯାଉଥିବା ହାଇଓ୍ୱା ଧରାପଡିଥିଲା। କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଗାଡିକୁ ଜବତ କରି ଭେଡେନ ଥାନା ଜିମା ଦିଆଯାଇଥିବା ସେ କହିଥିଲେ।

### ଲାନ୍ଥ ନଦୀ ପୋଲ ନିକଟରୁ ମୃତଦେହ ଉଦ୍ଧାର

**ଲାଠୋର, ୨୩।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ଲାନ୍ଥ ନଦୀ ନିକଟରୁ ସୋମବାର ପୋଲିସ ଜଣେ ବ୍ୟକ୍ତିଙ୍କର ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିନାହିଁ। କିଛିଦିନ ହେବ ଏହି ଅଞ୍ଚଳରେ ଭିକ୍ଷା କରି ଚଳୁଥିବା ଉକ୍ତ ଅଣଓଡିଆ ବ୍ୟକ୍ତି ଜଣକ ଲାନ୍ଥ ନଦୀ ପୋଲ ପାଖରେ ପାଲଢାଙ୍କି ରହୁଥିଲେ। ସୋମବାର ସକାଳେ ତାଙ୍କ ମୃତଦେହ ପାଲଢଙ୍କା କୁଡିଆ ସମ୍ମୁଖରେ ପଡିଥିବା ଦେଖିବାକୁ ମିଳିଥିଲା। ଲାଠୋର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଲାଠୋର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫/୨୦)ରୁଜୁ ହୋଇଛି। ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲଙ୍କ ଅନୁରୋଧକ୍ରମେ କୋଶଳ ସମନ୍ୱୟ ସମିତିର କର୍ମକର୍ତ୍ତା କାଶୀନାଥ ମେହେର, ବିନୋଦ ଛତ୍ରିଆ, ଶକ୍ତି ସେଠ, ବରୁଣ ବାରିକ, ଗୋପାଳ ମେହେର, ଭରତ ଥପ୍ପା, ମୀନିକେତନ ଘିଭେଲା, ସୁଶାନ୍ତ ବେହେରା ନଦୀକୂଳରେ ଶବ ଦାହ କରିଥିଲେ।

### ଫାର୍ମାସିଷ୍ଟଙ୍କୁ ଧମକପୂର୍ଣ୍ଣ ଚିଠି

**ଅମରପାଲି, ୨୩।୧୧ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଯାଲୋଏ ଡାକ୍ତରଖାନାର ଫାର୍ମାଶିଷ୍ଟ ଲମ୍ବୋଦର ପିଙ୍ଗୁଆଙ୍କୁ ମିଳିଛି ଏକ ଧମକପୂର୍ଣ୍ଣ ଚିଠି। ଗତ ୧୭ତାରିଖରେ ତାଙ୍କୁ ଡାକ ଯୋଗେ ମିଳିଥିବା ଉକ୍ତ ଚିଠିରେ ଯାଲୋଏ ଡାକ୍ତରଖାନା ଛାଡି ଚାଲିଯିବାକୁ ଧମକ ଦିଆଯାଇଛି । ଯଦି ଡାକ୍ତରଖାନା ନ ଛାଡିଲେ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ଅପହରଣ କରି ହତ୍ୟା କରିବାର ଧମକ ଦିଆଯାଇଛି। ଚିଠି ପାଇବା ପରେ ପିଙ୍ଗୁଆ ଯାଲୋଏ ଡାକ୍ତରଖାନା ଅଧିକାରୀ ଡ. ମନ ପଣ୍ଡା, ଉଲୁଣ୍ଡା ଡାକ୍ତରଖାନା ଅଧିକାରୀ ଡା. ଆଶୁତୋଷ ମିଶ୍ରଙ୍କୁ ଜଣାଇଥିଲେ। ଡା. ମିଶ୍ରଙ୍କ ପରାମର୍ଶକ୍ରମେ ସେ ବୀରମହାରାଜପୁର ଥାନାରେ ଏତଲା ଦେଇଛନ୍ତି । ଯାଲୋଏ ରୋଗୀ କଲ୍ୟାଣ ସମିତିର ସଭାପତି ସୌଦାମିନୀ ଜାଲ, ସଭ୍ୟ ଶ୍ରୀବନ୍ତ ତ୍ରିପାଠୀ, ଘାସି ବସ୍ତିଆ, ମନ ପଧାନ, ଭୋଳାନାଥ ସାଗର, ରିଙ୍କୁ ଜାଲ, ସେନାପତି ପ୍ରଧାନଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଡାକ୍ତରଖାନାରେ ପହଞ୍ଚି ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ସୁରକ୍ଷା ପାଇଁ ଦାବି କରିଛନ୍ତି। ଥାନା ଏସଆଇ ସୁଦର୍ଶନ ଦେହୁରୀ ଚିଠିକୁ ଜବତ କରି ତଦନ୍ତ ଚଳାଇଛନ୍ତି ।

### ଶୀତଳଷଷ୍ଠୀ ପାର୍ବତୀ କମିଟି ବୈଠକ

**ବରପାଲି, ୨୩।୧୧ (ଡି.ଏନ.ଏ):** ବରପାଲି ଶୀତଳଷଷ୍ଠୀ ଯାତ୍ରାର ୧୪୪ତମ ବର୍ଷ ଅବସରରେ ଏଥର କନ୍ୟା ପିତା ପାଇଁ ଶଙ୍କରଲାଲ ଅଗ୍ରୱାଲ ମନୋନୀତ ହୋଇଛନ୍ତି । ଏ ନେଇ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ କଲେଜ ଛକ ହିମାଦ୍ରିନଗର ପାର୍ବତୀ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଯଦୁମଣି ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ କନ୍ୟାପିତା ଶଙ୍କର ଅଗ୍ରୱାଲ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିବା ସହ ଯାତ୍ରାକୁ ଅଧିକ ଆକର୍ଷଣୀୟ କିଭଳି କରାଯିବ ସେଥିପ୍ରତି ଆଲୋଚନା କରାଯାଇଥିଲା । ଏଥିରେ ସମ୍ପାଦକ ଅନୀଲ ଅଗ୍ରୱାଲ, ଗୋକୁଳ ଗହୀର, ବାଳ କିଶୋର ଖାଡଙ୍ଗା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ନଦୀଗର୍ଭରେ ପ୍ରାଚୀନ କୀର୍ତ୍ତିରାଜି

**ବଲାଙ୍ଗୀର ଅଫିସ, ୨୩।୧୧**



ଛେଲବାହାଲ ନିକଟ ସୁକ୍‌ତେଲ ନଦୀରୁ ଆବିଷ୍କୃତ ପ୍ରାଚୀନ ପ୍ରସ୍ତର କୀର୍ତ୍ତି ।

- ନବମ ଶତାବ୍ଦୀର ମନ୍ଦିର ଅନୁମାନ
- ସ୍ପଷ୍ଟ କରିପାରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ

ସୁକ୍‌ତେଲ ନଦୀଗର୍ଭରୁ ପ୍ରାଚୀନ ପ୍ରସ୍ତର ଖଣ୍ଡ ଆବିଷ୍କୃତ ହେବା ପରେ ତାହା ଉପରେ ନାନା ତର୍ଜମା ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୋପାଳପୁର-ଛେଲବାହାଲ ଗ୍ରାମ ନିକଟ କୁଶୁଙ୍ଗାଇ ଯୋର ସମ୍ମିଶ୍ରଣ ସ୍ଥଳର ସୁକ୍‌ତେଲ ନଦୀଗର୍ଭରୁ କିଛିଦିନ ତଳେ ଏପରି ଅନେକ ପ୍ରସ୍ତର ମିଳିଛି। ଛେଲବାହାଲ ଗ୍ରାମର ଶିବାନନ୍ଦ କର୍ମୀ ଓ ତାଙ୍କ ସାଙ୍ଗମାନେ ପ୍ରଥମେ ଏପରି ପଥର ଖଣ୍ଡ ଦେଖିବାକୁ ପାଇଥିଲେ। ଯେଉଁ ସ୍ଥାନରେ ପ୍ରସ୍ତର ଖଣ୍ଡ ଦେଖିବାକୁ ମିଳିଥିଲା ସେ ସ୍ଥାନରେ ବାଲି ଖୋଳିବା ପରେ ସେଠାରୁ ନିର୍ଦ୍ଦିଷ୍ଟ ଶୈଳୀର ଅନେକ ପ୍ରସ୍ତର ଖଣ୍ଡ ମିଳିଥିଲା। ଉକ୍ତ ପ୍ରସ୍ତର କୀର୍ତ୍ତିର ଫଟୋକୁ ଟୁଇଟ୍ କରି ଶିବାନନ୍ଦ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେଠାରେ ଏକ ପ୍ରାଚୀନ ମନ୍ଦିର ବା ଐତିହାସିକ ଢାଞ୍ଚା ରହିଥିବା ଅନୁମାନ କରାଯାଇଥିଲା। ଏ ସଂକ୍ରାନ୍ତରେ ନଭେମ୍ବର ୧୦ରେ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଏଯାବତ୍ ଏଠାରୁ ୨୩ଟି ପ୍ରସ୍ତର କୀର୍ତ୍ତି ଓ ୨୯ଟି ମକର୍ଡା ପଥର ଆବିଷ୍କୃତ ହୋଇଛି। କିଛି ଶିଳାଖଣ୍ଡର ଦୈର୍ଘ୍ୟ ଓ ପ୍ରସ୍ଥ ୧୪ ଇଞ୍ଚରୁ ୧୮ ଇଞ୍ଚ ରହିଛି। ପଥରରେ କଣା ରହିଛି ଓ କିଛି ପଥରକୁ ସ୍ୱତନ୍ତ୍ର ଶୈଳୀ ଓ ମାପରେ କଟାଯାଇଛି।

ସୁକ୍‌ତେଲ ନଦୀକୂଳରେ ପ୍ରାକ୍-ଐତିହାସିକ ଯୁଗରୁ ସଭ୍ୟତା ରହିଥିବା ଅନେକ ଐତିହାସିକ ମତ ଦେଇଛନ୍ତି। ଐତିହାସିକମାନଙ୍କ ବର୍ଣ୍ଣନାରେ ପ୍ରାଚୀନ ଶୁକ୍ତିମତୀ ନଦୀକୁ ବଲାଙ୍ଗୀର ଜିଲାରେ ପ୍ରବାହିତ ସୁକ୍‌ତେଲ ନଦୀ ବୋଲି ଚିହ୍ନଟ କରାଯାଇଛି। ଏହି ଶୁକ୍ତିମତୀ ନଦୀକୂଳରେ ଏକ ଉନ୍ନତ ନଗର ସଭ୍ୟତା ଶୁକ୍ତିମତୀପୁର ରହିଥିବା ଐତିହାସିକ ବିବରଣୀ ରହିଛି। ଛେଲବାହାଲ ନିକଟ ସୁକ୍‌ତେଲ ନଦୀର ଯେଉଁ ସ୍ଥାନରୁ ଏବେ ପ୍ରାଚୀନ ପ୍ରସ୍ତର କୀର୍ତ୍ତି ଆବିଷ୍କୃତ ହୋଇଛି ସେଠାରୁ ପ୍ରାୟ ୫ରୁ ୬ କିଲୋମିଟର ଦୂର ସୁକ୍‌ତେଲ ନଦୀ କୂଳ ଲୋକାପଡା ଗ୍ରାମ ନିକଟରେ ଏକ ପ୍ରାଚୀନ ଜନବସତିର ଅବଶେଷକୁ କିଛିବର୍ଷ ପୂର୍ବରୁ ଐତିହାସିକ ଡ. ସନାନନ୍ଦ ଅଗ୍ରୱାଲ ଉଦ୍ଧାର କରିଥିଲେ । ସେଠାରୁ ନନ୍ଦ, ମୌର୍ଯ୍ୟ ଓ ମୌର୍ଯ୍ୟୋତ୍ତରକାଳୀନ ରୌପ୍ୟ ମୁଦ୍ରା ଆବିଷ୍କୃତ ହୋଇଥିଲା। ସୁକ୍‌ତେଲ ନଦୀକୂଳରେ ଥିବା ପୁଆ, ଲୋକାପଡା, କୁଲଥିପାଲି, ମେରଣ୍ଡାଗଡ, ବିଲେଇଗଡ, ପିପିର୍ଡା, ସାଉନ୍ତପୁର ଓ ଗୋପାଳପୁର ଅଞ୍ଚଳର ଅନେକ ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଗୁରୁତ୍ୱ ରହିଥିବା ସର୍ବେକ୍ଷଣରୁ ସ୍ପଷ୍ଟ ହୋଇସାରିଛି । ପ୍ରାକ୍-ଐତିହାସିକ ସଭ୍ୟତାଠାରୁ ଆରମ୍ଭ କରି ଚତୁର୍ଥ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଅନେକ ଜନପଦ ଓ ରାଜବଂଶର ଶାସନାଧୀନ ରହିଥିଲା । ତେବେ ସୋମବଂଶୀ ଶାସନ କାଳରେ ଏହି ଅଞ୍ଚଳରେ ଅନେକ ସ୍ୱତନ୍ତ୍ର ଧରଣର ମନ୍ଦିର ଓ ଐତିହାସିକ କୀର୍ତ୍ତି ସ୍ଥାପନ ହୋଇଥିଲା। ଛେଲବାହାଲ ନିକଟ ସୁକ୍‌ତେଲ ନଦୀକୂଳରୁ ମିଳିଥିବା ପ୍ରାଚୀନ ପ୍ରସ୍ତରର ଗଠନ ଢ଼ାଞ୍ଚା କୋଶଲୀ ଶୈଳୀର ବୋଲି ଅନୁମାନ କରାଯାଉଛି। ଐତିହାସିକ ଡ. ଅଗ୍ରୱାଲ ତାଙ୍କ ଐତିହାସିକ ପୁସ୍ତକ କୋଶଳ ଇତିହାସ ଓ ଅନ୍ୟାନ୍ୟ ପ୍ରବନ୍ଧରେ କୋଶଳାଞ୍ଚଳର ଯେଉଁ ସ୍ୱତନ୍ତ୍ର ଶୈଳୀର ମନ୍ଦିର କଥା ଉଲ୍ଲେଖ କରିଛନ୍ତି ଛେଲବାହାଲ ନିକଟରୁ ଆବିଷ୍କୃତ ପ୍ରାଚୀନ କୀର୍ତ୍ତି ସେଭଳି ଧରଣ ବୋଲି କୁହାଯାଇଛି ।

ରାଣୀପୁର-ଝରିଆଲ, ହରିଶଙ୍କର-ନୃସିଂହନାଥ, ଖର୍ଲିଗଡ ଅଞ୍ଚଳର ପ୍ରାଚୀନ ପ୍ରସ୍ତର କୀର୍ତ୍ତି ସହ ଏଠାକାର ପ୍ରସ୍ତର କୀର୍ତ୍ତିର ସାମଞ୍ଜସ୍ୟ ରହିଥିବା ଦେଖାଯାଇଛି। ଐତିହାସିକ ଡ. ଶିବପ୍ରସାଦ ନନ୍ଦ ଆବିଷ୍କୃତ ପ୍ରସ୍ତର କୀର୍ତ୍ତିକୁ ଅଷ୍ଟମ-ନବମ ଶତାବ୍ଦୀର ବୋଲି ଅନୁମାନ କରିଛନ୍ତି । ସୋମବଂଶୀ ଶାସନ କାଳର ଏହା ଏକ ମନ୍ଦିର ବା ପ୍ରାଚୀନ ଢାଞ୍ଚା ହୋଇପାରେ । ଏହି ଅଞ୍ଚଳରେ ଏକ ଉନ୍ନତ ସଭ୍ୟତା ସମ୍ପର୍କରେ ବହୁ ଐତିହାସିକ ତଥ୍ୟ ରହିଥିବାରୁ ଏଠାରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରାଗଲେ ଅନେକ ନୂଆ ଓ ମୂଲ୍ୟବାନ୍ ସୂଚନା ମିଳିପାରିବ ବୋଲି ସେ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ୧୯୮୧ ପର୍ଯ୍ୟନ୍ତ ସୁକ୍‌ତେଲ ନଦୀ ଏଠାରେ ଏତେ ଓସାରିଆ ନ ଥିଲା। ୧୯୮୨ ବନ୍ୟାରେ ଏହି ନଦୀ କୂଳଖାଇ ଓସାରିଆ ହୋଇଥିଲା । ଯେଉଁଠାରେ ଏବେ ପ୍ରାଚୀନ କୀର୍ତ୍ତି ଉଦ୍ଧାର ହୋଇଛି ସେଠାରେ ଏକ ପ୍ରାଚୀନ ମନ୍ଦିର ରହିଥିବା ଲୋକେ ଅନୁମାନ କରୁଛନ୍ତି। ଚଳିତବର୍ଷ ଜଳସ୍ରୋତ ସୁକ୍‌ତେଲ ନଦୀ ମଝିର ବାଲିକୁ ଖୋଳି ଦେବାରୁ ଏହି ପ୍ରାଚୀନ କୀର୍ତ୍ତି ଆବିଷ୍କୃତ ହୋଇଥିବା ଲୋକେ କହିଛନ୍ତି । ଏବେ ମଧ୍ୟ ବହୁ ପ୍ରସ୍ତର କୀର୍ତ୍ତି ନଦୀ ବାଲିରେ ପୋତି ହୋଇଥିବା କୁହାଯାଉଛି। ପ୍ରାଚୀନ କୀର୍ତ୍ତି ଆବିଷ୍କୃତ ହେବା ପରେ ପ୍ରତ୍ୟହ ଏଠାକୁ ଦେଖଣାହାରୀଙ୍କ ସୁଅ ଛୁଟିଛି। ସେଠାରେ ପୂଜାର୍ଚ୍ଚନା ବି ଆରମ୍ଭ ହୋଇଯାଇଛି । ନଦୀଗର୍ଭରେ କି ଭଳି ଏକ ପ୍ରାଚୀନ ମନ୍ଦିର ବା ଢ଼ାଞ୍ଚା ରହିଥିଲା ତାକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଛି। ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଆବିଷ୍କୃତ ସ୍ଥାନ ପରିଦର୍ଶନ କରି ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ପାଇଁ ସରକାରଙ୍କୁ ଚିଠି ଲେଖିଛନ୍ତି। ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ କୀର୍ତ୍ତିସ୍ଥଳ ପରିଦର୍ଶନ କରିଛନ୍ତି। ନଦୀପଠାରେ ପ୍ରସ୍ତର କୀର୍ତ୍ତିଗୁଡିକ ପଡିଥିବାରୁ ଏହା ଚୋରି ବା ଇତସ୍ତତଃ ହେବାର ଆଶଙ୍କା ରହିଛି। ଚତୁର୍ଭୁଜ ଭୋଇ ନାମକ ଜଣେ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ସେଠାରେ ରହି ପହରା ଦେଉଥିବା କହିଛନ୍ତି। ଏହି ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନ ଓ ସର୍ବେକ୍ଷଣ ଶୀଘ୍ର କରାଯିବାକୁ ଦାବି ହେଉଛି।

**ରିପୋର୍ଟ: ବୀରେନ୍ଦ୍ର କୁମାର ଝାଙ୍କର**

## ସୁନା କାରିଗରଙ୍କ ଗଳିତ ମୃତଦେହ ଉଦ୍ଧାର

**ଦେଓଗାଁ, ୨୩।୧୧(ଡି.ଏନ.ଏ)**

- ଟିପାକାନୀ ଜଙ୍ଗଲରୁ ଠାବ
- ବାଇକ ଉଦ୍ଧାର କଲା ପୋଲିସ

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ହାତିସରାର ନିଖୋଜ ଯୁବ ସୁନା କାରିଗର ଗଜାନନ ମେହେରଙ୍କ ଗଳିତ ମୃତଦେହ ଦେଓଗାଁ ଓ ପାଟଣାଗଡ ଥାନା ସୀମାନ୍ତ ମୁଦଘାଟ-ଟିପାକାନୀ ଜଙ୍ଗଲରୁ ସୋମବାର ଉଦ୍ଧାର କରାଯାଇଛି। ନିଖୋଜର ୧୭ଦିନ ପରେ ଠାବ କରାଯାଇଥିବା ମୃତଦେହର କିଛି ଦୂରରେ ତାଙ୍କ ବାଇକ (ନଂ. ଓଡି୦୩ବି୭୬୪୫), ୨ଟି ଏଟିଏମ କାର୍ଡ, ବାଇକ ରେଜିଷ୍ଟ୍ରେସନ କାର୍ଡକୁ ପୋଲିସ ଜବତ କରିଛି ।

ଶନିବାର ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବର ପାଇ ଦେଓଗାଁ ଥାନାଧିକାରୀ ରଞ୍ଜନ କୁମାର ବରିହା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଠାବ କରିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ସୋମବାର ସକାଳେ ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ପାଟଣାଗଡ ଥାନାଧିକାରୀ ପ୍ରିୟଙ୍କା ରାଉତରାଏ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଥିଲା ।

ସୂଚନାନୁସାରେ ଗତ ୫ ତାରିଖ ସକାଳୁ ଗଜାନନ ତାଙ୍କ ମାଙ୍କୁ ପାଟଣାଗଡ ଯାଉଛି କହି ଘରୁ ବାହାରିଥିଲେ। ବାଟରେ ଶିବତଲାରୁ ତାଙ୍କ ବଡଭାଇ ଗୌତମ ମେହେରଙ୍କୁ ଶିର ରଣା ନାମକ ଜଣେ ବ୍ୟକ୍ତିଙ୍କ ସହ ଜଳଖିଆ ଖାଉଛି ବୋଲି କହିଥିଲେ। ହେଲେ ସେଦିନ ଘରକୁ ନ ଫେରିବାରୁ ପରିବାର ଲୋକେ ୬ ତାରିଖରେ ଗଜାନନ ନିଖୋଜ ହୋଇଥିବା ଅଭିଯୋଗ କରିଥିଲେ। ୯ ତାରିଖରେ ବଡଭାଇ ଗୌତମ ତାଙ୍କ ଭାଇ ଗଜାନନଙ୍କୁ ଶିର ରଣା ଅପହରଣ କରିନେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ତନଘନା ଜାରୀ ରଖିଥିଲେ। ସୋମବାର ମୃତଦେହ ମିଳିବା ପରେ ଏହା ଗୁପ୍ତଧନ (ହଣ୍ଡା) କାରବାରକୁ ନେଇ ହତ୍ୟା ହୋଇଥିବା ପରିବାରବର୍ଗ ସନ୍ଦେହ କରୁଥିବା ବେଳେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।



ଗଜାନନଙ୍କ ଫାଇଲ ଫଟୋ।



ଟିପାକାନୀ ନିକଟ ଜଙ୍ଗଲରେ ପୋଲିସ ଓ ସାଇଣ୍ଟିଫିକ ଟିମ ଛାନଭିନ କରୁଛି ।

## ପ୍ରଶାସନ ପାଖରେ ଫେରାଦ ଅଞ୍ଚଳବାସୀ

**ସମ୍ବଲପୁର,୨୩।୧୧(ବ୍ୟୁରୋ)**

ସମ୍ବଲପୁର ମୁଦିପଡାରେ ଟାଉନ ନିର୍ମାଣ କାମ କୌଣସି କାରଣରୁ ଏବେ ବନ୍ଦ କରି ଦିଆଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୯ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଗଭୀର ଗାତ ଖୋଳିବା ସହ ପିଲର କାମ ହୋଇଛି। ଏବେ କୃତିମ ପୋଖରୀକୁ ପୋତି ଦିଆଯାଉ ବୋଲି ଅଞ୍ଚଳବାସୀ ପ୍ରଶାସନର ପାଖରେ ଦାବି କରିଛନ୍ତି। ଅଭିଯୋଗକ୍ରମେ ଗାତ ଖୋଳି ଚତୁଃପାର୍ଶ୍ୱରେ ଲୁହାଛଡ, କଲମ ଉପରକୁ ଉଠି ରହିଛି । ପ୍ରକଳ୍ପ ସମ୍ମୁଖରେ ପ୍ରତିଦିନ ପନିପରିବା ବଜାର ବସୁଛି। ଏଥିସହ ପ୍ରକଳ୍ପର ୩ଟି ପାର୍ଶ୍ୱରେ ପୂର୍ବରୁ ରହିଥିବା ମାର୍କେଟ କମ୍ପ୍ଲେକ୍ସକୁ ସାମଗ୍ରୀ କିଣିବାକୁ ଜନସାଧାରଣ ଅଣଓସାରିଆ ରାସ୍ତାରେ ଯିବାଆସିବା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ବନ୍ଦ ହୋଇଥିବା ପ୍ରକଳ୍ପକୁ ମାଟିରେ ପୋତିବା ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ଦୀର୍ଘ ଦିନ ହେବ ଦାବି କରି ଆସୁଛନ୍ତି । କିନ୍ତୁ ପରିତାପର ବିଷୟ ପୂର୍ତ୍ତ ବିଭାଗ ଭଲ ଭାବେ ବ୍ୟାରିକେଟ ମଧ୍ୟ କରିନାହାନ୍ତି । ଗତ ଦୁଇ ଦିନ ତଳେ ପ୍ରକଳ୍ପର ଚତୁଃପାର୍ଶ୍ୱରେ ନାଲି ଫିତା ଦେଇ ଚୁପ ରହି ବସିଛନ୍ତି । ଶୀଘ୍ର ଗାତକୁ ପୋତି ଦିଆଯାଉ ବୋଲି ଦାବି କରିଛନ୍ତି ବିବେକାନନ୍ଦ ମହାନ୍ତି, ରାଧେଶ୍ୟାମ ଅଗ୍ରୱାଲ, ମହମ୍ମଦ ଆବିଦ,ନବଜୁତ ସିଂ ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

## ୧୨ ଘଣ୍ଟିଆ ଉଲୁଣ୍ଡା ବନ୍ଦ



ଉଲୁଣ୍ଡା ବନ୍ଦରେ ସାମିଲ ଆନ୍ଦୋଳନକାରୀ ।

**ଉଲୁଣ୍ଡା, ୨୩।୧୧ (ଡି.ଏନ.ଏ)**

### ଉପନିବନ୍ଧକ କାର୍ଯ୍ୟାଳୟ ସ୍ଥାପନ ଦାବି

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକରେ ଉପନିବନ୍ଧକ କାର୍ଯ୍ୟାଳୟ ସ୍ଥାପନ ଦାବି କରି ସୋମବାର ଉଲୁଣ୍ଡାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ପାଳନ ଦ୍ୱାରା ଉଲୁଣ୍ଡା ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମଧ୍ୟ ଖୋଲି ନ ଥିଲା। ଏପରିକି ସୋନପୁର-ସମ୍ବଲପୁର ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଉଲୁଣ୍ଡା ବ୍ଲକ ସଚେତନ ନାଗରିକ ମଞ୍ଚର ହିମାଂଶୁ ପାଣିଗ୍ରାହୀ, ରାଜେନ୍ଦ୍ର ହୋତା, ରାମପ୍ରସାଦ ପଣ୍ଡା, ରାଧାକାନ୍ତ ମହାକୁର ପ୍ରମୁଖଙ୍କ ଆବାହକତ୍ୱରେ ଦୀର୍ଘଦିନ ଧରି ସ୍ଥାନୀୟ ତହସିଲ ଅଫିସରେ ଧାରଣା ଦିଆଯାଉଥିଲା। ହେଲେ ସୋମବାର ଏହି ଆନ୍ଦୋଳନ ତୀବ୍ର ରୂପ ନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିଷଣ କୁମ୍ଭାର, ଅରୁଣ ମହାନନ୍ଦ, ଆନନ୍ଦ ବାରିକ, ଲକ୍ଷ୍ମୀବଲ୍ଲଭ ପ୍ରଧାନ, ଦୀନବନ୍ଧୁ ଜଗଦଲା, ମନୋରଞ୍ଜନ ମହାକୁର, ଅନୀଲ ବାଘ ପ୍ରମୁଖ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ। ଉଲୁଣ୍ଡାରେ ସବ୍‌ରେଜିଷ୍ଟ୍ରି ଅଫିସ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି।

## ୱେସ୍କୋ ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ୍‌ର ବୈଠକ

**ସମ୍ବଲପୁର, ୨୩।୧୧ (ବ୍ୟୁରୋ)**

ୱେସ୍କୋ ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ୍‌ର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ପାନ୍ଥ ନିବାସ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତ କୁମାର ଦୋରା ସଭାପତି, ଆଶିଷ କୁମାର ପଣ୍ଡା ଉପସଭାପତି, ଜଗନ୍ନାଥ ବାରିକ ସମ୍ପାଦକ, ଶଙ୍କର ବେହେରା ଯୁଗ୍ମ ସମ୍ପାଦକ, ଦିପକ ରାଉତ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ବଲପୁର ଜୋନରୁ ସମ୍ପାଦକ ଭାବେ ରଞ୍ଜିତ ଗାୟା, ରାଉରକେଲାରୁ ସଞ୍ଜିବ ମହାନ୍ତି, ଭବାନୀପାଟଣାରୁ ସନ୍ତୋଷ ପୂଜାରୀ, ବଲାଙ୍ଗୀରରୁ କମଳେଶ ପ୍ରଧାନ, ବରଗଡରୁ ଏସ୍ ବେହେରା ନିର୍ବାଚିତ ହୋଇଛନ୍ତି ।




ୱେସ୍କୋ ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ୍ ସାଧାରଣ ପରିଷଦ ବୈଠକରେ ନୂତନ ଭାବେ ନିର୍ବାଚନ କର୍ମକର୍ତ୍ତା ଓ ସଭ୍ୟମାନେ ।

## କଟ୍‌ନି ଛଟ୍‌ନି ପ୍ରତିବାଦରେ ଚାଷୀଙ୍କ ଧାରଣା

**ଭବାନୀପାଟଣା, ୨୩।୧୧ (ଡି.ଏନ.ଏ.)**



ଥୁଆପଦର ପ୍ୟାକ୍ସ ସମ୍ମୁଖରେ ସୋମବାର ଚାଷୀମାନେ ଧାରଣାରେ ବସିଛନ୍ତି।

### ଥୁଆପଦର ପ୍ୟାକ୍ସରେ ଦଲାଲରାଜ

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଥୁଆପଦର ପ୍ୟାକ୍ସ ସମ୍ମୁଖରେ କଟନିଛଟନିକୁ ବିରୋଧ କରି ସୋମବାର ଚାଷୀମାନେ ଗଣଧାରଣାରେ ବସି ଏହାର ପ୍ରତିବାଦ କରିଛନ୍ତି। ଭବାନୀପାଟଣା ସଦର ବ୍ଲକ ଥୁଆପଦର ପଞ୍ଚାୟତ ଅନ୍ତର୍ଗତ ଥୁଆପଦର, ତେନ୍ତୁଲିଖୁଣ୍ଟି, ଡଙ୍ଗୁରୀପଦର, ଭୀମଡଙ୍ଗା, କୁସୁମଖୁଣ୍ଟି ଓ ଗୋଇପିଟା ଗ୍ରାମରେ ସ୍ୱଳ୍ପବୃଷ୍ଟି ଯୋଗୁ ଚଳିତ ଖରିଫ ଚାଷ ବ୍ୟାପକ ଭାବେ କ୍ଷତିହୋଇଛି। ଏପରିକି ଅନେକ ଚାଷ ଜମିରେ ଗାଈ, ଗୋରୁ ଛାଡିଦେବା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨୦ ବର୍ଷ ପରେ ପ୍ରଥମ ଥର ପାଇଁ ଏପରି ମରୁଡିର ସମ୍ମୁଖୀନ ହୋଇଥିବା ଚାଷୀମାନେ କହିଛନ୍ତି। ଥୁଆପଦର ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ତଥା ଧାନ ମଣ୍ଡି ବନ୍ଦ କରିବା ଦାବି ନେଇ ପଞ୍ଚାୟତ ଚାଷୀ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ସୋମବାର ଚାଷୀ ସଂଘ ପକ୍ଷରୁ ଥୁଆପଦର ପ୍ୟାକ୍ସ କାର୍ଯ୍ୟାଳୟ ସମ୍ମୁଖରେ ଧାନ ମଣ୍ଡି ବନ୍ଦ ଓ ମରୁଡି ଘୋଷଣା ଦାବିରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବା ନେଇ ଜିଲାପାଳ, ଉପଜିଲାପାଳ, ବିଡିଓ, ସଦର ଥାନା ଅଧିକାରୀ ତଥା ଥୁଆପଦର ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଚାଷୀ ସଂଘ ଅବଗତ କରିଛନ୍ତି। ପ୍ରକାଶ ଯେ, ଥୁଆପଦର ପ୍ୟାକ୍ସ ଧାନ ମଣ୍ଡିରେ ଅସାଧୁ ବ୍ୟବସାୟୀ ତଥା ଗ୍ରାମ ପଞ୍ଚାୟତ ବାହାର ଚାଷୀମାନେ ଚୋରାରେ ଧାନ ଆଣି ବିକ୍ରି କରିଥାନ୍ତି। ଏହାଦ୍ୱାରା ପ୍ରକୃତ ଚାଷୀମାନଙ୍କ କ୍ଷତି ହେବା ସହ ସେମାନେ ଧାନ ବିକ୍ରି କରିବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏଥିସହ ଧାନ ମାପ ଯନ୍ତ୍ରରେ ଚାଷୀମାନଙ୍କ ବ୍ୟାପକ ଠକେଇ କରାଯାଉଥିବା ଏବଂ ଏଥିରେ ବିଭାଗୀୟ ଅଧିକାରୀମାନଙ୍କ ଭିତିରି ବୁଝାମଣା ଥିବା ଅଭିଯୋଗ ହୋଇଆସୁଛି। ଏଫ୍‌ଏକ୍ୟୁ ଆଳରେ ଚାଷୀମାନଙ୍କଠାରୁ କୁଇଣ୍ଟାଲ ପିଛା ଧାନ ପ୍ରତି ୭ ରୁ ୮ କେଜି କଟ୍‌ନି ଛଟ୍‌ନି କରୁଥିବା ଅଭିଯୋଗ କରି ଚାଷୀ ସଂଘ ଦୃଢ଼ ବିରୋଧ କରିଆସୁଛି।

## କାର ସହ ୬୦ କେଜି ଗଞ୍ଜେଇ ଜବତ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ପୋଲିସ ଚୋରା ଚାଲାଣ ହେଉଥିବା ୬୦ କେଜି ଗଞ୍ଜେଇ ଜବତ କରିଛି। ରବିବାର ରାତିରେ ଓଡି-୨୭-ବି-୪୬୫୦ ନମ୍ବର କାରରେ ଏହା ଚାଲାଣ ହେଉଥିବା ଖବର ପାଇ ପୋଲିସ ପିଛା କରିଥିଲା। ଚାଳକ ମହାନଦୀ ବ୍ରିଜ ଉପରେ କାର ଛାଡି ଫେରାର ହୋଇଯାଇଥିଲେ। ସେଥିରୁ ୩ଟି ଜରି ବସ୍ତାରେ ଥିବା ଗଞ୍ଜେଇ ଓ କାର ଜବତ ହୋଇଛି।

## ସଂକ୍ଷେପରେ

### ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ଦାବି

**ଦେଓଗାଁ,୨୩।୧୧ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସୋନଗଡ ନଦୀ ଉପରେ ଭୂତିଆରବାହାଲ ଓ ଅନ୍ତର୍ଲାଠାରେ ବ୍ୟାରେଜ ନିର୍ମାଣ ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ପୂର୍ବତନ ଏମ୍‌ପି କଳିକେଶ

**ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ପୂର୍ବତନ ଏମ୍‌ପି**

ନାରାୟଣ ସିଂଦେଓ। ଲେଖିଥିବା ପତ୍ରରେ ପ୍ରଥମ ପର୍ଯ୍ୟାୟରେ ଦେଓଗାଁ ବ୍ଲକର ଅନ୍ତର୍ଲା ନିକଟସ୍ଥ ସୋନଗଡ ନଦୀ ଉପରେ ବ୍ୟାରେଜ ନିର୍ମାଣ ଓ ଭୂତିଆରବାହାଲ ନିକଟରେ ବ୍ୟାରେଜ ନିର୍ମାଣ କରିବାକୁ ଦାବି ଉପସ୍ଥାପନ କରିଛନ୍ତି। ଏଥିରେ ଦେଓଗାଁ ବ୍ଲକ ସମେତ ବଲାଙ୍ଗୀର ସଦର ବ୍ଲକର ଭୂତିଆରବାହାଲ, ନୁନିଆଡ଼ିପା, ନାରାୟଣପୁର କୁଠୁର୍ଲା ସମେତ ନିକଟବର୍ତ୍ତି ଗାଁର ଚାଷୀ ଉପକୃତ ହେବେ। ସେହିପରି ଦେଓଗାଁ ବ୍ଲକର ୧୩ନଂ ଜୋନ ମୁକୁନ୍ଦପୁର, ଅର୍ଜୁନପୁର, କୁଲୁତାପଡା, ବଡବାହାଲ,ଗୁଡଖାପଲା ଆଦି ୫ଟି ପଞ୍ଚାୟତର ୨୬ଟି ଗାଁକୁ ବିଶୁଦ୍ଧ ପାନୀୟ ଜଳ ପାଇଁ ମେଗା ଜଳ ଯୋଗାଣ ଯୋଜନାରେ ସାମିଲ କରି ପ୍ରତ୍ୟେକ ପରିବାରକୁ ପାନୀୟ ଜଳ ଯୋଗାଇ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

### ପ୍ରାଣୀଧନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ବିନିକା,୨୩।୧୧(ଡି.ଏନ୍.ଏ.)**-ସୁବର୍ଣ୍ଣପୁର ଜିଲା ବିନିକା ପ୍ରାଣୀଧନ କାର୍ଯ୍ୟାଳୟ ଓ ଉପକେନ୍ଦ୍ରର କର୍ମଚାରୀମାନେ ବିଭିନ୍ନ ଦାବି ନେଇ ସୋମବାର କଳାବ୍ୟାଜ୍ ପରିଧାନ କରିଥିଲେ। ଦାବିଗୁଡିକ ମଧରେ ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ଚିକିତ୍ସା କେନ୍ଦ୍ରଗୁଡିକରେ ପ୍ରାଣୀ ଚିକିତ୍ସକଙ୍କୁ ଡାଟା ଏଣ୍ଟ୍ରି କାର୍ଯ୍ୟରେ ନିୟୋଜିତ ନ କରିବା ଓ ସମସ୍ତ ପ୍ରାଣୀ ଚିକିତ୍ସକଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ଆଦି ଦାବି ରହିଛି। ଡ. ନୃସିଂହ ଚରଣ ସାହୁ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. କମଲ ପଧାନ, ଡ. ସନ୍ତୋଷ କୁମାର ସ୍ୱାଇଁ, ସିଂଘିଯୁବା ପ୍ରାଣୀ ଉପକେନ୍ଦ୍ରର ଡ. କିଶୋର ଭୋଇଙ୍କ ସହ ବିନିକାର ସମସ୍ତ ପ୍ରାଣୀକେନ୍ଦ୍ର କର୍ମଚାରୀ ଅଫିସରେ କଳାବ୍ୟାଜ୍ ପରିଧାନ କରିଥିବା ଦେଖିବାକୁ ମିଳିଥିଲା।

### ଅନ୍‌ଲାଇନରେ ଆନ୍ଧ୍ର ବି.ଇଡି. ପରୀକ୍ଷା ଦାବିକଲେ ଛାତ୍ରୀଛାତ୍ର

**ଲୋଇସିଂହା, ୨୩।୧୧(ଡି.ଏନ.ଏ):** ନଭେମ୍ବରରେ ବାତିଲ ପରେ ଡିସେମ୍ବରରେ ଆନ୍ଧ୍ର ବିଶ୍ୱବିଦ୍ୟାଳର ବି.ଇଡି. ପରୀକ୍ଷା ଅନଲାଇନରେ କରିବାକୁ ଆନ୍ଧ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆଗକୁ ଶୀତ ବଢିଲେ କରୋନା ସଂକ୍ରମଣ ଭୟ ଆଶଙ୍କା କରି ପଶ୍ଚିମାଞ୍ଚଳର ଛାତ୍ରୀଛାତ୍ରମାନେ ଅନଲାଇନରେ ପରୀକ୍ଷା କରିବାକୁ ଦାବି କରିଛନ୍ତି। କରୋନାକୁ ଆଖି ଆଗରେ ରଖି ଓଡିଶା ସରକାର ଆନ୍ଧ୍ର ସରକାର ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଛାତ୍ରୀଛାତ୍ର ଓ ଅଭିଭାବକ ଅନୁରୋଧ କରିଛନ୍ତି।

### ଉଠାଦୋକାନୀ ସଂଘ କମିଶନରଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୨୩।୧୧(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନଙ୍କୁ ଉଠାଦୋକାନି ସଂଘ ସଦସ୍ୟ ସୋମବାର ଭେଟି ଦାବି କରିଛନ୍ତି। ବାରମ୍ବାର ଉଠାଦୋକାନୀମାନଙ୍କୁ ସ୍ଥାନାନ୍ତରିତ କରା ନ ଯାଉ ବୋଲି ଦାବି କରିଥିଲେ। କୋଭିଡ୍ ସମୟରେ ଗୋଲବଜାରରେ ବସୁଥିବା ଉଠାଦୋକାନୀମାନଙ୍କୁ ମନ୍ଦଲିଆ ପଡିଆ, ଧନୁପାଲି, ଅଇଁଠାପାଲି ଆଦି ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ମନ୍ଦଲିଆ ପଡିଆରେ ବଜାର ଏବେ ବନ୍ଦ ହୋଇଯାଇଛି। ଏବେ ଅନ୍ୟ ସ୍ଥାନରେ ଭଲ ରୋଜଗାର ହେଲା ନାହିଁ। ତେଣୁ କେତେକ ଉଠାଦେକାନୀ ପୂର୍ବ ଭଳି ସହର ଭିତର କେତେକ ସ୍ଥାନରେ ବସି ରୋଜଗାର କରୁଛନ୍ତି। ପୁଣି ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଛି। ଏହାକୁ ବନ୍ଦ କରାଯାଉ ଏବଂ ସ୍ଥାୟୀ ମାର୍କେଟଗୁଡିକ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ କୋହଳ କରାଯାଉ ବୋଲି ଦାବି କରିଥିଲେ। କୋଭିଟ କଟକଣା ପାଳନ କରି ଦୋକାନୀମାନେ ବ୍ୟବସାୟ କରିବେ ନ ହେଲେ ଆଇନ ଅନୁସାରେ ଦଣ୍ଡ ମଧ ଦିଆଯାଉ ବୋଲି ଦାବି ସଂଘ ସଭାପତି ସତିଶ ବିଶି କହିଛନ୍ତି।

# ଭବ୍ୟ ମନ୍ଦିର ନିର୍ମାଣ ନେଇ ଅନିଶ୍ଚିତତା

**ସୋନପୁର,୨୩।୧୧(ନି.ପ୍ର.)**






ଚତୁର୍ଦ୍ଧାମୂର୍ତ୍ତି ଅସ୍ଥାୟୀ ଘରେ ପୂଜା ପାଉଛନ୍ତି(ବାମ)। ମନ୍ଦିର ନିର୍ମାଣ ପାଇଁ ଫଳକ।

ସୁବର୍ଣ୍ଣପୁର ଜିଲା ଛଲିଆ ପାହାଡରେ ଜଗତରନାଥ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। ଯାହାକି ପ୍ରାମାଣିକ ତଥ୍ୟ ଭାବେ ମାଦଳା ପାଞ୍ଜି ସମେତ ବହୁ ଐତିହାସିକ ସ୍ୱୀକୃତି ରହିଛି। ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଉଲୁଣ୍ଡା ବ୍ଲକର କୋଟସମଲେଇସ୍ଥିତ ପାହାଡରେ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ପ୍ରସ୍ତାବ ରହିଛି। ଏଠାରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୨୦୧୨ ଜୁଲାଇ ୫ରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଭୂମିପୂଜା କରିଥିଲେ। ତେବେ ଏହି ପ୍ରସ୍ତାବ ଫାଇଲର ନାଲିଫିତା ତଳେ ଚାପି ହୋଇ ରହିଥିବାରୁ ମନ୍ଦିର ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି।

ପାତାଳି ଶ୍ରକ୍ଷେତ୍ରରେ ନିର୍ମିତ ହେବାକୁ ଥିବା ମନ୍ଦିରର ଗର୍ଭ ଗୃହ ଓ ମୁଖଶାଳା ନିର୍ମାଣ ପାଇଁ ପ୍ରାୟ ୪ କୋଟି ଟଙ୍କାର ବ୍ୟୟ ଅଟକଳ ଥିଲା। ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହା ଅନୁମୋଦିତ ହୋଇଥିଲା। ପରିତାପର ବିଷୟ ଇତିମଧ୍ୟରେ ୫ବର୍ଷ ହୋଇ ସାରିଲାଣି। କିନ୍ତୁ ରାଜ୍ୟ ସଂସ୍କୃତି ବିଭାଗ ଏହି ମନ୍ଦିର ନିର୍ମାଣ ପାଇଁ ଆଦୌ ତତ୍ପର ନହେବା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି।

ଶ୍ରୀମନ୍ଦିର ବୈଷୟିକ କମିଟି ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ଓ ଜଗମୋହନ ନିର୍ମାଣ ସକାଶେ ସ୍ଥାନ ପରିଦର୍ଶନ କରିଥିଲେ। ସ୍ଥପତି ଭବାନୀଶଙ୍କର ମିଶ୍ର ୪ କୋଟି ଟଙ୍କା ବିନିମୟରେ ମନ୍ଦିର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ପାଇଁ ଅନୁରୋଧ କରା ଯାଇଥିଲା। ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଯୋଜନା ଅନୁସାରେ ପଥର ଖୋଦେଇ ରେଖା

**ଅବହେଳିତ ପାତାଳି ଶ୍ରୀକ୍ଷେତ୍ର**

ପାଇଁ ୧ କୋଟି ୩୪ ଲକ୍ଷ ୩୧ ହଜାର ୨ ଶହ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଜଗମୋହନ ନିର୍ମାଣ ପାଇଁ ୯୧ ଲକ୍ଷ ୨୮ ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ନାଟ ମଣ୍ଡପ ନିର୍ମାଣ ପାଇଁ ୭୧ ଲକ୍ଷ ୩୮ ହଜାର ୪ଶହ ଟଙ୍କା, ଲକ୍ଷ୍ମୀ ଓ ବିମଳା ମନ୍ଦିର ପାଇଁ ୨୭ ଲକ୍ଷ ୬୩ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୫ ଲକ୍ଷ ୮୦ ହଜାର ଟଙ୍କାର ବ୍ୟୟ ଅଟକଳ ଥିଲା। ଏହିପରି ମୋଟ ୩ କୋଟି ୯୮ ଲକ୍ଷ ୩୪ ହଜାର ୬ ଶହ ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଗତ ୨୦୧୪ ମେ ୮ ତାରିଖରେ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପସ୍ଥାପନ କରାଯାଇଥିବା ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ସୁବର୍ଣ୍ଣପୁର ଜିଲା ସଂସ୍କୃତି ବିଭାଗକୁ ଆସିଥିବା ପତ୍ରସଂଖ୍ୟା ୬୨୪୧/୨/୨୦୧୪ ତା ୨।୬।୨୦୧୪ରିଖ ଅନୁସାରେ ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ସ୍ଥାନ ନିରୂପଣ ତଥା ଅନ୍ୟାନ୍ୟ ପଦକ୍ଷେପ ସମ୍ପର୍କରେ ମନ୍ଦିର ପ୍ରଶାସନ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଜଣାଇଥିଲେ। ଚିଠି ପାଇବା ପରେ ପାତାଳି ଶ୍ରୀକ୍ଷେତ୍ରର ଆବଶ୍ୟକ ସ୍ଥାନ ନିରୂପଣ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୪୫୨/ତା୧୫।୯।୨୦୧୪ରିଖରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କମିଶନରଙ୍କୁ ପତ୍ର ଲେଖି ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଥିବା ୪କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁର କରିବା ସହ ମନ୍ଦିର ନିର୍ମାଣ କାର୍ଯ୍ୟକୁ ସ୍ୱୀକୃତି ଦେବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ କୌଣସି ଉତ୍ତର ଆସି ନଥିବାରୁ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ନିର୍ମାଣ ହୋଇ ନଥିବାରୁ ୨୦୧୧ରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପ୍ରଦତ୍ତ ଚତୁର୍ଦ୍ଧାମୂର୍ତ୍ତି ଏକ ଅସ୍ଥାୟୀ ଘରେ ପୂଜା ପାଉଛନ୍ତି।

## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ଦିବ୍ୟାଙ୍ଗ

**ଅତାବିରା, ୨୩।୧୧ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅଧୀନ ମହୁଲପାଲି ଗାଁର ଦିବ୍ୟାଙ୍ଗ ସମ୍ପଦ ଛୁଟି। ଏକ ଜମିଜମାକୁ ନେଇ ସମ୍ପଦଙ୍କ ସହିତ ତାଙ୍କ ପଡୋଶୀ ଗଣ୍ଡଗୋଳ କରିବା ସହିତ ଜୀବନରେ ମାରିଦେବା ଧମକ ଦେବା ଅଭିଯୋଗ ହୋଇଥିଲେ ମଧ ରୁଷୁଡା ଫାଣ୍ଡି ପୋଲିସ ଶୁଣୁନି। ଗତ ୧୩ ତାରିଖରେ ଏ ନେଇ ରୁଷୁଡା ଫାଣ୍ଡିରେ ଏତଲା ଦେଇଥିଲେ ମଧ ଏଯାଏ ପୋଲିସ ତଦନ୍ତ କରିବାକୁ ଘଟଣାସ୍ଥଳକୁ ଆସିନାହିଁ କି ମାମଲା ରୁଜୁ କରୁନାହିଁ ବୋଲି ସମ୍ପଦ କହିଛନ୍ତି। ଫଳରେ ସମ୍ପଦ ସୋମବାର ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଏସ୍‌ପି ସାହୁ ଅଭିଯୋଗ ଉପରେ ତୁରନ୍ତ ତଦନ୍ତ କରିବାକୁ ରୁଷୁଡା ଫାଣ୍ଡି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଗଣେଷ ପ୍ରସାଦ କଲେତଙ୍କୁ ପଚରାଯିବାରୁ ସେ କହିଲେ, ସମ୍ପଦଙ୍କ ଅଭିଯୋଗ ଉପରେ ତଦନ୍ତ କରାଯାଉଛି। ଉଭୟପକ୍ଷ ଗ୍ରାମ୍ୟ ବସ୍ତି ପ୍ଲଟକୁ ନେଇ ଗଣ୍ଡଗୋଳ କରୁଛନ୍ତି। ଅପରପକ୍ଷଙ୍କ ଘର ନିର୍ମାଣ କାମ ବନ୍ଦ କରି ଦିଆଯାଇଛି ବୋଲି ଫାଣ୍ଡି ଅଧିକାରୀ କଲେତ କହିଛନ୍ତି।

# ପ୍ରଥମ ଦିବସରେ ୧୬୪.୨୫ କୁଇଣ୍ଟାଲ ଧାନ ସଂଗ୍ରହ

**ସୁନ୍ଦରଗଡ଼, ୨୩।୧୧ (ଡି.ଏନ୍.ଏ.)**




ସୁନ୍ଦରଗଡ଼ କରମଡିହଠାରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଚଳିତ ଖରିଫ ଧାନକ୍ରୟର ଶୁଭାରମ୍ଭ କରୁଛନ୍ତି।

ସୁନ୍ଦରଗଡ଼ ଜିଲାରେ ଚଳିତ ଖରିଫ-୨୦୨୦ ବର୍ଷର ଧାନକ୍ରୟ ସୋମବାରଠାରୁ ଆରମ୍ଭ ହୋଇଛି। ସବ୍‌ଡେଗା ବ୍ଲକ କରମଡିହି ଧାନକ୍ରୟ କେନ୍ଦ୍ରରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କରମଡିହି ଲ୍ୟାମ୍ପସ୍ ଅନ୍ତର୍ଗତ ୨ ଚାଷୀ ମାଧବ ଚନ୍ଦ୍ର ପଟେଲ ଓ ବିପିନବିହାରୀ ନାଏକଙ୍କଠାରୁ ୧୬୪.୨୫ କୁଇଣ୍ଟାଲ ଧାନ ପ୍ରଥମ ଦିବସରେ କ୍ରୟ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଜିଲାରେ ଧାନସଂଗ୍ରହ ପ୍ରକ୍ରିୟାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ସହ ଚାଷୀମାନେ ଯେଭଳି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଧାନକ୍ରୟ ଦାୟିତ୍ୱରେ ଥିବା ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ପଞ୍ଜିକୃତ ଚାଷୀମାନଙ୍କୁ ଟୋକନ ସମ୍ବନ୍ଧରେ ଆଗୁଆ ସୂଚନା ଓ ଆବଶ୍ୟକ ହେଲେ ବାହାର ଜିଲାର ମିଲର୍ସଙ୍କୁ ମଧ୍ୟ ଧାନକ୍ରୟ ସକାଶେ ସୁଯୋଗ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଚଳିତବର୍ଷ ଜିଲାରେ ୪୭ହଜାର ୮୩୨ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି ବୋଲି ଏହି ଅବସରରେ ଜିଲା ଯୋଗାଣ ଅଧିକାରୀ ଭିକାରୀ ଚରଣ ମଙ୍ଗରାଜ ପ୍ରକାଶ କରିଛନ୍ତି। ଜିଲାରେ ୧୫ଜଣ ମିଲର୍ସ ଧାନ କିଣିବା ପାଇଁ ନିଷ୍ପତ୍ତି ହୋଇଛି। ଚାଷୀମାନଙ୍କୁ ଧାନବିକ୍ରୟର ଟଙ୍କା ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ୨୪ରୁ ୪୮ଘଣ୍ଟା ମଧ୍ୟରେ ପହଞ୍ଚିବ। ସେହିପରି ଚାଷୀମାନେ ପାଉଥିବା ଟୋକନର ଅବଧି ୧ମାସ ରହିଛି। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ସମବାୟ ସମିତି ଉପନିବନ୍ଧକ ଜେରମ୍ କେରକେଟା, ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ସହକାରୀ ନିବନ୍ଧକ ସମବାୟ ସମିତି ଗ୍ରାବିଏଲ ସୋରେଙ୍ଗ, ସବ୍‌ଡେଗା ବିଡିଓ ଲମ୍ବୋଦର ଧୁରୁଆ, ସମବାୟ ବିଭାଗର କ୍ଷେତ୍ରିୟ ଅଧିକାରୀ ସମର କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବନମାଳୀ ନାଏକ ସଭା ସଞ୍ଚାଳନ କରିଥିଲେ। ଚଳିତବର୍ଷ ଧାନସଂଗ୍ରହ ସକାଶେ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି, ପାନପୋଷ ନିୟନ୍ତ୍ରିତ ବଜାର କମିଟି ଓ ବଣାଇ ନିୟନ୍ତ୍ରିତ ବଜାର କମିଟିର ୪୭ଗୋଟି ସମବାୟ ସମିତି ଜରିଆରେ ୧୩୪ଟି ଧାନକ୍ରୟ କେନ୍ଦ୍ର ବ୍ୟବସ୍ଥା ହୋଇଛି।

**ସୁନ୍ଦରଗଡ଼ ଜିଲାରେ ଧାନକ୍ରୟର ଶୁଭାରମ୍ଭ**

## ଫି ଛାଡ଼ ଦାବି କଲେ ଛାତ୍ରୀଛାତ୍ର

**ବରଗଡ଼ ଅଫିସ୍,୨୩।୧୧**

ବରଗଡ଼ ପଞ୍ଚାୟତ କଲେଜ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଯୁକ୍ତ ତିନି ତୃତୀୟ, ପଞ୍ଚମ ସେମିଷ୍ଟାର ଛାତ୍ରୀଛାତ୍ରମାନେ ଫି ଛାଡ଼ ଦାବି କରିଛନ୍ତି। ଏହି ଦାବି ନେଇ ସେମାନେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଆସି ଉଚ୍ଚଶିକ୍ଷା ବିଭାଗର ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗତ ମାର୍ଚ୍ଚ ୧୩ତାରିଖରୁ ଅନଲାଇନ୍ କ୍ଲାସ ଆଦୌ ହୋଇ ନ ନାହିଁ। ଏପରିକି ଶିକ୍ଷକ ଅଭାବ ଯୋଗୁ ପାଠପଢ଼ା ମଧ୍ୟ ହୋଇ ନ ଥିବା ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପଟେ କରୋନା ଯୋଗୁ ଆର୍ଥିକ ଅଭାବ ମଧ୍ୟ ରହିଛି। ଫଳରେ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ କୋର୍ସ ଫି ବାବଦକୁ ୨୦ହଜାର ଟଙ୍କା ଲେଖାଏଁ ଛାଡ଼ କରିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି।

## ଝିଅ ଦେହରେ ନିଆଁ ଲଗାଇଲେ ବାପା

**ବଲାଙ୍ଗୀର ଅଫିସ/ ପାଟଣାଗଡ଼/ବେଲପଡ଼ା, ୨୩।୧୧ (ଡି.ଏନ.ଏ.)**

- ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲରେ ଭର୍ତ୍ତି
- ଅଭିଯୁକ୍ତ ବାପାଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ଜଣେ ବାପା ନିଜ ଝିଅ ଦେହରେ କିରୋସିନ ଢାଳି ପୋଡି ମାରିଦେବାର ଉଦ୍ୟମ କରିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ବଲାଙ୍ଗୀର ଜିଲା ବେଲପଡା ଥାନା ଡେବିରିପାଲି ଗ୍ରାମରେ। ଉଦ୍‌ବେଗଜନକ ଅବସ୍ଥାରେ ଝିଅ ସୂର୍ଯ୍ୟକାନ୍ତି ନାଗ (୧୬)ଙ୍କୁ ଭିମସାରକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ବାପା ଅରକ୍ଷିତ ନାଗଙ୍କୁ ବେଲପଡା ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି। ଡେବିରିପାଲି ଗ୍ରାମର ଅରକ୍ଷିତ ନାଗ ଦ୍ୱିତୀୟ ବିବାହ କରିଥିଲେ। ସୂର୍ଯ୍ୟକାନ୍ତି ପ୍ରଥମ ସ୍ତ୍ରୀଙ୍କ ସନ୍ତାନ। କିଛିବର୍ଷ ହେଲା ପ୍ରଥମ ସ୍ତ୍ରୀ ଓ ସୂର୍ଯ୍ୟକାନ୍ତି ମାମୁ ଘରେ ରହୁଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କ ସହ ଅରକ୍ଷିତ ଡେବିରିପାଲିରେ ରହୁଥିଲେ। କିଛିଦିନ ତଳେ ସୂର୍ଯ୍ୟକାନ୍ତି ଡେବିରିପାଲିରେ ଆସି ରହିଥିଲେ। ପ୍ରଥମ ସ୍ତ୍ରୀ ଅନ୍ୟ ଜାତିର ହୋଇଥିବାରୁ ଏହାକୁ ନେଇ ଗାଁରେ ଏକ ବୈଠକ କରାଯାଇଥିଲା। ସୂର୍ଯ୍ୟକାନ୍ତି ଡେବିରିପାଲିରେ ରହିବା ପରଠାରୁ ପରିବାରରେ ଅସନ୍ତୋଷ କୁହୁଳୁ ଥିବା ଶୁଣାଯାଉଛି। ରବିବାର ରାତିରେ ସୂର୍ଯ୍ୟକାନ୍ତି ଶୋଇଥିବାବେଳେ ତାଙ୍କ ଉପରେ କିରୋସିନ ଢାଳି ଦେଇ ଅରକ୍ଷିତ ନିଆଁ ଲଗାଇ ହତ୍ୟା କରିବା ଉଦ୍ୟମ କରିଛନ୍ତି ବୋଲି ତାଙ୍କ ମାମୁମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବାନୁସାରେ ସୂର୍ଯ୍ୟକାନ୍ତି ଦେହରେ ନିଆଁ ଲଗାଇ ଦେବା ପରେ ସେ ଚିତ୍କାର କରିଥିଲେ। ଏହା ଶୁଣି ପଡିଶା ଲୋକେ ରାତି ପ୍ରାୟ ୨ଟାରେ ତାଙ୍କୁ ଉଦ୍ଧାର କରି ବେଲପଡା ସିଏଚସି ଓ ପରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଣିଥିଲେ। ସୋମବାର ସକାଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅରକ୍ଷିତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଆଇଆଇସି ସଚ୍ଚିଦାନନ୍ଦ ବରିହା ଦେଇଛନ୍ତି।

## ଜୁନିୟର ଆକାଉଣ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବରଗଡ଼ ଅଫିସ୍/ବଲାଙ୍ଗୀର ଅଫିସ୍,୨୩।୧୧**

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ସୋମବାର ବରଗଡ଼ ଜିଲା ଯୋଗାଣ କାର୍ଯ୍ୟାଳୟର ଜୁନିୟର ଆକାଉଣ୍ଟାଣ୍ଟ କମ୍ବୁପାଣି ମିଶ୍ରଙ୍କ ବାସଭବନରେ ଚଢ଼ାଉ କରାଯାଇଛି। ବରଗଡ଼ ଖଜୁରଟିକ୍ରାସ୍ଥିତ ଭଡ଼ାଘର, ଜିଲା ଯୋଗାଣ କାର୍ଯ୍ୟାଳୟର ଚ୍ୟାମ୍ବର ସମେତ ସୋନପୁର ଜିଲା ଡୁଙ୍ଗୁରିପାଲି ନିକଟ ହଲଦୀର ପୈତୃକ ବାସଭବନ, ବଲାଙ୍ଗୀର ଜିଲା ଠିକାଦାରପଡ଼ା ବାସଭବନରେ ଏକକାଳୀନ ଚଢ଼ାଉ ହୋଇଥିଲା। ବରଗଡ଼ରେ ହୋଇଥିବା ଚଢ଼ାଉରେ ଭିଜିଲାନ୍ସ ଡିଏସପି ପରମେଶ୍ୱର କିଶାନ, ଇନ୍ସପେକ୍ଟର ପି. ବାଗେ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ଡିଏସ୍‌ପି କିଶାନଙ୍କୁ ପଚାରିବାରୁ ବରଗଡ଼ରେ ହୋଇଥିବା ଚଢ଼ାଉରେ ଜୁନିୟର ଆକାଉଣ୍ଟାଣ୍ଟ ମିଶ୍ରଙ୍କ ମାତ୍ର ୩୦ହଜାର ଟଙ୍କାର ସମ୍ପତ୍ତି ଠାବ ହୋଇଛି। ସେହିପରି ବରଗଡ଼ ସମେତ ବଲାଙ୍ଗୀର, ସୋନପୁର ଜିଲାରେ ଥିବା ମିଶ୍ରଙ୍କ ଘରେ ଚଢ଼ାଉ ପରେ ଠାବ ହୋଇଥିବା ସମ୍ପତ୍ତିର ପରିମାଣ ୧କୋଟି ୯୧ ଲକ୍ଷ ୬୩ ହଜାର ୧୭୬ ଟଙ୍କା ବୋଲି ଡିଏସ୍‌ପି କିଶାନ ପ୍ରକାଶ କରିଥିଲେ।



ବରଗଡ଼ରେ ଜୁନିୟର ଆକାଉଣ୍ଟାଣ୍ଟଙ୍କ ଚ୍ୟାମ୍ବରରେ ଚଢ଼ାଉ ଚାଲିଛି।

# ଦାଦନ ଶ୍ରମିକଙ୍କ ପତ୍ତା ମିଳୁନି

**ଲାଠୋର, ୨୩।୧୧(ଡି.ଏନ.ଏ.)**



ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

- ଆନ୍ଧ୍ରପ୍ରଦେଶ କାମ କରିବାକୁ ଯାଇ ନିଖୋଜ ବ୍ରିଜଲାଲ
- ଠାବ କରିବାକୁ ଦାବି କଲା ଦଳିତ ଅଧିକାର ମଞ୍ଚ
- କୋମନା ପୋଲିସକୁ ଦାବିପତ୍ର ପ୍ରଦାନ

ରାଜ୍ୟ ବାହାରକୁ କାମ କରିବାକୁ ଯାଇ ନିଖୋଜ ଥିବା ଜଣେ ଦାଦନ ଶ୍ରମିକଙ୍କ ପତ୍ତା ମିଳୁନି। ତାଙ୍କୁ ଠାବ କରିବାକୁ ଦାବିକରି ନୂଆପଡା ଜିଲା ଦଳିତ ଅଧିକାର ମଞ୍ଚ କୋମନା ଶାଖା କର୍ମକର୍ତ୍ତା କୋମନା ଥାନାର ଦ୍ୱାରସ୍ଥ ହୋଇ ହୋଇଛନ୍ତି। ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ନିଖୋଜ ଥିବା ଦାଦନ ଶ୍ରମିକଙ୍କୁ ଠାବ କରିବାକୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

ନୂଆପଡା ଜିଲା କୋମନା ଥାନା ଅଧୀନ ବାବୁପାଲି ରୋହେନପଡାର ବ୍ରିଜଲାଲ ବାଗ, ଗର୍ଣ୍ଣ ବାଗ, ଅଭିରାମ ବାଗ ୨୦୧୯ ସେପ୍ଟେମ୍ବର ୧୨ତାରିଖରେ ଆନ୍ଧ୍ରପ୍ରଦେଶ କାରିମ ନଗର କାମାରେଡ୍ଡି ଅଞ୍ଚଳର ଏକ ଇଟା ଭାଟିକୁ କାମ କରିବା ପାଇଁ ଯାଇଥିଲେ। ଲଖନା ଥାନା ମୁରରିବାହାଲିର ସହଦେବ ବାଗ ଏବଂ ଲାଠୋର ଥାନା ମସିଣା ଗ୍ରାମର ଗୌରୀଶଙ୍କର ବାରିକ ସେମାନଙ୍କୁ ବିନା ଅଗ୍ରୀମରେ କାମ କରିବାକୁ ନେଇଥିଲେ। ସେଠାରେ ପହଞ୍ଚିବାର ଏକମାସ ପର୍ଯ୍ୟନ୍ତ ବ୍ରିଜଲାଲଙ୍କ ସହ ପରିବାର ଲୋକେ ଫୋନ ଯୋଗେ ଯୋଗାଯୋଗ ରଖିଥିଲେ। ହେଲେ ଏହା ପରଠାରୁ ଆଉ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ପରିବାର ଲୋକେ ସନ୍ଦେହ ପ୍ରକଟ କରି ତାଙ୍କ ସହ ଯାଇଥିବା ଶ୍ରମିକଙ୍କୁ ଫୋନ କରି ପଚାରିଥିଲେ। ସେଠାରେ ଉପସ୍ଥିତ ଥିବା ଶ୍ରମିକମାନେ କହିଥିଲେ ଯେ, ବ୍ରିଜଲାଲ ଅକ୍ଟୋବର ୧୨ତାରିଖରେ ବାହାରକୁ ଯାଇଛି ବୋଲି କହି ଆଉ ଫେରି ନାହାନ୍ତି। ଏଥିରେ ସନ୍ଦେହ ପ୍ରକାଶ କରି ତାଙ୍କ ସ୍ତ୍ରୀ ଜରମନ କୋମନା ଥାନାକୁ ଯାଇ ବ୍ରିଜଲାଲ ଇଟା ଗଢ଼ିଯାଇ ନିଖୋଜ ହୋଇଯାଇଥିବା ନେଇ ଏକ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଏକ ମାମଲା(ନଂ. ୫୭/୧୯)ରୁଜୁ କରି ତଦନ୍ତ ଚାଲିଛି ବୋଲି କହିଥିଲେ। ତଦନ୍ତରେ ଶୀଥିଳତା ଅନୁଭବ କରି ଜରମନି ନଭେମ୍ବର ୧୧ତାରିଖରେ ନୂଆପଡା ଜିଲାପାଳ ଏବଂ ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଅଦ୍ୟାବଧି ତାଙ୍କୁ କୌଣସି ସୁଫଳ ମିଳିନାହିଁ। ସ୍ୱାମୀଙ୍କ ଫେରିବା ବାଟକୁ ସେ ଚାହିଁ ବସିଛନ୍ତି। ଅନ୍ୟନୋପାୟ ହୋଇ ସେ ନୂଆପଡା ଜିଲା ଦଳିତ ଅଧିକାର ମଞ୍ଚର ଦ୍ୱାରସ୍ଥ ହୋଇଥିଲେ। ଘଟଣା ବିଷୟରେ ଅବଗତ ହେବା ପରେ କୋମନା ବ୍ଲକ ଦଳିତ ଅଧିକାର ମଞ୍ଚ ସଭାପତି ଖଗେଶ୍ୱର ଦୀପଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଥାନା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ମଧ ଉପସ୍ଥିତ ଥିଲେ। ଏହି ଅବସରରେ ମଞ୍ଚର କର୍ମକର୍ତ୍ତା ଦିଲୀପ ଦୀପ, ବେଣୁଧର ଜଗତ, ସିନାପାଲି ସଭାପତି ପଦ୍ମନାଭ ଜଗତ, ସଂପାଦକ ପିଣ୍ଟୁ, ଅଜମ୍ବର ତାଣ୍ଡି, ମହେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ଥାନାଧିକାରୀଙ୍କୁ ପ୍ରଦତ୍ତ ଦାବିପତ୍ରରେ ଶ୍ରମିକଙ୍କୁ ନେଇଥିବା ସର୍ଦ୍ଦାରକୁ ଥାନକୁ ଡାକି ପଚରାଯାଉ କରାଯାଉ, ବ୍ରିଜଲାଲ ଫେରିବା ପର୍ଯ୍ୟନ୍ତ ତାଙ୍କ ପରିବାରକୁ ଭରଣ ପୋଷଣ, ସରକାରୀ ଭାବେ ସେ ନିଖୋଜ ଥିବା ଦିନଠାରୁ ଆଜି ପର୍ଯ୍ୟନ୍ତ ମାସିକ ୨୦ହଜାର ଟଙ୍କା ହିସାବରେ ତୁରନ୍ତ ଅର୍ଥ ରାଶି ପ୍ରଦାନ ଆଦି ରହିଛି। ଏହି ସବୁ ଦାବି ପୂରଣ ନହେଲେ ଆନ୍ଦୋଳନ ହେବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏନେଇ କୋମନା ଥାନା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ, ଲକ୍‌ଡାଉନ ପାଇଁ ସମସ୍ୟା ହୋଇଛି ଜିଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରି ସେଠାକୁ ପୋଲିସ ଟିମ ପଠାଇ ଘଟଣାର ତଦନ୍ତ କରାଯିବ।

# ସଂକ୍ଷେପରେ

## ଲାଞ୍ଚ ନେବା ଘଟଣାରେ ସମ୍ପୃକ୍ତ ଡାକ୍ତର ଗିରଫ



**ମାଲକାନଗିରି,୨୩।୧୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଲାଞ୍ଚ ନେବା ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସୋମବାର ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେ ହେଲେ ଡା. ପାଣ୍ଡୁଚରଣ ମଣ୍ଡଳ। ଖବରରୁ ଜଣାପଡ଼ିଛି ପଡ଼ିଆ ଗ୍ରାମର ରାକେଶ କୁମାର ଦାସଙ୍କ ଗାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭଡ଼ାରେ ଲାଗିଥିଲା। ଗତ ମାସ ୨୦ତାରିଖରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବିପିଏମ୍ ଶ୍ରୀମନ୍ତ ଅତିବଡ଼ୀ ଭଡ଼ାରେ ଲାଗିଥିବା ଗାଡ଼ି ବିଲ୍ ପାସ୍ କରିଦେବା ପାଇଁ ରାକେଶଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଅର୍ଥ ନେବା ବେଳେ ମାଲକାନଗିରି ଦୁର୍ନୀତି ନିବାରଣ ବିଭାଗର ଅଧିକାରୀମାନେ ଅତିବଡ଼ୀଙ୍କୁ ଗିରଫ କରିଥିଲେ। ତେବେ ତଦନ୍ତ ବେଳେ ଏହି ଘଟଣାରେ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ମଣ୍ଡଳ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ତାଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଇନ୍ସପେକ୍ଟର ଆର୍.ବିଜୟ କୁମାର, କନଷ୍ଟେବଲ ସଞ୍ଜୟ କୁମାର ସାହୁ, ଅଜୟ କୁମାର ବିଶ୍ୱାଳ ସାମିଲ ହୋଇଥିଲେ।

## ଫୁଟବଲ: ଖେଦାପାଲି ଚାମ୍ପିୟନ

**ବରଗଡ଼ ଅଫିସ,୨୩।୧୧:** ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ପ୍ରଦୀପ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଖେଦାପାଲି ଏବଂ ଗୋବିନ୍ଦପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଖେଦାପାଲି ପ୍ରତିପକ୍ଷ ଗୋବିନ୍ଦପାଲିକୁ ୩-୧ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ସମାରୋହରେ ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ଶିଳ୍ପପତି ଅମିତ ଲାଠ, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଗିରିଜା ପ୍ରସାଦ ନାଥ, ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନ, ପୂର୍ବତନ ସମିତିସଭ୍ୟ ଶଙ୍କର ବାଗ, ଉତ୍ତର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ତଥା କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଅଜିତ ପଧାନ ଏବଂ ବିକାଶ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୟନ ଭୋଇ ଅଧ୍ୟକ୍ଷତା କରିଥିଲେ।

## ନବନିଯୁକ୍ତ ପ୍ରଭାରୀଙ୍କୁ ସମ୍ବର୍ଦ୍ଧିତ କଲା ରାଜ୍ୟ ଭାଜପା

**ଆସନ୍ତା ୨୬କୁ ସମ୍ବିଧାନ ଦିବସ ଭାବେ ପାଳିବ ଦଳ**

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ):** ଭାଜପା ନବନିଯୁକ୍ତ ଓଡିଶା ପ୍ରଭାରୀ ଡି.ପୁରନ୍ଦେଶ୍ୱରୀଜୀ ଏବଂ ସହପ୍ରଭାରୀ ବିଜୟ ପାଲ ସିଂହ ତୋମାରଜୀଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଛି। ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡା ଆସ୍ଥା ସ୍ଥାପନା କରି ଓଡିଶାର ପ୍ରଭାରୀ ଭାବେ ଯେଉଁ ଗୁରୁଦାୟିତ୍ୱ ଅର୍ପଣ କରିଛନ୍ତି ନିଷ୍ଠାର ସହିତ ତୁଲାଇବେ ବୋଲିପୁରନ୍ଦେଶ୍ୱରୀ ପ୍ରତିଶ୍ରୁତି ଦେଇଛନ୍ତି। କରୋନା ଯୋଗୁ ବ୍ୟକ୍ତିଗତ ଭାବେ ସମସ୍ତଙ୍କ ସହ ସାକ୍ଷାତ କରିପାରୁ ନ ଥିବାରୁ ଦୁଃଖ ପ୍ରକାଶ କରିବା ସହିତ ଖୁବଶୀଘ୍ର ଓଡିଶା ଆସି ସମସ୍ତଙ୍କୁ ସାକ୍ଷାତ କରିବେ ବୋଲି କହିଛନ୍ତି। ନଭେମ୍ବର ୨୬ରେ ରାଜ୍ୟ, ଜିଲା ଏବଂ ମଣ୍ଡଳସ୍ତରରେ ସମ୍ବିଧାନ ଦିବସ ପାଳନ କରିବା ପାଇଁ ରାଜ୍ୟ ପ୍ରଭାରୀ ଆହ୍ୱାନ ଦେଛନ୍ତି। ଯେଉଁମାନେ ବାବା ସାହେବ ଆମ୍ବେଦକରଙ୍କ ଜୀବନୀ, ଆଦର୍ଶ ଓ ସମ୍ବିଧାନ ସମ୍ପର୍କରେ ଦକ୍ଷତା ଅର୍ଜନ କରିଛନ୍ତି ସେମାନଙ୍କୁ ନେଇ ଏହି ଦିବସ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ଏକାଠି ହୋଇ ଆଗାମୀ ପୌର, ତ୍ରିସ୍ତରୀୟ ପଞ୍ଚାୟତ ଏବଂ ସାଧାରଣ ନିର୍ବାଚନରେ ଦଳକୁ ସଫଳ କରିବା ପାଇଁ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି।

# ଡିଟିପିରେ ମିଳୁଛି କୁଜଙ୍ଗ ରାଜାଙ୍କ ହାତପଞ୍ଝା

**କେନ୍ଦ୍ରାପଡା ଅଫିସ, ୨୩।୧୧**

**ଗୋଟିଏ ପରିବାରର ୪ ଜାତି ମାମଲାର ଯାଞ୍ଚ ୨୫ରେ**

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲ ଅଞ୍ଚଳର ଜମି ଜାଲିଆତି ଘଟଣା ବାହାରକୁ ଆସିଛି। ଗୋଟିଏ ପରିବାରର ୪ଟି ଜାତି ମାମଲାର ତଦନ୍ତ ସମୟରେ ଏହି ତଥ୍ୟ ଜଣାପଡ଼ିଛି। କୁଜଙ୍ଗ ରାଜାଙ୍କ ହାତପଞ୍ଝା ବଳରେ ମହାକାଳପଡା ଅଞ୍ଚଳର କେତେକ ସମ୍ପତ୍ତି ହଡ଼ପ ପଛରେ କେବଳ ସରକାରୀ କର୍ମଚାରୀ ନୁହନ୍ତି, ଏହା ପଛରେ ଏକ ର୍‍ୟାକେଟ କାମ କରୁଛି। ଏହି ର୍‍ୟାକେଟର ସଦସ୍ୟମାନେ ୧୯୫୬ ପୂର୍ବର କୁଜଙ୍ଗ ରାଜାଙ୍କ ହାତପଞ୍ଝା କହି ଡିଟିପିରେ ହାତପଞ୍ଝା ଦେଉଛନ୍ତି। ଏହାକୁ ତହସିଲ କର୍ମଚାରୀ ସ୍ୱୀକୃତି ଦେଇ ଜମି ସ୍ୱତ୍ୱ ପ୍ରଦାନ କରୁଛନ୍ତି। ଏହି ଜାଲିଆତି ପ୍ରଘଟ ହୋଇଥିବାବେଳେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଆସନ୍ତା ୨୫ ତାରିଖରେ ରାମନଗର ଆର୍‌ଆଇ ଅଫିସ୍‌ରେ ଜାତିଗତ ପ୍ରମାଣପତ୍ର ସମ୍ପର୍କରେ ତଥ୍ୟ ଉପସ୍ଥାପନ ପାଇଁ ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ନୋଟିସ କରିଛନ୍ତି।

ସୂଚନାନୁଯାୟୀ, ମହାକାଳପଡ଼ା ତହସିଲ ଜମ୍ବୁ ଥାନାଞ୍ଚଳର ଏକ ପରିବାର ସଦସ୍ୟ ମାହେଶ, ପ୍ରଧାନ, ଯୋଗୀ ଓ ନମଶୂଦ୍ର ଜାତି ଦେଖାଇ ସ୍ଥାନୀୟ କେତେକ ଜମି କିଣିଛନ୍ତି। ଏହି ଜମି ଖର୍ଦ୍ଦି କବଲା ବଳରେ ଜାତି ପ୍ରମାଣପତ୍ର ନେଇ ସରକାରୀ ସୁବିଧା ହାସଲ କରିଛନ୍ତି। ପରିବାରର ୪ଟି ଜାତି ଥିବା ନେଇ ସନ୍ଦେହ ପରେ ସୂଚନା ଅଧିକାର କର୍ମୀ ଅମିତାଭ ଚାନ୍ଦ ଜିଲା ଓ ବ୍ଲକସ୍ତରର ବିଭିନ୍ନ କାର୍ଯ୍ୟାଳୟର ତଥ୍ୟ ସୂଚନା ଆଇନ ଅଧିକାର ବଳରେ ହାସଲ କରିଥିଲେ। ଏଥିସହିତ ଉଚ୍ଚ ନ୍ୟାୟାଳୟରେ ଏନେଇ ଏକ ଜନସ୍ୱାର୍ଥ ମାମଲା (ଡବ୍ଲ୍ୟୁପିସି ନଂ. ୨୦୬୧୯/୧୬) କରିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଆର୍‌ଡିସିଙ୍କ ପକ୍ଷରୁ ସ୍ଥାନୀୟ ଜିଲା ପ୍ରଶାସନ ଏନେଇ ତଦନ୍ତ କରୁଛି। ତଦନ୍ତ ଅଧିକାରୀ ତଥା କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଏସ୍‌ପିଙ୍କୁ ୨୦୧୯ ମାର୍ଚ୍ଚ ୨୯ରେ ଦେଇଥିବା ରିପୋର୍ଟ ଅନୁଯାୟୀ, ଏହି ପରିବାର ବାଂଲାଦେଶରୁ ଆସିଥିବାବେଳେ ସେମାନଙ୍କ ଜାତି ଯୋଗୀ। ଏହି ଜାତି ଓବିସି ଅଧୀନ। ତେବେ ସ୍ଥାନୀୟ ଅଞ୍ଚଳର ଜମି ହାତେଇବା ଓ ସରକାରୀ ସୁବିଧା ପାଇଁ ବିଭିନ୍ନ ସମୟରେ ମାହେଶ, ପ୍ରଧାନ ଓ ଅନୁସୂଚିତ ଜାତି ଲିଷ୍ଟରେ ଥିବା ନମଶୂଦ୍ର ଜାତି ବୋଲି ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଏହି ମାମଲା ତଦନ୍ତ ସମୟରେ କୁଜଙ୍ଗ ହାତପଞ୍ଝାକୁ ନେଇ ଏକ ଅଡିଓ ଭାଇରାଲ ହୋଇଛି। ଅଡିଓରେ ଜଣେ ପେସାରେ ଓକିଲ ଥିବା ବ୍ୟକ୍ତି ଟଙ୍କା ଖର୍ଚ୍ଚ କଲେ ହାତପଞ୍ଝା ମିଳିବ ବୋଲି କହୁଛନ୍ତି। ଏ ସମ୍ପର୍କରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା କହିଛନ୍ତି, ଆସନ୍ତା ୨୫ ତାରିଖରେ ସମ୍ପୃକ୍ତ ପରିବାରର ଜାତି ପ୍ରମାଣପତ୍ରର ଯାଞ୍ଚ ହେବ। ଏହି ସମୟରେ ହାତପଞ୍ଝାକୁ ନେଇ କୌଣସି ଜାଲିଆତି ଥିଲେ ଆର୍‌ଡିସିଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ରିପୋର୍ଟ ଦିଆଯିବ। ସୂଚନାଯୋଗ୍ୟ, ଏପରି ହାତପଞ୍ଝା ବଳରେ ମହାକାଳପଡ଼ା ତହସିଲ ଅଞ୍ଚଳରେ ୪ ହଜାରରୁ ଅଧିକ ଏକର ଜମି କେତେକ ବାଂଲାଦେଶୀ ଅନୁପ୍ରବେଶକାରୀ ହାତେଇଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି।

# ବିଜେଡି ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ)**

**ବିଜେଡି ଯୁବ, ଛାତ୍ର ଜନତା ଦଳ ସାଂଗଠନିକ ନିଯୁକ୍ତି**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସୋମବାର ବିଜୁ ଓ ଛାତ୍ର ବିଜୁ ଜନତା ଦଳର ସାଂଗଠନିକ ନିଯୁକ୍ତି ଦିଆଯାଇଛି। ଏ ନେଇ ବିଜେଡି ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ଶୁଭେନ୍ଦୁ ମଙ୍ଗରାଜଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବାଲେଶ୍ୱର ଜୋନ୍ ସଭାପତି ଭାବେ ଜୟରାମ ଦାସଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ବିଜେଡି ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ତ୍ରିଲୋଚନା ତରାଇ, ପ୍ରଦୀପ୍ତ ଭୂୟାଁ ଏବଂ ତାପସ ପାଣିଗ୍ରାହୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସମ୍ପାଦକ ଭାବେ ରଶ୍ମି ରଞ୍ଜନ ଦାସ ଏବଂ ଯୁଗ୍ମ ସମ୍ପାଦକ ଭାବେ ରାଜେଶ କୁମାର ଭୂୟାଁଙ୍କୁ ନିଯୁକ୍ତି ଦିଆଯାଇଛି। ବାଲେଶ୍ୱର ଜିଲାର ଯୁବ ସଭାପତି ଭାବେ ତାପସ କୁମାର ପରିଡାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜଗତ୍‌ସିଂହପୁର ଜିଲାର ସଭାପତି ଭାବେ ସୌମ୍ୟଜିତ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଓ ଜିଲା କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟସ୍ତରୀୟ ବାଲେଶ୍ୱର ଜୋନ୍ ପାଇଁ ସଭାପତି ଭାବେ ଅବ୍‌ଦୁଲ ହବିବଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବାଲେଶ୍ୱର ଜିଲା ଛାତ୍ର ସଭାପତି ଭାବେ ସିମନ ଦାସ ମହାପାତ୍ର ଏବଂ ଜଗତ୍‌ସିଂହପୁର ଜିଲା ସଭାପତି ଭାବେ ସମିତ ଲେଙ୍କାଙ୍କୁ ନିଯୁକ୍ତି ଦିଆଯାଇଛି।



ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ସୋମବାର ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଉପସ୍ଥିତ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ।

# ୬ ବର୍ଷରେ ଚାଷୀଙ୍କୁ ମିଳିଥିବା ଟଙ୍କାର ହିସାବ ଦେଲେ ମନ୍ତ୍ରୀ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ)**

ପୂର୍ବ ସରକାର ତୁଳନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ 'ଅନ୍ନଦାତା'ଙ୍କ ହାତମୁଠାକୁ ଅଧିକ ମଜବୁତ୍ କରାଯାଇଛ। ଗତ ୬ ବର୍ଷରେ ଓଡ଼ିଶା ଚାଷୀଙ୍କୁ ବିଭିନ୍ନ ଯୋଜନା ତଥା ଡିବିଟି ଜରିଆରେ ଅର୍ଥ ରାଶି ପ୍ରାପ୍ତି, ପାରିଶ୍ରମିକ ମୂଲ୍ୟ ପ୍ରଦାନ, ଫସଲ ବୀମା ଜରିଆରେ ମୋଟ ୬୦ ହଜାର ୮୩୬.୯୭ କୋଟି ଟଙ୍କା ଅର୍ଥ ଦିଆଯାଇଛି। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶା ସମେତ ସମଗ୍ର ଦେଶର ଚାଷୀଙ୍କୁ ସଶକ୍ତ କରିବା ପାଇଁ ଐତିହାସିକ ଏବଂ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଚାଷୀଙ୍କ ପାଇଁ ଚାଷର ସମ୍ଭାବ୍ୟ ବ୍ୟବହାରକୁ ବଢ଼ାଇବା ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ପଦକ୍ଷେପ ନିଆଯାଇଛି। ମୋଦି ସରକାର ୨୦୧୪-୧୫ରୁ ୨୦୧୯-୨୦ ମଧ୍ୟରେ ଓଡ଼ିଶା ଚାଷୀଙ୍କ ଠାରୁ ଏମଏସପି ମୂଲ୍ୟ ବାବଦରେ ଧାନ କିଣି ବ୍ୟାଙ୍କ୍ ଖାତାକୁ ସିଧାସଳଖ ୫୩,୬୮୦.୨୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଗତ ୬ବର୍ଷରେ ଏମଏସପିର ଦ୍ରୁତ ବୃଦ୍ଧି ଚାଷୀଙ୍କୁ ଅଧିକ ଲାଭ ଦେଇଛି। ବର୍ଷ ୨୦୧୩-୧୪ରେ ଧାନର ଏମଏସପି ୧୩୧୦ ଟଙ୍କା, ୨୦୧୪-୧୫ରେ ୧୩୬୦ ଟଙ୍କା, ୨୦୧୫-୧୬ରେ ୧୪୧୦ ଟଙ୍କା, ୨୦୧୬-୧୭ରେ ୧୪୭୦ ଟଙ୍କା, ୨୦୧୭-୧୮ରେ ୧୫୫୦ ଟଙ୍କା, ୨୦୧୮-୧୯ରେ ୧୭୫୦ ଟଙ୍କା, ୨୦୧୯-୨୦ରେ ୧୮୧୫ ଟଙ୍କା ଏବଂ ୨୦୨୦-୨୧ରେ ଧାନର ଏମଏସ୍‌ପି ୧୮୬୮ ଟଙ୍କାକୁ ବୃଦ୍ଧି ହୋଇଛି। ଚଳିତ ଆର୍ଥିକ ବର୍ଷ ନଭେମ୍ବର ଶେଷ ସୁଦ୍ଧା ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ରାଜ୍ୟର ସମସ୍ତ ଯୋଗ୍ୟ କ୍ଷୁଦ୍ର ଏବଂ ମଧ୍ୟମ ଚାଷୀ ଉପକୃତ ହୋଇଛନ୍ତି।

# ୩ ମାଓବାଦୀ ନିହତ, ଜଣେ ଯବାନ ଆହତ

**ମାଲକାନଗିରି,୨୩।୧୧ (ଡି.ଏନ୍.ଏ.)**

**ସୀମାନ୍ତରେ ଗୁଳି ବିନିମୟ**

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଛତିଶଗଡରେ ସୋମବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ରହିଛନ୍ତି। ତେବେ ଏହି ଗୁଳିବିନିମୟରେ ଜଣେ ଯବାନ ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲା ରାବାଘାଟ ଥାନା ଅନ୍ତର୍ଗତ କସରଣ୍ଡା ଜଙ୍ଗଲରେ ଏକ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ଖବର ମିଳିବା ପରେ ଡିଆର୍‌ଜି, ସିଆରପିଏଫ୍ ଓ ଏସଏସବି-୩୩ ବାଟାଲିୟନ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଜଙ୍ଗଲକୁ ପୋଲିସ ଆସିଥିବା ସୂଚନା ପାଇ ମାଓବାଦୀମାନେ ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପରେ ପୋଲିସ ଏହାର ପ୍ରଭାବୀ ଜବାବ ଦେଇଥିଲା। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ଗୁଳିବିନିମୟ ପରେ ତଲାସୀ ବେଳେ ଜଣେ ମହିଳା ମାଓବାଦୀଙ୍କ ସମେତ ୨ଜଣ ପୁରୁଷ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଥିଲା ବୋଲି ଏସଏସବି ଡିଆଇଜି ବି. ବିକ୍ରମନ୍ ସୂଚନା ଦେଇଛନ୍ତି। ଘଟଣା ସ୍ଥଳରୁ ଏକେ-୪୭ ଓ ଏସ୍‌ଏଲଆର୍ ୧୨ ରାଉଣ୍ଡ, ରାଇଫଲ, ବିସ୍ଫୋରକ, କିଟବ୍ୟାଗ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଘଟଣା ସ୍ଥଳରୁ ପ୍ରାୟ ୩୦ ଜଣ ମାଓବାଦୀ ଖସିଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଆହତ ଯବାନଙ୍କୁ ଚିକିତ୍ସା ପାଇଁ ରାୟପୁର ପଠାଯାଇଛି।

# ଜବତ କାଜୁ ବିକି ଫସିଲେ ପୋଲିସ, ପ୍ରଶାସନିକ ଅଧିକାରୀ

**ପାରଳାଖେମୁଣ୍ଡି,୨୩।୧୧(ଡି.ଏନ୍.ଏ.)**

- **୬୭ ଲକ୍ଷ ଟଙ୍କାର କାଜୁ ୧୪ ଲକ୍ଷରେ ବିକ୍ରି ହୋଇଥିଲା**
- **ମୋହନା ବିଡିଓ, ବ୍ଲକ ଯୋଗାଣ ଅଧିକାରୀ, ଅଡ଼ବା ଆଇଆଇସି, ଏସ୍‌ଆଇଙ୍କ ନାଁରେ ମାମଲା**
- **ଏସ୍‌ଆଇ ନିଲମ୍ବିତ**

ଗଜପତି ଜିଲା ଅଡ଼ବା ଅଞ୍ଚଳରୁ କାଜୁ ବୋଝେଇ ଏକ ଟ୍ରକରୁ ଗଞ୍ଜେଇ ଜବତ ଘଟଣାରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ଫସିଛନ୍ତି। ଜବତ ଟ୍ରକର କାଜୁକୁ ବେଆଇନ ଭାବେ କମ୍ ଦାମରେ ବିକ୍ରି କରିବା ଅଭିଯୋଗରେ ମୋହନା ବିଡିଓ, ବ୍ଲକ ଯୋଗାଣ ଅଧିକାରୀ, ଅଡ଼ବା ଥାନା ଆଇଆଇସି ଓ ଏସ୍‌ଆଇଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଅଡ଼ବା ଥାନା ଏସ୍‌ଆଇଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଆଇଆଇସି ତପନ କୁମାର ପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ସୋମବାର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଅଗଷ୍ଟ ୨୪ରେ ଅଡ଼ବା ଥାନା ଅଞ୍ଚଳରେ ପୋଲିସ ଏକ କାଜୁ ବୋଝେଇ ଟ୍ରକ୍ ଯାଞ୍ଚ କରିବାରୁ ସେଥିରୁ ସାଢ଼େ ୩ କୁଇଣ୍ଟାଲ ଗଞ୍ଜେଇ ମିଳିଥିଲା। ପୋଲିସ ଉକ୍ତ ଟ୍ରକ୍ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଏ ନେଇ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାମଲା ବିଚାରାଧୀନ ଥିବାବେଳେ ପୋଲିସ ଜବତ କରିଥିବା କାଜୁକୁ ନିଜ ଜିମାରେ ନେବାପାଇଁ ଟ୍ରାନ୍ସପର୍ଟର କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଉକ୍ତ ଆବେଦନକୁ ନାକଚ କରିବା ସହ ଜବତ କାଜୁକୁ ସର୍ବସାଧାରଣରେ ନିଲାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାନ୍ସପର୍ଟର ନିଜ କ୍ଷତି ଭରଣା କରିବାକୁ ଚକ୍ରାନ୍ତ କରି ୬୭ ଲକ୍ଷ ଟଙ୍କା ମୂଲ୍ୟ କାଜୁକୁ ବେଆଇନ ଭାବେ ୧୪ ଲକ୍ଷରେ କିଣିବାରେ ସଫଳ ହୋଇଥିଲେ। ଘଟଣା ଉପରେ କୋର୍ଟ ନଜର ରଖିବା ସହ ଗଜପତି ଏସ୍‌ପିଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ଘଟଣାର ତଦନ୍ତ କରିଥିଲେ। ଜବତ କାଜୁ କମ୍ ଦାମରେ ବିକ୍ରି କରାଯିବା ଘଟଣାରେ ଏସ୍‌ଆଇ ଆଲୋକ ରଞ୍ଜନ ଜଗଦଲା, ଥାନାଧିକାରୀ ତପନ କୁମାର ପତି, ମୋହନା ବିଡିଓ ବଂଶୀଧର ଖୋସ୍‌ଲା, ବ୍ଲକ ଯୋଗାଣ ଅଧିକାରୀ ଶଙ୍କର ବେହେରାଙ୍କ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିବା ପରେ ପ୍ରାଥମିକ ଭାବେ ପୋଲିସ ପକ୍ଷରୁ ସେମାନଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାର ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ସମ୍ପୃକ୍ତ ଟ୍ରାନ୍ସପର୍ଟରଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଇନାହାନ୍ତି।

# ଔଷଧୀୟ ମଶାରି ବଣ୍ଟନର ଶୁଭାରମ୍ଭ

**ବୌଦ୍ଧ/ହରଭଙ୍ଗା, ୨୩।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ରାଜ୍ୟରେ ମ୍ୟାଲେରିଆ ନିରାକରଣକୁ ସରକାର ଗୁରୁତ୍ୱ ଦେଇ ଆସୁଥିବା ବେଳେ ସୋମବାର ବୌଦ୍ଧ ଜିଲାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଜିଲାର ପୁରୁଣାକଟକଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ମ୍ୟାଲେରିଆ ନିରାକରଣ ନିମନ୍ତେ ଔଷଧୀୟ ମଶାରିର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ତ୍ରିଲୋଚନ ପ୍ରଧାନ ଯୋଗଦେଇ ଜିଲାରେ ମୋଟ ୪.୮ ଲକ୍ଷ ଲୋକଙ୍କୁ ୨୬୩୮୫୦ ଗୋଟି ମଶାରି ବିତରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ପ୍ରକାଶ କରିଥିଲେ । ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନମୋହନ ପ୍ରଧାନ ମଶାରିର ବ୍ୟବହାର ଓ ମ୍ୟାଲେରିଆ ନିରାକରଣ ସମ୍ବନ୍ଧୀୟ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସୂଚନା ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲାର ବୌଦ୍ଧ ଓ କଣ୍ଟାମାଳ ବ୍ଲକରେ ମଙ୍ଗଳବାର ଓ ୨୬ ତାରିଖରେ ମଶାରି ବଣ୍ଟନ କରାଯିବ । କାର୍ଯ୍ୟକ୍ରମରେ ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଅଙ୍କୁର ସେଠୀ, ଜିଲା ପରିଷଦ ସଦସ୍ୟ ଅବକାଶ ସାହୁ, ଡ. ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ୍, ଡ. କିଶୋରଚନ୍ଦ୍ର ପଟ୍ଟନାୟକ, ବିଡିଓ ନୀଳକଣ୍ଠ ବେହେରା , ଡ. ଶ୍ରୀମନ୍ତ ରଞ୍ଜନ ସ୍ୱାଇଁ, ପୁରୁଣାକଟକ ସରପଞ୍ଚ ଭବାନୀବାଳା କହଁର, ରୂପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୨ ମାସ ଭିତରେ ଓଡ଼ିଶା ଆସିପାରନ୍ତି ନଡ୍ଡା

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ)**

**ପିପିଲି ଉପନିର୍ବାଚନ ଉପରେ ରହିବ ନଜର**

ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡା ଓଡିଶା ଆସିପାରନ୍ତି। ଡିସେମ୍ବର କିମ୍ବା ଜାନୁୟାରୀରେ ନଡ୍ଡା ୩ ଦିନିଆ ଓଡିଶା ଗସ୍ତରେ ଆସିବା ନେଇ ଦଳର ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ପୃଥ୍ୱୀରାଜ କହିଛନ୍ତି, ରାଷ୍ଟ୍ରୀୟ ଅଧକ୍ଷ ଆସନ୍ତା ଦୁଇ ମାସ ମଧ୍ୟରେ ଓଡିଶା ଆସିବେ। ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ, ମିଶନ ୧୨୦ ଏବଂ ଡବଲ ଇଞ୍ଜିନ ନେଇ ଆଲୋଚନା ହେବ। ଏହା ସହିତ ରାଜ୍ୟରେ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ କରିବା ଉପରେ ମଧ ଆଲୋଚନା ହେବ। ଦଳର ପଦାଧିକାରୀମାନଙ୍କ ସହ ନଡ୍ଡା ସମୀକ୍ଷା କରିବେ ବୋଲି ସେ କହିଛନ୍ତି।

ମିଳୁଥିବା ସୂଚନା ମୁତାବକ, ନଡ୍ଡା ଦେଶର ୨୫୦ ଜିଲା ଗସ୍ତ କରି ଦଳର ସାଙ୍ଗଠନିକ ସ୍ଥିତିର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସେହି ଅନୁଯାୟୀ ତାଙ୍କର ଓଡିଶା ଗସ୍ତ ହୋଇପାରେ ବୋଲି କୁହାଯାଉଛି। ସେହିପରି ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ଏବେଠାରୁ ନଡ୍ଡାଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାପଡିଛି।

ନଡ୍ଡାଙ୍କ ଏହି ଗସ୍ତ କାଳରେ ସେ ପ୍ରଥମେ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଭେଟି ଗୁରୁମନ୍ତ୍ର ଦେବେ, ଏହାପରେ ଦଳର ବିଧାୟକ, ଏମ୍‌ପି ଏବଂ ଜିଲା ସଭାପତିଙ୍କ ସହ ଆଲୋଚନା କରିବେ। ଶେଷରେ ସେ ପଦାଧିକାରୀମାନଙ୍କ ସହ ବୈଠକ କରିପାରନ୍ତି। ତେବେ ରାଜ୍ୟରେ ନିକଟରେ ଶେଷ ହୋଇଥିବା ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନରେ ଭାଜପା ପରାଜିତ ହୋଇଛି। ଏପରିକି ବାଲେଶ୍ୱର ଆସନ ଭାଜପା ଦଖଲରେ ଥିବାବେଳେ ତାହା ମଧ ରଖିବାରେ ବିଫଳ ହୋଇଛି। ତେଣୁ ଆଗକୁ ପିପିଲି ଉପନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ନଡ୍ଡା ଓଡିଶା ଆସିବାର ଯୋଜନା ହେଉଥିବା କୁହାଯାଉଛି।

# ୫ବର୍ଷ ବିତିଲା, କାମ ସରିଲାନି

**ଡୁଙ୍ଗୁରିପାଲି,୨୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ବରଗଡ-ବୋରିଗୁମା ୨୬ ନମ୍ବର ଜାତୀୟ ରାଜପଥର ବଡଫଟାମୁଣ୍ଡା ଛକ ନିକଟରେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ନିର୍ମିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଏବେ ଭୂତକୋଠି ପାଲଟିଛି। ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ । ଯଥାଶୀଘ୍ର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଖୋଲା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଡୁଙ୍ଗୁରିପାଲି ବ୍ଲକ କୃଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ପରିତ୍ୟକ୍ତ ଅବସ୍ଥାରେ ନବନିର୍ମିତ କୋଠା ।

- **କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କୋଠା ନିର୍ମାଣ**
- **ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇନି**
- **ଡୁଙ୍ଗୁରିପାଲି କୃଷକ ସଂଘର ଆନ୍ଦୋଳନ ଚେତାବନୀ**

ପ୍ରକାଶ ଯେ, ଦୀର୍ଘ ବର୍ଷ ହେବ ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟରେ ଥିବା ଜରାଜୀର୍ଣ୍ଣ କୋଠାରେ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଚାଲିଛି। ଏଠାରେ ଚାଷୀମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ବିଭିନ୍ନ ସମୟରେ ଏହି କାର୍ଯ୍ୟାଳୟକୁ ଚାଷ ସମ୍ବନ୍ଧୀୟ ସୂଚନା ଓ ପରାମର୍ଶ ପାଇଁ ଆସୁଥିବା ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୈଠକ କରିବାକୁ ସ୍ଥାନାଭାବ ରହିଛି । ତାଲିମ କେନ୍ଦ୍ର, ଲାବରେଟୋରୀ ନ ଥିବା ବେଳେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଗୋଦାମ ଅସୁରକ୍ଷିତ ହୋଇପଡିଛି । ଏହା ମରାମତି ହୋଇନାହିଁ । ସେଠାରେ ଚାଷୀମାନଙ୍କୁ ଦିଆଯାଉଥିବା ମୁଗ, ସୋରିଷ, ଧାନ, ଚିନାବାଦାମ, ବିରି ଆଦି ରଖାଯାଉଛି। ଚାଷୀମାନେ ଠିକ ଭାବରେ ବିହନ ନେବା ଆଣିବାରେ ସମସ୍ୟା ରହିଛି । ଏହିସବୁ ସମସ୍ୟା ଦୂର ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ନିର୍ମାଣ ପାଇଁ ୪୦ଲକ୍ଷ ଟଙ୍କା ମଞ୍ଜୁର ହୋଇ ଦୁଇ ମହଲା କୋଠା କାମ ସରିଛି । ମାତ୍ର ଏଠାରେ ବିଦ୍ୟୁତ୍ ସଂଯୋଗ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ । କୋଠା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ସୂଚନା ଫଳକ ଲାଗିନାହିଁ। ନବନିର୍ମିତ କୋଠାର ଦ୍ୱାର ପାଖ ଲୁହା ଗ୍ରୀଲ ଏବେ ନଷ୍ଟ ହେବାକୁ ବସିଲାଣି। ଦାୟିତ୍ୱରେ ଥିବା କୃଷି ବିଭାଗ ଯନ୍ତ୍ରୀଙ୍କ ଅବହେଳାରୁ ଉକ୍ତ କେନ୍ଦ୍ରର କାମ ମନ୍ଥର ଗତିରେ ଚାଲିଛି । ଫଳରେ ତାଲିମ ପ୍ରଦାନ କରିବା ଓ ମାଟି ପରୀକ୍ଷାରେ ସମସ୍ୟା ଉପୁଜୁଛି । ଏଭଳି ପରିସ୍ଥିତିରେ ଚାଷୀମାନେ କେବେ ଲାଭବାନ ହେବେ ଜଣା ନ ଥିବା ବେଳେ ଠିକାଦାର କାମ ସାରି ମାଲେମାଲ୍ ହେବା ସାର ହୋଇଛି । ଅପରପକ୍ଷରେ ନୂତନ କୋଠାରେ କାମ ଆରମ୍ଭ ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ନ ପାଇବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏ ସମ୍ପର୍କରେ କୃଷି ଜିଲା ଅଧିକାରୀ ବିନୋଦ କୁମାର ଲାକ୍ରାଙ୍କୁ ଯୋଗାଯୋଗ କରିବାରେ ସେ ଏହି କାର୍ଯ୍ୟ ନିର୍ମାଣ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଓ କୃଷି ଜିଲା ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ମଧ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

**ଗାନ୍ଧିଜୀଙ୍କ ଅଣନାତିଙ୍କର କରୋନାରେ ମୃତ୍ୟୁ**

**ଜୋହାନ୍ସବର୍ଗ:** ଦକ୍ଷିଣ ଆଫ୍ରିକାରେ ରହୁଥିବା ମହାତ୍ମା ଗାନ୍ଧୀଙ୍କ ଅଣନାତି ସତୀଶ ଧୁପେଲିଆଙ୍କର କରୋନାରେ ମୃତ୍ୟୁ ଘଟିଛି। ତାଙ୍କୁ ୬୬ ବର୍ଷ ହୋଇଥିଲା। ଗତ ମାସରେ ନିମୋନିଆ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା ବେଳେ ତାଙ୍କୁ କରୋନା ସଂକ୍ରମିତ ହୋଇଥିଲା ବୋଲି ସତୀଶଙ୍କ ଭଉଣୀ ଉମା କହିଛନ୍ତି। ସତୀଶ ଜଣେ ଭିଡିଓଗ୍ରାଫର ଓ ଫଟୋଗ୍ରାଫର ଭାବେ କାର୍ଯ୍ୟ କରିବା ସହ ଗାନ୍ଧୀ ଉନ୍ନୟନ ଟ୍ରଷ୍ଟକୁ ସହାୟତା କରୁଥିଲେ।

# ରାଜ୍ୟଙ୍କୁ ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ

■ସଂକ୍ରମଣ ରୋକିବାରେ ବିଫଳତା

■ଦିଲ୍ଲୀ, ଗୁଜରାଟ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୧୧(ପି.ଟି.)

ଦିଲ୍ଲୀ ଓ ଗୁଜରାଟରେ କରୋନା ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଦୁଇ ରାଜ୍ୟର ସରକାର ସଂକ୍ରମଣ ରୋକିବାରେ ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ଏଥିସହିତ ଦୁଇଦିନ ମଧ୍ୟରେ କରୋନା ସ୍ଥିତି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାମାରୀ ରୋକିବା ଲାଗି କ'ଣ ପଦକ୍ଷେପ ନିଆଯାଇଛି ଓ ପରବର୍ତ୍ତୀ ଯୋଜନା କ'ଣ ରହିଛି, ସ୍ଥିତିର ମୁକାବିଲା ପାଇଁ କେନ୍ଦ୍ରର ସହାୟତା ଲୋଡ଼ାଯାଇଛି କି ନାହିଁ ସବିଶେଷ ଜଣାଇବାକୁ ଅଦାଲତ କହିଛନ୍ତି।

ଉତ୍ତର ଭାରତର ଅଧିକାଂଶ ରାଜ୍ୟରେ ସଂକ୍ରମଣ ବଢ଼ୁଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଡିସେମ୍ବରରେ ସ୍ଥିତି ଆହୁରି ବିଗିଡ଼ିବା ଆଶଙ୍କା ରହିଛି। ନଭେମ୍ବରରେ ଦିଲ୍ଲୀରେ ସଂକ୍ରମଣ ସ୍ଥିତି ବହୁତ ଖରାପ ହୋଇଥିବାରୁ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ଜଣାଇବାକୁ ଜଷ୍ଟିସ୍ ଅଶୋକ ଭୂଷଣ, ଆର୍.ଏସ୍. ରେଡ୍ଡୀ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଦିଲ୍ଲୀ ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ସଞ୍ଜୟ ଜୈନ ଉପସ୍ଥିତ ଥିଲେ। କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାର ମହାମାରୀର ମୁକାବିଲା ଲାଗି ପର୍ଯ୍ୟାପ୍ତ ତଥା ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି। ସଂକ୍ରମଣ ବଢ଼ିବା ସତ୍ତ୍ୱେ ଗୁଜରାଟ ସରକାର ବିବାହ ଓ ସମାବେଶ ପାଇଁ ଅନୁମତି ଦେଇଥିବାରୁ ଖଣ୍ଡପୀଠ ଏହାକୁ ନିନ୍ଦା କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଶୁକ୍ରବାରକୁ ଧାର୍ଯ୍ୟ କରାଯାଇଛି।



## ଆଜି ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦିଙ୍କ ବୈଠକ

ନୂଆଦିଲ୍ଲୀ, ୨୩।୧୧



**ଅଧିକ ସଂକ୍ରମିତ ରାଜ୍ୟରେ ଘୋଷଣା ହୋଇପାରେ ଲକ୍‌ଡାଉନ**

**ଟିକା ପରିଚାଳନା ନେଇ ହେବ ଆଲୋଚନା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକରେ ଯୋଗଦେବେ। ଦିଲ୍ଲୀ, ମହାରାଷ୍ଟ୍ର, କେରଳ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ କରୋନା ସଂକ୍ରମଣ ସ୍ଥିତି ଅତ୍ୟନ୍ତ ଖରାପ ଥିବାରୁ ବୈଠକରେ ଏହାର ସମୀକ୍ଷା କରାଯିବା ଆଶା କରାଯାଉଛି। ଇତିମଧ୍ୟରେ କେତେକ ରାଜ୍ୟ ରାତ୍ର କର୍ଫ୍ୟୁ ଏବଂ ଧାରା ୧୪୪ ଜାରି କରିଛନ୍ତି। ତେଣୁ ସଂକ୍ରମଣ ଅତ୍ୟଧିକ ବଢ଼ିଥିବା ରାଜ୍ୟରେ ପ୍ରଧାନମନ୍ତ୍ରୀ ଲକ୍‌ଡାଉନ ଘୋଷଣା କରିପାରନ୍ତି କିମ୍ବା ଏଥିପାଇଁ ରାଜ୍ୟଗୁଡ଼ିକୁ କ୍ଷମତା ଦେଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ଏହା ବ୍ୟତୀତ ଭାରତରେ ୪ଟି କୋଭିଡ୍ ଟିକାର ଦ୍ୱିତୀୟ କିମ୍ବା ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଥିବାରୁ ସେଗୁଡ଼ିକର ଯୋଗାଣ ଓ ଟିକାକରଣ ଉପଯୁକ୍ତ ପରିଚାଳନା ଉପରେ ରାଜ୍ୟଗୁଡ଼ିକ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ। ଫାଇଜର ଓ ମଡର୍ନା ଟିକାର ସଫଳତା ପରେ ନୀତି ଆୟୋଗର ଏକ ବୈଠକରେ ଟିକାର ଜରୁରୀ ପ୍ରାଧିକାର ପ୍ରଦାନ, ଅଗ୍ରିମ ସଂଗ୍ରହ ଓ ମୂଲ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରାଜ୍ୟଗୁଡ଼ିକର ସହଯୋଗ ଓ ସେମାନଙ୍କ ସହ ସମନ୍ୱୟ ରଖି କେନ୍ଦ୍ର ସରକାର କରୋନା ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ସ୍ୱାସ୍ଥ୍ୟସେବା ଓ ମେଡିକାଲ ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ର ସହାୟତା ଯୋଗାଇଦେଇଛି। ସୋମବାର ସକାଳ ସୁଦ୍ଧା ଦେଶରେ ମୋଟ ସଂକ୍ରମଣ ସଂଖ୍ୟା ୯୧ ଲକ୍ଷ ଟପିଥିବାବେଳେ ୮୫,୬୨,୬୪୧ ଜଣ ସୁସ୍ଥ ହେଲେଣି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ବର୍ତ୍ତମାନ ୪,୪୩,୪୮୬ ସକ୍ରିୟ ମାମଲା ରହିଛି, ଯାହା ମୋଟ ମାମଲାର ୪.୮୫ ପ୍ରତିଶତ।

## ତରୁଣ ଗୋଗୋଇଙ୍କ ପରଲୋକ

ଗୁଆହାଟୀ, ୨୩।୧୧



ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କର ସୋମବାର ଅପରାହ୍ନ ୫ଟା ୩୪ରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ୨୦୦୧ରୁ ୨୦୧୬ କ୍ରମାଗତ ୧୫ ବର୍ଷ ଆସାମର ମୁଖ୍ୟମନ୍ତ୍ରୀ ଥିବା ଗୋଗୋଇ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ନଭେମ୍ବର ୨ରେ ଗୌହାଟୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡ଼ିବାରୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ତାଙ୍କର ବିଭିନ୍ନ ଅଙ୍ଗ ଅକାମୀ ହୋଇପଡ଼ିଥିଲା। କିଡ୍‌ନୀ ସମସ୍ୟା ଯୋଗୁ ରବିବାର ତାଙ୍କର ଡାଏଲିସିସ୍ କରାଯାଇଥିଲା। ସୋମବାର ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଡିବ୍ରୁଗଡ଼ରେ ତାଙ୍କ କାର୍ଯ୍ୟକ୍ରମକୁ ବାତିଲ କରି ଗୁଆହାଟୀ ଫେରିଆସି ଗୋଗୋଇଙ୍କୁ ଦେଖାକରିଥିଲେ। ଏହି ବରିଷ୍ଠ କଂଗ୍ରେସ ନେତା ତାଙ୍କ ପାଇଁ ପିତୃତୁଲ୍ୟ ଥିଲେ। ସେ ଜଣେ ଜନନେତା ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମାଇକ୍ରୋବ୍ଲଗିଂ ସାଇଟ୍‌ରେ ଲେଖିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଗୋଗୋଇଙ୍କ ସ୍ତ୍ରୀ ଡୋଲି, ଝିଅ ଚନ୍ଦ୍ରିମା ଏବଂ ପୁଅ ଗୌରବ ଉପସ୍ଥିତ ଥିଲେ। ପୂର୍ବରୁ ଗତ ଅଗଷ୍ଟ ୨୫ରେ ଗୋଗୋଇଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସେ ଦୁଇମାସ ହସ୍ପିଟାଲରେ ରହିଥିଲେ।

ଗୋଗୋଇଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସେ ଜଣେ ଲୋକପ୍ରିୟ ନେତା ଓ ବର୍ଷୀୟାନ ପ୍ରଶାସକ ଥିଲେ, ଯାହାଙ୍କର ଆସାମ ସମେତ କେନ୍ଦ୍ରରେ ଦୀର୍ଘବର୍ଷର ରାଜନୈତିକ ଅଭିଜ୍ଞତା ଥିଲା ବୋଲି ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଏହି ଦୁଃଖଦ ମୁହୂର୍ତ୍ତରେ ସେ ଗୋଗୋଇଙ୍କ ପରିବାର ସଦସ୍ୟ ଓ ସମର୍ଥକମାନଙ୍କୁ ସମବେଦନା ଜଣାଇଛନ୍ତି। ଆସାମର ବିକାଶ ପାଇଁ ଗୋଗୋଇ ସବୁବେଳେ ମନେରହିବେ ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି। ଦେଶ ଜଣେ ବର୍ଷୀୟାନ ତଥା ଅଭିଜ୍ଞ ନେତା ଓ ପ୍ରଶାସକଙ୍କୁ ହରାଇଲା। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଆସାମରେ ବଡ଼ ପରିବର୍ତ୍ତନ ଆସିଥିଲା ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି।



ତୁଷାରପାତ ପରେ ହିମାଚଳ ପ୍ରଦେଶର ଲାହାଉଲ-ସ୍ପିତି ବରଫରେ ଘୋଡ଼େଇ ହୋଇଛି।

## କାଲିଫର୍ନିଆ ଚର୍ଚ୍ଚରେ ଛୁରାମାଡ଼: ୨ ମୃତ

ସାନ୍ ଜୋସ୍, ୨୩।୧୧

କାଲିଫର୍ନିଆର ସାନ୍ ଜୋସରେ ଥିବା ଗ୍ରେସ୍ ବାପ୍‌ଟିଷ୍ଟ ଚର୍ଚ୍ଚରେ ରବିବାର ରାତିରେ ଆକ୍ରମଣ ହୋଇଛି। ଛୁରାମାଡ଼ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଗୁରୁତର ଆହତ ହୋଇଥିବା ସାନ୍ ଜୋସ୍ ପୋଲିସ୍ କହିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଛୁରାମାଡ଼ ବେଳେ ଚର୍ଚ୍ଚରେ କୌଣସି ସେବା ଚାଲୁ ନ ଥିଲା। ବାସହୀନମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଚର୍ଚ୍ଚକୁ ଅଣାଯାଇଥିଲା ବୋଲି ପୋଲିସ କହିଛି।

## ଏମ୍‌ପିଙ୍କ ଲାଗି ବହୁତଳ ଫ୍ଲାଟ୍ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୨୩।୧୧(ପିଆଇବି)

**୧୭ତମ ଲୋକ ସଭା ବହୁ ଐତିହାସିକ ନିଷ୍ପତ୍ତି ନେଇଛି: ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଏମ୍‌ପିମାନଙ୍କ ଲାଗି ବହୁତଳ ଫ୍ଲାଟଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ନୂଆଦିଲ୍ଲୀର ଡ. ବି.ଡି. ମାର୍ଗରେ ଏହି ଫ୍ଲାଟ ଅବସ୍ଥିତ। ୮୦ ବର୍ଷ ପୁରୁଣା ୮ଟି ବଙ୍ଗଳାକୁ ବିକଶିତ କରାଯାଇ ୭୬ଟି ଫ୍ଲାଟ ନିର୍ମାଣ କରାଯାଇଛି। ଏଥିରେ ଗ୍ରୀନ୍ ବିଲ୍ଡିଂ ନିୟମକୁ ପାଳନ କରାଯାଇଛି, ଯାହା ଏମ୍‌ପିମାନଙ୍କୁ ସୁସ୍ଥ ଓ ସୁରକ୍ଷିତ ରଖିବ। ସେମାନଙ୍କର ବହୁଦିନର ସମସ୍ୟା ସମାଧାନ ହେଲା ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି।

୧୬ରୁ ୧୮ତମ ଲୋକ ସଭା (୨୦୧୪-୨୯) ଭାରତ ଭଳି ଯୁବ ଗଣତନ୍ତ୍ର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଗତ ୬ ବର୍ଷ ମଧ୍ୟରେ ଦେଶର ଅନେକ ବିକାଶ ହୋଇଛି ଓ ଆଗାମୀ ଦିନରେ ବାକି ଥିବା କାର୍ଯ୍ୟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୧୭ତମ ଲୋକ ସଭାରେ ଅନେକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ କୃଷି ଓ ଶ୍ରମ ସେକ୍ଟରରେ ସଂସ୍କାର ପାଇଁ ଆଇନ ଅଣାଯିବା ସହ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ନାଗରିକତ୍ୱ ଆଇନ ଗୃହୀତ ହୋଇଛି। ଆଗାମୀ ଅଷ୍ଟାଦଶ ଲୋକ ସଭା ମଧ୍ୟ ପରବର୍ତ୍ତୀ ଦଶନ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମୋଦି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ଆଣ୍ଟୋନି ବ୍ଲିକେନ୍ ହେବେ ଆମେରିକା ପରରାଷ୍ଟ୍ର ସଚିବ



ୱାଶିଂଟନ, ୨୩।୧୧

ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନରେ ତାଙ୍କର ବିଦେଶ ନୀତି ଉପଦେଷ୍ଟା ଆଣ୍ଟୋନି ବ୍ଲିକେନ ପରରାଷ୍ଟ୍ର ସଚିବ ହେବାକୁ ଯାଉଛନ୍ତି। ମଙ୍ଗଳବାର ବାଇଡେନ୍ ତାଙ୍କର ପ୍ରଥମ ପର୍ଯ୍ୟାୟ କ୍ୟାବିନେଟ୍ ଘୋଷଣା କରିବେ। ବାରାକ୍ ଓବାମାଙ୍କ ଦ୍ୱିତୀୟ ପାଳି ସରକାରରେ ବ୍ଲିକେନ୍ ପରରାଷ୍ଟ୍ର ଉପସଚିବ ଓ ଉପରାଷ୍ଟ୍ରପତି ବାଇଡେନ୍‌ଙ୍କ ଜାତୀୟ ସୁରକ୍ଷା ଉପଦେଷ୍ଟା ରହିଥିଲେ।

## ଡ୍ରଗ୍ସ ମାମଲାରେ ଭାରତୀ, ହର୍ଷଙ୍କୁ ଜାମିନ

ମୁମ୍ବାଇ, ୨୩।୧୧



ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ଓ ତାଙ୍କ ସ୍ୱାମୀ ହର୍ଷ ଲିମ୍ବାଚିଆଙ୍କୁ ଶନିବାର ମୁମ୍ବାଇ କୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଘରେ ଗଞ୍ଜେଇ ରଖିବା ଓ ବ୍ୟବହାର କରିବା ଅଭିଯୋଗରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ପକ୍ଷରୁ ଦୁହିଁଙ୍କୁ ଗିରଫ କରାଯାଇଥିଲା। ଶନିବାର ଭାରତୀଙ୍କ ଅନ୍ଧେରୀସ୍ଥିତ ବାସଭବନ ଉପରେ ଏନ୍‌ସିବି ପକ୍ଷରୁ ଚଢ଼ାଉ କରାଯିବା ପରେ ୮୬.୫ ଗ୍ରାମ ଗଞ୍ଜେଇ ସେଠାରୁ ମିଳିଥିଲା। ଜେରା ପରେ ଭାରତୀ ସିଂ ଗଞ୍ଜେଇ ବ୍ୟବହାର କରୁଥିବା ମାନିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ସ୍ୱାମୀ ହର୍ଷଙ୍କୁ ଦୀର୍ଘ ୧୫ ଘଣ୍ଟା ଜେରା କରାଯିବା ପରେ ଗିରଫ କରାଯାଇଥିଲା। ରବିବାର ଦୁହେଁ ମାଜିଷ୍ଟ୍ରେଟ ସେମାନଙ୍କୁ ଡିସେମ୍ବର ୪ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ। ସୋମବାର ବେଲ୍ ବଣ୍ଡ ଜରିଆରେ କୋର୍ଟ ଜାମିନ ପ୍ରଦାନ କରିଛନ୍ତି।

## ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଆକ୍ରମଣ

ମୁମ୍ବାଇ, ୨୩।୧୧

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖେଡେ ଓ ତାଙ୍କ ସହ ଥିବା ୫ ଅଧିକାରୀଙ୍କ ଉପରେ ସୋମବାର ଡ୍ରଗ୍ସ ବ୍ୟବସାୟୀମାନେ ଆକ୍ରମଣ କରିଛନ୍ତି। ଏଥିରେ ୨ ଅଧିକାରୀ ଗୁରୁତର ହୋଇଛନ୍ତି। କ୍ୟାରି ମଣ୍ଡିଜ୍‌ଙ୍କୁ ଗିରଫ କରିବା ଲାଗି ଯାଉଥିବାବେଳେ ପ୍ରାୟ ୬୦ ଡ୍ରଗ୍ସ ବ୍ୟବସାୟୀ ମୁମ୍ବାଇର ଗୋରେଗାଓଁ ଅଞ୍ଚଳରେ ଏନ୍‌ସିବି ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ମୁମ୍ବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏନ୍‌ସିବି ଅଧିକାରୀଙ୍କୁ ସୁରକ୍ଷା ଦେବା ସହ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ।

## କେରଳ ପୋଲିସ ଆଇନ ସଂଶୋଧନ ଅଧ୍ୟାଦେଶ ସ୍ଥଗିତ

ଥିରୁଭାନନ୍ତପୁରମ୍, ୨୩।୧୧

**ବିରୋଧ ଯୋଗୁ ନରମିଲେ ସରକାର**

ବିରୋଧୀ ଦଳ, ଗଣମାଧ୍ୟମ ଓ ସିଭିଲ୍ ସୋସାଇଟିର ତୀବ୍ର ପ୍ରତିବାଦ ଫଳରେ କେରଳ ସରକାର ପୋଲିସ ଆଇନ ସଂଶୋଧନ ଅଧ୍ୟାଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖିଛନ୍ତି। ଉକ୍ତ ଅଧ୍ୟାଦେଶ ବାକ୍ ସ୍ୱାଧୀନତା ଓ ଯେକୌଣସି ମାଧ୍ୟମରେ ମତାମତ ଦେବା ଅଧିକାରକୁ ସଙ୍କୁଚିତ କରିବ ବୋଲି ଅଭିଯୋଗ ହୋଇଥିଲା। ସଂଶୋଧନ ଉପରେ ବିଭିନ୍ନ ବର୍ଗର ଲୋକଙ୍କଠାରୁ ମତାମତ ନିଆଯାଇଥିଲା। ରାଜ୍ୟର ଏଲ୍‌ଡିଏଫ୍ ସରକାରଙ୍କ ସମର୍ଥକମାନଙ୍କ ସମେତ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମର୍ଥନ କରୁଥିବା ଲୋକେ ନୂତନ ସଂଶୋଧନକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବିରୋଧ ଫଳରେ ସରକାର ସଂଶୋଧିତ ଆଇନକୁ ଏବେ କାର୍ଯ୍ୟକାରୀ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଧାନସଭାରେ ଆଲୋଚନା ଓ ସମସ୍ତଙ୍କ ମତାମତ ନିଆଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି।

## କୋଭିଡ୍ ନେଗେଟିଭ୍ ସାର୍ଟିଫିକେଟ୍ ବିନା ମହାରାଷ୍ଟ୍ର ମନା

ମୁମ୍ବାଇ, ୨୩।୧୧

ମହାରାଷ୍ଟ୍ର ସରକାର ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ ଓ ଗୋଆବାସୀଙ୍କ ଯାତ୍ରା ଉପରେ ସୋମବାର କଟକଣା ଲଗାଇଛନ୍ତି। କରୋନା ଆର୍‌ଟିପିସିଆର୍ ନେଗେଟିଭ୍ ସାର୍ଟିଫିକେଟ ବିନା ଏହି ରାଜ୍ୟବାସୀ ମହାରାଷ୍ଟ୍ର ଯାତ୍ରା କରିପାରିବେ ନାହିଁ। ଏହି ସବୁ ରାଜ୍ୟରେ ଏକ୍ଷବ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ୁଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ବିମାନ ଯାତ୍ରାର ୭୨ ଘଣ୍ଟା ଓ ରେଳଯାତ୍ରାର ୯୬ ଘଣ୍ଟା ମଧ୍ୟରେ ନେଗେଟିଭ୍ ସାର୍ଟିଫିକେଟକୁ ବାଧ୍ୟତାମୂଳକ କରାଯାଇଛି। ଅନ୍ୟ ଗାଡ଼ିମୋଟରରେ ଯାତ୍ରାକରୁଥିବା ବ୍ୟକ୍ତି ଚେକ୍‌ପୋଷ୍ଟରେ ସ୍କ୍ରିନିଂ କରିବା ବାଧ୍ୟତାମୂଳକ। ପଜିଟିଭଥ ଚିହ୍ନଟ ହେଲେ କୋଭିଡ୍ କେୟାର୍‌ରେ ସେମାନଙ୍କୁ ଭର୍ତ୍ତି କରାଯିବ ବୋଲି ମହାରାଷ୍ଟ୍ର ସରକାର ବିଜ୍ଞପ୍ତିରେ କହିଛନ୍ତି।

## ଦୁର୍ବଳ ରାଷ୍ଟ୍ରପତି ଯୁଦ୍ଧ କରିପାରନ୍ତି

ବେଜିଂ, ୨୩।୧୧



**ବାଇଡେନ୍‌ଙ୍କୁ ନେଇ ଚାଇନା ଚିନ୍ତିତ**

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଜୋ ବାଇଡେନ୍ ବାଜିମାରିବା ପରେ ଚାଇନା ଅଧିକ ଚିନ୍ତିତ ହୋଇପଡ଼ିଛି। ବାଇଡେନ୍ ବିଜୟୀ ହେବା ପରେ ବେଜିଂ ସହ ଆମେରିକାର ସମ୍ପର୍କ ସୁଧୁରିବ ଭାବିବା ଠିକ୍ ନୁହେଁ ବୋଲି ଚାଇନାର ବୈଦେଶିକ ନୀତି ଉପଦେଷ୍ଟା ଝେଙ୍ଗ୍ ୟୋଙ୍ଗନିଆନ୍ କହିଛନ୍ତି। ଆମେରିକା ବିରୋଧରେ ସତର୍କ ରହିବା ଓ ପ୍ରତ୍ୟେକ ସୁଯୋଗର ଲାଭ ଉଠାଇବା ପାଇଁ ଚାଇନା ସରକାର ସର୍ବଦା ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

ଶେନ୍‌ଝେନ୍ ଥିଙ୍କ୍‌ଟ୍ୟାଙ୍କ୍ 'ଆଡ୍‌ଭାନ୍ସଡ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ ଆଣ୍ଡ କଣ୍ଟେମ୍ପରାରି ଚାଇନା ଷ୍ଟଡିଜ୍'ର ଡିନ୍ ଝେଙ୍ଗ୍ କହିଛନ୍ତି, ପୁରୁଣା ଭଲଦିନ ଆଉ ନାହିଁ। ଶୀତଳ ଯୁଦ୍ଧ ମାନସିକତା ଆମେରିକାର ରହିଛି। ହ୍ୱାଇଟ୍‌ହାଉସ୍‌କୁ ଆସିବା ପରେ ବାଇଡେନ୍ ସୁଯୋଗର ଫାଇଦା ଉଠାଇବା ଲାଗି ପ୍ରୟାସ କରିବେ। ସେ ଆମେରିକାର ଜଣେ ଦୁର୍ବଳ ଓ ସବୁଠୁ ବୟସ୍କ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ଘରୋଇ ସମସ୍ୟାର ସମାଧାନ ଲାଗି କୂଟନୈତିକ ପଦକ୍ଷେପ ସେ ଗ୍ରହଣ କରି ଚାଇନା ବିରୋଧରେ କଠୋର ପଦକ୍ଷେପ ନେଇପାରନ୍ତି। ଟ୍ରମ୍ପ ଯୁଦ୍ଧ ଲାଗି ଆଗ୍ରହୀ ନ ଥିଲେ, ହେଲେ ବାଇଡେନ ଯୁଦ୍ଧ କରିପାରନ୍ତି ବୋଲି ଝେଙ୍ଗ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ପୂର୍ବରୁ ବାଇଡେନ୍ ଚାଇନାକୁ ଦୋଷ ଦେବା ସହ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ହତ୍ୟାକାରୀ କହିଥିଲେ। କୋଭିଡ୍-୧୯, ମାନବାଧିକାର ପ୍ରସଙ୍ଗ ଓ ବାଣିଜ୍ୟ ଯୁଦ୍ଧକୁ ନେଇ ଦୁଇଦେଶ ମଧ୍ୟରେ ସମ୍ପର୍କ ତିକ୍ତ ରହିଛି। କଂଗ୍ରେସରେ ଚାଇନା ବିରୋଧରେ ୩୦୦ ଅଲଗା ଅଲଗା ବିଲ୍ ପଡ଼ିରହିଛି। ରିପବ୍ଲିକାନ୍ ଓ ଡେମୋକ୍ରାଟ୍ ଏହାକୁ ସମର୍ଥନ କରିଆସୁଛନ୍ତି। ତେଣୁ ବାଇଡେନ୍‌ଙ୍କ ରାଷ୍ଟ୍ରପତିତ୍ୱ କାଳରେ ଆମେରିକା-ଚାଇନା ସମ୍ପର୍କ ବିଗିଡ଼ିବା ଆଶଙ୍କା ରହିଛି। ଏସବୁକୁ ନେଇ ଚାଇନା ସତର୍କତାର ସହ କାର୍ଯ୍ୟ କରିବାକୁ ବୈଦେଶିକ ନୀତି ବିଶେଷଜ୍ଞ ଝେଙ୍ଗ୍ ପରାମର୍ଶ ଦେଇଛନ୍ତି।

## ଜୀବସତ୍ତା ପାଇଁ ମଙ୍ଗଳ ସମର୍ଥ ଥିଲା

ନ୍ୟୁୟର୍କ, ୨୩।୧୧(ପି.ଟି.)



**୪୦୦ କୋଟି ବର୍ଷ ତଳେ ବଡ଼ ବନ୍ୟା ହୋଇଥିଲା**

ମଙ୍ଗଳ ଗ୍ରହରେ ପାଖାପାଖି ୪୦୦ କୋଟି ବର୍ଷ ପୂର୍ବେ ବଡ଼ ଧରଣର ବନ୍ୟା ଆସିଥିଲା। ଏହି ବନ୍ୟା ଗାଲେ କ୍ରାଟର (ଶୁଷ୍କ ହ୍ରଦ)ରେ ମାଡ଼ିଯାଇଥିଲା ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିବା ପରେ ଲାଲ୍ ଗ୍ରହରେ ଜୀବସତ୍ତା ତିଷ୍ଠି ରହିବା ସମ୍ଭବ ଥିଲା ବୋଲି କୁହାଯାଉଛି। ନାସାର କ୍ୟୁରିଓସିଟି ରୋଭର ସଂଗ୍ରହ କରିଥିବା ତଥ୍ୟକୁ ଅନୁଧ୍ୟାନ କରାଯାଇ ଗବେଷକମାନେ ଏହା କହିଛନ୍ତି। ସମ୍ଭବତଃ ଉଲ୍‌କାପାତ କିମ୍ବା ଅନ୍ୟ କୌଣସି କାରଣରୁ ହିମାଚ୍ଛାଦିତ ରିଜର୍ଭୟରରୁ ଅଙ୍ଗାରକାମ୍ଳ ଓ ମିଥେନ୍ ନିର୍ଗତ ହୋଇ ଉତ୍ତାପ ସୃଷ୍ଟି ହୋଇଥିଲା। ଏହି ଉତ୍ତାପ ଯୋଗୁ ମଙ୍ଗଳ ପୃଷ୍ଠରେ ଥିବା ବରଫ ତରଳି ବନ୍ୟା ଆସିଥିଲା ବୋଲି ସାଇଣ୍ଟିଫିକ୍ ରିପୋର୍ଟସ୍ ପତ୍ରିକାରେ ପ୍ରକାଶ ପାଇଛି। ବନ୍ୟା ସ୍ରୋତର ଚିହ୍ନ ମଙ୍ଗଳ ପୃଷ୍ଠରେ ଦେଖିବାକୁ ମିଳିଥିବାରୁ ବହୁତ ବଡ଼ ବନ୍ୟା ଆସିଥିବା କର୍ନେଲ ୟୁନିଭର୍ସିଟିର ଆଲବର୍ଟୋ ଜି. ଫେୟାରେନ୍ କହିଛନ୍ତି। ଜଳ ଓ ପବନ ଦ୍ୱାରା ମଙ୍ଗଳ ପୃଷ୍ଠରେ ହୋଇଥିବା ଭୂତାତ୍ତ୍ୱିକ ଢାଞ୍ଚା ୪୦୦ କୋଟି ବର୍ଷ ଧରି ହିମାଚ୍ଛାଦିତ ହୋଇ ରହିଛି। ବନ୍ୟାରେ ୩୦ ଫୁଟ ଉଚ୍ଚର ଲହଡ଼ି ଉଠିଥିବା ବୈଜ୍ଞାନିକମାନେ ଆକଳନ କରିଛନ୍ତି।

ଧରିତ୍ରୀ
DHARITRI
Tuesday, 24 November, 2020

**ଆର୍ଥିକ ସଂସ୍କାର ଧାରା ଜାରି ରହିବ:ସୀତାରାମନ**

ନିବେଶ କ୍ଷେତ୍ରରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ସ୍ଥାନ ଭାବେ ଗଢ଼ି ତୋଳିବା ଲାଗି ସରକାର ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି ପ୍ରକ୍ରିୟା ଅନ୍ତର୍ଗତ ସରକାର ଆର୍ଥିକ ସଂସ୍କାର ଧାରା ଜାରି ରଖିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୂଚନା ଦେଇଛନ୍ତି। ଶିଳ୍ପଜଗତକୁ ସୋମବାର ସେ ଏ ନେଇ ପ୍ରତିଶ୍ରୁତି ଦେଇଛନ୍ତି।



## ସଂକ୍ଷେପରେ

### 'ଭୋକାଲ ଫର୍ ଲୋକାଲ'କୁ ରିଲାଏନ୍ସ ରିଟେଲର ସମର୍ଥନ

ମୁମ୍ବାଇ,୨୩।୧୧: ରିଲାଏନ୍ସ ରିଟେଲ ପକ୍ଷରୁ ଚଳିତ ପାର୍ବଣରେ ତାହାର ଗ୍ରାହକଙ୍କ ପାଇଁ ୫୦ରୁ ଉର୍ଦ୍ଧ୍ୱ ଜିଆଇ ପ୍ରମାଣିତ କାରିଗରୀ କ୍ଲଷ୍ଟରରୁ ୪୦ହଜାରରୁ ଅଧିକ କାରଗରୀ ବା ହସ୍ତଶିଳ୍ପୀଙ୍କ ନିର୍ମିତ ଉତ୍ପାଦ ଏହି ସମୟରେ ପ୍ରଦର୍ଶିତ ହୋଇଥିଲା। ଏହାର ୩ବର୍ଷର ଅଗ୍ରଣୀ ପ୍ରୟାସ ' ଇଣ୍ଡି ବାଏ ଆଜିଓ' ଏବଂ ସ୍ୱଦେଶ ଅଭିଯାନର ପ୍ରତ୍ୟକ୍ଷ ଫଳସ୍ୱରୂପ ସ୍ଥାନୀୟ କାରିଗରୀଙ୍କ ପାଇଁ ବିକ୍ରି ଓ ନିଯୁକ୍ତିସୁଯୋଗ ସୃଷ୍ଟି ହୋଇପାରିଛି। ଗାଁରୁ ସହର ସବୁ ସ୍ତରରେ ପ୍ରସ୍ତୁତ ହସ୍ତଶିଳ୍ପ ଓ କାରିଗରୀ ଉତ୍ପାଦକୁ ଦୃଢ଼ ଭାବରେ ଉପସ୍ଥାପନ କରିବାକୁ ଯାଇ ଏହି କାର୍ଯ୍ୟକ୍ରମ ଜରିଆରେ ସମ୍ପ୍ରତି ୩୦ ହଜାରରୁ ଉର୍ଦ୍ଧ୍ୱ କୁଶଳୀ କାରିଗରାଙ୍କୁ ନିୟୋଜିତ କରିପାରିଛି। ଏହି କାରିଗରମାନେ ପୋଷାକ, ବୟନ ସାମଗ୍ରୀ ଏବଂ ହାତତିଆରି ପ୍ରାକୃତିକ ଉତ୍ପାଦ ଭଳି ବିଭିନ୍ନ ବର୍ଗର ୬୦୦ରୁ ଅଧିକ କଳାତ୍ମକ ପରିପ୍ରକାଶର ପ୍ରତିନିଧିତ୍ୱ କରୁଛନ୍ତି। ଏଭଳି ବିଭିନ୍ନ ପଦକ୍ଷେପ ନେଇ ଆନନ୍ଦିତ ବୋଲି ରିଲାଏନ୍ସ ଫ୍ୟାଶନ ଏଣ୍ଡ ଲାଇଫ ଷ୍ଟାଇଲର ପ୍ରେସିଡେଣ୍ଟ ଅଖିଳେଶ ପ୍ରସାଦ କହିଛନ୍ତି।

# ନୂଆ ବ୍ୟାଙ୍କିଙ୍ଗ୍ ପ୍ରସ୍ତାବକୁ ସମାଲୋଚନା

**ନୂଆଦିଲ୍ଲୀ,୨୩।୧୧**

- ରାଜନ, ବିରଳ ଆଚାର୍ଯ୍ୟଙ୍କ ନାପସନ୍ଦ
- ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଙ୍କଟ ସୃଷ୍ଟି କରିବ

ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବଡ଼ କର୍ପୋରେଟ ହାଉସଗୁଡ଼ିକୁ ସୁଯୋଗ ଦେବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଆଭ୍ୟନ୍ତରୀଣ କାର୍ଯ୍ୟକାରୀ ଗ୍ରୁପ୍ (ଆଇଜିଆଇ) ନିକଟରେ ପ୍ରସ୍ତାବ ଦେଇଛି। ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ ଏବଂ ପୂର୍ବତନ ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ଏହି ପ୍ରସ୍ତାବକୁ ସୋମବାର ସମାଲୋଚନା କରିଛନ୍ତି। ବ୍ୟାଙ୍କିଙ୍ଗ୍‌ରେ କର୍ପୋରେଟଗୁଡ଼ିକର ଦେବାଳିଆ ଘଟଣାକୁ ଏଡାଇଦେଇ ହେବନାହିଁ। ଏଣୁ ଏଭଳି ପ୍ରସ୍ତାବ ଦେବା ଆଗରୁ ଅନେକ କିଛି ବିଚାର କରିବାର ଥିଲା ବୋଲି ରାଜନ ଏବଂ ବିରଳ ପ୍ରଶ୍ନ ଉଠାଇଛନ୍ତି। ବଡ କର୍ପୋରେଟ ହାଉସଗୁଡିକୁ ବ୍ୟାଙ୍କ ଲାଇସେନ୍ସ ପ୍ରଦାନ କଲେ କର୍ପୋରେଟଗୁଡିକ ଅଧିକ ଆର୍ଥିକ କ୍ଷମତା ଲାଭ କରିବେ। ଯେବେ କର୍ପୋରେଟ ଫାଇନାନ୍ସ ଆବଶ୍ୟକ କରିବ ଅନାୟାସରେ ବ୍ୟାଙ୍କରୁ ଅର୍ଥ ଲାଭ କରିପାରିବ। ବ୍ୟାଙ୍କ ସେମାନଙ୍କ ଦ୍ୱାରା ସ୍ଥାପନ କରାଯାଇଥିବାରୁ ଏପରି କାମ କରିବାକୁ କର୍ପୋରେଟ ହାଉସ ପଛାଇବେ ନାହିଁ ବୋଲି ଏକ ଆଲେଖ୍ୟରେ ଉଭୟେ ଯୁକ୍ତି କରିଛନ୍ତି।

ଆଲେଖ୍ୟରେ ଏହି ୨ ବିଶେଷଜ୍ଞ ପୁଣି କହିଛନ୍ତି, ବର୍ତ୍ତମାନ ଭାରତରେ ବ୍ୟାଙ୍କିଙ୍ଗ୍‌ର ସ୍ୱରୂପ ଭିନ୍ନ ରହିଛି। ଅତି କ୍ୱଚିତ ଦେଶରେ ବ୍ୟାଙ୍କ ବୁଡ଼ିବାର ନଜିର ସାମ୍ନାକୁ ଆସିଥାଏ। ବ୍ୟାଙ୍କିଙ୍ଗ୍ ଶିଳ୍ପ ଉପରେ ଲୋକଙ୍କର ଭରସା ରହିଥିବାରୁ ବ୍ୟାଙ୍କଗୁଡିକରେ ବୃହତ୍ ଅର୍ଥ ଜମା କରିବାକୁ ଲୋକ ଆଗେଇ ଆସିଥାନ୍ତି। ଯଦି ଶିଳ୍ପସଂସ୍ଥାଗୁଡିକ ନିକଟରେ ବ୍ୟାଙ୍କ ମାଲିକାନା ରହିବ ତେବେ ସ୍ଥିତି ଭିନ୍ନ ହେବ। ଋଣ ପ୍ରଦାନ ଧାରା ମଧ୍ୟ ଖରାପ ହେବ ବୋଲି ରାଜନ ଆଶଙ୍କା କରିଛନ୍ତି। ଏଭଳି ନୀତି ଲାଗୁ କରାଇଲେ ଏହା ସଙ୍କଟ ସୃଷ୍ଟି କରିବ ବୋଲି ସେ ଚେତାଇ ଦେଇଛନ୍ତି। ଯଦି ଋଣ ଗ୍ରହଣକାରୀ ବ୍ୟାଙ୍କର ମାଲିକ ହୋଇଥାନ୍ତି ତେବେ ସେ କିଭଳି ଭାବେ ଉନ୍ନତ ଋଣ ଯୋଗାଣ ଧାରା ତିଆରି କରିପାରିବେ। ସ୍ୱାଧୀନ ନିୟାମକ ବ୍ୟବସ୍ଥା ରହିବା ସତ୍ତ୍ୱେ ବର୍ତ୍ତମାନ ଖରାପ ଋଣ ପ୍ରଦାନକୁ ରୋକାଯାଇ ପାରୁନାହିଁ। ଋଣ ପରଫରମାନ୍ସ ସମ୍ପର୍କିତ ସୂଚନା କ୍ୱଚିତ ଠିକ୍ ଭାବେ ପ୍ରଦାନ କରାଯାଇଥାଏ।

ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ୟେସ୍ ବ୍ୟାଙ୍କ ଏହାର ଖରାପ ଋଣ ସମ୍ପର୍କରେ ଅବଗତ କରାଥିବା ରାଜନ କହିଛନ୍ତି। ନିୟାମକଙ୍କ ଉପରେ ରାଜନୈତିକ ଚାପ ରହିବାର ମଧ୍ୟ ନଜିର ରହୁଛି। ଏଭଳି ହେଲେ କର୍ପୋରେଟ ହାଉସଗୁଡିକ ରାଜନୈତିକ ଏବଂ ଅର୍ଥନୈତିକ କ୍ଷମତା ହାସଲ କରିବା ସହଜ ହୋଇଯିବ। ଏଣୁ ସେମାନଙ୍କୁ ଲାଇସେନ୍ସ କାହିଁକି ପ୍ରଦାନ କରାଯିବ ବୋଲି ରାଜନ ମତ ଦେଇଛନ୍ତି। ନୂଆ ପ୍ରସ୍ତାବ ଉପରେ ଯଦି କାର୍ଯ୍ୟପନ୍ଥା ଗ୍ରହଣ କରାଯାଏ ତେବେ ଏହାର ଲାଭ ରାଜନୈତିକ ଶକ୍ତି ସହ ସମ୍ପର୍କରେ ରହୁଥିବା ବିଜନେସ୍ ହାଉସ ପାଇବେ। ଟଙ୍କା ଦ୍ୱାରା ରାଜନୈତିକ ବାତାବରଣ ନିୟନ୍ତ୍ରଣ କରିବା ଏବଂ ଅର୍ଥନୈତିକ ଶକ୍ତି ହାସଲ ଦ୍ୱାରା କର୍ପୋରେଟଗୁଡିକ ଏକଚ୍ଛତ୍ରବାଦୀ ପୁଞ୍ଜିବାଦ ବ୍ୟବସ୍ଥା ଆଡ଼କୁ ମୁହାଁଇବେ। ଋଣକୁ ନିଜ କ୍ଷେତ୍ରରେ ବ୍ୟବହାର କରିବା ଲାଗି ବ୍ୟାଙ୍କ ଲାଇସେନ୍ସର ଅପବ୍ୟବହାର ହେବ। ବଡ କର୍ପୋରେଟ ହାଉସ ବଡ ବ୍ୟାଙ୍କ ଗଠନ କରିବେ। ଏହା ବିଫଳ ହେଲେ ରାଜକୋଷ ଉପରେ ଏହାର ଚାପ ବଢିବ।

ଏଭଳି ସ୍ଥିତିରେ ରାଜନ କୁହନ୍ତି, ବ୍ୟାଙ୍କିଙ୍ଗ୍ ନିୟମରେ ପରିବର୍ତ୍ତନ କରିବାର ଏତେ ତରବରିଆ ପ୍ରସ୍ତାବ କାହିଁକି ଦିଆଯାଉଛି। ପେମେଣ୍ଟ ବ୍ୟାଙ୍କ ଗଠନ ଲାଗି ଆର୍‌ବିଆଇ କର୍ପୋରେଟ ହାଉସଗୁଡିକୁ ଅନୁମତି ପ୍ରଦାନ କରିଛି। ଅନ୍ୟ ବ୍ୟାଙ୍କ ସହ ଯୋଡ଼ିହୋଇ ସେମାନେ ଖୁଚୁରା ଋଣ ବଣ୍ଟନ କରିପାରିବେ। ଏଣୁ କର୍ପୋରେଟଗୁଡିକୁ କାହିଁକି ପୂର୍ଣ୍ଣ ବ୍ୟାଙ୍କ ଲାଇସେନ୍ସ ପ୍ରଦାନ କରାଯିବ। ଆଇଏଲ୍ଏଫ୍ଏସ୍ ଏବଂ ୟେସ୍ ବ୍ୟାଙ୍କର ବିଫଳତାରୁ ଆମେ କିଛି ଶିଖି ପାରିଲେ ନାହିଁ ବୋଲି ରାଜନ କହିଛନ୍ତି।





### ଦେଶବ୍ୟାପୀ ଧର୍ମଘଟରେ ବ୍ୟାଙ୍କ ସଂଘ ସାମିଲ

**ଭୁବନେଶ୍ୱର,୨୩।୧୧:** ସର୍ବଭାରତୀୟ ସ୍ତରର ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେଶନ ୨୬ ନଭେମ୍ବରରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛି। ଏଥିରେ ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ ଅଫ୍ ଇଣ୍ଡିଆ(ବିଇଏଫ୍ଆଇ) ଅଂଶଗ୍ରହଣ କରିଥିବା ସୂଚନା ମିଳିଛି। ବିଇଏଫ୍ଆଇର ନିଷ୍ପତ୍ତିକ୍ରମେ ଅଲ୍ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘ ମଧ୍ୟ ଧର୍ମଘଟରେ ସାମିଲ ହେବ। ଏହାକୁ ସଫଳ କରିବାକୁ ସଂଘ ଏହାର ସଦସ୍ୟଙ୍କୁ କହିଛି। ସେହିଭଳି ବ୍ୟାଙ୍କ ମିଶ୍ରଣ ଏବଂ ଘରୋଇକରଣ ବନ୍ଦ କରିବା, ଋଣ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବ୍ୟାଙ୍କ ଜମାର ସୁଧ ହାର ବଢ଼ାଇବା, ଶୁଳ୍କକୁ ପ୍ରତ୍ୟାହାର କରିବା , ବ୍ୟାଙ୍କ ଶିଳ୍ପରେ ସ୍ଥାୟୀ କାର୍ଯ୍ୟକୁ ଅସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା ନ କରାଇବା, ସମସ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ପ୍ରଚଳିତ ପେନ୍‌ସନ ଦେବା (ନୂତନ ପେନ୍‌ସନ ନୀତିକୁ ବାତିଲ କରିବା), ସମବାୟ ବ୍ୟାଙ୍କ ଓ ଗ୍ରାମୀଣ ବ୍ୟାଙ୍କକୁ ମଜଭୁତ କରିବା ଆଦି ଦାବି ବ୍ୟାଙ୍କ କର୍ମଚାରୀ ରଖିଛନ୍ତି। ଧର୍ମଘଟକୁ ସଫଳ କରିବା ଲାଗି ସଂଘ ଆହ୍ୱାନ ଜଣାଇଛି।

## ହୋଣ୍ଡା ହର୍ନେଟ ୨.୦, ନୂଆ ଡିଓ ରେପସଲ୍ ଏଡିସନ

**ନୂଆଦିଲ୍ଲୀ,୨୩।୧୧**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନୂଆ ହର୍ନେଟ ୨.୦ ଓ ଭାରତର ପ୍ରଥମ ମୋଟୋ ସ୍କୁଟର ଡିଓର ରେପସଲ୍ ହୋଣ୍ଡା ଏଡିସନକୁ ଉନ୍ମୋଚନ କରାଯାଇଛି। ରେସିଂପ୍ରେମୀଙ୍କୁ ଉତ୍ସାହିତ କରିବା ଲାଗି ଏଥିରେ ରେପସଲ୍ ହୋଣ୍ଡା ରେସିଂ ଟିମ୍ ଦ୍ୱାରା ଅନୁପ୍ରାଣିତ ଗ୍ରାଫିକ୍ସ ଓ ଡିଜାଇନ ଥିମ୍ ଏବଂ ନାରଙ୍ଗୀ ରଙ୍ଗର ହ୍ୱିଲ ଟ୍ରିମ୍ ବ୍ୟବହାର କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାଟା କହିଛନ୍ତି, ହୋଣ୍ଡା ଇତିହାସରେ ରେସିଂର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ହୋଣ୍ଡା ଓ ରେପସଲ୍ ମଧ୍ୟରେ ସହଯୋଗିତା ହେବା ଦିନଠାରୁ ରେସ୍ ଟ୍ରାକ୍‌ରେ ବିଜୟ ଜାରି ରହିଛି। ନିକଟରେ ୮୦୦ତମ ମୋଟୋଜିପି ବିଜୟ ହେଉଛି ହୋଣ୍ଡାର ରେସିଂ ଭାବର ପ୍ରମାଣ। ଏହି ସଫଳତାକୁ ପାଳନ କରି ଆମେ ଭାରତର ରେସିଂ ପ୍ରେମୀଙ୍କ ପାଇଁ ହର୍ନେଟ ୨.୦ ଓ ଡିଓ ରେପସଲ୍ ହୋଣ୍ଡା ଏଡିସନକୁ ଉନ୍ମୋଚନ କରିଛୁ। ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ନୂଆ ମଡେଲଗୁଡ଼ିକ ଗ୍ରାହକଙ୍କୁ ଉଲ୍ଲସିତ କରିବାରେ ସହାୟକ ହେବ।




ହର୍ନେଟ ୨.୦

### ଆକାଶ-ମାଇକ୍ରୋସଫ୍ଟ ସହବନ୍ଧନ

**ଭୁବନେଶ୍ୱର, ୨୩।୧୧:** ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍ଏଲ୍) ମାଇକ୍ରୋସଫ୍ଟ ସହିତ ହାତ ମିଳାଇଛି। ଭାରତରେ ଏପର୍ଯ୍ୟନ୍ତ ମାଇକ୍ରୋସଫ୍ଟ ଟିମ୍ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ମଧ୍ୟରେ ଏହା ସର୍ବବୃହତ୍ ଭାବେ ବିବେଚନା କରାଯାଉଛି। ଏକ ସମାନ ପ୍ଲାଟ୍‌ଫର୍ମ ଜରିଆରେ ଏହା ଦେଶର ୨୧୦ ଶାଖାରେ ପ୍ରାୟ ୨.୫ ଲକ୍ଷ ଛାତ୍ରୀଛାତ୍ର ଏବଂ ୨୦୦୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଂଯୁକ୍ତ କରିବ। ମାଇକ୍ରୋସଫ୍ଟ ୩୬୫ରେ ସମ୍ମିଳିତ ପ୍ରୟାସ, ନିୟୋଜିତ କରିବା ଏବଂ ଶିକ୍ଷା ଆହରଣ କରିବା ନିମନ୍ତେ ଟିମ୍ସ ଫର୍ ଏଜୁକେଶନକୁ ହବ୍ ଭାବରେ ସ୍ଥିର କରାଯାଇଛି।

## ଗ୍ରାହକ ସେବାକୁ ବଡି ଲାଇନର ପ୍ରାଥମିକତା

**ଭୁବନେଶ୍ୱର,୨୩।୧୧**

ଗ୍ରାହକଙ୍କୁ ମୂଲ୍ୟଯୁକ୍ତ ପ୍ରଡକ୍ଟ ଏବଂ ସେବା ଯୋଗାଣକୁ 'ବଡି ଲାଇନ ସ୍ପୋର୍ଟ୍ସ' ସର୍ବଦା ପ୍ରାଥମିକତା ଦେଇ ଆସୁଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଗଗନ ସଚ୍‌ଦେବ କହିଛନ୍ତି। ହୋଲ୍‌ସେଲ ବିଜ୍‌ନେସ୍‌ରୁ କାରବାର ଆରମ୍ଭକରି ଏହା ଗତ ୩ ଦଶନ୍ଧି ହେବ ଲୋକଙ୍କ ସହ ଯୋଡ଼ିହୋଇ ରହିଛି। ଏହା ବର୍ତ୍ତମାନ ପୂର୍ବ ଭାରତର ଏକ ପ୍ରମୁଖ ଲିଜର ଫିଟ୍‌ନେସ ଅର୍ଗାନାଇଜେଶନ ଭାବେ ଲୋକପ୍ରିୟତା ହାସଲ କରିଛି। ପଶ୍ଚିମବଙ୍ଗରେ ପ୍ରଥମେ ନିଜର ଉପସ୍ଥିତି ଜାହିର କରିବା ପରେ ୨୦୧୪ରେ ଓଡ଼ିଶା ବଜାରରେ କମ୍ପାନୀ ନିଜର କାରବାର ଆରମ୍ଭ କରିଥିଲା। ଭୁବନେଶ୍ୱରର ଖାରବେଳ ନଗରରେ ଏକ ବୃହତ୍ ଫିଟ୍‌ନେସ ସ୍ପୋର୍ଟ୍ସ ଶୋ'ରୁମ୍ ଆରମ୍ଭ ହେବା ସହ ଓଡ଼ିଶାର ଲୋକଙ୍କୁ ସେବା ଯୋଗାଣ ଉପରେ ଫୋକସ କରାଯାଇଥିବା ସଚ୍‌ଦେବା କହିଛନ୍ତି। ସେ କୁହନ୍ତି, ବଡି ଲାଇନର ସ୍ପୋର୍ଟ୍ସ ଚେନ୍ ଆଇଏସ୍‌ଓ ପ୍ରମାଣପତ୍ର ଲାଭ କରିଛି। ୨୫ ହଜାର ବର୍ଗଫୁଟ ଅଞ୍ଚଳରେ ଖୋଲିଥିବା ଏହି ଶୋ'ରୁମ୍ ୨୪ ଘଣ୍ଟିଆ ମଲ୍ଟି ସିଟି ଡେଲିଭରି ଏବଂ ସେବା ସହାୟତା ଯୋଗାଇ ଦେଉଛି। ଶୋ'ରୁମ୍‌ର ଇ-ମାର୍କେଟ ପ୍ଲେସ୍ ଦ୍ୱାରା ବିସ୍ତୃତ ରେଞ୍ଜର ପ୍ରଡକ୍ଟ ଉପଲବ୍ଧ କରାଯାଉଛି। କାର୍ଡିଓ, ଷ୍ଟ୍ରେନ୍ଥ ଟ୍ରେନିଂ, ବ୍ରାଣ୍ଡ ସ୍ପୋର୍ଟ ପ୍ରଡକ୍ଟ,ଆସେସୋରିଜ, ବିଶ୍ୱସ୍ତରୀୟ ପ୍ରଡକ୍ଟ ଯୋଗାଣ ଦିଗରେ ଏହା ଧ୍ୟାନ କେନ୍ଦ୍ରିତ କରିଛି। ବିଶ୍ୱ ବଜାରରୁ ଏହା ସାମଗ୍ରୀ ଆମଦାନିକରି ଲୋକଙ୍କ ଚାହିଦା ମେଣ୍ଟାଉଛି। ପ୍ରଡକ୍ଟ ଆମେରିକାରେ ଡିଜାଇନ ହୋଇଥିବା ବେଳେ ସିଇ ଏବଂ ଟିୟୁଭି ପ୍ରମାଣପତ୍ର ଲାଭ କରିଛି। ଦିୱାଲି ଅବସରରେ ବିଭିନ୍ନ ପ୍ରଡକ୍ଟ ଉପରେ ବର୍ତ୍ତମାନ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ଅନ୍ତର୍ଜାତୀୟ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ସୁଲଭ ମୂଲ୍ୟରେ ମିଳିପାରିବ ବୋଲି ସଚଦେବା କହିଛନ୍ତି।



# ଖେଳ ଖବର

### ଭାସ୍କରନଙ୍କ ବିୟୋଗରେ ବିସିସିଆଇର ଶୋକ

**ନୂଆଦିଲ୍ଲୀ, ୨୩।୧୧ (ପି.ଟି.):** କେରଳର ପୂର୍ବତନ ଫାଷ୍ଟ ବୋଲର ସିକେ ଭାସ୍କରନ ନାୟାରଙ୍କ ବିୟୋଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ଶୋକ ପ୍ରକାଶ କରିଛି। ନାୟାର ସେତେବେଳର ସିଲୋନ (ବର୍ତ୍ତମାନର ଶ୍ରୀଲଙ୍କା) ବିପକ୍ଷରେ ଏକ ଅନ୍‌ଅଫିସିଆଲ ମ୍ୟାଚ ମଧ୍ୟ ଖେଳିଥିଲେ। ଭାସ୍କରନ ଯୁକ୍ତରାଷ୍ଟ୍ର ଆମେରିକାର ହ୍ୟୁଷ୍ଟନ ସହରରେ ପ୍ରାଣତ୍ୟାଗ କରିଥିଲେ, ଯେଉଁଠାରେ ସେ ଜଣେ ଡକ୍ତରଭାବେ ଜୀବିକା ନିର୍ବାହ କରୁଥିଲେ। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ପୂର୍ବତନ ରଣଜୀ ଟ୍ରଫି କ୍ରିକେଟର ଭାସ୍କରନ କେରଳର ଥାଲାସେରୀରେ ଜନ୍ମ ଗ୍ରହଣ କରିଥିଲେ। ୧୯୫୭ରୁ ୧୯୬୯ ପର୍ଯ୍ୟନ୍ତ ତାଙ୍କ ୧୨ବର୍ଷ କ୍ୟାରିୟରରେ ସେ କେରଳ ତରଫରୁ ୪୨ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୦୬ ଉଇକେଟ ଅକ୍ତିଆର କରିଥିଲେ। ସେ ୫ ଥର ୫ଉଇକେଟ ସଫଳତା ହାସଲ କରିଥିବାବେଳେ ୫୮୦ରନ ସ୍କୋର କରିଥିଲେ। ସେ ମନସୁର ଅଲୀ ପଟୌଦୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ, ଯେଉଁ ଦଳ ୧୯୬୫ରେ ସିଲୋନ ବିପକ୍ଷ ଏକ ମ୍ୟାଚ ଖେଳିଥିଲା।

## ଚେନ୍ନାଇନ୍-ଜାମ୍‌ସେଦପୁର ମ୍ୟାଚ ଆଜି

**ଭାସ୍କୋ, ୨୩।୧୧**

ଇଣ୍ଡିଆନ ସୁପରଲିଗ୍‌ରେ ମଙ୍ଗଳବାର ଚେନ୍ନାଇନ୍ ଏଫସି ଓ ଜାମସେଦପୁର ଏଫସି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଗତ ସଂସ୍କରଣରେ ଆରମ୍ଭରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ଚେନ୍ନାଇନ୍ ସଫଳ ପ୍ରତ୍ୟାବର୍ତ୍ତନ କରି ରନର୍ସଅପ୍ ହୋଇଥିଲା। ଲିଗ୍ ପର୍ଯ୍ୟାୟରେ ଏହି ଦଳ ଖେଳିଥିବା ୧୮ ମ୍ୟାଚରୁ ୮ଟିରେ ବିଜୟୀ ହୋଇଥିବାବେଳେ ୫ଟି ଲେଖାଏ ଗେମ୍ ହାରିଥିଲା ଏବଂ ଡ୍ର ରଖିଥିଲା। ଫଳରେ

**ଆଇଏସ୍ଏଲ୍**

୨୯ ପଏଣ୍ଟ ସହ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଫାଇନାଲରେ ଏଟିକେଠାରୁ ହାରିଥିଲା। ଅନ୍ୟପକ୍ଷରେ ଜାମସେଦପୁର ଏଫସି ୧୮ ମ୍ୟାଚରୁ ମାତ୍ର ୪ଟିରେ ବିଜୟୀ ହୋଇଥିବାବେଳେ ୮ଟି ହାରିଥିଲା ଏବଂ ଅବଶିଷ୍ଟ ୬ ମ୍ୟାଚ ଡ୍ର ରଖିଥିଲା। ଫଳରେ ୧୮ ପଏଣ୍ଟ ସହ ଦଳ ୧୦ ଟିମ୍ ବିଶିଷ୍ଟ ଟେବୁଲରେ ୮ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଗତ ବର୍ଷ ଚେନ୍ନାଇନ୍ ସଫଳତାର ମାଷ୍ଟର ମାଇଣ୍ଡ ରହିଥିଲେ ମୁଖ୍ୟ କୋଚ୍ ଓଏନ କୋଲ। ମାତ୍ର ଏଥର ଚିତ୍ର ଭିନ୍ନ। ଗତ ସିଜନ ଶେଷରେ କୋଲ ଜାମସେଦପୁର ଏଫସିର ମୁଖ୍ୟ କୋଚ୍‌ଭାବେ ଚୁକ୍ତିବଦ୍ଧ ହୋଇଛନ୍ତି। କେବଳ ସେତିକି ନୁହେଁ ଗତ ସିଜନର ଯୁଗ୍ମ ଟପ୍ ସ୍କୋରର ଏବଂ ଗୋଲ୍ଡେନ୍ ବୁଟ୍ ବିଜେତା ଲିଥୁଆନିଆର ନେରିଜୁସ ଭାଲ୍ସକିସ୍ ଏବଂ ମିଜୋ ଡିଫେଣ୍ଡର ଲାଲ୍‌ଦିନଲିଆନା ରେନ୍ଥଲେଇଙ୍କୁ ମଧ୍ୟ କୋଲ୍ ଜାମସେଦପୁର ଦଳକୁ ଆଣିଛନ୍ତି। ରେନ୍ଥଲେଇ ଗତ କିଛି ସିଜନଧରି ଚେନ୍ନାଇନ୍ ଜର୍ସିରେ ଖେଳି ଆସିଥିଲେ।

ଚେନ୍ନାଇନ୍‌କୁ ଶକ୍ତିଶାଳୀ କରାଇବାରେ କୋଲ୍‌ଙ୍କର ବହୁ ଭୂମିକା ରହିଛି। ତେଣୁ ସେ ଏହି ଦଳର ଶକ୍ତିକୁ ଭଲଭାବେ ଜାଣିଛନ୍ତି। ମାତ୍ର ଏବେ ନିଜ ଦଳକୁ ନେଇ ଆଶାବାଦୀ ଅଛନ୍ତି ଏହି ସ୍କଟିଶ୍ କୋଚ୍। "ନିଜ ପୁରୁଣା ଦଳ ବିପକ୍ଷରେ ଖେଳିବାକୁ ଗଲାବେଳେ ନିଜ ଦଳର ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ଦୃଢ଼ ହେବା ଉପରେ ଗୁରୁତ୍ୱକୁ ମୁଁ ବିଶ୍ୱାସ କରେ। ସେମାନେ ଏବେ ମଧ୍ୟ ଶ୍ରେଷ୍ଠ ଖେଳାଳି ବୋଲି ଦେଖାଇବାକୁ ଚାହିଁବେ। ତେଣୁ ସେମାନଙ୍କୁ ଆମକୁ ସମ୍ମାନ ଜଣାଇବାକୁ ପଡ଼ିବ" ବୋଲି କୋଲ୍ କହିଛନ୍ତି। ଭାଲ୍ସକିସ୍‌ଙ୍କୁ ଚୁକ୍ତିବଦ୍ଧ କରାଇବାପରେ ଜାମସେଦପୁର ଦଳର ଆକ୍ରମଣାତ୍ମକ ବିଭାଗ ଶକ୍ତିଶାଳୀ ହୋଇଛି। ମାତ୍ର ନିର୍ଦ୍ଦିଷ୍ଟ କୌଣସି ଖେଳାଳିଙ୍କ ଉପରେ ଚାପପ୍ରୟୋଗ କଲେ ସମସ୍ୟା ଆସିବ ବୋଲି କୋଲ୍ ଭଲଭାବେ ଜାଣିଛନ୍ତି। ଗତ ସିଜନରେ ଜାମସେଦପୁର ଏଫସି ୩୫ଟି ଗୋଲ ବରଣ କରିଥିଲା। ତେଣୁ ଡିଫେଣ୍ଡର ଇଂଲଣ୍ଡର ପିଟର ହାର୍ଟଲେ ଏବଂ ନାଇଜେରିଆନ ସେଣ୍ଟର ବ୍ୟାକ୍ ଷ୍ଟିଫେନ୍ ଏଜ୍‌ଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଉପରେ କୋଲ୍ ଗୁରୁତ୍ୱ ଦେଇଛନ୍ତି।

ଦଳରୁ ବିଦାୟ ନେଇଥିବା ଖେଳାଳିଙ୍କ ଶୂନ୍ୟସ୍ଥାନ ପୂରଣ କରିବା ଚେନ୍ନାଇନ୍ ପାଇଁ କଷ୍ଟକର ବ୍ୟାପାର ହୋଇଛି।







ଚେନ୍ନାଇନ୍ ଓ ଜାମ୍‌ସେଦପୁର ଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

## ଷ୍ଟୋଇନିସ୍‌ଙ୍କୁ ପଣ୍ଟିଂଙ୍କ ପ୍ରଶଂସା



ମାର୍କସ ଷ୍ଟୋଇନିସ୍

**ମେଲବୋର୍ନ, ୨୩।୧୧ (ପି.ଟି.)**

ଅଷ୍ଟ୍ରେଲିଆର ବ୍ୟାଟିଂ କିମ୍ବଦନ୍ତୀ ରିକି ପଣ୍ଟିଂ ତାଙ୍କ ଦେଶର ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍‌ଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ଷ୍ଟୋଇନିସ ବର୍ଷକ ପୂର୍ବେ ଯେପରି ଖେଳୁଥିଲେ ଏବେ ସେ ତା'ଠାରୁ ୫ ଗୁଣା ଉନ୍ନତ ପ୍ରଦର୍ଶନ କରୁଛନ୍ତି। ଫିନିଶର ଦାୟିତ୍ୱ ତୁଲାଇବା ସହ ଅଷ୍ଟ୍ରେଲିଆ କ୍ରିକେଟ ପାଇଁ ସେ ବହୁବିଧ ଭୂମିକା ଗ୍ରହଣ କରିପାରିବେ। ନିକଟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଫାଇନାଲରେ ପ୍ରବେଶ କରାଇବାରେ ଷ୍ଟାଇନିସ୍ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୩୫୨ ରନ କରିବା ସହ ୧୩ ଉଇକେଟ ଅକ୍ତିଆର କରିଥିଲେ। ପଣ୍ଟିଂ ଏହି ଦଳର କୋଚ୍ ରହିଥିଲେ। ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ସିରିଜ ପାଇଁ ଷ୍ଟୋଇନିସ୍‌ଙ୍କୁ ଅଷ୍ଟ୍ରେଲିଆର ଟି୨୦ ଏବଂ ଦିନିକିଆ ଦଳରେ ନିଆଯାଇଛି। ଗତବର୍ଷ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ୩୧ ବର୍ଷୀୟ ଷ୍ଟୋଇନିସ୍ ଅଷ୍ଟ୍ରେଲିଆ ଟି୨୦ ଦଳରୁ ବାଦ୍ ପଡ଼ିଥିଲେ। ମାତ୍ର ବିଗ୍ ବାଶ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ସ ତରଫରୁ ଜବରଦସ୍ତ ପ୍ରଦର୍ଶନ ପାଇଁ ସେ ସଫଳ ପ୍ରତ୍ୟାବର୍ତ୍ତନ କରିପାରିଥିଲେ। ବିଗ୍ ବାଶ୍‌ର ଗୋଟିଏ ସିଜନରେ ସେ ୭୦୫ ରନ ସ୍କୋର କରିଥିଲେ। ଅପରାଜିତ ୧୪୭ ରନ ସହ ସେ ଟୁର୍ନାମେଣ୍ଟରେ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଷ୍ଟୋଇନିସ ଜଣେ ଫିନିଶର ବୋଲି ପ୍ରମାଣ କରି ଦେଖାଇ ସାରିଛନ୍ତି। ତାଙ୍କ ନିକଟରେ ଇନିଂସ ଓପନ କରିବାର ଦକ୍ଷତା ରହିଥିବା ପଣ୍ଟିଂ କହିଛନ୍ତି। ଆସନ୍ତା ବର୍ଷ ଦିଲ୍ଲୀ ଅବା ଅନ୍ୟ ଯେ କୌଣସି ଦଳ ତରଫରୁ ଖେଳିବା ବେଳେ ଷ୍ଟୋଇନିସ୍‌ଙ୍କୁ ଟପ୍ ଅର୍ଡରରେ ଦେଖିବାକୁ ମିଳିବ।




ରଞ୍ଜିତ ନାଏକ

## ଅଲିମ୍ପିକ୍ସ ଆର୍ଚେରି ଚୟନ ଶିବିରକୁ ରଞ୍ଜିତ ମନୋନୀତ

**ଭୁବନେଶ୍ୱର,୨୩।୧୧(କ୍ରୀଡ଼ା ପ୍ରତିନିଧି)**

ଅନ୍ତର୍ଜାତୀୟ ତୀରନ୍ଦାଜ ରଞ୍ଜିତ ନାଏକ ୨୦୨୦ ଟୋକିଓ ଅଲିମ୍ପିକ୍ସ ଚୟନ ଶିବିରକୁ ମନୋନୀତ ହୋଇଛନ୍ତି। ଫଳରେ ଝାଡ଼ଖଣ୍ଡର ଜାମସେଦପୁରସ୍ଥିତ ଜେଆରଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋମବାରଠାରୁ ଆରମ୍ଭ ହୋଇଥିବା ଚୟନ ଶିବିରରେ ସେ ଯୋଗଦେଇଛନ୍ତି। ଏଥିରୁ ୪ଜଣ ରିକର୍ଭ ପୁରୁଷ ଓ ୪ ଜଣ ରିକର୍ଭ ମହିଳା ମନୋନୀତ ହୋଇ ପୁଣେସ୍ଥିତ ଏଏସ୍ଆଇଠାରେ ଚାଲିଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। କିସ୍ ଛାତ୍ର ରଞ୍ଜିତ ଓଡ଼ିଶାର ଏକମାତ୍ର ତୀରନ୍ଦାଜଭାବେ ଏହି ଶିବିରରେ ଯୋଗ ଦେଇଛନ୍ତି। ସର୍ବଦା କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ ଯୋଗାଇ ଆସୁଥିବା କିସ୍ ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ରଞ୍ଜିତଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି। ରଞ୍ଜିତ ପୂର୍ବରୁ ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବ୍ୟକ୍ତିଗତ ବର୍ଗରେ ରୌପ୍ୟ ଓ ଦଳଗତ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୫ରେ ସେ ସାଂଘାଇଠାରେ ଅନୁଷ୍ଠିତ ବିଶ୍ୱକପ୍ ଷ୍ଟେଜ୍-୧ ଓ ଷ୍ଟେଜ୍-୨ରେ ଅଂଶଗ୍ରହଣ କରିଥିବା ବେଳେ ୨୦୧୪ରେ ତାଇପେଠାରେ ଅନୁଷ୍ଠିତ ଏସୀୟ ଗ୍ରାଁ ପ୍ରି ଚାମ୍ପିୟନଶିପ୍, ୨୦୧୩ରେ ଚାଇନାର ଉକ୍ସିଠାରେ ଅନୁଷ୍ଠିତ ବିଶ୍ୱ ଯୁବ ଚାମ୍ପିୟନଶିପ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ୨୦୧୩ରେ ଆସାମର କୋକ୍ରାଝରଠାରେ ଅନୁଷ୍ଠିତ କନିଷ୍ଠ ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ, ୨୦୧୩-୧୪ରେ ସବ୍-ଜୁନିୟର ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜାମସେଦପୁରସ୍ଥିତ ଚୟନ ଶିବିରକୁ ତାଙ୍କ ସହ ପ୍ରଶିକ୍ଷକ ରାଜେଶ ହାଁସଦା ମଧ୍ୟ ଯାଇଛନ୍ତି।

## ଏଟିପି ଫାଇନାଲ୍ସ: ମେଡ୍‌ଭେଡେଭ ଚାମ୍ପିୟନ

**ଲଣ୍ଡନ, ୨୩।୧୧(ଏପି):** ରୁଷିଆର ଡାନିଲ ମେଡ୍‌ଭେଡେଭ୍ ନିଜ କ୍ୟାରିୟରର ସବୁଠାରୁ ବଡ଼ ଟାଇଟଲ ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ବର୍ଷଶେଷ ଏଟିପି ଫାଇନାଲ୍ସ ଟେନିସ ଟୁର୍ନାମେଣ୍ଟରେ ସେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ୟୁଏସ ଓପନ ଚାମ୍ପିୟନ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ୪-୬, ୭-୬(୨), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ମେଡଭେଡେଭ ସହଜରେ ଏଠାରେ ଟାଇଟଲ ବିଜୟୀ ହୋଇନାହାନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଟପ୍-୩ ଖେଳାଳିଙ୍କୁ ହରାଇ ସେ ଏହି ସଫଳତା ପାଇଛନ୍ତି। ୩ ନମ୍ବର ଥିମ୍‌ଙ୍କୁ ହରାଇବା ପୂର୍ବରୁ ସେ ସେମିଫାଇନାଲରେ ୨ ନମ୍ବର ରାଫାଲ ନାଡାଲ ଏବଂ ଲିଗ୍ ପର୍ଯ୍ୟାୟରେ ନମ୍ବର ୱାନ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱର ୪ର୍ଥ ଖେଳାଳିଭାବେ ମେଡ୍‌ଭେଡେଭ୍ ଗୋଟିଏ ଟୁର୍ନାମେଣ୍ଟରେ ର୍ୟାଙ୍କିଙ୍ଗ୍‌ର ଟପ୍-୩ ଖେଳାଳିଙ୍କୁ ହରାଇଛନ୍ତି। ତାଙ୍କ ପୂର୍ବରୁ ବୋରିସ ବେକର, ନୋଭାକ୍ ଜୋକୋଭିଚ୍ ଓ ଡେଭିଡ ନାଲବଣ୍ଡିଆନ ଏହି ସଫଳତା ପାଇଥିଲେ। ମେଡଭେଡେଭ ଏବେ ଚମତ୍କାର ଫର୍ମରେ ଅଛନ୍ତି। ନିକଟ ଅତୀତରେ ସେ କ୍ରମାଗତ ୧୦ ମ୍ୟାଚ ଜିତିଛନ୍ତି। ଏହା ମଧ୍ୟରୁ ସେ ବିଶ୍ୱର ଟପ୍-୧୦ ଖେଳାଳିଙ୍କ ମଧ୍ୟରୁ ୭ ଜଣଙ୍କୁ ହରାଇଛନ୍ତି। ଏହା ପୂର୍ବରୁ ସେ କେବେହେଲେ ଏପରି ସଫଳତା ପାଇ ନ ଥିଲେ। ଏହା ତାଙ୍କର ଆତ୍ମବିଶ୍ୱାସକୁ ବହୁ ପରିମାଣରେ ବଢ଼ାଇଛି। ଆଗାମୀ ଦିନରେ ଏହି ପ୍ରଦର୍ଶନ ଜାରି ରଖିବାକୁ ଚାହିଁଛନ୍ତି ରୁଷୀୟ ଟେନିସ ତାରକା। ୨୦୧୯ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଫାଇନାଲରେ ସେ ରାଫାଲ ନାଡାଲଙ୍କଠାରୁ ହାରି ରନର୍ସଅପ୍ ହୋଇଥିଲେ। ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଲଣ୍ଡନରେ କ୍ରମାଗତ ୧୨ ବର୍ଷଧରି ହୋଇ ଆସୁଥିବା ଏହି ଟୁର୍ନାମେଣ୍ଟ ଆସନ୍ତା ବର୍ଷରୁ ଇଟାଲିର ଟୁରିନ୍‌ରେ ଅନୁଷ୍ଠିତ ହେବ।




ଟ୍ରଫି ସହ ଡାନିଲ ମେଡ୍‌ଭେଡେଭ୍।



ଧର୍ମକୁ ରାଜନୈତିକ ଅସ୍ତ୍ର କରା ନ ଯାଉ। ଲଭ୍ ଏବଂ ଜିହାଦ ଏକ ସଙ୍ଗେ ସମ୍ଭବ ନୁହେଁ। କାହାକୁ କିଏ ଭଲ ପାଇବ, ତାହା ବ୍ୟକ୍ତିଗତ ପ୍ରସଙ୍ଗ ଓ ସ୍ୱାଧୀନ ଚିନ୍ତାଧାରା ଉପରେ ଆଧାରିତ। ଏଭଳି ବ୍ୟକ୍ତିଗତ ପ୍ରସଙ୍ଗକୁ ରାଜନୀତିର ରୂପ ଦିଆଯିବା ଠିକ୍ ନୁହେଁ।

-ନୁସ୍ରତ ଜାହାନ, ଟିଏମ୍‌ସି ସାଂସଦ



# ମାଳଦ୍ୱୀପରେ ସାମନ୍ଥା



**ନୂଆଦିଲ୍ଲୀ:** ସାଉଥ୍ ଅଭିନେତ୍ରୀ ସାମନ୍ଥା ଅକିନେନୀ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ସୁବବେଳେ ତାଙ୍କର ଫଟୋ ଏବଂ ଭିଡିଓ ଫ୍ୟାନ୍‌ମାନଙ୍କ ପାଇଁ ଶେୟାର କରିଥାନ୍ତି। କିଛିଦିନ ହେବ ସାମନ୍ଥା ଛୁଟି କାଟିବାପାଇଁ ମାଳଦ୍ୱୀପରେ ପହଞ୍ଚିଛନ୍ତି। ସେଠାକୁ ଯାଇ ନିଜର ସୁନ୍ଦର ସୁନ୍ଦର ଫଟୋ ଇନ୍‌ଷ୍ଟାରେ ଶେୟାର କରୁଛନ୍ତି। ଏବେ ବଲିଉଡ୍ ଏବଂ ଟଲିଉଡ୍‌ର ପ୍ରାୟ ଅଭିନେତ୍ରୀ ଅଭିନେତା ଛୁଟି କଟାଇବା ପାଇଁ ମାଳଦ୍ୱୀପକୁ ହିଁ ବାଛୁଛନ୍ତି। ସମନ୍ଥା ନିକଟରେ ଇନ୍‌ଷ୍ଟାରେ ଦୁଇଟି ଫଟୋ ଶେୟାର କରିଛନ୍ତି। ଦୁଇଟିରେ ସେ ଅଲଗା ଅଲଗା ଅନ୍ଦାଜ୍‌ରେ ନଜର୍ ଆସିଛନ୍ତି। ଗୋଟିଏରେ ଏକ ସୁନ୍ଦର ଗାଉନ୍ ପିନ୍ଧିଥିବାବେଳେ ଅନ୍ୟଟିରେ ସ୍କୁବା ଡାଇଭିଂ ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ଏହି ଫଟୋ କ୍ୟାପସନ୍‌ରେ ସେ ଲେଖିଛନ୍ତି 'ଶେଷରେ ମୁଁ ମୋ ସ୍ୱପ୍ନ ପୂରା କରିପାରିଲି'। ସମନ୍ଥା ଜଣେ ଏପରି ଅଭିନେତ୍ରୀ ଯେ, ସେ ନିଜ ଅଭିନୟ ଦ୍ୱାରା ସାଉଥ୍‌ରେ ଫ୍ୟାନ୍‌ମାନଙ୍କ ହୃଦୟ ଜିଣିପାରିଛନ୍ତି। ସେ ସାଉଥ୍ ଇଣ୍ଡଷ୍ଟ୍ରିରେ ନିଜ ଉଦ୍ୟମରେ ନିଜ ପରିଚୟ ତିଆରି କରିପାରିଛନ୍ତି। ନିକଟରେ ସେ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ଅଧିକରୁ ଅଧିକ ତାମିଲ ଫିଲ୍ମରେ କାମ କରିବାକୁ ଚାହାନ୍ତି। ସାମନ୍ଥା ୨୦୧୭ ମସିହାରେ ସାଉଥ୍‌ର ବରିଷ୍ଠ ଅଭିନେତା ନାଗାର୍ଜୁନଙ୍କ ପୁଅ ନାଗାଚୈତନ୍ୟ ଅକିନେନୀଙ୍କୁ ବିବାହ କରିଥିଲେ। ଉଭୟଙ୍କର ଯୋଡ଼ି ରିଲ୍ ଏବଂ ରିୟଲ୍ ଲାଇଫ୍‌ରେ ଏକଦମ୍ ଦମ୍‌ଦାର୍। ସ୍ୱାମୀଙ୍କ ଜନ୍ମଦିନ ପାଳନ ସହ ସ୍ପେଶିଆଲ ସମୟ ବିତାଇବାକୁ ଉଭୟ ମାଳଦ୍ୱୀପ ଯାଇଛନ୍ତି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ ସାମନ୍ଥା ବହୁତ ଜଲ୍‌ଦି ହିନ୍ଦୀଫିଲ୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି। 'ଦ ଫ୍ୟାମିଲୀ ମେନ୍ ସିଜନ୍-୨' ନାମକ ଏକ ୱେବ୍ ସିରିଜ୍‌ରେ ସେ ନଜର୍ ଆସିବେ। ସେଥିପାଇଁ ସେ ଭାରି ଏକ୍ସାଇଟେଡ୍।

# ବେଡ୍‌ରୁମ୍ ପାଲଟିଛି ଆଇସିୟୁ



**ଭୋପାଳ:** ମଧ୍ୟପ୍ରଦେଶର ଜବଲପୁରରେ ଅବସରପ୍ରାପ୍ତ ଇଞ୍ଜିନିୟର ଅସୁସ୍ଥ ସ୍ତ୍ରୀଙ୍କ ପାଇଁ ତାଙ୍କ ଘରର ସମସ୍ତ ମାନଚିତ୍ର ପରିବର୍ତ୍ତନ କରି ଦେଇଛନ୍ତି। ସେ ତାଙ୍କ ବେଡ୍‌ରୁମକୁ ଆଇସିୟୁରେ ପରିଣତ କରିଥିବା ବେଳେ ତାଙ୍କ କାର୍‌କୁ କରିଛନ୍ତି ଆମ୍ବୁଲାନ୍ସ। ବୃତ୍ତିରେ ଇଞ୍ଜିନିୟର ହୋଇଥିଲେ ହେଁ ସେ ଜଣେ ନର୍ସଙ୍କ ଭଳି ସ୍ତ୍ରୀଙ୍କର ଅଧିକ ଯତ୍ନ ନିଅନ୍ତି। ଔଷଧ ଦେବାଠାରୁ ଆରମ୍ଭ କରି ନିଜେ ଇଞ୍ଜେକ୍ସନ ଦେବା କାର୍ଯ୍ୟ ମଧ୍ୟ କରିଥାନ୍ତି।

ଜବଲପୁରର ୭୪ ବର୍ଷୀୟ ଜ୍ଞାନପ୍ରକାଶ ଅଡିନାନ୍ସ କାରଖାନାର ଅବସରପ୍ରାପ୍ତ ଇଞ୍ଜିନିୟର। ତାଙ୍କ ପୁଅ ଓ ଝିଅ ବିଦେଶରେ ରହୁଛନ୍ତି। ଏଠାରେ ସେ ତାଙ୍କ ସ୍ତ୍ରୀ କୁମୁଦିନୀଙ୍କ ସହ ରୁହନ୍ତି। ତାଙ୍କ ସ୍ତ୍ରୀ କୁମୁଦିନୀଙ୍କର ସେଟୋ ନାର୍କୋସିସ ନାମକ ଏକ ରୋଗ ଅଛି। ଏହି ରୋଗରେ ସେ ବଞ୍ଚିବା ପାଇଁ ନିରନ୍ତର ଅମ୍ଳଜାନ ଆବଶ୍ୟକ କରିଥାନ୍ତି। ବାରମ୍ବାର ଡାକ୍ତରଖାନା ପରିଦର୍ଶନ କରିବା ପରେ ଜ୍ଞାନପ୍ରକାଶ ତାଙ୍କ ସ୍ତ୍ରୀଙ୍କୁ ଡାକ୍ତରଖାନାରୁ ଏକ ଉନ୍ନତ ତଥା ନିରାପଦ ପରିବେଶ ଦେବାକୁ ଚାହୁଁଥିଲେ। ତେଣୁ ଅବସରପ୍ରାପ୍ତ ଏହି ଇଞ୍ଜିନିୟର ତାଙ୍କ ଘରକୁ ଡାକ୍ତରଖାନା ଏବଂ ତାଙ୍କ କାରକୁ ଅମ୍ଳଜାନ ଫିଟ୍‌ମେଣ୍ଟ ଆମ୍ବୁଲାନ୍ସରେ ପରିଣତ କରିଦେଲେ। ଭେଣ୍ଟିଲେଟର, ଅମ୍ଳଜାନ, ବାୟୁ ବିଶୋଧନକାରୀଙ୍କ ବ୍ୟତୀତ ତାଙ୍କ ଘରେ ଏପରି ଅନେକ ସୁବିଧା ଅଛି, ଯାହା ସାଧାରଣ ଡାକ୍ତରଖାନାରେ ମିଳିପାରିବ ନାହିଁ। ଜ୍ଞାନପ୍ରକାଶ ତାଙ୍କ ସ୍ତ୍ରୀଙ୍କ ପାଇଁ ମେଡିକାଲ ଉପକରଣ ମଧ୍ୟ ତିଆରି କରିଛନ୍ତି। ଯେଉଁଥିରେ ମୋବାଇଲ ଷ୍ଟେଥୋସ୍କୋପ ମଧ୍ୟ ଅନନ୍ୟ ଅଟେ। ମୋବାଇଲ ଷ୍ଟେଥୋସ୍କୋପ ସାହାଯ୍ୟରେ ସେ ତାଙ୍କ ସ୍ତ୍ରୀଙ୍କ ହୃଦ୍‌ସ୍ପନ୍ଦନକୁ ମୋବାଇଲରେ କ୍ୟାପ୍‌ଚର କରି ହ୍ୱାଟ୍ସଆପ୍ ଜରିଆରେ ଡାକ୍ତରଙ୍କ ନିକଟକୁ ତାଙ୍କ ସାଉଣ୍ଡ ଫାଇଲ ପଠାନ୍ତି। ଯାହାଫଳରେ ଡାକ୍ତର କୁମୁଦିନୀଙ୍କ ପାଇଁ ଔଷଧ ଲେଖିଥାନ୍ତି। ଜ୍ଞାନପ୍ରକାଶ ତାଙ୍କ ଘରେ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ସିଲିଣ୍ଡର ରଖିଛନ୍ତି। ଯାହା ଆବଶ୍ୟକ ସମୟରେ ସେ ନିଜେ ପରିବର୍ତ୍ତନ କରିଥା'ନ୍ତି। ଡାକ୍ତରଖାନାର ମହଙ୍ଗା ଚିକିତ୍ସା ବିଷୟରେ ଚିନ୍ତା ନାହିଁ, ଚିକିତ୍ସାରେ ଅବହେଳା କିମ୍ବା ସଂକ୍ରମଣର ଆଶଙ୍କା ବି ନାହିଁ। କୁମୁଦିନୀ ତାଙ୍କ ଘର ଆଇସିୟୁରେ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ପାଇପାରୁଛନ୍ତି। ଯେଉଁଥିପାଇଁ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି।

# ୮୨ ବର୍ଷରେ କଠିନ ବ୍ୟାୟାମ



**ନୂଆଦିଲ୍ଲୀ:** ୮୨ ବର୍ଷରେ ବି କଠିନ ଯୋଗ ଆଉ ବ୍ୟାୟାମ କରୁଛନ୍ତି ଜଣେ ମହିଳା। ଯୋଗ ମାଧ୍ୟମରେ ସେ ନିଜକୁ ଫିଟ୍ ରଖି ପାରିଛନ୍ତି ବୋଲି ଦୃଢ ଦାବି କରିଛନ୍ତି। ତେବେ ଏତେ ବୟସରେ ବି ସେ ଯେଉଁଭଳି ଭାର ଉତ୍ତୋଳନ ଆଉ ବ୍ୟାୟାମ କରୁଛନ୍ତି, ତାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନା ସମୟରେ ଏବେ ଲୋକେ ନିଜକୁ ଫିଟ୍ ରଖିବା ସହ ଇମ୍ୟୁନିଟି ବଢାଇବା ପାଇଁ ଅଧିକାଂଶ ଯୋଗ ଏବଂ ବ୍ୟାୟାମ କରୁଛନ୍ତି। ସେଥିପାଇଁ ଲୋକେ ନିଜ ନିଜ ଫିଟ୍‌ନେସ୍ ଭିଡିଓକୁ ବି ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ସୋସିଆଲ ମିଡିଆରେ ଏଭଳି ଏକ ଭିଡିଓକୁ ନେଇ ଭାରି ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚିତ ଭିଡିଓରେ ଜଣେ ୮୨ ବର୍ଷର ବୃଦ୍ଧା ମହିଳା ଭାର ଉତ୍ତୋଳନ ବି କରୁଛନ୍ତି। ନିଜ ନାତି ସହିତ ସେ ଶାଢ଼ି ପିନ୍ଧି ସମତାଳରେ ଏହି ବ୍ୟାୟାମ କରୁଛନ୍ତି। ମହିଳାଙ୍କର ଏହି ଭିଡିଓ ଏବେ ଲୋକଙ୍କୁ ବେଶ୍ ପ୍ରଭାବିତ କରିପାରିଛି। ମହିଳାଙ୍କର ଏହି ଭିଡିଓ ପୋଷ୍ଟ କରିଛନ୍ତି ତାଙ୍କର ଜଣେ ନାତି। ଆଉ କ୍ୟାପ୍‌ସନରେ ଲେଖିଛନ୍ତି କି ତାଙ୍କ ଜେଜେମା' ବ୍ୟାୟାମ ଓ ଯୋଗ କରି ନିଜକୁ ଫିଟ୍ ରଖି ପାରିଛନ୍ତି। ଛୋଟବେଳରୁ ତାଙ୍କର ଖେଳକୁଦରେ ବହୁତ ଆଗ୍ରହ ରହିଥିଲା। ଏମିତି କି ସେ ପହଁରିବା, ଦୌଡ଼ିବା ଆଦି ମାଧ୍ୟମରେ ନିଜକୁ ବେଶ୍ ଫିଟ୍ ରଖିଥିଲେ। କିନ୍ତୁ ବୟସ ବଢ଼ିବା ସହ ତାଙ୍କର ସ୍ୱାସ୍ଥ୍ୟ ଅବନତି ହୋଇଥିଲା ଏବଂ ଥରେ ସେ ଖଟ ଉପରୁ ତଳକୁ ପଡି ଆହତ ହୋଇଥିଲେ। ତା'ପରେ ସେ ଧୀରେ ଧୀରେ ଯୋଗ ଓ ବ୍ୟାୟାମ ମାଧ୍ୟମରେ ନିଜକୁ ଠିକ୍ ରଖି ପାରିଥିଲେ। ଏବେ ସେ ନିୟମିତ ଏହି ଅଭ୍ୟାସ ଜାରି ରଖିଛନ୍ତି। ସୋସିଆଲ ମିଡିଆରେ ଜେଜେମା'ଙ୍କର ଏହି ଭାର ଉତ୍ତୋଳନକୁ ଦେଖି କେତେକେ ଚିନ୍ତା ପ୍ରକଟ କରିଛନ୍ତି। କିନ୍ତୁ ଜେଜେମା' ଏସବୁ ବେଶ୍ ଆରାମରେ କରି ପାରୁଛନ୍ତି ଓ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି କହିଛନ୍ତି।

# ୮ ଦିନରେ ୩୬୦୦ କି.ମି. ସାଇକେଲ ଯାତ୍ରା



## ରେକର୍ଡ ନିଶାରେ ଓମ୍ ମହାଜନ

**ମୁମ୍ବାଇ:** ରେକର୍ଡ ନିଶାରେ ମନୁଷ୍ୟ ଯେକୌଣସି କାର୍ଯ୍ୟକୁ ସମ୍ଭବ କରିପାରେ। ମହାରାଷ୍ଟ୍ର ରାଜ୍ୟ ନାସିକ୍‌ର ଓମ୍ ମହାଜନ ଏହା ପ୍ରମାଣିତ କରିଛନ୍ତି। ବୟସ ୧୮ରୁ କମ୍। ହେଲେ ଦୃଢ଼ ଇଚ୍ଛାଶକ୍ତି ଏବଂ ରେକର୍ଡ କରିବାର ନିଶା ବଳରେ ସେ ମାତ୍ର ୮ଦିନରେ ଶ୍ରୀନଗରଠାରୁ କନ୍ୟାକୁମାରୀ ସାଇକେଲ ଯାତ୍ରା କରିବାରେ ସଫଳ ହୋଇଛନ୍ତି। ଭାରତରେ ସବୁଠାରୁ ଦ୍ରୁତତମ ସାଇକେଲ ଚାଳନା କରିଥିବା ବ୍ୟକ୍ତିଭାବେ ସେ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ଶନିବାର ସେ ୩୬୦୦ କି.ମି. ଯାତ୍ରା ପୂରଣ କରିଛନ୍ତି। ଏଥିପାଇଁ ତାଙ୍କୁ ମୋଟ ୮ଦିନ ୭ଘଣ୍ଟା ୩୮ ମିନିଟ ସମୟ ଲାଗିଥିବା ଜଣାପଡ଼ିଛି। ରେକର୍ଡ ନେଇ ଓମ୍ କୁହନ୍ତି, ସବୁବେଳେ ସାଇକେଲ ଚଳାଉଥିଲି। କିନ୍ତୁ ଲକ୍‌ଡାଉନ୍ ସମୟରେ ସାଇକେଲ ରେସିଂ କଥା ମନକୁ ଆସିଥିଲା। ଏହାପରେ ରେସ୍ ଆକ୍ରସ୍ ଆମେରିକା(ଆର୍‌ଏଏମ୍)ରେ ଅଂଶଗ୍ରହଣର ସ୍ୱପ୍ନ ଦେଖିଥିଲି। ୬ମାସ ତଳେ ଆର୍‌ଏଏମ୍ ନିମନ୍ତେ ଯୋଗ୍ୟତା ହାସଲ ପାଇଁ ତାଲିମ ନେବା ଆରମ୍ଭ କରିଥିଲି। ନଭେମ୍ବରରେ ତାହା ଶେଷ ହୋଇଥିଲା। କିନ୍ତୁ ଆର୍‌ଏଏମ୍ ନିମନ୍ତେ ଯୋଗ୍ୟତା ୬୦୦ କି.ମି. ଦ୍ରୁତ ସାଇକେଲ ଚାଳନା ଲକ୍ଷ୍ୟ ରହିଥିବାବେଳେ ସେ ୩୬୦୦ କି.ମି. ଅତିକ୍ରମ କରି ରେସ୍ ଆକ୍ରସ୍ ଇଣ୍ଡିଆ ରେକର୍ଡ ନିଜ ନାମରେ କରିବାରେ ସଫଳ ହୋଇଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଭାରତୀୟ ସ୍ଥଳସେନାର ଲ୍ୟୁଟ୍‌ନାଣ୍ଟ କଲୋନେଲ ଭରତ ପାନୁଙ୍କ ନାମରେ ରହିଛି। କିନ୍ତୁ ଓମ୍ ତାଙ୍କ ରେକର୍ଡ ଭାଙ୍ଗି ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ତେବେ ଓମ୍‌ଙ୍କ ପରବର୍ତ୍ତୀ ଲକ୍ଷ୍ୟ ଆର୍‌ଏଏମ୍। ଏଥିପାଇଁ ତାଙ୍କୁ ୧୨ଦିନରେ ୪୮୦୦ କି.ମି. ଦୂରତା ଅତିକ୍ରମ କରିବାକୁ ପଡ଼ିବ।

# ପୃଥିବୀ ମୁହାଁ କ୍ଷୁଦ୍ର ଚନ୍ଦ୍ର



**ୱାଶିଂଟନ:** ଏକ କ୍ଷୁଦ୍ର ଚନ୍ଦ୍ର ପୃଥିବୀ ମୁହାଁ ହେବାରେ ଲାଗିଛି। ଡିସେମ୍ବରରେ ୧ରେ ଏହା ପୃଥିବୀ ଅଧିକ ନିକଟତମ ହେବ। ଏହି ସମୟରେ ପ୍ରାୟ ଏକ ସପ୍ତାହ ବ୍ୟାପି ଏହା ଆକାଶରେ ଦୃଶ୍ୟମାନ ହେବ। ମହାକାଶ ବିଜ୍ଞାନୀମାନେ ସେପ୍ଟେମ୍ବର ୧୭ରେ ଏହାକୁ ଠାବ କରିଥିଲେ। ନଭେମ୍ବର ୮ରେ ଏହା ପୃଥିବୀର ହିଲ୍ ସ୍ପେୟରରେ ପ୍ରବେଶ କରିଥିଲା। ହିଲ୍ ସ୍ପେୟର ଭୂପୃଷ୍ଠଠାରୁ ପ୍ରାୟ ୩୦ ଲକ୍ଷ କିଲୋମିଟର ଦୂରରେ ରହିଛି। କ୍ଷୁଦ୍ର ଚନ୍ଦ୍ରର ଆକାର ୬ ମିଟର। ଏହାକୁ ହାୱାଇର ମାଓଇସ୍ଥିତ ପାନୋରାମିକ୍ ସର୍ଭେ ଟେଲିସ୍କୋପ୍ ଆଣ୍ଡ ରାପିଡ୍ ରେସପନ୍ସ ସିଷ୍ଟମ୍-୧ ଦ୍ୱାରା ଠାବ କରାଯାଇଥିଲା। ଏହାକୁ ମହାକାଶ ବିଜ୍ଞାନୀମାନେ ୨୦୨୦-ଏସ୍‌ଓ ଭାବେ ନାମିତ କରିଥିଲେ। ଡିସେମ୍ବର ୧ରେ ଏହା ପୃଥିବୀଠାରୁ ୪୩ ହଜାର କିଲୋମିଟର ଦୂରରେ ପହଞ୍ଚିବ। ଏହି ସମୟରେ କ୍ଷୁଦ୍ର ଚନ୍ଦ୍ରକୁ ଦେଖି ହେବ। ଏହା ଭାରତୀୟ ସମୟ ଅପରାହ୍ନ ୨ଟା ୨୭ରେ ଆକାଶରେ ଦେଖାଯିବ। ଆମେରିକାରେ ଏହା ଭୋର୍ ୩ଟା ୫୭ରେ ଦେଖାଯିବ।


**ନବମ ଜନ୍ମବାର୍ଷିକ ଶୁଭେଚ୍ଛା**



(ଲିପୁ)

**ଅମ୍ଲାନ୍ ପଟ୍ଟନାୟକ**

ଗାନ୍ଧିନଗର, ଜଟଣୀ

ତୁମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ। ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୁଭେଚ୍ଛା ସହ:-

ଜେଜେମା', ବଡ଼ବାପା, ବଡ଼ମା', ପାପା, ମାମା, ଦାଦା-ଖୁଡ଼ୀ, ବାବୁ ଦାଦା, ଆଈ, ମାମୁ, ମାଇଁ, ଲୁନା ମାମୁ, ମଉସା, ମାଉସୀ, ପୁପୁ, ସିପୁ, ଡୁଗୁ, ଗୁଡ଼ି, ନବ୍ୟା, ଲିନା, ପରିବାରବର୍ଗ।

ଧ-୧୮୯୮୪


# ମୁଣ୍ଡରେ ବୋତଲ ଖୋଲି ଗିନିଜ୍ ରେକର୍ଡ

**ହାଇଦ୍ରାବାଦ:** ରେକର୍ଡ କରିବା ନିଶାରେ ଲୋକେ କିଛି ବି କରିବାକୁ ପଛାନ୍ତି ନାହିଁ। ଆଉ ବାରମ୍ବାର ଅଭ୍ୟାସ ବଳରେ ଅସମ୍ଭବ ମନେହେଉଥିବା କାମକୁ ବି ସହଜରେ କରିପାରନ୍ତି। ଠିକ୍ ଏମିତି ଏକ ଅଭ୍ୟାସ କରି ମୁଣ୍ଡରେ ବୋତଲ ଠିପି ଖୋଲି ଗିନିଜ୍ ରେକର୍ଡ କରିଛନ୍ତି ପ୍ରଭାକର ରେଡ୍ଡୀ। ଆନ୍ଧ୍ରପ୍ରଦେଶ ନେଲୋରର ମାର୍ଶାଲ ଆର୍ଟିଷ୍ଟ ହେଉଛନ୍ତି ପ୍ରଭାକର ରେଡ୍ଡୀ। ଏବେ ସେ ବୋତଲର ଠିପିକୁ ନିଜ ମୁଣ୍ଡରେ ଖୋଲି ରେକର୍ଡ କରିଛନ୍ତି। ମାତ୍ର ଏକ ମିନିଟରେ ସେ ଏହି ଉପାୟରେ ୬୮ଟି ବୋତଲର ଠିପି ଖୋଲି ପାରିଛନ୍ତି। ଏଥିପାଇଁ ତାଙ୍କ ନାଁ ଏବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଏହା ପୂର୍ବରୁ ପାକିସ୍ତାନର ମହମ୍ମଦ ରସିଦ୍ ନସିମ୍‌ଙ୍କ ନାଁ ଏହି ରେକର୍ଡ ରହିଥିଲା। କିନ୍ତୁ ପ୍ରଭାକର ଏହି ରେକର୍ଡ ଭାଙ୍ଗିବା ପାଇଁ ସକ୍ଷମ ହୋଇଛନ୍ତି। ମାତ୍ର ଏକ ମିନିଟ୍‌ରେ ସେ ଯେଉଁଭଳି ଭାବେ ଖୁବ୍‌ଶୀଘ୍ର ବୋତଲର ଠିପିଗୁଡ଼ିକୁ ଖୋଲି ପାରୁଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁଣ୍ଡରେ ବୋତଲ ଖୋଲୁଥିବା ସମୟର ଏକ ଭିଡିଓକୁ ସେ ଏବେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତେବେ ତାଙ୍କର ଏଭଳି ଏକ ଭିଡିଓ ଏବେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ଭିଡିଓ ପୋଷ୍ଟ ହେବା ମାତ୍ରେ ଏବେ ସୁଦ୍ଧା ଏହାକୁ ପ୍ରାୟ ୧୭୦୦ରୁ ଅଧିକ ଲୋକ ଦେଖି ସାରିଲେଣି। ତେବେ ପ୍ରଭାକରଙ୍କର ଏଭଳି କାମ ଅନ୍ୟମାନଙ୍କ ପାଇଁ ନିଶ୍ଚିତଭାବେ ପ୍ରେରଣା ହୋଇପାରିବ ବୋଲି ଲୋକେ ମତ ଦେଇଛନ୍ତି।




# ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଗୋପୀନାଥ ପଣ୍ଡା**

ଟେଲି କମ୍ୟୁନିକେଶନ ଇଂଜିନିୟର
N6-505, ଜୟଦେବ ବିହାର, ଭୁବନେଶ୍ୱର
ତିରୋଧାନ: କାର୍ତ୍ତିକ ବଡ଼ ଦଶମୀ ଓ ବଡ଼ ଏକାଦଶୀ

ତୁମ ଅମର ଆତ୍ମାର ଚିର ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ସତ୍ୟସାଇ ବାବାଙ୍କ ନିକଟରେ ଆକୁଳ ପ୍ରାର୍ଥନା କରିବା ସଙ୍ଗେସଙ୍ଗେ ତୁମ ନିକଟରେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୧୯୦୨୩

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



**ନିମାଇଁ ଚରଣ ପାଣି**

ଆବିର୍ଭାବ - ୧୧.୧୧.୧୯୪୦
(କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ସୋମବାର)
ତିରୋଧାନ - ୭.୧୧.୨୦୧୯
(କାର୍ତ୍ତିକ ଶୁକ୍ଳ ଦଶମୀ ଗୁରୁବାର)

ତୁମ ଘର ଅଟେ ଆମ ବୈକୁଣ୍ଠ
ତୁମ ଲୀଳା ଖେଳା ସଦା ପ୍ରକଟ
ତୁମ ସ୍ନେହ ଆଶିର୍ବାଦ ଝରୁଛି ଯହିଁ
ଛାଡି ଚାଲିଗଲ ଆମକୁ କାହିଁ

**ଶୋକସନ୍ତପ୍ତ ପରିବାର**
ପତ୍ନୀ ସୁଷମା, ପୁତ୍ରି ଚିନ୍ନୁ, ଜ୍ୱାଇଁ ବିରେନ, ପୁତ୍ର ନାନୁ, ପୁତ୍ରବଧୂ ଗୁଡି, ଏବଂ ନାତି ନାତୁଣୀ ପ୍ରାଚି, ରିଚି, ସାଚି, ଆର୍ଚ୍ଚି।
ଏନ୍ ୩/୩୧୨, ନୟାପଲ୍ଲୀ, ଭୁବନେଶ୍ୱର

ଧ-୭୦୦୨୯

**୨୦ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବଟକୃଷ୍ଣ ପଟ୍ଟନାୟକ**

(ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ)
ଆବିର୍ଭାବ: ୦୧।୦୧।୧୯୪୯
ତିରୋଧାନ: ୦୭।୧୧।୨୦୦୦

ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୬୬୮୯୬

**ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପୀତାମ୍ବର ଜେନା**

ଭାଲୁଖାଇ, ଧର୍ମଶାଳା, ଯାଜପୁର
ଆବିର୍ଭାବ: ତା୦୧।୧୨।୧୯୩୩ରିଖ
ତିରୋଧାନ: ତା୧୪।୧୧।୨୦୨୦ରିଖ

ନିଃଶବ୍ଦ ସହରେ ଚାଲିଗଲ ଅବା
ଜହ୍ନ ରାଇଜରେ ଯାଇ
ଯେତେ ଖୋଜିଲେ ବି ପାଉନାହୁଁ ଆମେ
ନିରେଖି ନିରେଖି ଚାହିଁ।

ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର କାମନା।

-:ଶୋକସନ୍ତପ୍ତ:-
ପୁତ୍ର: ପ୍ରଭୁଦତ୍ତ ଜେନା, ପୁତ୍ରବଧୂ: ଗୀତାରାଣୀ, ନାତୁଣୀ: ଯାଜ୍ଞସେନୀ, ଶୁଭାଙ୍ଗୀ ଶୁଭଦର୍ଶନୀ ।

ଧ-୧୯୦୨୫

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଅଲେଖ ଚରଣ ପରିଡା**

କାଦୁଆ, କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ: ୧୭।୦୫।୧୯୫୧
ତିରୋଧାନ: ୧୪।୧୧।୨୦୨୦
(ଦୀପାବଳି ଅମାବାସ୍ୟା)

ତୁମେ ଆମକୁ ଛାଡ଼ି ହଠାତ୍ ଚାଲିଗଲ। ସବୁବେଳେ କହୁଥିଲ କର୍ମକୁ ଭଗବାନ ଭାବି ନିର୍ଭୀକ ହୋଇ ଆଗେଇଚାଲ। ତୁମର ଆଦେଶ ଆମମାନଙ୍କ ଜୀବନରେ ଚିର ପାଥେୟ ହେଉ। ତୁମ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ପୁତୁରା, ଝିଆରୀ, ଭାଇମାନେ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୬୬୮୯୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ



**ବାବା ଅଘୋରୀ ତାନ୍ତ୍ରିକ**
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
08763569043

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# କମ୍ ସମୟରେ ଶୀଘ୍ର ମେକ୍ଅପ୍

**ଶୀଘ୍ର ମେକ୍ଅପ୍ ନେବା ପାଇଁ ଚାହୁଁଥିଲେ ଆପଣଙ୍କୁ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡ଼ିବ। ତେବେ ଏଥିପାଇଁ ଆପଣଙ୍କୁ କେଉଁ ସବୁ ଦିଗପ୍ରତି ଅଧିକ ଦୃଷ୍ଟି ଦେବାକୁ ହେବ ସେନେଇ ଜାଣି ରଖନ୍ତୁ...**

ସୌନ୍ଦର୍ଯ୍ୟ



➔ ଶୀଘ୍ର ମେକ୍ଅପ୍ ନେବା ପାଇଁ ଚାହୁଁଥିଲେ ଆପଣଙ୍କୁ ପ୍ରଥମେ ଏକ ରୁଟିନ୍ ସ୍ଥିର କରିବାକୁ ହେବ। ଯେଉଁକାମ କମ୍ ସମୟରେ ଆପଣ କରିପାରିବେ ସେହି ସବୁ କାମକୁ ପ୍ରଥମେ କରନ୍ତୁ। ଫଳରେ କମ୍ ସମୟରେ ଶୀଘ୍ର କାମ ସରିଯିବ ଏବଂ ଅନ୍ୟ କାମ ପାଇଁ ସମୟ ପାଇବେ।

➔ମେକ୍ଅପ୍ ହେବାପାଇଁ ଆପଣଙ୍କ ପାଖରେ କମ୍ ସମୟ ଥିଲେ ସେହି ସବୁ କାମକୁ ବାଦ୍ ଦିଅନ୍ତୁ, ଯାହାକୁ ନ କଲେ ବି ଆପଣଙ୍କ ମେକ୍ଅପ୍ ଅଧା ଲାଗିବ ନାହିଁ। ଯେମିତି କି କେଶର ଷ୍ଟ୍ରେଟେନିଂ, କର୍ଲିଂ ଇତ୍ୟାଦି।

➔ମେକ୍ଅପ୍ ନିମନ୍ତେ ଯଦି ଆପଣଙ୍କ ପାଖରେ କମ୍ ସମୟ ଅଛି ତେବେ କେଶ ସଜ୍ଜା କରନ୍ତୁ ନାହିଁ। କେବଳ ମୁହଁର ମେକ୍ଅପ୍ ନେବା ପରେ ଆପଣ କେଶକୁ ଖୋଲା ଛାଡ଼ି ପାର୍ଟିକୁ ଯାଇପାରିବେ। ଖୋଲା କେଶ ବି ଆଜିକାଲି ଏକ ସୁନ୍ଦର ଷ୍ଟାଇଲ୍ ଟ୍ରେଣ୍ଡ। ଯଦି ଖୋଲା କେଶ ଆପଣଙ୍କୁ ପସନ୍ଦ ନୁହେଁ ତା'ହେଲେ ହେୟାର ବ୍ୟାଣ୍ଡ ବାନ୍ଧି ଯାଇପାରିବେ।

➔ଆପଣ କେଉଁ ଡ୍ରେସ୍ ପିନ୍ଧିବେ ପୂର୍ବ ଦିନରୁ ହିଁ ସ୍ଥିର କରି ରଖନ୍ତୁ।



# ଶୀତଦିନିଆ କିଚେନ ଗାର୍ଡେନ

**କାହା ପାଇଁ ସମୟ କାଟିବାର ବାହାନା ତ କାହା ପାଇଁ ଖର୍ଚ୍ଚକାଟର ମନ୍ତ୍ର। ଆଉ କିଏ ଖୁସିରେ କରନ୍ତି ଗାର୍ଡେନିଂ। ଏମିତି ଅନେକ ବାହାନା ନେଇ ମହିଳାମାନେ କରୁଛନ୍ତି କିଚେନ୍ ଗାର୍ଡେନ୍। ଆଉ ଶୀତଦିନ ହୋଇଥିବାରୁ ଏବେ ଅଧିକାଂଶ ମହିଳା ନିଜ ବାଡ଼ିରେ ହେଉ କି ଛାତ ଉପରେ ହେଉ ଫୁଲଗଛ ସହିତ ପନିପରିବା ଲଗାଇବାକୁ ବେଶି ପସନ୍ଦ କରୁଛନ୍ତି...**

ଫୁଲ ହେଉ କି ଫଳ ନିଜେ ଚାଷ କରିବାରେ ଗୋଟେ ଭିନ୍ନ ଆନନ୍ଦ ରହିଛି। ତେଣୁ ସୁଯୋଗ ମିଳିବା ମାତ୍ରେ ଗୃହିଣୀମାନେ ବି ସଉକରେ କରନ୍ତି ଗାର୍ଡେନିଂ। କିଏ ଫୁଲ ଗଛଟିଏ ଲଗାଇ ଦିଏ ତ କିଏ ଫଳ ଗଛ ଲଗାଇ ଖୁସି ହୁଅନ୍ତି। ଏମିତିରେ ଘର ପାଖରେ ବଗିଚାଟିଏ ଦେଖିଲେ କାହାକୁ ବା ଖୁସି ନ ଲାଗେ! ସେଥିପାଇଁ ତ ଶୀତଦିନ ଆସିବା ମାତ୍ରେ ଅଧିକାଂଶ ଗୃହିଣୀ ଆରମ୍ଭ କରିଦିଅନ୍ତି ଗାର୍ଡେନିଂ। କିଏ ଛାତ ଉପରେ ତ କିଏ ଘର ପାଖରେ ଥିବା ଖାଲି ସ୍ଥାନରେ ଆରମ୍ଭ କରନ୍ତି ଗାର୍ଡେନିଂ। ଏମିତି କି ଅନେକେ ନିଜ ନିଜ ବାଲକୋନିରେ ବି ଗାର୍ଡେନିଂ କରି ଖୁସି ହୋଇ ପାରୁଛନ୍ତି।

ଶୀତଦିନେ ଗାର୍ଡେନିଂ କରିବାର ନିଆରା ଆକର୍ଷଣ ରହିଛି। କାରଣ ଏହି ଋତୁରେ ଅନେକ ପ୍ରକାରର ଋତୁକାଳୀନ ଫୁଲ, ଫଳ ଆଦି ଭଲ ହୋଇଥାଏ। ବିଶେଷକରି ସେବତୀ, ଗେଣ୍ଡୁ, ଗୋଲାପ ଆଦି ଅନେକ ପ୍ରକାରର ଫୁଲ କେବଳ ଏହି ଋତୁରେ ହିଁ ହୋଇଥାଏ। ସେହିପରି ଫୁଲକୋବି, କାକୁଡ଼ି, ବିନ୍ସ, ପାଳଙ୍ଗ ଆଦି ବିଭିନ୍ନ ପ୍ରକାରର ପରିବା ବି ଏହି ଋତୁରେ ବେଶ୍ ଭଲ ହୋଇଥାଏ। ତେଣୁ ଏହି ସମୟରେ ଅଧିକାଂଶ ଗାର୍ଡେନିଂ କରିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି।





**ମନ ଖୁସି ହୁଏ:** ଗୃହିଣୀମାନେ ସବୁବେଳେ ଘରେ ରହି ପରିବାର ଲୋକଙ୍କ ଦେଖାଶୁଣା କରିବା ଆଉ ରୋଷେଇ କରିବାରେ ଅନେକ ସମୟରେ ବୋର୍ ହୋଇଯାନ୍ତି। ସେଥିପାଇଁ ସମୟ ପାଇବା ମାତ୍ରେ କିଚେନ୍ ଗାର୍ଡେନ୍ କରିବାକୁ ପସନ୍ଦ କରିଥାନ୍ତି। ଆଉ ନିଜେ ଲଗାଇଥିବା ଫୁଲ ଫଳ ଗଛ ଦେଖି ବେଶ୍ ଖୁସି ହୋଇଯାନ୍ତି। ତେଣୁ ସୁବିଧା ସୁଯୋଗ ଥିଲେ ନିଜକୁ ଖୁସି ରଖିବା ପାଇଁ ଏଭଳି କିଚେନ୍ ଗାର୍ଡେନ୍ କରନ୍ତୁ।

**ଖର୍ଚ୍ଚ କାଟର ଉପାୟ:** ଘର ଆଗରେ ଖାଲି ଜାଗା ଥିଲେ ସେଥିରେ ବିଭିନ୍ନ ପ୍ରକାରର ପନିପରିବା ଗଛ ଲଗାଇଥାନ୍ତି ଗୃହିଣୀମାନେ। ଆଜିକାଲି ଅନେକ ଛାତ ଉପରେ କୁଣ୍ଡରେ ବି ଚାଷ କାମ କରୁଛନ୍ତି। ବେଳେବେଳେ ରୋଷେଇ ଘରର ଅଳିଆ ଆବର୍ଜନା ପକାଇବା ସ୍ଥାନରେ ଅନେକ ସମୟରେ ଆପେ ଆପେ ବିଭିନ୍ନ ପ୍ରକାରର ଗଛ ଉଠିଥାଏ, ବିଶେଷକରି କଖାରୁ, କଲରା, ଲଙ୍କା । ଆଉ ଗୃହିଣୀମାନେ ସେସବୁର ଟିକିଏ ଯତ୍ନ ନେବା ଫଳରେ ସେଥିରୁ ବି ଢେର୍ ପରିବା ମିଳିଥାଏ। ଏହି ମାଧ୍ୟମରେ ବେଳେବେଳେ ଘର ପାଇଁ ବିନା ଖର୍ଚ୍ଚରେ ପରିବା ମିଳିଯାଏ।

**ଅବସାଦରୁ ମୁକ୍ତି:** କିଚେନ୍ ଗାର୍ଡେନ୍ କରି ଅନେକେ ମଧ୍ୟ ଅବସାଦରୁ ମୁକ୍ତି ପାଇଥାନ୍ତି। କାରଣ ଏକୁଟିଆପଣରୁ ମୁକ୍ତି ପାଇବା ପାଇଁ ଗଛ ଲଗାଇବା ଏକ ସୁନ୍ଦର ଉପାୟ। ସେ ଫୁଲ ଗଛ ହେଉ କି ଫଳ ଗଛ, ଏହି ମାଧ୍ୟମରେ ଗୃହିଣୀମାନେ ନିଜକୁ ଖୁସି ରଖିପାରନ୍ତି ଓ ଅବସାଦରୁ ମୁକ୍ତି ପାଇଥାନ୍ତି।

**ମନ ପସନ୍ଦ ଜିନିଷ:** କିଚେନ୍ ଗାର୍ଡେନରେ ମହିଳାମାନେ ନିଜ ନିଜ ପସନ୍ଦର ପନିପରିବା ଓ ଫୁଲ ଗଛ ଲଗାଇଥାନ୍ତି। ତେଣୁ ନିଜ ପସନ୍ଦର ଜିନିଷକୁ ସବୁବେଳେ ପାଇପାରନ୍ତି। ଗେଣ୍ଡୁ ଫୁଲ ହେଉ କି କଞ୍ଚା ଲଙ୍କା ନିଜେ ଗଛ ଲଗାଇ ଅମଳ କରିବାରେ ଏକ ଭିନ୍ନ ମଜା ଅଛି। ତେଣୁ ଯାହାକୁ ଯେଉଁ ଜିନିଷ ପସନ୍ଦ ସେମାନେ ସେହି ପ୍ରକାରର ଗଛ ଲଗାଇଥାନ୍ତି।

**ଉତ୍ତମ ସ୍ୱାସ୍ଥ୍ୟ:**ସବୁଠୁ ବଡ଼ କଥା ହେଉଛି କିଚେନ୍ ଗାର୍ଡେନରେ ଅର୍ଗାନିକ୍ ଉପାୟରେ ଚାଷ କରି ମହିଳାମାନେ ନିଜର ତଥା ପରିବାରର ସ୍ୱାସ୍ଥ୍ୟକୁ ଠିକ୍ ରଖିବାର ସୁଯୋଗ ପାଆନ୍ତି। କାରଣ ବଜାରରେ ମିଳୁଥିବା ପନିପରିବାରେ ପ୍ରଚୁର ରାସାୟନିକ ସାର ପ୍ରୟୋଗ କରାଯାଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ। କିନ୍ତୁ ଗୃହିଣୀଙ୍କ କିଚେନ୍ ଗାର୍ଡେନରେ ଜୈବିକ ଉପାୟରେ ହେଉଥିବା ପନିପରିବା ଆଣି ସମସ୍ତଙ୍କ ସ୍ୱାସ୍ଥ୍ୟକୁ ଠିକ୍ ରଖି ହେଉଛି।

## ଏମାନେ କ'ଣ କହନ୍ତି



**ଗଛ ଛାଡ଼ି ଯିବାକୁ ମନ ହୁଏନି:** ମତେ ଫୁଲ ଗଛ ଲଗାଇବାକୁ ଭଲ ଲାଗେ। ଶୀତଦିନିଆ ବିଭିନ୍ନ ପ୍ରକାରର ଫୁଲ ଗଛ ଛାତ ଉପରେ କୁଣ୍ଡରେ ଲଗାଇଛି। ଏବେ ଗେଣ୍ଡୁ ଆଉ ସେବତୀ ଅଧିକ ଫୁଟୁଥିବାରୁ ସେହି ଗଛ ଅଧିକ ଲଗାଇଛି। ଗେଣ୍ଡୁ ଫୁଲ ତ ବହୁତ ଫୁଟିଲାଣି। ଏସବୁ ଫୁଲ ବହୁତ ଦିନ ଗଛରେ ରହିବା ପରେ ତାକୁ ନେଇ ମୁଁ ଠାକୁରଙ୍କୁ ଦିଏ। ତେବେ ଫୁଲ ଫୁଟିବା ପରେ ଗଛଗୁଡ଼ିକୁ ଦେଖିଲେ ଏତେ ସୁନ୍ଦର ଲାଗେ ଯେ ମୁଁ ବହୁତ ସମୟ ଏଇ ଛାତ ଉପରେ ହିଁ ରହିଥାଏ।

*—**କାଦମ୍ବିନୀ ଦାସ,** ଗୃହିଣୀ, ସମେଇଗାଡ଼ିଆ, ଭୁବନେଶ୍ୱର*



**ପରିବା ଖର୍ଚ୍ଚ ମେଣ୍ଟିଯାଏ:** ଶୀତଦିନେ ମୁଁ ଫୁଲ ଫଳ ସବୁ ପ୍ରକାରର ଗଛ ଛାତ ଉପରେ ଲଗାଏ। କାହିଁକି ନା ଏହି ଦିନେ ଗେଣ୍ଡୁ ସେବତୀ ଭଳି ବିଭିନ୍ନ ପ୍ରକାରର ଫୁଲ ବହୁତ ଫୁଟେ ଆଉ ସୁନ୍ଦର ଦେଖାଯାଏ। ଖାଲି ଫୁଲ ନୁହେଁ ଛାତ ଉପରେ ମୁଁ ପରିବା ଚାଷ ବି କରିଛି। କଞ୍ଚା ଲଙ୍କା, କାକୁଡ଼ି, କଖାରୁ, ବାଇଗଣ ଆଦି ଅଳ୍ପ ଗଛ ଲଗାଇଛି, ଯେଉଁଥିରୁ ଆମ ପରିବାରର ଆବଶ୍ୟକତା ପ୍ରାୟତଃ ମେଣ୍ଟିଯାଏ। ବାହାରେ ଯେତେ ପରିବା ମିଳିଲେ ବି ବଗିଚା ପରିବା'ର ସ୍ୱାଦ ନିଆରା ଲାଗେ। ଆଉ ନିଜ ହାତରେ ଲଗାଇଥିବା ଫୁଲ ଗଛରୁ ଫୁଲଟିଏ ଠାକୁରଙ୍କୁ ଦେଲେ ବହୁତ ଶାନ୍ତି ଲାଗେ।

*—**ଜୟନ୍ତି ମହାନ୍ତି,** ଗୃହିଣୀ, ମାଣିଖମ୍ବ, ମୋତିଗଞ୍ଜ, ବାଲେଶ୍ୱର*



**ଦେଖିଲେ ଖୁସି ଲାଗୁଛି:** ମୁଁ ରହୁଥିବା ଘର ପାଖରେ ବହୁତ ଖାଲି ଜାଗା ଅଛି। ତେଣୁ ସେଠି ମୁଁ ଅମୃତ ଭଣ୍ଡା, ସଜନା, କଦଳୀ, ଲେମ୍ବୁ ଆଉ ପିଜୁଳି ଗଛ ଲଗାଇଛି। ଏସବୁ ଗଛ ସବୁବେଳେ ଆମ ଆବଶ୍ୟକତା ପୂରଣ କରୁଛି। ଏହା ସହିତ ଛାତ ଉପରେ ବି ମୁଁ ବିଭିନ୍ନ ପ୍ରକାରର ଫୁଲ ଗଛ ଓ ପରିବା ଲଗାଇଛି। ଏଥିରୁ ଯାହା ବି ମିଳୁଛି ଦେଖିଲେ ଖୁସି ଲାଗୁଛି। ତା ଛଡ଼ା କରୋନା ପାଇଁ ବାହାରକୁ ଯାଉ ନ ଥିବାରୁ କିଚେନ୍ ଗାର୍ଡେନରେ ସମୟ ବିତୁଛି। ଆଉ ମୋ ବଗିଚାରେ ଫୁଲଟିଏ ଫୁଟିଲେ ମତେ ଲାଗେ ସତେ ଯେମିତି ମୋ ପିଲାଏ ହସୁଛନ୍ତି।

*—**ସରିତା ପ୍ରିୟଦର୍ଶିନୀ,** ଗୃହିଣୀ, ପଥରଗାଡ଼ିଆ, ଶିଖରଚଣ୍ଡି ଭୁବନେଶ୍ୱର*

# ପର୍ବପର୍ବାଣିରେ ପିନ୍ଧନ୍ତୁ ସିମ୍ପଲ ସୁଟ୍

ଫ୍ୟାଶନ୍

**ପର୍ବପର୍ବାଣି ସମୟରେ ଅଧିକ ମେକ୍ଅପ୍ ନେଇହୁଏନି। ତେଣୁ ଏଥିରେ ଯୋଗ ଦେବାପାଇଁ କେବଳ ସୁନ୍ଦର ଡ୍ରେସ ପିନ୍ଧିବା ବେଶି ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ସମୟରେ ପିନ୍ଧିବା ପାଇଁ ଆପଣ ସିମ୍ପଲ ସୁଟ୍ କିଣନ୍ତୁ...**



➤କୌଣସି ପର୍ବପର୍ବାଣୀରେ ଯୋଗ ଦେଉଥିଲେ ଆପଣ ହାଲ୍କା କାମ ହୋଇଥିବା କୁର୍ତ୍ତା ସହିତ ହାଲ୍କା ପିଙ୍କ୍ କଲର୍ ଶରାରା ପିନ୍ଧନ୍ତୁ। କୁର୍ତ୍ତାରେ ପାଇପିନ୍ ଦିଆ ହୋଇଥିଲେ ବି ଭଲ ଲାଗିବ।

➤ ବ୍ଲୁ କଲର ହାଇ-ଲୋ କୁର୍ତ୍ତା ପର୍ବପର୍ବାଣୀରେ ପିନ୍ଧିବା ଏବଂ ବନ୍ଧୁମାନଙ୍କ ସହିତ ସାକ୍ଷାତ କରିବା ସମୟରେ ବହୁତ ଭଲ ଲାଗିବ। କୁର୍ତ୍ତାରେ ଡିଜାଇନ୍ କାମ ହୋଇଥିଲେ ସ୍ଲିଭ୍‌ଲେସ୍ ପିନ୍ଧନ୍ତୁ, ଭଲ ଲାଗିବ।

➤ ଗୋଲାପୀ ରଙ୍ଗର ବ୍ଲକ ପ୍ରିଣ୍ଟ କୁର୍ତ୍ତା ପିନ୍ଧନ୍ତୁ, ଆପଣ ସିମ୍ପଲ ଆଉ ସୁନ୍ଦର ଦେଖାଯିବେ। ଲଙ୍ଗ୍ କୁର୍ତ୍ତା ହୋଇଥିଲେ ଆପଣଙ୍କ ଇଚ୍ଛା ଅନୁସାରେ ଖାଲି ପିନ୍ଧନ୍ତୁ ଅବା ଲେଗିନ୍ସ ସହିତ ପିନ୍ଧନ୍ତୁ।

➤ ଏଥେନିକ୍ କ୍ରପ୍ ଟପ୍ ପିନ୍ଧନ୍ତୁ, ଭଲ ଲାଗିବ। ଅବଶ୍ୟ କ୍ରପ ଟପ୍‌ରେ ଏଥେନିକ୍ ଲୁକ୍ ମିଳିବା ଏତେ ସହଜ ନୁହେଁ। ହାଲ୍କା ଗ୍ରୀନ୍ କଲର ସ୍କର୍ଟ ସହିତ ଗୋଲାପୀ ସ୍ଲିଭଲେସ୍ କ୍ରପ ଟପ୍ ଏବଂ ପ୍ରିଣ୍ଟେଡ୍ ଓଢଣୀ ପିନ୍ଧନ୍ତୁ, ବହୁତ ଭଲ ଲାଗିବ।

➤ ଲାଲ୍ ରଙ୍ଗର ସ୍କର୍ଟ ସହିତ ଧଳା ଓ ଲାଲ୍ ରଙ୍ଗର କୁର୍ତ୍ତା ପର୍ବପର୍ବାଣୀ ସମୟରେ ଆପଣଙ୍କୁ ବହୁତ ସୁନ୍ଦର ମାନିବ। ତେଣୁ ଏଭଳି ଡ୍ରେସ ଚୟନ କରନ୍ତୁ।







ଖାଦ୍ୟ ରୁଚି

## ଗାଜର, ଧନିଆପତ୍ର ରୁଟି

**ଆବଶ୍ୟକ ସାମଗ୍ରୀ**

ଗାଜର- ଅଧା କପ୍ (କୋରା), ଧନିଆ ପତ୍ର- ଅଳ୍ପ (କଟା), ଚାଉଳ ଗୁଣ୍ଡ- ଅଳ୍ପ, ସୋୟା ଅଟା- ଚଉଠ କପ୍, ହଳଦୀ ଗୁଣ୍ଡ- ଅଧା ଚାମଚ, ଘିଅ ଓ ତେଲ ଆବଶ୍ୟକ ଅନୁସାରେ, ଲୁଣ ସ୍ୱାଦ ଅନୁସାରେ।

**ପ୍ରଣାଳୀ:** ଗାଜର, ଧନିଆପତ୍ର, ସୋୟା ଅଟା, ହଳଦୀ ଗୁଣ୍ଡ ସହିତ ଅଳ୍ପ ଘିଅ ମିଶାଇ ଭଲଭାବେ ଏକ ପାତ୍ରରେ ଅଟା ଚକଟିଲା ପରି ଚକଟି ଦିଅନ୍ତୁ। ତେବେ ଚକଟିବା ପାଇଁ ଥଣ୍ଡା ପାଣି ବଦଳରେ ଉଷୁମ ପାଣି ନିଅନ୍ତୁ। ଏହାପରେ ଛୋଟ ଛୋଟ ଗୁଳା କରି ଚାଉଳଗୁଣ୍ଡରେ ରୁଟି ପରି ବେଲି ଦିଅନ୍ତୁ। ଗ୍ୟାସରେ ନନ୍‌ଷ୍ଟିକ୍ ତାୱା ବସାଇ ସେଥିରେ ଅଳ୍ପ ଘିଅ କିମ୍ବା ତେଲ ଦେଇ ଏହି ରୁଟିକୁ ସେକି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗାଜର ଓ ଧନିଆ ରୁଟି। ଆପଣ ଚାହିଁଲେ ଏଥିରେ ଅନ୍ୟ ମସଲା ମିଶାଇ ଏହାକୁ ସ୍ନାକ୍ସ ଭଳି ତିଆରି କରିପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ନଭେମ୍ବର ୨୪/୨୦୨୦ Tuesday, November 24/ 2020

# ପ୍ରଜନେଶ ଗୁଣେଶ୍ୱରନ ରନର୍ସଅପ୍



**ଓର୍ଲାଣ୍ଡୋ ୨୩।୧୧ (ପି.ଟି.):** ଓର୍ଲାଣ୍ଡ ଓପନ୍ ଟେନିସ ପ୍ରତିଯୋଗିତାରେ ଭାରତୀୟ ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ରନର୍ସଅପ୍ ହୋଇଛନ୍ତି। ୫୨,୦୮୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟର ଟାଇଟଲ ମୁକାବିଲାରେ ସେ ଆମେରିକାର ବ୍ରାଣ୍ଡନ ନାକାଶିମାଙ୍କଠାରୁ ୩-୬, ୪-୬ ସେଟ୍‌ରେ ପରାଜିତ ହୋଇଯାଇଛନ୍ତି। ୧ଘଣ୍ଟା ଓ ୨୮ ମିନିଟର ଏହି ମୁକାବିଲାରେ ଭାରତୀୟ ଟେନିସ ଖେଳାଳି ୮ଟି ବ୍ରେକ୍ ସୁଯୋଗ ପାଇଥିଲେ ମଧ୍ୟ ଗୋଟିଏ ହେଲେ କାର୍ଯ୍ୟକାରୀ କରିପାରି ନ ଥିଲେ। ପ୍ରଜନେଶଙ୍କର ଏହା ହେଉଛି କ୍ରମାଗତ ଦ୍ୱିତୀୟ ରନର୍ସଅପ୍। ଗତ ସପ୍ତାହରେ ସେ କ୍ୟାରି ଚ୍ୟାଲେଞ୍ଜର ଫାଇନାଲରେ ପ୍ରବେଶ କରିଥିଲେ। ଏହି ଫଳାଫଳ ଦ୍ୱାରା ପ୍ରଜନେଶ ର୍‍ୟାଙ୍କିଙ୍ଗ ତାଲିକାରେ ୧୨୮ରୁ ୧୩୬ତମ ସ୍ଥାନକୁ ଉନ୍ନୀତ ହୋଇ ପାରିଛନ୍ତି। ଏଥିସହିତ ସେ ଭାରତର ନମ୍ବର ୱାନ ଖେଳାଳି ହୋଇ ପାରିଛନ୍ତି।

# ପ୍ରଥମ ମ୍ୟାଚରେ ଓଡ଼ିଶା ଏଫ୍‌ସି ପରାସ୍ତ

**ଭୁବନେଶ୍ୱର, ୨୩।୧୧(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ)ର ଗତ ସଂସ୍କରଣରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶା ଏଫସି ଏଥର ପ୍ରଥମ ମ୍ୟାଚରେ ପରାଜିତ ହୋଇଛି। ବାମ୍ବୋଲିମ୍‌ସ୍ଥିତ ଜିଏମ୍‌ସି ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଭିତ୍ତିକ ଏହି ଦଳ ୦-୧ ଗୋଲରେ ହାଇଦ୍ରାବାଦ ଏଫସି ନିକଟରୁ ହାରିଯାଇଛି। ଅନ୍ୟପକ୍ଷରେ ଗତ ସଂସ୍କରଣରେ ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ହାଇଦ୍ରାବାଦ ଏଥର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ରଥମାର୍ଦ୍ଧରେ ଆରିଡାନେ ସାଣ୍ଟାନାଙ୍କ ପେନାଲ୍ଟି ଗୋଲ ଶେଷରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଗତ ସଂସ୍କରଣରେ ଅନୁଷ୍ଠିତ ୨ଟି ଯାକ ମ୍ୟାଚରେ ହାଇଦ୍ରାବାଦକୁ ହରାଇଥିଲା ଓଡ଼ିଶା। ମାତ୍ର ଏଥର ଦଳ ସେହି ପ୍ରଦର୍ଶନକୁ ଦୋହରାଇବାରେ ଅସଫଳ ହୋଇଛି। ଫଳରେ ମ୍ୟାଚରୁ ହାଇଦ୍ରାବାଦକୁ ୩ ପଏଣ୍ଟ ମିଳିଥିବାବେଳେ ଓଡ଼ିଶାକୁ ଖାଲିହାତରେ ଫେରିବାକୁ ପଡ଼ିଛି। ସାଣ୍ଟାନା ହିରୋ ଅଫ୍ ଦି ମ୍ୟାଚ ପୁରସ୍କାରଲାଭ କରିଛନ୍ତି।

ସିଜନରେ ନିଜର ପ୍ରଥମ ମ୍ୟାଚକୁ ଗୁରୁତ୍ୱ ଦେଇ ଏଥର ଯୋଜନାବଦ୍ଧଭାବେ ପଡ଼ିଆକୁ ଓହ୍ଲାଇଥିଲା ହାଇଦ୍ରାବାଦ। ମ୍ୟାଚ ଆରମ୍ଭରୁ ଓଡ଼ିଶା ଏଫସି ଅପେକ୍ଷାକୃତ ରକ୍ଷଣାତ୍ମକ ଥିବାବେଳେ ଆକ୍ରମଣାତ୍ମକ ଖେଳିଥିଲା ହାଇଦ୍ରାବାଦ। ଏହି ଦଳ ପକ୍ଷରୁ ଏକାଧିକ ସୁଯୋଗ ସୃଷ୍ଟି କରାଯାଇଥିଲେ ହେଁ ଷ୍ଟିଭେନ ଟେଲରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏହାର ସଫଳ ପ୍ରତିହତ କରିଥିଲା। ଅଧଘଣ୍ଟାଏରୁ ଊର୍ଦ୍ଧ୍ୱ ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ୩୪ତମ ମିନିଟରେ ହାଇଦ୍ରାବାଦର ହଲିଚରନ ନାର୍ଜାରୀ ବଲ୍ ନେଇ ପ୍ରତିପକ୍ଷ ଗୋଲପୋଷ୍ଟ ବକ୍ସ ମଧ୍ୟରେ ପ୍ରବେଶ କରିଥିବାବେଳେ ତାଙ୍କର ଶଟ୍ ଟେଲରଙ୍କ ହାତରେ ବାଜିଥିଲା। ରେଫରିଙ୍କ ନଜରକୁ ଏହା ଆସିବାରୁ ସେ ଟେଲରଙ୍କୁ ହଳଦିଆ କାର୍ଡ ଦେଖାଇଥିଲେ। ହ୍ୟାଣ୍ଡବଲ ପାଇଁ ହାଇଦ୍ରାବାଦ ଏଫସିକୁ ପେନାଲ୍ଟି କିକ୍ ସୁଯୋଗ ମିଳିଥିଲା। ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ଆରିଡାନେ ସାଣ୍ଟାନା କୌଣସି ଭୁଲ ନ କରି ଏହାକୁ ଗୋଲରେ ପରିଣତ କରିଥିଲେ। ୩୫ତମ ମିନିଟରେ ସାଣ୍ଟାନା ଶଟ୍‌କୁ ପୋଷ୍ଟର ମଧ୍ୟଭାଗରେ ତଳୁଆ ମାରିଥିବାବେଳେ ଓଡ଼ିଶା ଗୋଲକିପର ଅର୍ଶଦୀପ ସିଂ ଡାହାଣକୁ ଡାଇଭ୍ ମାରିଥିଲେ। ଫଳରେ ସହଜରେ ବଲ୍ ନେଟ୍ ସ୍ପର୍ଶ କରିଥିଲା ଏବଂ ପ୍ରଥମାର୍ଦ୍ଧ ଶେଷ ବେଳକୁ ହାଇଦ୍ରାବାଦ ଏଫସି ୧-୦ ଗୋଲରେ ଅଗ୍ରଣୀଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଆଉ ଗୋଲ୍ ହୋଇ ନ ଥିଲା।



ହାଇଦ୍ରାବାଦ ଏଫ୍‌ସି ପକ୍ଷରୁ ପେନାଲ୍‌ଟି ଗୋଲ୍ ଦେବା ଅବସରରେ ଅଧିନାୟକ ଆରିଡାନେ ସାଣ୍ଟାନା।

**ଆଇଏସ୍ଏଲ୍ ୨୦୨୦**

■ **ସାଣ୍ଟାନାଙ୍କ ଗୋଲରେ ହାଇଦ୍ରାବାଦ ବିଜୟୀ**

# ଭାରତ ଏ' ବିପକ୍ଷରେ ମାର୍ଶଙ୍କ ପ୍ରତ୍ୟାବର୍ତ୍ତନ ଆଶା

**ମେଲବୋର୍ନ, ୨୩।୧୧ (ପି.ଟି.):** ଆସନ୍ତା ମାସରେ ଭାରତ ଏ' ବିପକ୍ଷ ୱାର୍ମଅପ୍ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ଆଶା ରଖିଛନ୍ତି ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ମାର୍ଶ। ସେପ୍ଟେମ୍ବରରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳୁଥିବାବେଳେ ୨୯ ବର୍ଷୀୟ ମାର୍ଶଙ୍କ ଗୋଇଠିରେ ଆଘାତ ଲାଗିଥିଲା। ଏଥରୁ ସେ ଯଦିଓ ଆରୋଗ୍ୟ ଲାଭ କରିଛନ୍ତି। ସେ ଭାରତ ଏ' ବିପକ୍ଷ ୱାର୍ମଅପ୍ ମ୍ୟାଚରେ ଖେଳିବେ କି ନା ତାହା ଶୁକ୍ରବାର ସ୍ପଷ୍ଟ ହେବ। ମାର୍ଶଙ୍କୁ କିନ୍ତୁ ଅଷ୍ଟ୍ରେଲିଆ ଏ' ଦଳରେ ସାମିଲ କରାଯାଇଛି। ଏହି ଦଳ ଡିସେମ୍ବର ୬ରୁ ୮ ଏବଂ ଡିସେମ୍ବର ୧୧ରୁ ୧୩ ପର୍ଯ୍ୟନ୍ତ ଯଥାକ୍ରମେ ଦୁଇଟି ୩ଦିନିଆ ଟୁର୍ ଗେମ୍ ଖେଳିବ। ମାର୍ଶ କହିଛନ୍ତି, ସେ ବୋଲିଂ କରିବାରେ ହୁଏତ ସକ୍ଷମ ହୋଇ ନ ପାରନ୍ତି, କିନ୍ତୁ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିପାରନ୍ତି।

# ୩୪ ସ୍କୁଲରେ ପାନୀୟ ଜଳ ବ୍ୟବସ୍ଥା କରିବେ ସୁରେଶ ରାଇନା

**ନୂଆଦିଲ୍ଲୀ, ୨୩।୧୧ (ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଉତ୍ତରପ୍ରଦେଶ, ଜମ୍ମୁ ଓ ଏନ୍‌ସିଆର (ନ୍ୟାଶନାଲ କ୍ୟାପିଟାଲ ରିଜିଅନ) ଅନ୍ତର୍ଗତ ୩୪ଟି ସରକାରୀ ସ୍କୁଲ ହାତକୁ ନେଇଛନ୍ତି। ଏହି ସ୍କୁଲଗୁଡ଼ିକରେ ସେ ସ୍ୱଚ୍ଛତା ଏବଂ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବେ। ଚଳିତବର୍ଷ ଅଗଷ୍ଟ ୧୫ରେ ରାଇନା ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ନଭେମ୍ବର ୨୭ରେ ତାଙ୍କ ୩୪ତମ ଜନ୍ମଦିବସ ଅବସରରେ ସେ ଜନହିତକର କାର୍ଯ୍ୟ ହାତକୁ ନେବା ଲାଗି ସ୍ଥିର କରିଛନ୍ତି। ରାଇନା ତାଙ୍କ ଝିଅ ନାମରେ ଗ୍ରାସିଆ ରାଇନା ଫାଉଣ୍ଡେଶନ (ଜିଆର୍‌ଏଫ୍) ନାମକ ଏକ ଏନଜିଓ କରିଛନ୍ତି। ରାଇନା ହାତକୁ ନେଇଥିବା ୨୩୪ଟି ସ୍କୁଲରେ ୧୦,୦୦୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢନ୍ତି। ପ୍ରଥମେ ପିଲାମାନଙ୍କ ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ରାଇନା ଓ ତାଙ୍କ ସ୍ତ୍ରୀ ତଥା ଫାଉଣ୍ଡେଶନର ସହ ପ୍ରତିଷ୍ଠାତା ପ୍ରିୟଙ୍କା ଜନ୍ମ ସପ୍ତାହ ପାଳନ କରିବେ। ଏହି ଅବସରରେ ଗାଜିଆବାଦସ୍ଥିତ ନୁର ନଗର ସିହାନି, ସରକାରୀ କମ୍ପୋଜିଟ୍ ମିଡଲ ସ୍କୁଲରେ ରହିଥିବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଅଧୁନିକୀକରଣ କାର୍ଯ୍ୟର ଶୁଭାରମ୍ଭ ହେବ। ବାଳିକା ଓ ବାଳକମାନଙ୍କ ଲାଗି ପୃଥକ ଟଏଲେଟ, ହ୍ୟାଣ୍ଡ୍ ୱାଶ୍, ଡିଶ ୱାଶିଂ ଏବଂ ସ୍ମାର୍ଟ କ୍ଲାସ୍‌ରୁମ୍ କରାଯିବ।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# କାଲି ଯାହା ସଙ୍ଗେ ଦେଖା ହେଲା

**ଡ. ହୃଷୀକେଶ ମଲ୍ଲିକ**



ଶ୍ରୀଅରବିନ୍ଦଙ୍କ ବ୍ୟକ୍ତିତ୍ୱରେ ଯେଉଁ ରୂପାନ୍ତର ସମ୍ଭବ ହୋଇଛି, କେବଳ ଭାରତ ନୁହେଁ, ବିଶ୍ୱର କ୍ୱଚିତ୍ ନେତା ବା ସନ୍ଥଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ୨ ଡିସେମ୍ବର ୧୮୯୦ରେ ଶ୍ରୀଅରବିନ୍ଦଙ୍କ ପିତା କୃଷ୍ଣଧନ ତାଙ୍କ ବଡ଼ ଶଳା ଯୋଗେନ୍ଦ୍ରନାଥଙ୍କ ପାଖକୁ ଏକ ଚିଠି ଲେଖିଥିଲେ ଏହିପରି– ‘‘ମୁଁ ହୁଏତ ଦେଖିବି ନାହିଁ, ତୁମେ କିନ୍ତୁ ଦେଖି ଗର୍ବବୋଧ କରିବ ଯେ ତୁମର ତିନି ଭଣଜା ଦେଶର ଶୋଭା ହେବେ ଓ ତୁମ ନାମ ଉଜ୍ଜ୍ୱଳ କରିବେ।’’ ଏହି ଚିଠିରେ ସେ ଶ୍ରୀଅରବିନ୍ଦଙ୍କ ସଂପର୍କରେ ଯେଉଁ ଭବିଷ୍ୟବାଣୀ କରିଥିଲେ, ତାହା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଲେଖିଥିଲେ – ‘‘ଅରୋ ତା’ର ସ୍ୱଦେଶକୁ ମହିମା ମଣ୍ଡିତ କରିବ।’’ ଧୀରେ ଧୀରେ ନିୟତି ଶ୍ରୀଅରବିନ୍ଦଙ୍କୁ ଏହି ଆଡ଼କୁ ନେଇଚାଲିଲା। ବରୋଦାରେ ଥିବା ବେଳେ ଶ୍ରୀଅରବିନ୍ଦଙ୍କ ପଠନସ୍ପୃହା ଛାତ୍ର ଓ ସହକର୍ମୀମାନଙ୍କୁ ବିସ୍ମିତ କରିଥିଲା।

ଶ୍ରୀଅରବିନ୍ଦଙ୍କ ପଠନ ନିଷ୍ଠା ସମ୍ପର୍କରେ ତାଙ୍କ ବଙ୍ଗଳାଭାଷା–ଶିକ୍ଷକ ଦୀନେନ୍ଦ୍ର କୁମାର ରାୟ ‘ଅରବିନ୍ଦ ପ୍ରସଙ୍ଗେ’ ବହିରେ ଲେଖିଛନ୍ତି: ‘‘ତାଙ୍କୁ ବହି ଉପରେ ବଦ୍ଧ–ଦୃଷ୍ଟି ଅବସ୍ଥାରେ ଏକାଦିକ୍ରମେ ଘଣ୍ଟା ପରେ ଘଣ୍ଟା ବସିଥିବାର ମୁଁ ଦେଖିଛି। ସେତେବେଳେ ସେ ଯୋଗମଗ୍ନ ତପସ୍ୱୀ ପରି ବାହ୍ୟଜ୍ଞାନଶୂନ୍ୟ। ଘରେ ନିଆଁ ଲାଗିଗଲେ ବି ସେ ଜାଣିବେନି।’’



ଶ୍ରୀଅରବିନ୍ଦଙ୍କ ସହ ଶ୍ରୀମା’ଙ୍କ ପ୍ରଥମ ସାକ୍ଷାତ୍...

ବିଦ୍ୟା–ତପସ୍ୱୀ ଶ୍ରୀଅରବିନ୍ଦ ଜୀବନରେ ଆରମ୍ଭରୁ ଥିଲେ କବି। କେମ୍ବ୍ରିଜ୍‌ରେ ଥିବା ବେଳେ ଲେଖୁଥିଲେ ଖୁବ୍ ଉଚ୍ଚକୋଟୀର ଇଂଲିଶ୍ କବିତା ଓ ବରୋଦା ଆସିବା ପରେ ରାମାୟଣ, ମହାଭାରତର କାହାଣୀକୁ ଭିତ୍ତିକରି ଲେଖିଲେ ଅନେକ କବିତା। ରାମାୟଣ, ମହାଭାରତ ଓ ଋକ୍‌ବେଦର ପ୍ରଖ୍ୟାତ ଅନୁବାଦକ ଲେଖକ ରମେଶ ଚନ୍ଦ୍ର ଦତ୍ତ ବରୋଦା ଗସ୍ତ କାଳରେ ଶ୍ରୀଅରବିନ୍ଦଙ୍କ କବିତା ପଢ଼ି ମନ୍ତବ୍ୟ କରିଥିଲେ– ‘‘ତୁମର ଏସବୁ କବିତା ଦେଖି ରାମାୟଣ–ମହାଭାରତର ଅନୁବାଦ କରି ମୁଁ ପଣ୍ଡଶ୍ରମ କରିଛି ଭାବି ଦୁଃଖ ଲାଗୁଛି। ତୁମ କବିତା ଆଗରୁ ଦେଖିଥିଲେ ମୁଁ ମୋର ଲେଖା କଦାପି ଛପାଇ ନଥା’ନ୍ତି।’’ କେବଳ କବିତା ନୁହେଁ, ରାଜନୀତି, ଧର୍ମ, ସ୍ୱାଧୀନତା ଓ ଆଧ୍ୟାତ୍ମିକତାକୁ ନେଇ ଶ୍ରୀଅରବିନ୍ଦ ବହୁ ପ୍ରବନ୍ଧ ଇଂଲିଶ୍‌ରେ ଲେଖିଛନ୍ତି, ଯାହା ଦେଶ ବିଦେଶର ବହୁ ମହାମନା ନେତା ଓ ସାଧକଙ୍କ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଛି। ଶ୍ରୀଅରବିନ୍ଦ ନିଜର ପାଣ୍ଡିତ୍ୟ ବିଜ୍ଞାପିତ କରିବା ପାଇଁ ପ୍ରବନ୍ଧ ଲେଖୁ ନଥିଲେ। ଲେଖୁଥିଲେ ଦେଶର ବେଶୀ ଭାଗ ମଣିଷଙ୍କ ମନରେ ରାଜନୀତି ଓ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ପାଇଁ। କାରଣ ତାଙ୍କର ହୃଦ୍‌ବୋଧ ହୋଇଥିଲା ଯେ ଏହି ଅନଗ୍ରସର, ଅପାଠୁଆ ବା କମ୍ ପାଠୁଆ ଲୋକଙ୍କ ଉପରେ ଦେଶର ପ୍ରକୃତ ମଙ୍ଗଳ ଓ ଭବିଷ୍ୟତ ନିର୍ଭର କରେ। ତାଙ୍କର ଏହି ଦୃଷ୍ଟିଭଙ୍ଗୀ ପରେ ଗାନ୍ଧିଜୀଙ୍କ ଦେଶବ୍ରତରେ ପ୍ରତିଫଳିତ ହୋଇଥିଲା। ୧୯୨୧ରେ ଗାନ୍ଧିଜୀ ଏକଦା କହିଥିଲେ ‘‘ଜନସାଧାରଣଙ୍କୁ ବାଦ୍ ଦେଲେ, ସେମାନଙ୍କ ମଧ୍ୟରେ ମୁକ୍ତିର ଅକାଂକ୍ଷା ଜାଗ୍ରତ ନକଲେ ସ୍ୱରାଜ ଲାଭ ସମ୍ଭବ ନୁହେଁ।’’

ବରୋଦାରେ ଥିଲା ବେଳେ ଶ୍ରୀଅରବିନ୍ଦ ତନ୍ତ୍ରସାଧନାରେ ଜଡ଼ିତ ହୋଇପଡ଼ିଥିଲେ। ସାନଭାଇ ବାରୀନ୍ଦ୍ର ‘ଭବାନୀ ମନ୍ଦିର’ ପ୍ରତିଷ୍ଠା ପାଇଁ ବିନ୍ଧ୍ୟ ପର୍ବତମାଳାରେ ଜାଗା ଖୋଜି ବୁଲୁଥିବା ବେଳେ ପାହାଡ଼ି ଜ୍ୱରରେ ଆକ୍ରାନ୍ତ ହୋଇ ବରୋଦା ଫେରିଲେ ଓ ଜଣେ ସନ୍ନ୍ୟାସୀ ତାଙ୍କୁ ମନ୍ତ୍ର–ଜଳ ଖୁଆଇ ଆରୋଗ୍ୟ କରାଇଦେଲେ। ଏହି ସନ୍ନ୍ୟାସୀଙ୍କଠାରୁ ଶ୍ରୀଅରବିନ୍ଦ ପାଇଲେ ଯୋଗଶକ୍ତିର ପ୍ରଥମ ପ୍ରମାଣ। ୧୯୦୬ରେ ନର୍ମଦା ନଦୀତୀରରେ ଯୋଗୀ ବ୍ରହ୍ମାନନ୍ଦଙ୍କ ସହ ତାଙ୍କର ସାକ୍ଷାତ୍ ହେଲା, ଯିଏ ତିନିଶହ ବର୍ଷ ଧରି ଜୀବିତ ଥିଲେ। କେହି ପ୍ରଣାମ କଲେ ଏହି ସନ୍ନ୍ୟାସୀ ତାଙ୍କୁ ଆଖିବୁଜି ଆଶୀର୍ବାଦ କରନ୍ତି। ମାତ୍ର ଶ୍ରୀଅରବିନ୍ଦ ପ୍ରଣାମ କଲାବେଳେ ତାଙ୍କର ଆଖି ଦୁଇଟି ଖୋଲିଗଲା। ସତେ ଯେମିତି ତାଙ୍କୁ ଦୃଶ୍ୟମାନ ହେଲା ଶ୍ରୀଅରବିନ୍ଦଙ୍କ ହୃଦୟତଳର ଜଗତ। ଚାନ୍ଦୋଦ କାଳୀମନ୍ଦିରରେ ସେ ବିଶ୍ୱଜନନୀଙ୍କୁ ପ୍ରତ୍ୟକ୍ଷ କଲେ। ବରୋଦାରୁ ଆରମ୍ଭ ହୋଇଥିଲା ତାଙ୍କର ଯୋଗାଭ୍ୟାସ। ଯୋଗୀ ବିଷ୍ଣୁ ଭାସ୍କର ଲେଲେ ଥିଲେ ତାଙ୍କ ସାଧନାର ସାଥୀ ଓ ଗୁରୁ। ଲେଲେ ତାଙ୍କୁ ଶିଖାଇଥିଲେ କିପରି ଅନ୍ୟ କିଛି ଚିନ୍ତା ନକରି ଧ୍ୟାନ ସାହାଯ୍ୟରେ ନିଜ ଭିତରେ ବୁଡ଼ି ଯାଇହୁଏ। ଲେଲେ ମଧ୍ୟ ତାଙ୍କୁ କହିଥିଲେ ଯେ, ସଭାସମିତିରେ ବକ୍ତୃତା ଦେବାବେଳେ ତାଙ୍କୁ ଭାଷା ଖୋଜିବାକୁ ପଡ଼ିବ ନାହିଁ। କହିବାର କଥା ଆପଣାଛାଏଁ ମନର ଉପର ସ୍ତରରୁ ତାଙ୍କ ମୁଖ ଦେଇ ବାହାରି ଆସିବ। ଏକଥା ସର୍ବଜନବିଦିତ ଯେ ଆଲିପୁର ଜେଲ୍‌ରେ ଶ୍ରୀଅରବିନ୍ଦ ଚୋର–ଡକାୟତଙ୍କ ଭିତରେ ଥାଇ ବି ଦର୍ଶନ କଲେ ଶ୍ରୀକୃଷ୍ଣଙ୍କୁ।

ଶ୍ରୀଅରବିନ୍ଦ ଥିଲେ ‘ଧର୍ମଚେତନା’ ଓ ‘ସ୍ୱାଧୀନତାବୋଧ’ର ବିକଳ୍ପହୀନ ସଂଯୋଗ ସେତୁ। ଯେଉଁ ସ୍ୱାଧୀନତା ଦେଶର ମଣିଷକୁ ବିଶ୍ୱ ସେବା ପାଇଁ ଯୋଗ୍ୟ କରାଇପାରିବ ନାହିଁ, ସେ ସ୍ୱାଧୀନତାରେ ତାଙ୍କର ବିଶ୍ୱାସ ନଥିଲା। ସେ ତାଙ୍କ ଅନ୍ତର୍ଦୃଷ୍ଟିରେ ସ୍ଥିର ନିଶ୍ଚିତ ହୋଇ ସାରିଥିଲେ ଯେ, ଦେଶର ସ୍ୱାଧୀନତା ଆନ୍ଦୋଳନ ପ୍ରେକ୍ଷାପଟରେ ଅବିଳମ୍ବେ ଆବିର୍ଭୂତ ହେବେ ଏପରି ଜଣେ ନେତା, ଯେ ବିପଦରେ ଭାଙ୍ଗି ପଡ଼ିବେ ନାହିଁ, ହତାଶା ଯାହାଙ୍କୁ ଗ୍ରାସ କରିବ ନାହିଁ। ଏଥିପାଇଁ ଜାତୀୟତାବାଦୀମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ ‘କର୍ମଯୋଗୀନ୍’ ପତ୍ରିକାର ଏକ ‘ଖୋଲାଚିଠି’ରେ ଭବିଷ୍ୟବାଣୀ କରିଥିଲେ। ଏହି ନେତା ଯେ,ଅବିସଂବାଦିତ ଭାବେ ଗାନ୍ଧିଜୀ ତାହା ଉଲ୍ଲେଖର ଅପେକ୍ଷା ରଖେ ନାହିଁ। ପଣ୍ଡିଚେରୀରେ ଆରମ୍ଭ ହେଲା ଶ୍ରୀଅରବିନ୍ଦଙ୍କ ଜୀବନର ପରିଣତି ପର୍ବ। ତନ୍ତ୍ରରୁ ମନ ଫେରାଇ ସେ ବେଦାନ୍ତ ମନନରେ ନିଜର ଦୃଷ୍ଟି ନିବଦ୍ଧ କଲେ। ସେ ଏଥର ନିଶ୍ଚିତ ହେଲେ ଯେ ବେଦାନ୍ତ ହିଁ ହେବ ଭାବୀକାଳର ଧର୍ମ।

ପଣ୍ଡିଚେରୀରେ ନିଃସଙ୍ଗ ତପଶ୍ଚର୍ଯ୍ୟାରେ ନିମଗ୍ନ ଥାଇ ବି ଶ୍ରୀଅରବିନ୍ଦ ଭାରତର ରାଜନୈତିକ ଗତିବିଧି ପ୍ରତି ନିଜର ବହିର୍ଦୃଷ୍ଟିକୁ ତଥାପି ଉନ୍ମୁକ୍ତ ରଖିଥିଲେ– ଏକଥା ଲକ୍ଷ୍ୟ କରି ତାଙ୍କର ଜଣେ ଘନିଷ୍ଠ ସହଯୋଗୀ ଅବିନାଶ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଯେତେବେଳେ ଏହାର ରହସ୍ୟ ଜାଣିବାକୁ ଚାହିଁଲେ, ଶ୍ରୀଅରବିନ୍ଦ କହିଲେ, ‘‘ମୁଁ ତ ନିଜର ମୁକ୍ତି ପାଇଁ ଜପତପ କରୁନାହିଁ। ସମସ୍ତ ପୃଥିବୀର ମଙ୍ଗଳ ପାଇଁ ମୋର ସାଧନା।’’ ଲକ୍ଷ୍ନୌରେ ଯେତେବେଳେ ହିନ୍ଦୁ–ମୁସଲିମ୍‌ମାନଙ୍କ ବିଭେଦ ମୋଚନ ପାଇଁ ଉଭୟ ଗୋଷ୍ଠୀ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେଲା, ଶ୍ରୀଅରବିନ୍ଦ ଏଥିରେ ନିଜର ଅସନ୍ତୋଷ ବ୍ୟକ୍ତ କଲେ। ତାଙ୍କ ମତରେ ଏପରି ଚୁକ୍ତି ଦ୍ୱାରା ହିନ୍ଦୁ ଓ ମୁସଲମାନ ଦୁଇଟି ଅଲଗା ଜାତି ବୋଲି ସ୍ୱୀକାର କରିନିଆଗଲା। ତାଙ୍କ ମତରେ ଏହି ଦୁଇଜାତି ଏକ ଭାରତୀୟ। ଭାରତବର୍ଷରେ ସମସ୍ତେ ଏକ ଓ ଅଭିନ୍ନ। ଏଇଥିରୁ ବୁଝିହୁଏ ଶ୍ରୀଅରବିନ୍ଦଙ୍କ ରାଜନୈତିକ ଦୂରଦୃଷ୍ଟି କିପରି ଆଧ୍ୟାତ୍ମିକ ଅନୁଭବରେ ସମାହିତ ଓ ସନ୍ଦୀପିତ ଥିଲା। ଲକ୍ଷ୍ନୌ ଚୁକ୍ତିର ଐତିହାସିକ ଭୁଲ୍‌ଟି ହୋଇ ନ ଥିଲେ ଭାରତ ହୁଏତ ଆଜି ଅଖଣ୍ଡ ରହିଥା’ନ୍ତା, ଏ ଭାବନା ମନରେ ଉଦିତ ହୁଏ।

୨୪ ନଭେମ୍ବର ୧୯୨୬ରେ ଶ୍ରୀଅରବିନ୍ଦ ତାଙ୍କର ଅନୁଗାମୀମାନଙ୍କୁ ଶେଷ ଆଶୀର୍ବାଦ ଦେଇ ସବୁଦିନ ପାଇଁ ଅନ୍ତରାଳକୁ ଚାଲିଗଲେ। ଏହି ଦିନଟି ଥିଲା ଶ୍ରୀଅରବିନ୍ଦଙ୍କ ଦେହରେ ଶ୍ରୀକୃଷ୍ଣଙ୍କ ଅବତରଣର ଦିନ। ଏହାପରେ ଅନ୍ତରାଳରେ ତାଙ୍କର ଆରମ୍ଭ ହେଲା ଯେଉଁ ତପସ୍ୟା, ତାହା ଥିଲା ସମସ୍ତ ମଣିଷଙ୍କର ଦିବ୍ୟ ଜୀବନ ଲାଭ ନିମିତ୍ତ ଅଭିପ୍ରେତ। ଶ୍ରୀଅରବିନ୍ଦ ୧୫ ଅଗଷ୍ଟ ୧୯୪୭ ଭାରତର ସ୍ୱାଧୀନତା ଦିବସରେ ଯେଉଁ ବିବୃତି ଦେଲେ, ସେଥିରେ ଉଲ୍ଲେଖ କଲେ ଯେ ତାଙ୍କ ଜୀବନର ତିନୋଟି ସ୍ୱପ୍ନ– ପ୍ରଥମଟି ଭାରତର ସ୍ୱାଧୀନତା ଲାଭ, ଦ୍ୱିତୀୟଟି ଏସିଆ ମହାଦେଶର ଜାଗରଣ ଓ ତୃତୀୟଟି ବିଶ୍ୱ–ମୈତ୍ରୀ ରଚନା। ୫ ଡିସେମ୍ବର ୧୯୫୦ରେ, ଯେଉଁଦିନ ଶରୀରରୁ ଶ୍ରୀଅରବିନ୍ଦ ବିଦାୟ ନେଲେ, ସେଦିନ ତାଙ୍କ ଅନୁଗାମୀଙ୍କ ମନଶ୍ଚକ୍ଷୁରେ ଦୃଶ୍ୟ ହେଲା ଶ୍ରୀଅରବିନ୍ଦଙ୍କ ପ୍ରଥମ ଦର୍ଶନ ପରେ ମା’ଙ୍କର ସେଇ ଅନୁଭବ: ‘‘ଦିନେ ପୃଥିବୀରେ ଅନ୍ଧକାର ଜାଗାରେ ଆଲୁଅ ଦେଖାଦେବ ଏବଂ ପୃଥିବୀରେ ପ୍ରତିଷ୍ଠିତ ହେବ ଈଶ୍ୱରଙ୍କର ଜୟ। କାଲି ଯାହା ସଙ୍ଗେ ଦେଖା ହେଲା, ତାଙ୍କର ଉପସ୍ଥିତି ହିଁ ଏହାର ପ୍ରମାଣ।’’

ମୋ: ୯୮୫୩୨୮୭୭୫୫

**ସାଧନାର ପଥ ବଡ଼ ଦୁର୍ଗମ। ସତର୍କତା ସତ୍ତ୍ୱେ ବାରବାର ପତନର ଆଶଙ୍କା ଥାଏ। ନାନା ବାଧାବିଘ୍ନ ଆସେ। ସମୟ ସମୟରେ ଏପରି ମନେହୁଏ ଯେ, ଆଉ ପାଦେ ବି ଏ ମାର୍ଗରେ ଆଗେଇବା ସମ୍ଭବ ନୁହେଁ। ପଶ୍ଚାତ୍‌ଗତି ହିଁ ଏକମାତ୍ର ବିକଳ୍ପ। କିନ୍ତୁ କେହି କେହି ଯୋଗଜନ୍ମା ଏପରି ଥା’ନ୍ତି, ଯେଉଁମାନେ ଦୃଢ଼ ସଙ୍କଳ୍ପ ହୋଇ ସକଳ ଅନତିକ୍ରମଣୀୟ ମନେ ହେଉଥିବା ବାଧାବିପତ୍ତିକୁ ଅତିକ୍ରମ କରି ଅନ୍ତିମ ଲକ୍ଷ୍ୟରେ ଉପନୀତ ହୋଇଥା’ନ୍ତି। ଏହିପରି ଜଣେ ମହାସାଧକ, ମହାଯୋଗୀ ଓ ମହାକବି ହେଉଛନ୍ତି ଶ୍ରୀଅରବିନ୍ଦ...**

## ରେଙ୍ଗାଳିର ଦାନ
# ‘ଦ୍ୱିତୀୟ ଚିଲିକା’

ଚିଲିକା ନ ହେଲେ ମଧ୍ୟ ଚିଲିକା ପରି। ବକ୍ଷ ତାହାର ବିଶାଳ। ଗର୍ଭରେ ଧାରଣ କରିଛି ଅଥଳ ଶାନ୍ତ ସୁଶୀତଳ ଜଳ। କୋମଳ ସ୍ପର୍ଶ ପାଇଁ କୂଳ ମୁହାଁ ଏହାର ସୁନୀଳ ଢେଉମାଳ। ନୀରଭେଦି ଦୃଶ୍ୟମାନ ହେଉଛି ଜାତିଜାତିକା ଶୈବାଳ। ତୀରବେଷ୍ଟିତ ତରୁଲତା ତଟକୁ କରିଛି ସୁଶ୍ୟାମଳ। ବିଦେଶାଗତ ବିହଙ୍ଗଙ୍କ କଳରବରେ ମୁଖରିତ ହେଉଛି ଦୂର ଦିଗ୍‌ବଳୟ। ଚଢ଼େଇହଗା ପରି ଧବଳ ନ ହେଲେ ବି ଦୁଇ ମଝି ପାହାଡ଼ ପାଲଟିଛି ସହସ୍ରାଧିକ ଖଗଙ୍କ ନୀରବ ବାସସ୍ଥଳ। ରେଙ୍ଗାଳି ଜଳଭଣ୍ଡାରର ଦାନ ‘ଦ୍ୱିତୀୟ ଚିଲିକା’ ବାସ୍ତବରେ ଏପରି ଅପରୂପା, ବିରଳ। ସକଳ ଶୋଭାର ଭଣ୍ଡାର ଅନୁଗୋଳ ଜିଲାର ଏହି ପର୍ଯ୍ୟଟନସ୍ଥଳ।

ରେଙ୍ଗାଳିସ୍ଥିତ ବ୍ରାହ୍ମଣୀ ନଦୀ ଉପରେ ଜଳଭଣ୍ଡାର ନିର୍ମାଣ ବେଳେ ବୁଡ଼ି ଅଞ୍ଚଳ ପାଲଲହଡ଼ା ବ୍ଲକ କରଡ଼ାପାଳ ପଞ୍ଚାୟତରେ ସୃଷ୍ଟି ହୋଇଥିଲା ଏହି ବିଶାଳ ଜଳାଶୟ, ଦ୍ୱିତୀୟ ଚିଲିକା। ଏହା ରେଙ୍ଗାଳି ଡ୍ୟାମ୍‌ର ରିଜର୍ଭ ଅଞ୍ଚଳ। ଡ୍ୟାମ୍ ନିର୍ମାଣ ପାଇଁ ପାଖାପାଖି ୧୬୨ଟି ଗାଁ ଓ ଦ୍ୱିତୀୟ ଚିଲିକା ଥିବା ସ୍ଥାନରୁ ୬୦ରୁ ୭୦ଟି ଗ୍ରାମକୁ ବିସ୍ଥାପିତ କରାଯାଇଥିଲା। ରେଙ୍ଗାଳି ଜଳଭଣ୍ଡାର ସହ ମାଙ୍କଡ଼ନଦୀର ପାଣି ଏଠାରେ ବର୍ଷ ସାରା ଜମା ରହିଥାଏ। ଆକାରରେ ବୃହତ୍ ଓ ପରିବେଶ ବେଶ୍ ମନୋମୁଗ୍ଧକର ହୋଇଥିବାରୁ ସ୍ଥାନୀୟ ଲୋକେ ଚିଲିକା ହ୍ରଦ ସହ ତୁଳନା କରି ଏହାକୁ ଦ୍ୱିତୀୟ ଚିଲିକା ନାମକରଣ କରିଛନ୍ତି। ଚିଲିକା ଭଳି ଏହାର ପାଣି ବେଶ୍ ସ୍ୱଚ୍ଛ ଓ ସୁନ୍ଦର। ପ୍ରତିବର୍ଷ ଶୀତଦିନେ ଏଠାକୁ ହଜାର ହଜାର ବିଦେଶୀ ପକ୍ଷୀ ଆସିଥାନ୍ତି। ଚିଲିକାର ପାରିକୁଦ, ମାଲୁଦ ଭଳି ଦ୍ୱିତୀୟ ଚିଲିକା ମଧ୍ୟରେ ଦ୍ୱୀପାଞ୍ଚଳ ରହିଛି। ଚାରିପାର୍ଶ୍ୱରେ ଶାଳ, ପିଆଶାଳ, ଶାଗୁଆନ ଆଦି ବୃକ୍ଷ ଘେରି ରହିଛି। ମନୋରମ ପର୍ଯ୍ୟଟନସ୍ଥଳୀର ସମସ୍ତ ବିଭବ ଭରି ରହିଥିଲେ ମଧ୍ୟ ଏହା ଆରମ୍ଭରୁ ଲୁକ୍କାୟିତ ଅବସ୍ଥାରେ ଥିଲା। ଗତ ୧୦ ବର୍ଷ ମଧ୍ୟରେ କିଛି କିଛି ପର୍ଯ୍ୟଟକ ଆସିବା ପରେ ଦ୍ୱିତୀୟ ଚିଲିକା ଲୋକଲୋଚନକୁ ଆସିପାରିଛି। ତେବେ ବିଧିବଦ୍ଧ ଭାବେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଗତ ମାସରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦ୍ୱିତୀୟ ଚିଲିକାର ସୌନ୍ଦର୍ଯ୍ୟ ବୁଲି ଦେଖିବା ପରେ ଉନ୍ନତୀକରଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଉଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା କରାଯିବ। ଭୋଜି ପାଇଁ ପିଣ୍ଡି ଠାରୁ ଆରମ୍ଭ କରି ପାନୀୟ ଜଳ, ଗମନାଗମନ, ବିଶ୍ରାମାଗାର, ବୋଟିଂ ଆଦିର ବ୍ୟବସ୍ଥା ହେବ। ନିକଟସ୍ଥ ଗ୍ରାମ ସହରଗୁରୁଜାଙ୍ଗର ପବିତ୍ର ସେଠୀ କହିଛନ୍ତି, ଶୀତଦିନେ ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ମଝିରେ ଦୁଇଟି ଦ୍ୱୀପ ଥିବାବେଳେ ଚାରିପାଖରେ ଘଞ୍ଚ ଜଙ୍ଗଲ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରୁଛି। ଖରାଦିନରେ ପାଣି କମିଯାଉଥିଲେ ମଧ୍ୟ ଏହା କେବେ ଶୁଖିଲା ପଡ଼ିନାହିଁ। ଏହି ଜଳାଶୟରେ ମାଛ ଚାଷ କରାଯାଉଥିବା ବେଳେ ପୂର୍ବରୁ ମତ୍ସ୍ୟ ବିଭାଗର ଏକ ବୋଟ୍ ଏଠାରେ ଥିଲା। କିନ୍ତୁ ତାହା ଖରାପ ହେବା ପରେ ଆଉ ମରାମତି କରାଗଲା ନାହିଁ। ବନ ବିଭାଗ ପକ୍ଷରୁ ହୋଇଥିବା ପିଣ୍ଡିର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଏହାର ଉନ୍ନତି ହୋଇପାରିଲେ ଚିଲିକା ପରି ଦ୍ୱିତୀୟ ଚିଲିକା ପ୍ରସିଦ୍ଧି ଅର୍ଜନ କରିପାରନ୍ତା ବୋଲି ସେଠୀ ପ୍ରକାଶ କରିଛନ୍ତି। ରେଙ୍ଗାଳି ଡ୍ୟାମ୍ ନିର୍ବାହୀ ଯନ୍ତ୍ରୀ ଅଜିତ୍ କୁମାର ଜେନା କହିଛନ୍ତି, ଜଳଭଣ୍ଡାର ଭର୍ତ୍ତି ଥିବାବେଳେ ୩୭୮.୪୦ ମିଲିୟନ କ୍ୟୁବିକ୍ ମିଟର ପାଣି ଏଠାରେ ରହିଥାଏ। କିନ୍ତୁ ଖରାଦିନେ ଏହା ୧୪୩.୦୯ ମିଲିୟନ କ୍ୟୁବିକ ମିଟରକୁ ହ୍ରାସ ପାଇଥାଏ। ତେବେ ରାଜ୍ୟ ସରକାର ଚାହିଁଲେ ଏହି ଅଞ୍ଚଳ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇପାରିବ ବୋଲି ନିର୍ବାହୀ ଯନ୍ତ୍ରୀ ଜେନା ପ୍ରକାଶ କରିଛନ୍ତି।



**– ରୁଦ୍ର ନାରାୟଣ ଦାଶ**
**ତଥ୍ୟ–ଅମିତ କୁମାର ସାମଲ**

## କାଞ୍ଚି ବିଜୟର ସନ୍ତକ
# ‘ଗଣେଶ ଖୋଲା’

ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି ଢେଙ୍କାନାଳ। ଐତିହ୍ୟ, ସଂସ୍କୃତି, ପରମ୍ପରା, ଜୈବ ବିବିଧତାରେ ସମୃଦ୍ଧ ଏହି ଜିଲା ସବୁବେଳେ ପର୍ଯ୍ୟଟକଙ୍କ ପାଇଁ ସାଜିଛି ଆକର୍ଷଣର କେନ୍ଦ୍ରବିନ୍ଦୁ। କପିଳାସ, ସପ୍ତଶଯ୍ୟା, ମହିମାଗାଦି, ଅନନ୍ତଶୟନ, ଅଷ୍ଟଶମ୍ଭୁ ପରେ ଯୋରନ୍ଦା ବ୍ଲକ କରମୂଳ ଗ୍ରାମ ନିକଟରେ ଶୋଭା ବଢ଼ାଉଛି ସିଦ୍ଧ ବିନାୟକ ପୀଠ ‘ଗଣେଶ ଖୋଲା’। ଢେଙ୍କାନାଳ ସଦରରୁ ୪୦ କି.ମି. ଦୂରରେ ଅବସ୍ଥିତ ଏହି ସ୍ଥାନର ପ୍ରମୁଖ ଆକର୍ଷଣ କଳା ମୁଗୁନି ପଥରରେ ନିର୍ମିତ ସିଦ୍ଧ ଗଣେଶଙ୍କ ପ୍ରତିମା। ତେବେ ‘ଗଣେଶ ଖୋଲା’ର ନିବିଡ଼ ସମ୍ପର୍କ ରହିଛି କାଞ୍ଚି ଅଭିଯାନ ସହିତ। ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସୂଚନା ଅନୁଯାୟୀ, ପୁରୀ ଗଜପତି ପ୍ରତାପରୁଦ୍ର ଦେବଙ୍କ ମୁଖ୍ୟ ସେନାପତି ଥିଲେ ହରିସିଂହ ବିଦ୍ୟାଧର। ସେ କରମୂଳ ପାଟଣାରେ ୧୫୩୧ ଖ୍ରୀଷ୍ଟାବ୍ଦରେ ଉଆସ ନିର୍ମାଣ କରି ରାଜା ଭାବେ ଅଭିଷିକ୍ତ ହୋଇଥିଲେ। ଦାକ୍ଷିଣାତ୍ୟ ବିଜୟ ପରେ କାଞ୍ଚିରୁ ଉକ୍ତ ସିଦ୍ଧ ଗଣେଶଙ୍କ ମୂର୍ତ୍ତି ଆଣି ‘ଗଣେଶ ଖୋଲା’ରେ ପ୍ରତିଷ୍ଠା କରିଥିଲେ। ସମୟ ସ୍ରୋତରେ ରାଜଉଆସ ବିଲୀନ ହୋଇଯାଇଥିବାବେଳେ ଏବେ କେବଳ ସ୍ମୃତି ସାଉଁଟୁଛି ‘ଗଣେଶ ଖୋଲା’।



ସିଦ୍ଧ ଗଣେଶ

ରାମାନନ୍ଦୀ ସମ୍ପ୍ରଦାୟର ସାଧୁ ଗୋବର୍ଦ୍ଧନ ମହାରାଜଙ୍କ ଦ୍ୱାରା ଏଠାରେ ଏକ ମଠ ପ୍ରତିଷ୍ଠା ହୋଇଥିଲା। ତାଙ୍କ ପଟ୍ଟଶିଷ୍ୟ ବାବା ବନବିହାରୀ ମହାରାଜ ‘ଗଣେଶ ଖୋଲା’ରେ ଶ୍ରୀରାମ ମନ୍ଦିର ଏବଂ ହନୁମାନଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ସିଦ୍ଧ ଗଣେଶଙ୍କ ନିକଟରେ ପ୍ରାଚୀନ ଶିବଲିଙ୍ଗ ସହ ହରଗୌରୀ ମଧ୍ୟ ପୂଜା ପାଉଛନ୍ତି। ଏଠାରେ ଝରଣାର କଳକଳ ନାଦ, ପକ୍ଷୀଙ୍କ କିଚିରିମିଚିରି ଶବ୍ଦ, ଜଙ୍ଗଲର ଶାନ୍ତ ପରିବେଶ କ୍ଷଣିକରେ କ୍ଲାନ୍ତି ଦୂର କରିଦିଏ। ମକର ସଂକ୍ରାନ୍ତି, ଶ୍ରୀରାମ ନବମୀ, ଶିବରାତ୍ରି, ହନୁମାନ ଜୟନ୍ତୀରେ ଏଠାରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୁଏ। ବ୍ରାହ୍ମଣୀ ନଦୀ ପାର୍ଶ୍ୱରେ ଅବସ୍ଥିତ ଏହି ପୀଠର ବିକାଶ କରାଗଲେ ଏହାର ଐତିହାସିକ ମର୍ଯ୍ୟାଦା ବୃଦ୍ଧି ପାଇବ ବୋଲି ଅଞ୍ଚଳବାସୀ କହିଛନ୍ତି।

**– ରତନ ନାୟାର**



## ବଦଳି ଯାଉଥିବା ଜୀବନ

ରମେଶ ପତି

ମା ନ୍ଦିର ସାମ୍ନା ପଥର ଉପରେ
ସବୁଦିନ ସକାଳୁ ଚିରା ଗାମୁଛା ଖଂଡେ ପିନ୍ଧି
ବିକଳରେ ଡାକ ଛାଡ଼େ ବାବୁଲା ଭିକାରୀ...!
ମା' ମାଉସୀ ଗୋ, ଗୁଟେ ଦଶ ଟଂକା ଦେ'
ଦାନ ଧରମ କଲେ ନକ୍ଷେ ପାବୁ ହେ ମା'!

ଆଜିକାଲି ଧର୍ମାତ୍ମାଂକ ପାଦ ବେଶୀ
ପଡୁ ନାହିଁ ଏଠି। ଦୁଇ ବର୍ଷ ତଳେ
ମଂତ୍ରୀ ଆସି ଉଦ୍‌ଘାଟନ କରିଥିଲେ
ବେଢ଼ା ଭିତରେ ରାଧାକୃଷ୍ଣ ଜାତୀୟ ପାର୍କ...!

ଏବେ ଜନତାଂକ ଉଦ୍ଦେଶ୍ୟରେ
ଉତ୍ସର୍ଗ କରିଛଂତି ଖୋଦ୍ କେଂଦ୍ର ମଂତ୍ରୀ
ଆମୋଦ ପ୍ରମୋଦ ପାଇଁ ହରେକ୍ ବ୍ୟବସ୍ଥା।
ସହରର କଂକ୍ରିଟ୍ ଭାଡ଼ିରେ
ବଂଦୀ ଜୀବନ ବିତାଉଥିବା
ସର୍କାରଂକ ଅଲିଅଳ ବୋଲକରା ଗଣ
ମୁକ୍ତ ପବନ ଟିକେ ପାଇବାକୁ
ଧାଇଁ ଆସଂତି ଏଇ ବଗିଚାକୁ...!
ଦିନ ସାରା ଟଂକା ଫିଂଗି, ମଉଜ୍ ମସ୍ତି କରି
ସଂଜହେଲେ ପୁଣି ଫେରିଯା'ନ୍ତି
କର୍ମମୟ ବଂଦୀଶାଳାକୁ...।

ଦିନ ଗଡ଼ିଲେ ଭିଡ଼ ଜମେ, ଜନ ଗହଳିରେ
ବାବୁଲାର ନିବେଦନ କ୍ଷୀଣ ହୋଇଯାଏ।
ପ୍ରତିଦିନ ଟଂକା ଉଡ଼େ ବେଳ ଗଡ଼ିଗଲେ...
ପକେଟ୍ ସବୁ ଫାଙ୍କା ହୋଇଯାଏ।

ଠାକୁର ଦର୍ଶନ କି ଦାନଧର୍ମକୁ
କାହାର ନଥାଏ ନିଘା, ମଦମତ୍ତରେ
ଟଳମଳ ପ୍ରାୟ ପାଦ।
ପ୍ରେମୀଯୁଗଳଂକ ବାହୁ ବଂଧନୀରେ
ଖୋଲାମେଲା ପରିବେଶ ନିହାତି ଲଂଗଳା।

ସଂଜହେଲେ ବାବୁଲା ଫେରିଆସେ
ଫ୍ଲାଏ ଓଭର ବ୍ରିଜ୍ ତଳେ ଗୁରୀ ସହ ଗଢ଼ିଥିବା
ପଲିଥିନ୍ ସଂସାରକୁ...!
ଜରି ମୁଣିରୁ ଅଜାଡ଼ି ଦିଏ ଦିନସାରାର ଖୁଚୁରା
ଗଣି ସାରି ଗୁରୀ କହେ ଚବିଶ ଟଂକା ଆଠଣା।
ମୁହଁ ବୁଲେଇ ଚାହେଁ କାଂଦକାଂଦ ବାବୁଲା,
ଝିଅ ପାଇଁ ବିସ୍କୁଟ୍, ଡାଲି, ଚାଉଳ, ତେଲ, ଲୁଣ।
କେମିତି ଗଡ଼ିବ ଆଗକୁ
ରଥ ସଂସାରର!

ମୋ- ୯୪୩୮୪୫୨୦୪୦

## ଗପ



# ତନାଘନା

ପରେଶ କୁମାର ପଟ୍ଟନାୟକ

ଶୁ ଭଶ୍ରୀ ଫେସ୍‌ବୁକ୍‌ରେ ଲେଖିଥିଲା ଯେ, ଆଜି ମତେ ଗୋଟିଏ ମଶା କାମୁଡ଼ିଦେଲା। ତା'ର ପାଞ୍ଚଶହ ପଇଁତିରିଶଟି କମେଣ୍ଟ୍‌ସ ଆସିଲା। ପ୍ରତି କମେଣ୍ଟ୍‌ସରେ ଥିଲା ଉଦ୍‌ବେଗ ଓ ପରାମର୍ଶ। ତମେ ଏବେ କେମିତି ଅଛ? ଦେହ ଭଲ ଅଛି ତ? ଡାକ୍ତର ପାଖକୁ ଯାଇ ଥିଲ ନା ନାହିଁ? ମଶାର କେତେ ଦୁଃସାହସ, ସେ ତମକୁ କାମୁଡ଼ିଲା। ମଶାରି ଟାଣି ଶୁଅ। ମଶାବତି ଜଳାଅ। ଜଗିରଖି ଚଳ। ଆମେ ଭଗବାନ୍‌ଙ୍କୁ ପ୍ରାର୍ଥନା କରୁଛୁ ଯେ, ତୁମ ଘର ଆଖପାଖରେ ଯେମିତି ମଶାଟିଏ ବି ନ ବୁଲେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କମେଣ୍ଟ୍‌ସ ଥିଲା ଏହିପରି। ଜଣେ ଲେଖିଥିଲେ- ମୋର ଏବେ ଇଚ୍ଛା ହେଉଛି, ତୁମ ଘରକୁ ଛୁଟିଯିବି ଓ ସେ ମଶାକୁ ତଣ୍ଟିଚିପି ବଧ କରିବି। ତା'ର ରକ୍ତକୁ ମଥାରେ ତିଳକ କରି ଘେନିବି।

ଉତ୍ସାହିତ ହୋଇ ସନାତନ ଫେସ୍‌ବୁକ୍‌ରେ ଗୋଟିଏ ମନ୍ତବ୍ୟ ଲେଖିଲା, ମୋତେ ଆଜି ଗୋଟିଏ ସାପ କାମୁଡ଼ିଦେଲା। କେହି ଜଣେହେଲେ ବି କୌଣସି ମନ୍ତବ୍ୟ ଦେଲେ ନାହିଁ।

ଶୁଭଶ୍ରୀ ଫେସ୍‌ବୁକ୍‌ରେ ଲେଖିଲା ଯେ, ଅମ୍ଫନ୍ ବାତ୍ୟାରେ ଆମ ବାରିରେ ଗୋଟିଏ ଅମୃତଭଣ୍ଡା ଗଛ ଭାଙ୍ଗିପଡ଼ିଛି। ଏହି ମତ ଉପରେ ଚାରିଶହ ତେଷଠିଟି ମନ୍ତବ୍ୟ ଆସିଥିଲା। ତୁମର ଏ ଦୁର୍ଭାଗ୍ୟକାଳରେ ଆମେ ଦୁଃଖ ପ୍ରକାଶ କରୁଛୁ! ଆହା କ'ଣ ହେଲା? କେମିତି ଘଟିଲା ଏ ଅଘଟଣ? ତୁମେ ସେହି ଅମୃତଭଣ୍ଡା ଗଛମୂଳକୁ ଯାଅନି, ଭଙ୍ଗାଡାଳ ପଡ଼ି ତୁମକୁ ଆଘାତ ଆସିପାରେ। ୟା' ଭିତରୁ ସବୁଠୁ ଆକର୍ଷଣୀୟ କମେଣ୍ଟ୍‌ସ ଥିଲା ଏହିପରି- ଆହା! ମୋର କ'ଣ ସେ ଭାଗ୍ୟ ହେବ, ପ୍ରିୟ ଅମୃତଭଣ୍ଡା ଗଛ ଭାଙ୍ଗିପଡ଼ିବାର ଦୁଃଖରେ ଯେଉଁ ଲୁହ ଦୁଇଟୋପା ତୁମ ଆଖିରୁ ଝରିପଡ଼ିଛି, ତାକୁ ପୋଛିଦେବାକୁ ଏ ହାତ ଟିକେ ବଢ଼ାଇପାରିବି!

ଉତ୍ସାହିତ ହୋଇ ସନାତନ ଫେସ୍‌ବୁକ୍‌ରେ ପୋଷ୍ଟ କରିଦେଲା ଯେ, ଅମ୍ଫନ୍ ବାତ୍ୟାରେ ଆମ ବାରିରେ ଗୋଟିଏ ଶାଗୁଆନ ଗଛ ଭାଙ୍ଗିପଡ଼ିଛି। ଏହି ମନ୍ତବ୍ୟ ଉପରେ କୌଣସି ସମବେଦନା ବା ପରାମର୍ଶ ଆସି ନ ଥିଲା। ଗୋଟିଏ ମାତ୍ର କମେଣ୍ଟ୍‌ସ ଆସିଥିଲା, ତାହା ଥିଲା ବନବିଭାଗର ଜଣେ ପଦାଧିକାରୀଙ୍କର। ଲେଖିଥିଲେ, ସାବଧାନ! ଭାଙ୍ଗିପଡ଼ିଥିବା ଶାଗୁଆନ ଗଛରେ ହାତ ମାରନ୍ତୁ ନାହିଁ। ବନ ବିଭାଗକୁ ଯୋଗାଯୋଗ କରନ୍ତୁ ଓ ନିର୍ଦ୍ଧାରିତ ଜୋରିମାନା ରାଶି ପଇଠ କରନ୍ତୁ।

ଶୁଭଶ୍ରୀ ଫେସ୍‌ବୁକ୍‌ରେ ପୋଷ୍ଟ କଲା ଯେ, ଆଜି ଚିକେନ୍‌ରେ ତେନ୍ତୁଳି ଦେଇ ଖଟା କଲି। ଏହାର ମଧ୍ୟ ତିନିଶହ ସତୁରି କମେଣ୍ଟ୍‌ସ ଆସିଲା। ସବୁଗୁଡ଼ିକ ଥିଲା ଚମତ୍କାର, ଅପୂର୍ବ, ଅତ୍ୟନ୍ତ ରୁଚିପୂର୍ଣ୍ଣ, ଦେହ ପକ୍ଷରେ ହିତକର, ସ୍ୱାଦିଷ୍ଟ, ରାଜା ମହାରାଜାଙ୍କ ଯୋଗ୍ୟ ଖାଦ୍ୟ। ଜଣେ ମନ୍ତବ୍ୟ ଦେଇଥିଲେ, ଏହି ରେସିପିକୁ ନେଇ ସର୍ବଭାରତୀୟ ପ୍ରତିଯୋଗିତାରେ ଏହା ନିଶ୍ଚୟ ପ୍ରଥମ ସ୍ଥାନ ଅଧିକାର କରିବ। ସବୁଠୁ ଉଲ୍ଲେଖନୀୟ ମନ୍ତବ୍ୟ ଥିଲା ଏହିପରି- ଏହି ଅଭିନବ ରେସିପି ପ୍ରସ୍ତୁତ କରିଥିବାରୁ ଏହାର ପେଟେଣ୍ଟ ଆପଣଙ୍କ ହାତରେ ରହିବ ଓ ଜଗତରେ ଏହା ଶୁଭଶ୍ରୀ ମାଂସ ଖଟା ନାମରେ ଖ୍ୟାତ ହେବ।

ଉତ୍ସାହିତ ସନାତନ ଫେସ୍‌ବୁକରେ ଡାଲମାର ଚିତ୍ର ପୋଷ୍ଟ କରିଥିଲା ଓ ଲେଖିଲା, ଆଜି ଜଗନ୍ନାଥ ମନ୍ଦିର ଷ୍ଟାଇଲରେ ହେଙ୍ଗୁ ମାରି ଡାଲମାଟେ ବନେଇଲି। ଏହାର ମାତ୍ର ଗୋଟିଏ କମେଣ୍ଟ୍‌ସ ଆସିଥିଲା, ତାହା ପୁଣି ଝିଂଗାସପୂର୍ଣ୍ଣ। ମନ୍ତବ୍ୟକାରୀ ଲେଖିଲେ- ପାପୀ! ତୁ ଘରେ ଡାଲମା କରି ପ୍ରଭୁ ଜଗନ୍ନାଥଙ୍କ ନାମ ନେଉଛୁ। ଏହା ଶହ ଶହ ଭକ୍ତଙ୍କ ଭାବାବେଗକୁ ଆଘାତ। ତୋତେ ନରକରେ ମଧ୍ୟ ସ୍ଥାନ ମିଳିବ ନାହିଁ।

ଶୁଭଶ୍ରୀ ଫେସ୍‌ବୁକ୍‌ରେ ଲେଖିଲା ଯେ, କରୋନା ପାଇଁ ମୁହଁରେ ମୁଖା, ଲିପଷ୍ଟିକରେ ଅଳନ୍ଧୁ ଲାଗିଲାଣି। ଏହାର ସାତଶହ କମେଣ୍ଟ୍‌ସ ଆସିଲା। ଲିପ୍‌ଷ୍ଟିକ୍ ହେଉଛି ନାରୀର ଅଳଙ୍କାର, ଲିପ୍‌ଷ୍ଟିକ ତୁମକୁ ଭାରି ମାନେ। ତୁମେ ମାସ୍କ ପିନ୍ଧନା, ଲିପ୍‌ଷ୍ଟିକ ଲଗାଅ। ସବୁଠୁ ଅଭିନବ କମେଣ୍ଟ୍‌ସ ଥିଲା- ନାରୀମାନେ ମାସ୍କ ନ ପିନ୍ଧିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯିବ। ମାସ୍କ ପିନ୍ଧିଲେ ନାରୀର ସୌନ୍ଦର୍ଯ୍ୟ ହାନି ହେଉଛି ଓ ଏହା ମାନବାଧିକାରର ଉଲ୍ଲଂଘନ।

ସନାତନ ଫେସ୍‌ବୁକ୍‌ରେ ପୋଷ୍ଟ କଲା ଯେ, କରୋନା ପାଇଁ ସେଲୁନ୍ ବନ୍ଦ ଅଛି ଓ ମୁଁ ବାଧ୍ୟହୋଇ ଦାଢ଼ି ବଢ଼ାଇଛି। ଏହାର ମଧ୍ୟ ଗୋଟିଏ ମାତ୍ର କମେଣ୍ଟ୍‌ସ ଆସିଲା। କମେଣ୍ଟ୍‌ସଟା ଲେଖିଥିଲା ଜଣେ ନାପିତ। ଲେଖିଥିଲା- ଆମେ ଘରକୁ ଯାଇ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ମଧ୍ୟରେ ଦାଢ଼ି କାଟୁଛୁ। ନିମ୍ନ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

ଏବେ ଶୁଭଶ୍ରୀ ଓ ସନାତନ ସାମ୍ନାସାମ୍ନି ବସିଥିଲେ।

ସନାତନ କହିଲା: ମତେ ଅସହ୍ୟ ଲାଗିଲାଣି ! ତମର ପୋଷ୍ଟରେ ଶହ ଶହ କମେଣ୍ଟ୍‌ସ ଆଉ ମୋ ବେଳକୁ ଜମା ଗୋଟିଏ। ମୋର ସାଙ୍ଗଗୁଡ଼ାକ ବି ତୁମ ପୋଷ୍ଟ ଉପରେ କମେଣ୍ଟ୍‌ସ ଲେଖୁଛନ୍ତି, ଆଉ ମୋ ବେଳକୁ ତାଙ୍କ ହାତରେ ଘା' ହେଇଯାଉଛି।

ଶୁଭଶ୍ରୀ କହିଲା: ଏଇଥିରୁ ଅନୁମାନ କର, ସାମାଜିକ ଗଣମାଧ୍ୟମରେ ମୋର ରେଟିଂ କୋଉଠି, ଆଉ ତୁମର ସ୍ଥାନ କୋଉଠି?

ସନାତମ କହିଲା- ସ୍ଥାନ ନା ଚୋପା? ପୃଥିବୀରେ ଯେ ଯୌନପାଗଳମାନଙ୍କର ସଂଖ୍ୟା ବଢ଼ିଛି, ଏଟା ହେଉଛି ତା'ର ପ୍ରମାଣ।

ଶୁଭଶ୍ରୀ କହିଲା- ତମେ ଅସହିଷ୍ଣୁ ହୋଇ ପଡୁଛ ଦେଖୁଛି। ସତ୍ୟକୁ ସ୍ୱୀକାର କର। ନାରୀ ହେଉଛି ପ୍ରଶଂସାର ହକ୍‌ଦାର। ଯୁଗଯୁଗ ଧରି ନାରୀ ପ୍ରଶଂସା ପାଇଆସୁଛି। ତୁମେ ପୁରୁଷ, ପ୍ରଶଂସା ଦେବା ଲୋକ। ଦେବା ନେବା କଥା ଭାବିଲେ କେବଳ ଜଳିବା ହିଁ ସାରହେବ!

ଶୁଭଶ୍ରୀ ଫେସ୍‌ବୁକରେ ଲେଖିଲା- ଆଜି ସନ୍ଧ୍ୟାରେ ଦୁଇଥର ଛିଙ୍କ ହେଲା!

କମେଣ୍ଟ୍‌ସ ଗଦେଇ ହୋଇପଡ଼ିଲା। ଦେହର ଯତ୍ନ ନିଅ। ଔଷଧ ଖାଅ। ତମେ ସିଆଡେ ଛିଙ୍କିଲ, ଇଆଡେ ଆମର ହୃତ୍‌ସ୍ପନ୍ଦନ ବଢ଼ିଗଲାଣି। ଆମେ ଚିନ୍ତିତ। ତୁମର ଆଶୁ ଆରୋଗ୍ୟ କାମନା କରୁଛୁ। ମନ୍ତବ୍ୟକାରୀମାନେ ଦେଶୀ ଚିକିତ୍ସାର ଲମ୍ବା ତାଲିକା ଲେଖିବାରେ ଲାଗିଲେ। ସବୁଠୁ ମଜାଦାର କମେଣ୍ଟ୍‌ସ ହେଲା- ରାନୀ ମୁଖାର୍ଜୀ ହେକୁଟି ମାରିଲା ବୋଲି 'ହିକୋ' ବୋଲି ସିନେମା ତିଆରି ହେଲା। କାଲି ସକାଳେ ଛିଙ୍କ ବୋଲି ସିନେମା ତିଆରି ହୋଇପାରେ ତୁମକୁ ନେଇ।

ଉତ୍ସାହିତ ସନାତନ ଫେସ୍‌ବୁକ୍‌ରେ ଲେଖିଲା- ମୋତେ କରୋନା ହୋଇଛି।

ଏବେ କମେଣ୍ଟ୍‌ସ ଗଦେଇ ହେଲା। ଫେସ୍‌ବୁକ୍‌ରେ ଏପରି ପୋଷ୍ଟ କରିବା ଅପରାଧ। ଫେସ୍‌ବୁକ୍‌ଟା ଜୋକ୍‌ସ କରିବା ଜାଗା ନୁହେଁ। ତୁରନ୍ତ ଡାକ୍ତରଖାନା, କୋଭିଡ୍ ହେଲ୍‌ପଲାଇନରେ ଯୋଗାଯୋଗ ନ କରି ଫେସ୍‌ବୁକ୍‌ରେ ଦେବା ମୂର୍ଖାମି। ଏହିସବୁ ଭର୍ତ୍ସନା ପରେ କମେଣ୍ଟ୍‌ସ ଆସିଲା, ମ୍ୟାଡାମଙ୍କ ଦେହ କିପରି ଅଛି। ତାଙ୍କଠୁ ଦୂରରେ ରୁହନ୍ତୁ। ମ୍ୟାଡାମଙ୍କୁ ସଂକ୍ରମଣରୁ ରକ୍ଷା କରନ୍ତୁ।

ଏହାପରେ ମନ୍ତବ୍ୟକାରୀମାନେ ସନାତନକୁ ଉପେକ୍ଷାକରି ଶୁଭଶ୍ରୀ ପାଇଁ ବାର୍ତ୍ତାମାନ ସେହି ପୋଷ୍ଟରେ ଲେଖିବାକୁ ଲାଗିଲେ, ମ୍ୟାଡାମ! ସୁସ୍ଥ ରୁଅନ୍ତୁ! ସ୍ୱାମୀଙ୍କୁ ଶୀଘ୍ର କ୍ୱାରାଣ୍ଟାଇନକୁ ପଠାନ୍ତୁ। ତାଙ୍କୁ କଦାଚ ଛୁଇଁବେ ନାହିଁ। ଆମେ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବାକୁ ଉଦ୍‌ବିଗ୍ନ। ଭଗବାନ୍ ଆପଣଙ୍କୁ ନିଶ୍ଚୟ ସୁସ୍ଥ ରଖିବେ। ସ୍ୱାମୀଙ୍କର ସେବା ଶୁଶ୍ରୂଷା କରିବା ଦରକାର ନାହିଁ। ସେ ସବୁ କୋଭିଡ୍ ହସ୍ପିଟାଲବାଲା କରିବେ। ଆପଣ କେବଳ ଦୂରେଇ ରୁହନ୍ତୁ। ସୁସ୍ଥ ରୁହନ୍ତୁ।

କୋଭିଡ୍ କର୍ତ୍ତୃପକ୍ଷଙ୍କର ମଧ୍ୟ ଏକ ବାର୍ତ୍ତା ଆସିଥିଲା। ଆପଣଙ୍କ ଲୋକେଶନ ଦିଅନ୍ତୁ! ଆମେ ଆପଣଙ୍କୁ ଆଣିବା ପାଇଁ ଯାଉଛୁ।

ମୋ- ୯୪୩୭୦୦୦୩୪୫

# ପ୍ରଶଂସାରେ ଏଠି ସୃଜନ ସମୀକ୍ଷା

ଜିତେନ୍ଦ୍ର କୁମାର ନାୟକ

ଓ ଡ଼ିଶାରେ ସାହିତ୍ୟ, କଳା, ସଙ୍ଗୀତ, ନୃତ୍ୟ, ନାଟକ, ଥିଏଟର, ସିନେମା ଆଦି କ୍ଷେତ୍ରରେ ସମୀକ୍ଷାର ଅଭାବ ନାହିଁ। କେଉଁ ମାଧ୍ୟମରେ କିଭଳି ସମୀକ୍ଷା କରାଗଲେ ସୃଜନ କାର୍ଯ୍ୟ ନିର୍ଦ୍ଦିଷ୍ଟ ତାରକା (ଷ୍ଟାର୍) ପାଇପାରୁଛି, ତାହା ବୁଝାଇବା ଦରକାର ପଡୁ ନାହିଁ। ଓଡ଼ିଶାରେ ଠିକ୍ ଅର୍ଥରେ ପୁସ୍ତକ ସମୀକ୍ଷା ନାହିଁ କହିଲେ ଚଳେ। ତେଣୁ ତାହାକୁ ବ୍ଲର୍ବ ବା ପୁସ୍ତକ ପରିଚୟ ଆଖ୍ୟା ଦିଆଯିବା ଉଚିତ। କାରଣ ସେଥିରେ କୃତିର ବିଶ୍ଳେଷଣ କରାଯାଇ ନ ଥାଏ। କେବଳ ପାଠିକାପାଠକଙ୍କ ନିକଟରେ ପୁସ୍ତକକୁ ପରିଚିତ କରାଯାଏ। ଏଥିପାଇଁ ଛାପା ଗଣମାଧ୍ୟମରେ ସ୍ଥାନାଭାବ, ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମର ସମୟାଭାବ, ସମୀକ୍ଷକ ତର ପାଉ ନ ଥିବାରୁ ଯାହିତାହି କରି କାର୍ଯ୍ୟ ତୁଲାଇଥାଆନ୍ତି ନା ବାସ୍ତବ ସମୀକ୍ଷାଟିଏ ପାଇଁ ଯେଉଁ ଚିନ୍ତାଶୀଳ ମସ୍ତିଷ୍କ ଲୋଡ଼ା ତାହାର ଅଭାବ ରହିଛି ଆଦି ଅନେକ ପ୍ରଶ୍ନ ମୁଣ୍ଡକୁ ଆସିବା ସ୍ୱାଭାବିକ। କିନ୍ତୁ ସେହି ଦୁର୍ବଳ ଦିଗକୁ ସବଳ କରିବା ଲାଗି କେଉଁଭଳି ପଦକ୍ଷେପ ନିଆଯିବା ସମୀଚୀନ, ସେହି ବିଷୟରେ କ୍ୱଚିତ୍ କୌଣସି ସେମିନାର (ୱେବିନାର)ରେ କେହି ଦେଖିବାକୁ ପାଉଥିବେ। ଏଠାରେ ଏହା ଜୋର୍ ଦେଇ କହି ହେଉଛି ଏଇଥିପାଇଁ ଯେ, ପ୍ରାୟ ସବୁ ଲେଖକ ନିଜ କୃତି ବିଷୟରେ ପ୍ରଶଂସା ଶୁଣିବାକୁ ଚାତକ ପରି ଅନାଇ ବସିଥାଆନ୍ତି। ସମାଲୋଚକ/ଆଲୋଚକଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାରୁ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭବରେ ତ୍ରୁଟିସବୁ ଅଣଦେଖା ରହିଯାଉଛି। ସମାଲୋଚନା ବା ଆଲୋଚନା କେବଳ ନକାରାତ୍ମକ ଦିଗକୁ ଅନିଷ୍ଟା କରି ନ ଥାଏ, ତାହା ସକାରାତ୍ମକ ଦିଗକୁ ଉନ୍ମୋଚନ କରେ।

ନିଶ୍ଚିତ ପ୍ରଶଂସାକୁ ଅପେକ୍ଷା କରିଥିବା ଅନେକ ସାହିତ୍ୟିକ ନିଜ ପୁସ୍ତକ ସମୀକ୍ଷାରୁ ସବୁ ଭଲ ଶୁଣିବାକୁ କୁତୁକୁତୁ ହୋଇଥାଆନ୍ତି, ଉତ୍ତମ ସର୍ଜନା ପାଇଁ ଦିଆଯାଇଥିବା ପରାମର୍ଶ ସେମାନଙ୍କୁ ପିତା ଲାଗିଥାଏ। ଆଉ କେତେକ ସମୀକ୍ଷକ ଲେଖକଙ୍କ ନାମକୁ ଦେଖି ଅଧିକ ସମୀକ୍ଷାର ଆକାର ବଢ଼ାଇ ଦେଇଥାଆନ୍ତି ଓ ପ୍ରଶଂସାରେ ପୋତି ଦେଇଥାଆନ୍ତି। କେତେକେ ଆଦୌ ସେହି ବହି ନ ପଢ଼ି ସମ୍ପୃକ୍ତ ଲେଖକଙ୍କ ପୁରୁଣା ବହିର ଢାଞ୍ଚା ଆଧାରରେ ନୂଆ ଶିରୋନାମକୁ ଅନୁମାନ ଲଗାଇ ଲେଖି ଦେଇଥାଆନ୍ତି। ଏହାଦ୍ୱାରା ସୃଜନକର୍ତ୍ତାଙ୍କ ଦୁଇଟି କ୍ଷତି ହୁଏ। ଏକରକମର ଲେଖା ହୋଇଥିବ ଭାବି ପାଠକ ସେହି ବହିଟିକୁ ପଢ଼ିବାକୁ ଆଗ୍ରହ ଦେଖାଇ ନ ପାରନ୍ତି। ଦ୍ୱିତୀୟରେ ପୁସ୍ତକଟିର ଉଚିତ ସମୀକ୍ଷା ହୋଇ ନ ଥାଏ।

ଏଠାରେ ଉପନ୍ୟାସ ବା ଗଳ୍ପ କଥା ଦେଖାଯାଉ। ଏଥିରେ ଚରିତ୍ର, ଦ୍ୱନ୍ଦ୍ୱ, ସ୍ଥିତି, ଶବ୍ଦ ସଂଯୋଜନା, ଗାଢ଼ ପ୍ରଭାବ ପକାଇବାର ବିଷୟବସ୍ତୁ ଗୁରୁତ୍ୱ ବହନ କରେ। ସମୀକ୍ଷକ ପୁସ୍ତକ ବା ସୃଷ୍ଟି ସମୀକ୍ଷା ବେଳେ ପ୍ରତ୍ୟେକ ଦିଗକୁ ସମାନ ପ୍ରାଧାନ୍ୟ ଦେବା କଥା। କେଉଁଠାରେ ପରିସ୍ଥିତି ଭିତରେ ଚରିତ୍ରକୁ ଖପାଇ ଦିଆଯାଇଥାଏ, ତାହା ଜଣାପଡ଼ିଯାଏ। ଅନେକ ସମୟରେ ଚରିତ୍ର ନିଜେ ନିଜ ପାଇଁ ବିୟୋଗାନ୍ତକ ପରିଣତି ଆଣିଥାଏ। ସେହି କଥାକୁ ସମୀକ୍ଷକ ଅତି ସନ୍ତର୍ପଣରେ ବା ନିଖୁଣ ଭାବେ ବର୍ଣ୍ଣନା କରିବା ଲାଗି ଗଭୀର ଅନୁଧ୍ୟାନ କରିବାର ଆବଶ୍ୟକତା ଥାଏ। ହେଲେ ଏଭଳି ମାର୍ମିକ ଅନୁଭବ ଓଡ଼ିଆଙ୍କୁ କ୍ୱଚିତ୍ ମିଳୁଥିବ।

ସେକ୍ସପିୟରଙ୍କ ଡ୍ରାମାର ପ୍ରମୁଖ ଦିଗ ଦେଖିଲେ- ଚରିତ୍ର ହେଉଛି ଭାଗ୍ୟ (କ୍ୟାରେକ୍ଟର ଇଜ୍ ଡେଷ୍ଟିନି)। ସାଧାରଣରେ ମଣିଷ ଜୀବନରେ ଭାଗ୍ୟର ଭୂମିକା ସବୁକିଛି ବୋଲି କୁହାଯାଇଥାଏ। ହେଲେ ସେକ୍ସପିୟର ତାଙ୍କ ନାଟକ ମାଧ୍ୟମରେ ଜଣାଇଦେଲେ ଚରିତ୍ର ତା' ନିଜର ଭାଗ୍ୟ ସୃଷ୍ଟି କରିଥାଏ, ତାହା ଭଲ କିମ୍ବା ମନ୍ଦ ହୋଇପାରେ। ଶାସ୍ତ୍ରୀୟ ନାଟକ 'ମ୍ୟାକ୍‌ବେଥ୍'ରେ ମ୍ୟାକ୍‌ବେଥ୍ ନିଜର ବିୟୋଗାନ୍ତକ ପରିଣତି ନିଜ ଚରିତ୍ର ପାଇଁ ଡାକି ଆଣିଥିଲେ। ଏହା ହେଉଛି ପାଶ୍ଚାତ୍ୟ (ଅକ୍ସିଡେଣ୍ଟାଲ) କଥା। ପ୍ରାଚ୍ୟ (ଓରିଏଣ୍ଟାଲ)ରେ ମଧ୍ୟ ଏହାର ଅନେକ ଉଦାହରଣ ରହିଛି, ଯେମିତି ଦୁର୍ଯ୍ୟୋଧନ, ରାବଣ ଓ କଂସ ଚରିତ୍ର।

ଅନୁରୂପ ଭାବେ ସମୀକ୍ଷକ ତୁଳନାତ୍ମକ ଦିଗଟିକୁ ମଧ୍ୟ ପ୍ରାଧାନ୍ୟ ଦେବା ଜରୁରୀ। ପ୍ରି-ସେକ୍ସପିୟରିଆନ୍ ନାଟ୍ୟକାର ମାର୍ଲୋଙ୍କ ସୃଷ୍ଟିରେ ମେଲୋ ଡ୍ରାମା ବା କେବଳ ଦୁଃଖ/ଆବେଗ ପ୍ରାଧାନ୍ୟଲାଭ କରିଥିଲା। କିନ୍ତୁ ସେକ୍ସପିୟରଙ୍କ କୃତି ଦର୍ଶାଇଲା- 'ଲାଇଫ୍ ଇଜ୍ ଦି ମିଙ୍ଗଲିଂ ୟାର୍ନ ଅଫ୍ ଟ୍ରାଜେଡି ଆଣ୍ଡ୍ କମେଡି ବା ଜୀବନ ଦୁଃଖ ଓ ସୁଖର ସମାହାର'। ଏହି ଚିନ୍ତାଧାରା ପ୍ରସୂତ ନାଟକ ବ୍ରିଟିଶ ମଞ୍ଚକୁ ଅଧିକ ଆକର୍ଷଣୀୟ କରିଦେଲା। ପୂର୍ବରୁ ମାର୍ଲୋଙ୍କ ନାଟକରେ କେବଳ ଯାତନା ଓ ଆବେଗ ଦର୍ଶକଙ୍କୁ ଭାରାକ୍ରାନ୍ତ କରି ରଖୁଥିଲା।

ପ୍ରଗତିଶୀଳ ସାହିତ୍ୟରେ ବାସ୍ତବ ସମୀକ୍ଷାଟିଏ ଲେଖକଙ୍କୁ ମାର୍ଜିତ ହେବା ପାଇଁ ଖୋରାକ ଯୋଗାଏ। ସମ୍ଭବତଃ ସେହି ଲେଖକମାନେ ପାଠିକାପାଠକଙ୍କୁ ଭେଟିଲେ ସେମାନଙ୍କ ଲେଖାର ଦୁର୍ବଳ ଦିଗଟିକୁ ଜାଣିବା ପାଇଁ ଚେଷ୍ଟା କରିଥାଆନ୍ତି। ଅନ୍ୟାନ୍ୟ ଭାରତୀୟ ଭାଷାରେ କ'ଣ ଘଟୁଛି ଆମ ପକ୍ଷେ ଜାଣିବା ସହଜ ନୁହେଁ। କିନ୍ତୁ ଇଂଲିଶ୍ ଭାଷାରେ ପ୍ରକାଶିତ ପୁସ୍ତକକୁ ସମ୍ପୂର୍ଣ୍ଣ ନ ପଢ଼ିଲେ ଜଣେ ସମୀକ୍ଷକ ସମୀକ୍ଷା ଲେଖନ୍ତି ନାହିଁ ବୋଲି ଇଂଲିଶ୍ ଖବରକାଗଜ ଓ ପତ୍ରିକାରୁ ଅନେକେ ପଢ଼ି ହୃଦୟଙ୍ଗମ କରିଥିବେ। ଆମର ଏଠାରେ ସୁଦୃଶ୍ୟ ପରିପାଟୀ, ସୂଚୀପତ୍ରରେ ସ୍ଥାନିତ ଗଳ୍ପ, କବିତା ସଂଖ୍ୟା ଗଣନା କରାଯାଇ ବର୍ଣ୍ଣନା କରାଯାଉଥିବା ଦେଖିବାକୁ ମିଳୁଛି। ସବୁଠାରୁ ଘଷରା କଥାଟି ହେଲା-'ଏହା ନିଶ୍ଚିତ ପାଠକଙ୍କ ଦ୍ୱାରା ଆଦୃତିଲାଭ କରିବ'। ବିଶେଷ ଅନୁସନ୍ଧାନ କରି ନ ଥିବା ଏଭଳି ସମୀକ୍ଷକଙ୍କୁ ଏଠି ପ୍ରଶ୍ନ କରିବାକୁ କେହି କେବେ ସାହସ କରେ ନାହିଁ। ସେଥିପାଇଁ ଗୁଣାତ୍ମକ ସୃଜନ ସଂଖ୍ୟାତ୍ମକ ରଚନା ପାଖରେ ସତେଯେମିତି ବନ୍ଧା ପଡ଼ିଯାଏ।



ଭଲ କଳାକାର ବା ଚିତ୍ରକର କଦାପି ନିଜ ସୃଷ୍ଟିରେ ଅଳ୍ପକେ ସନ୍ତୁଷ୍ଟ ହୋଇ ନ ଥାଏ। ସେଥିପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖେ। ଏଠି କୌଣସି ସ୍ଥାନରେ କଳାକୃତିକୁ ନେଇ ପ୍ରଦର୍ଶନୀ ହେଲେ ପ୍ରଶଂସା ପାଇବାକୁ ଅନେକେ ଲବି କରିବସନ୍ତି। କିନ୍ତୁ ବାସ୍ତବରେ ଯିଏ କଳାର ପୂଜାରୀ, ସେମାନେ କଳାକାରର ମନଦୁଃଖ ହେବ ବୋଲି ଜାଣିଥିବା ସତ୍ତ୍ୱେ ଭୁଲ ଦର୍ଶାଇଥାଆନ୍ତି। ଅବଶ୍ୟ ସେହି ଧରଣର ସଚ୍ଚୋଟ ଗୁରୁ ବା ସମୀକ୍ଷକଙ୍କ ସଂଖ୍ୟା କମ୍। ଥରେ ରବୀନ୍ଦ୍ରନାଥ ଠାକୁରଙ୍କ ପୁତୁରା ତଥା ପ୍ରଖ୍ୟାତ ଚିତ୍ରକର ଅବନୀନ୍ଦ୍ରନାଥ ଠାକୁର ତାଙ୍କ ଛାତ୍ରମାନଙ୍କ ଚିତ୍ରର ସମୀକ୍ଷା କରୁଥିଲେ। ତାଙ୍କ ଦୃଷ୍ଟିରେ ଯିଏ ସବୁଠାରୁ ଉତ୍ତମ ଓ ପ୍ରିୟ ଛାତ୍ର ଥିଲେ, ସେ ତାଙ୍କୁ କହିଥିଲେ-ତୁମ ପେଣ୍ଟିଂ ଭଲ ହୋଇନାହିଁ। ଆହୁରି ନିମଗ୍ନ ହୁଅ। ଏହା ଦେଖି ଅନ୍ୟ ଶିକ୍ଷକ ଓ ଛାତ୍ରମାନେ ତାଜୁବ ହୋଇଯାଇଥିଲେ। ଅବନୀନ୍ଦ୍ରଙ୍କୁ ଏହାର ରହସ୍ୟ ଜାଣିବାକୁ ପଚରାଯିବା ପରେ ସେ କହିଥିଲେ-ମୋର ତା'ଠାରୁ ଆହୁରି ଅଧିକ ଆଶା ଥିଲା। ତାହାହିଁ କଳା ପ୍ରତି ଅନୁରାଗ ଥିବା ଏକ ସମୀକ୍ଷକଙ୍କ ପ୍ରତିବଦ୍ଧତା।

ଯଦି ପ୍ରଦର୍ଶନ ମଞ୍ଚକୁ ଦେଖାଯାଏ, ସିନେମା ବା ଥିଏଟର କଥା ସାମ୍ନାକୁ ଆସୁଛି। ଏବେ ଓଡ଼ିଆ ଭାଷାରେ କପିକରା ଚଳଚ୍ଚିତ୍ର ସଂଖ୍ୟା ଅଧିକ। ଏହାଛଡ଼ା ଯାହା ମୌଳିକ ହେଉଛି ତାହାର ଉଚିତ ସମୀକ୍ଷା କରାଯାଉ ନାହିଁ। ହାତଗଣତି ସିନେ ସମୀକ୍ଷକ ଠିକା ନେବା ଭଳି ଯାହା ବିଲିବିଲେଇ ହେଉଛନ୍ତି, ସେଥିରୁ କଞ୍ଚା ସମୀକ୍ଷକମାନେ ତାହାକୁ ଉତାରିବାରେ ବ୍ୟସ୍ତ। କାମ ସାରିଦେଲେ ଦେହ ଓ ମନଟା ହାଲୁକା ହୋଇଯିବା ଭଳି ଚିନ୍ତାରେ ବୁଡ଼ି ରହିଥିବା ତଥାକଥିତ ସମୀକ୍ଷକମାନେ ନୂଆ କିଛି ଭାବୁ ନ ଥିବାରୁ ଦର୍ଶକ ଭଲ ଫିଲ୍ମଟେ ବିଷୟରେ ଜାଣିବାକୁ ପାଉନାହାନ୍ତି। ଏଭଳି ଶ୍ରେଣୀର ସମୀକ୍ଷକ ଭୁଲ ଦର୍ଶାଇବାକୁ ଚାହୁଁ ନ ଥିବାରୁ ସେ ଏକାଧିକ ଖରାପ ପରମ୍ପରା ପରବର୍ତ୍ତୀ ପିଢ଼ି ପାଇଁ ସୃଷ୍ଟି କରିଚାଲୁଛନ୍ତି।

ସଙ୍ଗୀତ ଓ ନୃତ୍ୟ ପରିବେଷଣ ପରେ ସାଧାରଣତଃ ଶୁଣିବାକୁ ମିଳେ 'କାର୍ଯ୍ୟକ୍ରମ ମନ୍ତ୍ରମୁଗ୍ଧ କରିଦେଲା'। 'ଉତ୍କର୍ଷ ପ୍ରଦର୍ଶନ', 'ଅଭୂତପୂର୍ବ', 'ଜଲ୍‌ୱା', 'ମାଇଣ୍ଡ ବ୍ଲୋଇଂ' ପରି ଅନେକ ଶବ୍ଦ ବ୍ୟବହାର କରାଯାଇଥାଏ। ଜଣେ ସମୀକ୍ଷକଙ୍କ ସହ ଏହି ଲେଖକର କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ମିଳିଥିଲା। ସେ ମଧ୍ୟ କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ନ ଥିଲେ। ପରବର୍ତ୍ତୀ ସମୟରେ ଏହାର ସମୀକ୍ଷା ପଢ଼ିଲା ବେଳକୁ ସବୁ ଓଲଟି ଯାଇଥିଲା। ସମୀକ୍ଷକଙ୍କୁ ଏ ସମ୍ପର୍କରେ ରହସ୍ୟ ପଚାରିବାରୁ ସେ ମଞ୍ଚ ଆୟୋଜନକାରୀଙ୍କ ପକ୍ଷ ରଖିଥିଲେ।

ଆଜିର ସମୟରେ ସବୁ ପ୍ରକାର ସୃଜନ କ୍ଷେତ୍ରରେ ଅନେକେ ଅଣପାଣ୍ଡବା ପଶି ଆସିଲେଣି। ଲେଖିବାରେ ସିଦ୍ଧହସ୍ତ ହୋଇ ନ ଥିଲେ ମଧ୍ୟ ପରକଲମରେ ଲେଖି ଆଣି ନାଁ ଅର୍ଜନ କରିବାରେ ବ୍ୟଗ୍ର। ଶୁଣିବାକୁ ମିଳୁଛି ଜୀବନର ଆଦ୍ୟ ସମୟରେ ସୃଜନ କଥା ଭାବି ନ ଥିବା ପିଲାଟିଏ ବୟସ୍କ ହୋଇ ଚାକିରି ବା ବୃତ୍ତିରୁ ଅବସର ନେବା ପରେ ତତ୍‌କ୍ଷଣାତ୍ ସ୍ରଷ୍ଟା ହେବାକୁ ପସନ୍ଦ କରୁଛନ୍ତି। କିଛି ଅର୍ଥ ଶ୍ରାଦ୍ଧ ହେଉ ପଛେ ଭଡ଼ାଟିଆ ଲେଖକଙ୍କଠାରୁ ଲେଖାଟି ସଂଗ୍ରହ କରିଥିବା ବ୍ୟକ୍ତି ରଚନାଟି ପ୍ରକାଶ ପାଇଯିବା ପରେ ମୂଳ ଲେଖକଙ୍କ ସୃଜନ ଆତ୍ମାକୁ ସେହିଠାରେ ଶ୍ରାଦ୍ଧ ହେଇପଡ଼ନ୍ତି। ଅବଶ୍ୟ ଏହି ଧାରା ଅନ୍ୟ ଭାଷାରେ ବି କ୍ରିୟାଶୀଳ ଥିବା ଶୁଣିବାକୁ ମିଳୁଛି। ଆଜିର ଅଭାବ ସମୟରେ ଯେଉଁମାନେ ଏଭଳି କାର୍ଯ୍ୟ କରୁଛନ୍ତି ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ପାଇଁ ଏହି ପରମ୍ପରା ଚାଲିଥାଉ ବୋଲି କିଛି ଯୁକ୍ତି ବାଢ଼ିପାରନ୍ତି। ଭଲ କଥା। ମାତ୍ର ସରୋଗେସୀ ମା'ର ପରିଚୟ ସମ୍ପୂର୍ଣ୍ଣ ହଜେଇ ଦିଆଯିବା ଦ୍ୱାରା ଏକ ପ୍ରଚଣ୍ଡ ପ୍ରତିଭାର ଅକାଳ ବିୟୋଗ ହୋଇଯାଇଥାଏ।

ସମୀକ୍ଷା ବଳୟରେ ଏକ କମ୍‌ଜୋର ଦିଗକୁ ଖୁବ୍ କମ୍ ଲୋକ ଧରିପାରନ୍ତି। ପ୍ରକୃତ ଜ୍ଞାନ ନ ଥାଇ ମଧ୍ୟ ଜଣେ ଜଣାଶୁଣା ସମୀକ୍ଷକ ହୋଇପାରୁଛନ୍ତି। କାରଣ କ୍ରୀଡ଼ା ବିଷୟରେ ଅଭିଜ୍ଞତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସାହିତ୍ୟ, ସିନେମା ଉପରେ ସୁଚିନ୍ତିତ ମତ ପ୍ରଦାନ କରିବାକୁ ଯେତେବେଳେ କୁହାଯାଉଛି, ସେତେବେଳେ ସେହି ବାସ୍ତବ ସମୀକ୍ଷା ଲୁଚିଯିବା ସ୍ୱାଭାବିକ। ସ୍ୱୀକାରଯୋଗ୍ୟ, କେତେକ ସ୍ୱାଧୀନଚେତା ବ୍ୟକ୍ତି ଅଛନ୍ତି, ଯେଉଁମାନେ ବାସ୍ତବ ସତ୍ୟକୁ ଉନ୍ମୋଚନ କରିବାକୁ ଚାହିଁଥାନ୍ତି। ଅଥଚ ସେମାନଙ୍କୁ ମଞ୍ଚ ମିଳେନାହିଁ କିମ୍ବା ଚାପର ବଶବର୍ତ୍ତୀ ହେବାକୁ ବାଧ୍ୟ ହୋଇଥାଇପାରନ୍ତି। ଅତଏବ, ବିଲେଇ ବେକରେ ଘଣ୍ଟି ବାନ୍ଧିବା ଲାଗି ଜଣେ ମାନସିକ ଓ ଶାରୀରିକ ସ୍ତରରେ ଫିଟ୍ ହୋଇ ନ ଥିଲେ ଘାବରେଇଯିବା ଥୟ। ଅଳ୍ପରେ ସନ୍ତୁଷ୍ଟ ଓଡ଼ିଆ 'ନିନ୍ଦା' ହେଉ ବା 'ନିଜ ଅଭାବ'କୁ ତର୍ଜମା କରିପାରିଲେ ଯାଇ ଉପରକୁ ଉଠିବାର ମାର୍ଗ ଫିଟିପାରିବ।



## ଯିବାକୁ ଦିଅ

ନିତ୍ୟାନନ୍ଦ ନାୟକ

କା ହାକୁ ଅଟକାଇ ରଖିପାରିଲିନି?
ଦୂର ପାହାଡ଼ ଖୋଲରେ ଚାହୁଁଚାହୁଁ
ସୂର୍ଯ୍ୟ ବୁଡିଗଲା
ନଈ ସେପଟ ଡେଙ୍ଗାଗଛ ଉପରୁ ଜହ୍ନ
ରାଗରେ ଲାଲ୍ ହୋଇ ଖସିପଡ଼ିଲା
ଆକାଶରୁ ଝରିଲା ଅବିଶ୍ରାନ୍ତ ଅଲୋଡ଼ା ବର୍ଷାଧାରା
କାହାକୁ ଅଟକାଇ ହେଲାନି
ଯାହା ଖାଲି ପଡ଼ିଆରେ ଦୌଡ଼
ମଞ୍ଚ ଉପରେ ନାଟକ ହିଁ ସାର ହେଲା।

ପ୍ରତାପୀ ସମ୍ରାଟ୍ ଓ ସେନାପତିମାନେ
କେତେ କେତେ ରଥୀ ମହାରଥୀଙ୍କୁ ଅବଲୀଳା କ୍ରମେ
ଠେଲିଦେଲେ ଯୁଦ୍ଧ ଭୂଇଁରୁ ଶମନପୁରକୁ
ତୁମ୍ଭି ତୋଫାନରେ ମେଦିନୀ କମ୍ପିଲା
ଅଥଚ ସେମାନେ ଶେଷରେ ବୀରଗତି
ପ୍ରାପ୍ତ ହେବା ପାଇଁ ମନ ବଳାଇଲେ ।

ପ୍ରେମରେ ମରିବାର ଦୁର୍ଲଭ ଅନୁଭବକୁ
ହାତଛଡ଼ା ନ କରି
ସାହସୀ ପ୍ରେମୀଯୁଗଳ ସଲାସୁତୁରାରେ
ଏକା ସଙ୍ଗେ ଝୁଲିପଡ଼ିଲେ ଗଛ ଡାଳରୁ।
ଆହା, ତାଙ୍କୁ ଅଟକାଇ ହୋଇପାରିଥା'ନ୍ତି କି!

ଖାସ୍ ଜୀବନକୁ ନିବିଡ଼ ଭଲ ପାଇଥିବାରୁ
ଲହୁ ଲୁହ ଦୁର୍ଦ୍ଦିନ ସାଙ୍ଗରେ ବୀର ସୈନିକ ପରି
ଲଢ଼ି ଲଢ଼ି ଯେଉଁମାନେ ଚାଲିଗଲେ
ଏ ସୁନ୍ଦର ଜୀବନ ଛାଡ଼ି
ସେମାନେ କ'ଣ କମ୍ ସାହସୀ!
ସେଇ ସମସ୍ତଙ୍କୁ ସାଲ୍ୟୁଟ୍
ତାଙ୍କୁ ଯିବାକୁ ଦିଅ।

ସ୍ନେହଶ୍ରୀ/କାଜିଡିହ,ମଧୁପାଟଣା, କଟକ-୧୦



# ନିରାମୟ ଜୀବନ ପାଇଁ...

କେବଳ ଶାରୀରିକ ନୁହେଁ ମାନସିକ ସୁସ୍ଥତା ବି ଜରୁରୀ। କାରଣ ମନର ପ୍ରଭାବ ଶରୀର ଉପରେ ବେଶ୍ ରହିଛି ...



ବ୍ୟକ୍ତିଗତ ପ୍ରଗତି ତଥା ନିଜ ପରିବାର ଏବଂ ସମାଜର ସମୃଦ୍ଧି ପାଇଁ ଉତ୍ତମ ସ୍ୱାସ୍ଥ୍ୟର ବିକଳ୍ପ ନାହିଁ। ଆମର ପାରମ୍ପରିକ ଧାରଣା ଯେ, 'ରୋଗ ନ ଭୋଗିବା ହିଁ ସ୍ୱାସ୍ଥ୍ୟ' ଏବଂ ରୋଗ ନ ଥିଲେ ଆମେ ସୁସ୍ଥ। ଏହି ଚିରାଚରିତ ଧାରଣାଟି କିନ୍ତୁ ଭୁଲ। ସମ୍ପୂର୍ଣ୍ଣ ଶାରୀରିକ, ମନସ୍ତାତ୍ତ୍ୱିକ ଓ ସାମାଜିକ ସୁସ୍ଥତା ହିଁ ସ୍ୱାସ୍ଥ୍ୟ। ପରେ ଅବଶ୍ୟ ଏଥିରେ ସଂଯୁକ୍ତ କରାଯାଇଛି ଆଧ୍ୟାତ୍ମିକ ସୁସ୍ଥତା। ତେବେ ସ୍ୱାସ୍ଥ୍ୟ ଏକ ମୌଳିକ ମାନବିକ ଅଧିକାର। ଉତ୍ପାଦନକ୍ଷମ ତଥା ଗୁଣାତ୍ମକ ଜୀବନ ପାଇଁ ସ୍ୱାସ୍ଥ୍ୟ ଅପରିହାର୍ଯ୍ୟ। ସ୍ୱାସ୍ଥ୍ୟ ହେଉଛି ବ୍ୟକ୍ତିଗତ, ଗୋଷ୍ଠୀଗତ, ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ଦାୟିତ୍ୱ। ସାରା ବିଶ୍ୱର ସାମାଜିକ ଲକ୍ଷ୍ୟ ହେଉଛି ବିଶ୍ୱ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା।

ଦିନକୁ ଦିନ ହୃଦ୍, ରକ୍ତନଳୀ ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ପୃଥୁଳତା, ଦୀର୍ଘକାଳୀନ ଫୁସ୍‌ଫୁସ, ଗଣ୍ଠିବାତ, ମାନସିକ ଅବସାଦ, କ୍ୟାନ୍‌ସର ଇତ୍ୟାଦି ଅଣସଂକ୍ରାମକ ରୋଗ ବଢ଼ିବାରେ ଲାଗିଛି। ଏହିସବୁ କରାଇବା ପାଇଁ କୌଣସି ଜୀବାଣୁ, ଭୂତାଣୁ କବକ କି ପରଜୀବୀ ପ୍ରତ୍ୟକ୍ଷ ଭାବରେ ଦାୟୀ ନୁହନ୍ତି। ଦାୟୀ ଆମର ପ୍ରତିକୂଳ ଜୀବନଶୈଳୀ। ତେଣୁ ସମୟର ପରିବର୍ତ୍ତନ ସହ ଖାପଖୁଆଇ ଚଳିବା ନିମନ୍ତେ ଜୀବନଶୈଳୀ ଅନୁରୂପ ଭାବରେ ପରିବର୍ତ୍ତନ କରିବା ନିହାତି ଆବଶ୍ୟକ ବୋଲି କୁହନ୍ତି ବରିଷ୍ଠ ପୁଷ୍ଟି ବିଶେଷଜ୍ଞ ଡା. ନିତ୍ୟାନନ୍ଦ ସ୍ୱାଇଁ।

**ସୁଷମ ଖାଦ୍ୟ:** ଭାତ, ଡାଲି, ଶାଗ, ସନ୍ତୁଳା, ମାଛ ଆଦି ପାରମ୍ପରିକ ଖାଦ୍ୟ ସ୍ୱାସ୍ଥ୍ୟପକ୍ଷେ ହିତକର। ଚର୍ବି ଲାଗିଥିବା ମାଂସ, ବସାଦହି, ଲହୁଣି, ଘିଅ, ବେଶି ତେଲ ଓ ତେଲରେ ଛଣାଛଣି ଜିନିଷ କମ୍ ପରିମାଣରେ ଖାଇବା ଆବଶ୍ୟକ। ଲୁଣ କମ୍ ଖାଆନ୍ତୁ।

ଜଙ୍କ୍‌ଫୁଡ୍ ଓ କୋଲ୍‌ଡ୍ରିଙ୍କ୍ ଖାଇବା ମନା। ଚୋକଡ଼ମିଶା ଅଟାର ରୁଟି, ବୋଳ ଚାଉଳର ଭାତ, ଚୋପା ଲାଗିଥିବା ଡାଲି, ସବୁପ୍ରକାର ଶାଗ ଓ ପନିପରିବା ଏବଂ ଫଳରୁ ବେଶି ତନ୍ତୁଜାତୀୟ ଉପାଦାନ ମିଳୁଥିବାରୁ ତାହା ସଂକ୍ରାମକ ରୋଗଗୁଡ଼ିକୁ ନିବାରଣ କରିବାରେ ସହାୟକ। ବେଶି ପରିମାଣର ମିଠା ଖାଇବା ହିତକର ନୁହେଁ। ଶାଗ, କଖାରୁ, ବନ୍ଧାକୋବି, କଞ୍ଚାଲଙ୍କା, ପାଚିଲା ଅମୃତଭଣ୍ଡା, ପାଚିଲା ଆମ୍ବ, ଅଁଳା, ଅଙ୍ଗୁର, ଲେମ୍ବୁ, କମଳା, ଟମାଟୋ, ରସୁଣ, ପିଆଜ, ଅଦା, ଲବଙ୍ଗ, ହଳଦୀ, ସୋରିଷ, ରାଶି, ବାଦାମ ତେଲ, ସୂର୍ଯ୍ୟମୁଖୀ ତେଲ ଇତ୍ୟାଦିରୁ ମିଳେ ଅଧିକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ। ଅଣସଂକ୍ରାମକ ରୋଗଗୁଡ଼ିକୁ ରୋକିବାରେ ଆଣ୍ଟିଅକ୍ସିଡାଣ୍ଟ ଖୁବ୍ ସହାୟକ।

ଅବଶ୍ୟ ଏବେକାର ସ୍ଲୋଗାନ ହେଉଛି 'ଫାଇଭ୍ ଏ ଡେ' ଫର୍ ବେଟର ହେଲ୍‌ଥ' ବା 'ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଦିନକୁ ୫ ଥର' ଦିନକୁ ୨ ଥର ଫଳ ଓ ୩ ଥର ପନିପରିବା ଖୁବ୍ ସ୍ୱାସ୍ଥ୍ୟପ୍ରଦ। ବେଶି ଖାଇବା ମନା, କମ୍ ଖାଇବା ମନା, ଉପାସ ରହିବା ମନା, ବୟସକୁ ଚାହିଁ ଯାହା ପାଇଁ ଯେତିକି।

**ନିୟମିତ ବ୍ୟାୟାମ:** ନିୟମିତ ବ୍ୟାୟାମ କିମ୍ବା କଠିନ ଶାରୀରିକ ପରିଶ୍ରମ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଅଣସଂକ୍ରାମକ ରୋଗ ନିବାରଣ କରେ, ପାର୍କିନସନ୍ ଓ ଆଲଜିମର ରୋଗରୁ ସୁରକ୍ଷିତ ରଖେ, ସୁନିଦ୍ରା ଆଣେ, ମନକୁ ପ୍ରଶାନ୍ତ ରଖେ। ଶସ୍ତାରେ ସ୍ୱାସ୍ଥ୍ୟଲାଭ କରିବାରେ ବ୍ୟାୟାମର ବିକଳ୍ପ ନାହିଁ, ଚାଲିବା ସବୁଠାରୁ ନିରାପଦ ବ୍ୟାୟାମ। ଧୂମପାନ, ମଦ୍ୟପାନ ଓ ମାଦକଦ୍ରବ୍ୟ ବର୍ଜନ ଜରୁରୀ।

**ସମୟ ସହ ପ୍ରତିଯୋଗିତା:** ସମସ୍ତେ ଏବେ ସମୟ ସାଙ୍ଗରେ ପ୍ରତିଯୋଗିତା ଚଳେଇଛୁ। ସକାଳେ ଶେଯ ଛାଡ଼ିବା ପରଠାରୁ ରାତିରେ ଶୋଇବା ପାଇଁ ଶେଯକୁ ଯିବା ପର୍ଯ୍ୟନ୍ତ ବିଶ୍ରାମ ନାହିଁ, ଯାହାକି ଅସୁସ୍ଥତାର ଅନ୍ୟତମ କାରଣ।

**ମାନସିକ ଚାପ:** ଅତ୍ୟଧିକ ମାନସିକ ଚାପ ଅଣସଂକ୍ରାମକ ରୋଗଗୁଡ଼ିକର ଜନନୀ। ତେଣୁ ଚାପ ହ୍ରାସ ନ ପାଇଲେ ଏହା ଆମ ସ୍ୱାସ୍ଥ୍ୟକୁ ନଷ୍ଟ କରିଦେବ।

**ସାମାଜିକ ସମ୍ପର୍କ :** ସାମାଜିକ ସମ୍ପର୍କ ଆମକୁ ବଞ୍ଚାଇ ରଖେ ଏବଂ ନିଃସଙ୍ଗତା ଆମକୁ ମାରିଦିଏ। ସୁତରାଂ ସମସ୍ତଙ୍କ ସହ ସୁସମ୍ପର୍କ ରକ୍ଷା କରି ଓ ସମାଜ ସହ ବୁଝାମଣା ରଖି ଚଳିପାରିଲେ ମନ ଓ ଶରୀର ପରସ୍ପର ମଧ୍ୟରେ ବୁଝାମଣା ରଖିବା ସହଜ ହୋଇଯାଏ। ଏହା ଉତ୍ତମ ସ୍ୱାସ୍ଥ୍ୟପ୍ରତି ଖୁବ୍ ସହାୟକ।



**ସକାରାତ୍ମକ ମନୋଭାବ:** ଜୀବନ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିବା ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଅନୁକୂଳ ସାବ୍ୟସ୍ତ ହୋଇଥାଏ।

**ମୂଲ୍ୟବୋଧ ପ୍ରତି ସମ୍ମାନ:** ମୂଲ୍ୟବୋଧଭିତ୍ତିକ ଜୀବନ ନିର୍ବାହ କଲେ ମନ ଓ ଶରୀର ପାରସ୍ପରିକ ସମ୍ପର୍କ ରକ୍ଷା କରି ବ୍ୟକ୍ତିଙ୍କୁ ନୀରୋଗ ରଖିଥାଏ।

**ସୁସ୍ଥ ରଖେ ରୁଚି :** ପଢ଼ିବା, ଲେଖିବା, ଗୀତ ଗାଇବା, ବାଦ୍ୟଯନ୍ତ୍ର ବଜାଇବା, ଚିତ୍ର ଆଙ୍କିବା, ମୂର୍ତ୍ତି ଗଢ଼ିବା, ବଗିଚା କରିବା ଆଦି ରୁଚି ମଧ୍ୟ ବ୍ୟକ୍ତିକୁ ସୁସ୍ଥ ରଖେ।

**ବିଶ୍ରାମ ସହ ମନୋରଞ୍ଜନ:** ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବାରେ ବିଶ୍ରାମ ଓ ଚିତ୍ତବିନୋଦନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶ୍ରାମବିହୀନ ତଥା ମନୋରଞ୍ଜନ ବିହୀନ ଜୀବନ ବିବିଧ ରୋଗ ସୃଷ୍ଟି କରିପାରେ।

**ଦୁର୍ଘଟଣା ନିବାରଣ:** ଅସାବଧାନତା ଓ ଅବହେଳା ଆକସ୍ମିକ ଦୁର୍ଘଟଣାର ପ୍ରମୁଖ କାରଣ। ସ୍ୱାସ୍ଥ୍ୟହାନି, ବିକଳାଙ୍ଗ ଅବସ୍ଥା ଓ ଅକାଳ ମୃତ୍ୟୁ ଦୁର୍ଘଟଣାର ପ୍ରଧାନ ପରିଣତି। ସଚେତନ ତଥା ସାବଧାନ ରହିଲେ ଦୁର୍ଘଟଣାକୁ ବହୁଳାଂଶ ଏଡ଼ାଇ ଦେଇହେବ।

**ଯୋଗ, ପ୍ରାଣାୟାମ, ପ୍ରାର୍ଥନା:** ଯୋଗ, ପ୍ରାଣାୟାମ, ନିୟମିତ ଧ୍ୟାନ, ପ୍ରାର୍ଥନା କଲେ ରକ୍ତଚାପ, ମାନସିକ ଚାପ ହ୍ରାସ ପାଇବା ସହ ଶରୀର ସୁସ୍ଥ ରୁହେ। ହୃଦ୍‌ରୋଗ ହେବାର ଆଶଙ୍କା କମିଯାଏ।

**ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା:** ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରୀ। ତେଣୁ ଅନୁକୂଳ ଜୀବନଶୈଳୀ ଅବଲମ୍ବନ ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ବ୍ୟକ୍ତିକୁ ଦୀର୍ଘାୟୁ କରିବା ସଙ୍ଗେସଙ୍ଗେ ନୀରୋଗ ରଖିଥାଏ।

**ପ୍ରତିରୋଧକ ଶକ୍ତି ପାଇଁ :** ସଂକ୍ରାମକ ରୋଗଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ପ୍ରକୃତି ଆମ ପ୍ରତ୍ୟେକଙ୍କ ଶରୀରରେ ଏକ ସ୍ୱତନ୍ତ୍ର ରୋଗ ପ୍ରତିରୋଧ ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ରଖିଛି। ଏହି ତନ୍ତ୍ରର କାର୍ଯ୍ୟ ଫଳରେ ଶରୀରରେ ଆଣ୍ଟିବଡି ନାମକ ପୁଷ୍ଟିସାରୀୟ ଉପାଦାନମାନ ତିଆରି ହୋଇ ଆମକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପ୍ରତିଷେଧକ ଟିକା ନେଇ ଶରୀରରେ ଏହି ପ୍ରତିରୋଧ ଶକ୍ତି ସୃଷ୍ଟି କରିବା ସମ୍ଭବ। ଏହାଛଡ଼ା ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ, ସକାରାତ୍ମକ ମନୋଭାବ ତଥା ଅନ୍ୟାନ୍ୟ ଅନୁକୂଳ ଜୀବନଶୈଳୀ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରେ।



—ବୀରଭଦ୍ର ବିଶ୍ୱାଳ

## ସୁସ୍ଥତା ଓ ଆୟୁର୍ବେଦ

ବର୍ତ୍ତମାନର ପ୍ରଦୂଷିତ ଜଳବାୟୁ, ଅପମିଶ୍ରିତ ଖାଦ୍ୟ ପଦାର୍ଥ ମଣିଷକୁ ରୋଗଗ୍ରସ୍ତ କରିପକାଉଛି। ଏ ସମୟରେ ସୁସ୍ଥ ଜୀବନଯାପନ ପାଇଁ ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀକୁ ଆପଣାଇ ପାରିବେ। ଦୈନିକ ସକାଳେ ଦାନ୍ତ ଘଷି ତୁଳସୀ ପତ୍ର ୭ଟି, ନିମ୍ବ ପତ୍ର ୩ଟି, ବେଲପତ୍ର ୩ଟି ଓ ଭୂନିମ୍ବ ପତ୍ର ୩ଟି ସେବନ କଲେ ଜ୍ୱର, ଶ୍ୱାସ, କାଶ, ଚର୍ମ, ପେଟ ଓ ଯକୃତଜନିତ ରୋଗ ହୋଇ ନ ଥାଏ। ରାତିରେ ଅଧା ଗ୍ଲାସ ପାଣିରେ ତ୍ରିଫଳା ଗୁଣ୍ଡ ଏକ ଚାମଚ ପକାଇ ସକାଳେ ଛାଣି ପିଇଲେ ଚକ୍ଷୁ ଏବଂ ପେଟ ସମ୍ବନ୍ଧୀୟ ରୋଗ ଦୂର ହୋଇଥାଏ। ଗାଧୋଇବା ପୂର୍ବରୁ ନାକରେ ଅଣୁ/ସର୍ପଣ ତେଲ ନସ୍ୟ ନେବା ସହ ଗୋଡ଼ର ବୃଦ୍ଧାଙ୍ଗୁଠି ନଖରେ ଲଗାଇ ଦେହରେ ତୈଳଭଙ୍ଗ କରି ସ୍ନାନ କଲେ ଦୃଷ୍ଟିଶକ୍ତି ଠିକ୍ ରହେ। ତତ୍ ସଙ୍ଗେସଙ୍ଗେ ଜୈବିକ ସାରରେ ଉତ୍ପନ୍ନ ପନିପରିବା ଖାଇବା ଦ୍ୱାରା ଶରୀରକୁ ପୋଷକ ତତ୍ତ୍ୱ ଉତ୍ତମ ରୂପେ ମିଳେ। ସକାଳେ କିଛି ସମୟ ସୂର୍ଯ୍ୟ କିରଣରେ ବୁଲିବା ଦ୍ୱାରା ଶରୀରକୁ ଭିଟାମିନ୍ 'ଡି' ମିଳିଥାଏ। ଏହାସହ ଅନୁଲୋମ ବିଲମ, କପାଳ ଭାରତୀ, ସୂର୍ଯ୍ୟ ନମସ୍କାର ଆଦି ପ୍ରାଣାୟାମ କଲେ ତାହା ଶରୀର ପାଇଁ ବେଶ୍ ଉପକାରୀ।

—ଡା. ଆଶିଷ ବାନାର୍ଜୀ, *ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*

## ହାଇଡ୍ରୋଥେରାପି

ସୁସ୍ଥ ରହିବା ଲାଗି ପ୍ରତିଦିନ ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ। ତେବେ ନ୍ୟାଚୁରୋପାଥି ଅନୁଯାୟୀ ପାଣି ପିଇବାର ଠିକ୍ ସମୟ ଯଥା ପ୍ରତିଦିନ ସକାଳୁ ଏକ ଗ୍ଲାସ ଉଷୁମ ପାଣି, ଖାଇବାର ୩୦ ମିନିଟ୍ ପୂର୍ବରୁ ଏବଂ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା, ଶୋଇବା ବେଳେ କାର୍ଡିଆକ୍ ଆଟାକ୍ ନ ହେବା ଲାଗି ଶୋଇବାର ୩୦ ମିନିଟ୍ ପୂର୍ବରୁ ଏକ ଗ୍ଲାସ୍ ପାଣି ପିଇ ଶୋଇବା ଭଳି ନିୟମ ଜାଣିବା ଦ୍ୱାରା ଅନେକେ ଅଧିକ ଉପକୃତ ହୋଇ ପାରୁଛନ୍ତି।



The Aditya Birla Group: Enriching Lives, Enabling Growth

A US$ 43 billion MNC, the Aditya Birla Group is in the League of Fortune 500. It is anchored by an extraordinary force of 120,000 employees, belonging to 42 nationalities, operating in 35 countries. Nearly 50 per cent of its revenues flow from its overseas operations. The Group has topped the Nielsen's Corporate Image Monitor and emerged as the Number 1 corporate, the 'Best in Class', for three consecutive years.

Hindalco, UltraTech Cement, Grasim Industries, Essel Mining and Industries, Idea Cellular, Aditya Birla Fashion and Retail and Aditya Birla Financial Services, operate in Odisha, anchored by a 12,000 strong work force. Its investment exceeds ₹. 30,000 crores.

Highlights of our companies engaged with communities in Odisha (2016-17)
- We reach out to five lakh people annually in five districts of Odisha.
- Touch 2,07,369 lives across 126 villages.

Education
- To foster education have provided 100 teachers to 85 primary schools, as well as study material to 3120 students.
- Organise computer literacy programmes every six months to help the rural youth enhance their skills.
- Set up a centralised midday meal kitchen in Keonjhar district in partnership with the Odisha government. Midday meals provided to 78,000 children every day.
- Over 1 lakh school children in remote blocks of Odisha have been provided with solar lamps.
- We support the differently abled, through the NGO Swabhiman.

Healthcare:
- Over 81 medical camps organised and more than 62,325 villagers have had access to basic healthcare through these camps.
- Helped immunise 34,000 children against polio.
- Constructed 456 blocks of community toilets.
- Over 1,51,796 patients received medical care through our hospitals and dispensaries.
- More than 125 persons underwent cataract surgery.

Sustainable livelihood
- Working on triple layer vegetable and tuber crop cultivation through the 'machan' system on a commercial scale to benefit 200 farmers, and a commercial vegetable cultivation project at a household level to empower 500 families. These measures help increase agricultural productivity in a sustainable way.
- More than 146 self-help groups formed have led to empowerment of women.

Infrastructure
- Developed infrastructure by building and maintaining approach roads and internal concrete roads, drains, check dams, borewells, water harvesting structures and river steps.
- Maintain bathing ghats, culverts, playgrounds, health centres and community halls.
- Village infrastructure development has benefitted 1,62,915 people.
- Invested ₹ 25 crores towards our CSR engagement in Odisha.

Transcending the conventional barriers of business because we believe it is our duty and we care.

ADITYA BIRLA GROUP
Making A Difference
www.adityabirla.com

MCL

ALL GREAT ACHIEVEMENTS ARE A SERIES OF SMALL EFFORTS.

LET'S KEEP ODISHA CLEAN

Mahanadi Coalfields Limited (MCL), a Government of India Enterprise under Ministry of Coal, operates 15 open cast and 5 underground coal mines in Angul, Jharsuguda and Sundergarh districts of Odisha. The company contributes to 25 percent of total production by Coal India. Ever since its inception, MCL has been a front-runner in introducing innovative ideas and technology to minimise the impact of coal mining on environment. Extending Swachhta Abhiyan to waste management level with new technology and best practices, the company has achieved huge advancements in cutting down and safe disposal of solid waste in its mines. Committed to inclusive growth, MCL is the top spender under CSR in Odisha.




Ujjwal Bharat Ka Hai Sapna, Swachh Koylanchal Ho Apna

Mahanadi Coalfields Limited
(A subsidiary of Coal India Limited)
Corporate Office: At/PO.- Jagruti Vihar, Burla, Sambalpur, Odisha-768 020

Follow us on :
/mahanadicoal /mahanadicoal /MahanadiCoalfields instagram@pro.mcl www.mahanadicoal.in

# ସେଦିନର ଗୌରବ ଆଜି ବିସ୍ମୃତିର ଗର୍ଭରେ



## ଭାଙ୍ଗିଛି ମଠ

ଶ୍ରୀକ୍ଷେତ୍ରର ଐତିହ୍ୟ ହଜାର ହଜାର ବର୍ଷ ପରମ୍ପରାରୁ ଗଢ଼ିଉଠିଛି। ମହାପ୍ରଭୁଙ୍କ ଉପାସନାର ମୂଲ୍ୟବୋଧକୁ ସର୍ବଭାରତୀୟସ୍ତରରେ ପହଞ୍ଚାଇବାରେ ମଠଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମଠ ସମ୍ପ୍ରଦାୟର ସାଧୁ ଓ ଶିଷ୍ୟମାନେ ଭାରତର ଯେଉଁ ଅଞ୍ଚଳର ହୁଅନ୍ତୁ ନା କାହିଁକି ଶ୍ରୀଜଗନ୍ନାଥଙ୍କ ସହିତ ଯୋଡି ହୋଇଯାଇଥିଲେ। ତାହାରି ଫଳରେ ମହାପ୍ରଭୁ ଗଣଦେବତା ଭାବେ ସମଗ୍ର ଭାରତବର୍ଷରେ ଆଜି ଉପାସିତ ହେଉଛନ୍ତି। ମଠ ସଂସ୍କୃତିକୁ ନେଇ ଶ୍ରୀକ୍ଷେତ୍ରର ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ବିଭିନ୍ନ ସମ୍ପ୍ରଦାୟର ପ୍ରାଚୀନ ମଠ ଦେଖିବାକୁ ମିଳେ। ହେଲେ କାଳକ୍ରମେ କେତେକ ମଠ ସତ୍ତା ହରାଇଥିବା ବେଳେ ଏବେ ବି ଅନେକ ମଠ ସନ୍ଥ, ସନ୍ନ୍ୟାସୀଙ୍କ ସ୍ମୃତିକୁ ଜାବୁଡ଼ି ଧରିଛି। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ବହୁ ମଠକୁ ମଧ ମାଟିରେ ମିଶାଇ ଦିଆଯାଇଛି। କେବଳ ମଠ ଇଷ୍ଟଙ୍କ ବିଜେସ୍ଥଳୀ ଏବଂ ପୂଜାର୍ଚ୍ଚନା ପାଇଁ ଉଦ୍ଦିଷ୍ଟ ନିର୍ମାଣକୁ ଛାଡି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଏକାଧିକ ମଠ କୋଠାକୁ ଭଙ୍ଗାଯାଇଛି।

## ଲଙ୍ଗୁଳି ମଠ

ଶ୍ରୀମନ୍ଦିର ଐତିହ୍ୟ କରିଡର ମଧ୍ୟରେ ଥିବା ଲଙ୍ଗୁଳି ମଠ ପ୍ରଥମେ ଉଚ୍ଛେଦ ହୋଇଥିଲା। ଏହାକୁ ଅସୁରକ୍ଷିତ ଦର୍ଶାଇ ଗତବର୍ଷ ଅଗଷ୍ଟ ୨୭ ତାରିଖରେ ଭାଙ୍ଗିଥିଲା ପ୍ରଶାସନ। ମଠର ଗାଦିଘର, ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦିଆଯାଇ ଆଉ ସବୁ ନିର୍ମାଣକୁ ଉଚ୍ଛେଦ କରାଯାଇଛି। ମଠ କୋଠାରେ ଚାଲୁଥିବା ୨୪ଟି ଦୋକାନ ଘରକୁ ମଧ ଭଙ୍ଗା ଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ନେଇ ନାଗା ସାଧୁମାନେ ପ୍ରତିବାଦ କରିଥିଲେ। ଏହି ମଠକୁ ଲାଗି ମେଘନାଦ ପାଚେରି ନିକଟରେ ନାଗା ସାଧୁଙ୍କ ଧୁନା ଗାଦି ରହିଥିଲା। ଏହି ଗାଦିକୁ ବନ୍ଦ କରିଦିଆଯିବାକୁ ନେଇ ବିରୋଧ କରିଥିଲେ ନାଗା ସାଧୁ।

## ଏମାର ମଠ

ଲଙ୍ଗୁଳି ମଠ ପରେ ବହୁ ଚର୍ଚ୍ଚିତ ଏମାର ମଠର ପାଳି ପଡିଥିଲା। ଭଙ୍ଗାଯାଇଛି ଏହି ଦ୍ୱାଦଶ ଶତାବ୍ଦୀର ମଠ। ମହନ୍ତଙ୍କ ଅସହଯୋଗ ଯୋଗୁ ଯଦିଓ ଏହାକୁ ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯାଇ ନାହିଁ, କିନ୍ତୁ ଅର୍ଦ୍ଧାଧିକ ଅଂଶ ମାଟିରେ ମିଶିଛି। ଏହି ମଠ ଭାଙ୍ଗିବା ପରେ ମିଳିଥିଲା ଭୂତଳ ଘରର ସନ୍ଧାନ। ଭୂମିଠାରୁ ପ୍ରାୟ ୧୦ରୁ ୧୫ଫୁଟ ତଳକୁ ରହିଥିବା ଏହି ଘର ଉପରକୁ ପ୍ରାୟ ୪୦ ଫୁଟ ରହିଥିଲା। ସମ୍ପୂର୍ଣ୍ଣ ପରିତ୍ୟକ୍ତ ଏବଂ ଅନ୍ଧକାରମୟ ଥିବା ଏହି ଘର ମଠର କୋଠି ଘର (ଧାନ, ଚାଉଳ ରହୁଥିଲା) ଥିଲା। ଏହା ୬ ଥାକିଆ ରହିଥିଲା। ଏହି ମଠ ଇତିହାସ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀ ସମ୍ପ୍ରଦାୟର ଏହି ମଠ ଶ୍ରୀକ୍ଷେତ୍ରର ସବୁଠୁ ପୁରୁଣା ମଠମାନଙ୍କ ମଧ୍ୟରୁ ଅନ୍ୟତମ।

## ବାହାରିଥିଲା ୫୨୨ ଖଣ୍ଡ ରୁପା ଇଟା

୨୦୧୧ରେ ଏମାର ମଠରୁ ବାହାରିଥିଲା ୫୨୨ ଖଣ୍ଡ ରୁପା ଇଟା। ଏହା ସେତେବେଳେ କେବଳ ରାଜ୍ୟ ନୁହେଁ, ଦେଶରେ ବି ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହିରୁପା ଇଟାର ଓଜନପ୍ରାୟ ୧୮ ଟନ୍‌ରୁ ଊର୍ଦ୍ଧ୍ୱ ଥିବାବେଳେ ଆନୁମାନିକ ମୂଲ୍ୟ ୮୦ରୁ ୯୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ରୁପା ଇଟାକୁ ନେଇ କୌଣସି ଫଇସଲା ହୋଇ ନ ଥିବା ବେଳେ ଏହା ପୋଲିସ ହେପାଜତରେ ରହିଛି।

## ବଡ଼ଆଖଡ଼ା ମଠ

ଲଙ୍ଗୁଳି ଏବଂ ଏମାର ମଠ ପରେ ତୃତୀୟ ମଠ ଭାବେ ଧରାଶାୟୀ ହୋଇଛି ବଡ଼ ଆଖଡା ମଠ। ଠାକୁରଙ୍କ ବିଜେସ୍ଥଳୀ ଏବଂ ମହନ୍ତଙ୍କ ଆସ୍ଥାନକୁ ବାଦ୍ ଦିଆଯାଇ ପ୍ରାୟ ୮୫ ବଖରା ଘରକୁ ମାଟିରେ ମିଶାଇ ଦିଆଯାଇଛି। ଏହି ମଠର ଇତିହାସ ବି ବେଶ୍ ଲମ୍ବା। ଶହ ଶହ ବର୍ଷ ଧରି ବାହାର ଆକ୍ରମଣକାରୀଙ୍କ ଆକ୍ରମଣରେ ବହୁ ଘାତ ପ୍ରତିଘାତ ଦେଇ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ସଂସ୍କୃତି ଆଜି ବଞ୍ଚିରହିଛି। ଏହି ଘାତ ପ୍ରତିଘାତ ସମୟରେ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ଶ୍ରୀରାମାନନ୍ଦାଚାର୍ଯ୍ୟଙ୍କ ସମ୍ପ୍ରଦାୟର ନାଗା ସାଧୁମାନଙ୍କର। ଅତୀତରେ ବର୍ଷକୁ ମହାପ୍ରଭୁ ଦୁଇଥର ଶ୍ରୀମନ୍ଦିର ବାହାରକୁ ବିଜେ କରୁଥିଲେ। ଥରେ ଗୁଣ୍ଡିଚା ଯାତ୍ରାରେ ଏବଂ ଥରେ ଦୋଳ ଯାତ୍ରାରେ। ଦୋଳବେଦୀରେ ଅଘଟଣ ଘଟିବା ପରେ ଏବେ ଆଉ ମହାପ୍ରଭୁ ଦୋଳଯାତ୍ରାରେ ବିଜେ କରୁନାହାନ୍ତି।



## ମଙ୍ଗୁ ମଠ

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଲଙ୍ଗୁଳି ମଠ, ଏମାର ମଠ ଏବଂ ବଡ଼ ଆଖଡା ମଠ ଭଙ୍ଗାଯିବା ପରେ ଭଙ୍ଗାଯାଇଛି ମଙ୍ଗୁ ମଠ। ଏହି ମଠ ଉଚ୍ଛେଦକୁ ନେଇ ଏକାଧିକ ପ୍ରତିବନ୍ଧକ ସାମ୍ନାକୁ ଆସିଥିଲା। ମଙ୍ଗୁମଠ ଉଚ୍ଛେଦ କରାଗଲେ ଗୁରୁ ନାନକଙ୍କ ଶ୍ରୀକ୍ଷେତ୍ର ଆଗମନ ସ୍ମୃତି ଲୋପ ପାଇଯିବ ବୋଲି ଦିଲ୍ଲୀ ଗୁରୁଦ୍ୱାର ପ୍ରବନ୍ଧକ କମିଟି ଜିଲାପାଳଙ୍କୁ ଭେଟି ଅନୁରୋଧ କରିଥିଲା। ପଞ୍ଜାବ ମୁଖ୍ୟମନ୍ତ୍ରୀ ଏହି ମଠକୁ ନ ଭାଙ୍ଗିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ୍ କରିଥିଲେ।

କେବଳ ଉପରୋକ୍ତ ମଠ ନୁହନ୍ତି, ଶ୍ରୀମନ୍ଦିର ମେଘନାଦ ପାଚେରି କଡରୁ ୭୫ ମିଟର ପରିଧି ମଧ୍ୟରେ ଥିବା ଉତ୍ତର ପାର୍ଶ୍ୱ, ଦକ୍ଷିଣ ପାର୍ଶ୍ୱ, ପଞ୍ଜାବୀ, ସାନଛତା ପ୍ରମୁଖ ଏକାଧିକ ମଠ ଉଚ୍ଛେଦ ହୋଇଛି।

## ଶ୍ରୀଜଗନ୍ନାଥ ବଲ୍ଲଭ ମଠ

ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟସ୍ଥଳରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଓ ଉଦ୍ୟାନ ଅବସ୍ଥିତ। ବଗିଚା ମଧ୍ୟରେ ୫ଟି ପୁଷ୍କରିଣୀ ରହିଛି। ମଠ ପୂର୍ବରେ ବଡଦାଣ୍ଡ, ପଶ୍ଚିମରେ ମାର୍କଣ୍ଡେଶ୍ୱର, ଉତ୍ତରରେ ଚୁଡ଼ଙ୍ଗ ସାହି ଓ ଦକ୍ଷିଣରେ ନରେନ୍ଦ୍ର ପୁଷ୍କରିଣୀ ଅବସ୍ଥିତ। ବଲ୍ଲଭ ଶବ୍ଦର ଅର୍ଥ ହେଉଛି ପ୍ରିୟ। ଏହି ଉଦ୍ୟାନ ମହାପ୍ରଭୁଙ୍କ ଅତି ପ୍ରିୟ ହୋଇଥିବାରୁ ଏହାର ନାମ ଶ୍ରୀଜଗନ୍ନାଥ ବଲ୍ଲଭ ହୋଇଥିବା ମନେ କରାଯାଏ।

## ଶ୍ରୀଶ୍ରୀକୁଞ୍ଜ ମଠ

ଶ୍ରୀ ଗୌଡ଼ୀୟ ସମ୍ପ୍ରଦାୟର କୁଞ୍ଜମଠ ପୁରୀ ବାଲିସାହିର ଗଣାମଲ୍ଲ ଲେନ୍‌ରେ ଅବସ୍ଥିତ। ପୂର୍ବେ ମଠସ୍ଥଳୀରେ ଶ୍ରୀଜଗନ୍ନାଥଙ୍କର ଫୁଲ ତୋଟାଟିଏ ଥିଲା। ଏହି ତୋଟାରୁ ମହାପ୍ରଭୁଙ୍କ ପାଇଁ ପ୍ରତ୍ୟହ ଫୁଲ ଆସୁଥିଲା। ଏକଦା ରଥଯାତ୍ରା ସମୟରେ ଶ୍ରୀନରୋତ୍ତମ ଠାକୁରଙ୍କ ସହଚର ଶ୍ରୀଶ୍ୟାମାନନ୍ଦ ଓ ତାଙ୍କ ଶିଷ୍ୟ ଶ୍ରୀରସିକାନନ୍ଦ ଚାଲି ଚାଲି ଶ୍ରୀକ୍ଷେତ୍ରକୁ ଆସୁଥିଲେ। ସନ୍ଧ୍ୟା ହୋଇଯିବାରୁ ଶ୍ରୀକ୍ଷେତ୍ରର ପଞ୍ଚକୋଶୀ ମଧ୍ୟରେ ରାତ୍ରିଯାପନ କରିଥିଲେ। ଏହାର ପରଦିନ ଥିଲା ରଥଯାତ୍ରା। ତାଳଧ୍ୱଜ ରଥ ଓ ଦର୍ପଦଳନ ରଥ ଅନାୟାସରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲା। ହେଲେ ନନ୍ଦିଘୋଷ ଗଡିଲା ନାହିଁ। ମହାପ୍ରଭୁ ମୁଦିରଥଙ୍କୁ ସ୍ୱପ୍ନାଦେଶ ଦେଇ କହିଲେ ମୋ ଭକ୍ତ ଶ୍ରୀଶ୍ୟାମାନନ୍ଦ ଓ ଶ୍ରୀରସିକାନନ୍ଦ ଅଠରନଳାଠାରେ ଆସି ପହଞ୍ଚିଛନ୍ତି। ତୁମ୍ଭେମାନେ ତାଙ୍କୁ ଯତ୍ନପୂର୍ବକ ନେଇ ଆସିବା ପରେ ରଥ ଚାଲିବ। ମୁଦିରଥ ଏକଥା ଗଜପତି ମହାରାଜାଙ୍କୁ ଜଣାଇବା ପରେ ଶୋଭାଯାତ୍ରାରେ ଶ୍ରୀଶ୍ୟାମାନନ୍ଦ ଓ ଶ୍ରୀରସିକାନନ୍ଦଙ୍କୁ ଅଣାଗଲା।

## ବଡ଼ ଓଡ଼ିଆ ମଠ



ପୁରୀ ସହରର ବାସେଳୀ ସାହିରେ ବଡ଼ ଓଡ଼ିଆ ମଠ ଅବସ୍ଥିତ। ଏହାକୁ ଓଡ଼ିଆ ଭାଗବତର ରଚୟିତା ତଥା ପଞ୍ଚସଖା ଯୁଗର ଅନ୍ୟତମ ରଥୀ ଅତିବଡ଼ୀ ଜଗନ୍ନାଥ ଦାସ ପ୍ରତିଷ୍ଠା କରିଥିଲେ। ଜନଶ୍ରୁତି ରହିଛି ଉତ୍କଳର ଗଜପତି ପ୍ରତାପରୁଦ୍ର ଦେବଙ୍କ ପାଟମହିଷୀ ଗୌରା ପାଟ ମହାଦେଈ ଅତିବଡ଼ୀଙ୍କ ପ୍ରତିଭାରେ ବିମୁଗ୍ଧ ହୋଇ ଶ୍ରୀମନ୍ଦିର ବାୟୁକୋଣସ୍ଥିତ ତାଙ୍କର ସାମୟିକ ଅବସ୍ଥାନର ଏହି ଉଆସକୁ ଅତିବଡ଼ୀଙ୍କୁ ପ୍ରଦାନ କରିଥିଲେ। ଜଗନ୍ନାଥ ଦାସ ଏହିଠାରେ ରହି ବୈଷ୍ଣବ ଧର୍ମ ଓ ଜଗନ୍ନାଥ ସଂସ୍କୃତି ପ୍ରଚାରରେ ନିମଗ୍ନ ରହିଥିଲେ। ପରବର୍ତ୍ତୀ ସମୟରେ ସେହି ରାଣୀ ଉଆସ ବଡ଼ ଓଡ଼ିଆ ମଠରେ ନାମିତ ହୋଇଥିଲା।

## ଦଶାବତାର ମଠ

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରାମାନନ୍ଦୀ ସମ୍ପ୍ରଦାୟର ଦଶାବତାର ମଠ ଅବସ୍ଥିତ। ୧୧ ବର୍ଷ ବୟସରେ ଜୟଦେବ ସମସ୍ତ ପାର୍ଥିବ ମୋହ ତୁଟାଇ ପ୍ରଭୁଙ୍କ ଶରଣାଗତ ହୋଇ ଶ୍ରୀକ୍ଷେତ୍ରକୁ ଯାତ୍ରା କରିଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚି ଗୁଣ୍ଡିଚା ମନ୍ଦିର ସମ୍ମୁଖସ୍ଥ ଏକ ଗଛ ମୂଳରେ ଏବଂ ପରେ ଏକ କୁଡ଼ିଆରେ ଅବସ୍ଥାନ କରିଥିଲେ। ଏହିଠାରେ ସେ ଧର୍ମ ଚର୍ଚ୍ଚା ଓ ଭଜନ କୀର୍ତ୍ତନରେ ସମୟ ଅତିବାହିତ କରିଥିଲେ। ଜୟଦେବଙ୍କ ପରବର୍ତ୍ତୀ ଅନୁଗାମୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା କୁଡ଼ିଆକୁ ନୂତନ ଭାବେ ନିର୍ମାଣ କରି ଦଶାବତାର ମଠ ନାମରେ ନାମିତ କରିଥିଲେ। ଦ୍ୱାଦଶ ଶତାବ୍ଦୀର ତଥା ବର୍ତ୍ତମାନର ଦଶାବତାର ମଠ ପ୍ରାଙ୍ଗଣ ଥିଲା ଶ୍ରୀଜୟଦେବଙ୍କ ସାଧନା ପୀଠ।

## ହାତୀ ଆଖଡ଼ା ମଠ

ପୁରୀ ବଳଗଣ୍ଡି ନିକଟରେ ବଡ଼ଦାଣ୍ଡର ମୁଖ୍ୟ ରାସ୍ତାରେ ହାତୀ ଆଖଡା ମଠ ଅବସ୍ଥିତ। ଶ୍ରୀରାମାନନ୍ଦୀ ସମ୍ପ୍ରଦାୟର ନିର୍ବାଣୀ ଆଖଡା ରୂପେ ଏହା ପରିଚିତ। ଏହି ମଠ ପ୍ରାୟ ୬୦୦ ବର୍ଷ ତଳର। ଅତୀତରେ ଯବନମାନଙ୍କ ଶ୍ରୀମନ୍ଦିର ଆକ୍ରମଣ ସମୟରେ ଭାରତ ବର୍ଷର ବିଭିନ୍ନ ଆଖଡାର ନାଗା ସାଧୁ ଶ୍ରୀକ୍ଷେତ୍ରକୁ ଆସି ରଥ, ସ୍ନାନ, ଦୋଳଯାତ୍ରାକୁ ସୁରକ୍ଷା ଦେଉଥିଲେ। ଏମାନେ ସ୍ୱତନ୍ତ୍ର ଭାବେ ଯୁଦ୍ଧ ବିଦ୍ୟାର ପ୍ରଶିକ୍ଷଣ ପାଇଥିଲେ। ଏମାନଙ୍କର ଉଦ୍ଦେଶ୍ୟ ଥିଲା ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ସୁରକ୍ଷା କରିବା।

–ହେମନ୍ତ ନାୟକ

# ୧୨ ଗାଁ: ବାଲ୍ୟ ବିବାହକୁ ନା

ବାଲ୍ୟ ବିବାହ ରୋକିବା ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନର ସଫଳତା ସମଗ୍ର ରାଜ୍ୟ ପାଇଁ ଉଦାହରଣ ସାଜିଛି। ବାଲ୍ୟବିବାହ ପ୍ରତିରୋଧ ପାଇଁ ଜିଲା ପ୍ରଶାସନ 'ସଙ୍କଳ୍ପ' ନାମରେ ଏକ ଜିଲା ବ୍ୟାପି ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ମାଧ୍ୟମରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ନେତୃତ୍ୱରେ ପ୍ରଶାସନ ସମାଜର ସମସ୍ତ ବର୍ଗର ଲୋକଙ୍କୁ ବାଲ୍ୟବିବାହ ରୋକିବା ଦିଗରେ ସଙ୍କଳ୍ପ ନେବା ପାଇଁ ସଚେତନ କରିବା ସହିତ ଏହାର ଶିକାର ହେଉଥିବା କିଶୋର ଓ କିଶୋରୀମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, କୌଶଳ ବିକାଶ ଏବଂ ଭବିଷ୍ୟତ ନିର୍ମାଣ ଦିଗରେ ସାମୂହିକ ଉଦ୍ୟମ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ପ୍ରଶାସନ ଦ୍ୱାରା ଜିଲାର ୪୩ଟି ଗାଁକୁ ବାଲ୍ୟବିବାହ କ୍ଷେତ୍ରରେ ବିପଦସଙ୍କୁଳ ଗ୍ରାମ ବୋଲି ଚିହ୍ନଟ କରାଯାଇଛି। ପ୍ରଶାସନ ଏହି ସମସ୍ତ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଘୋଷଣା ପାଇଁ ଲକ୍ଷ୍ୟ ରଖି ଉଦ୍ୟମ ଜାରି ରଖିଛନ୍ତି। ବାଲ୍ୟବିବାହ ମୁକ୍ତି ଦିଗରେ ଜିଲା ପ୍ରଶାସନ ଆକ୍ସନ ଏଡ୍ ଓ ୟୁନିସେଫ୍ ମିଳିତ ଭାବରେ କିଶୋର ଓ କିଶୋରୀ ମାନଙ୍କର ସଶକ୍ତିକରଣ, ସଚେତନତା ସୃଷ୍ଟି ଓ ବାଲ୍ୟ ବିବାହକୁ ରୋକିବା ପାଇଁ ଜିଲା ଟାସ୍କ ଫୋର୍ସ, ବ୍ଲକସ୍ତରୀୟ ଟାସ୍କ ଫୋର୍ସ ଏବଂ ପଞ୍ଚାୟତସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବା ସହିତ ଜିଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି।

ଚିହ୍ନଟ ହୋଇଥିବା ଗାଁଗୁଡିକ ମଧ୍ୟରୁ ସୋନପୁର ବ୍ଲକର ରୁଗୁଡିପାଲି ସର୍ବପ୍ରଥମେ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷିତ ହୋଇଛି। ବାଲ୍ୟ ବିବାହ ରୋକିବାରେ ରୁଗୁଡିପାଲି(ଖ) ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣା ପ୍ରମୁଖ ଭୂମିକା ନିର୍ବାହ କରିଥିଲା ବେଳେ ଏହାକୁ ଗ୍ରାମବାସୀ ମାନି ବାଲ୍ୟ ବିବାହ କରାଇ ଦେଇ ନ ଥିଲେ। ଏହି ଗାଁରେ ୨୦୧୯ରେ ସମସ୍ତ ବାଲ୍ୟ ବିବାହକୁ ରୋକାଯାଇ ପାରିଥିବାରୁ ଜିଲାପାଳ ଜାନୁୟାରୀ ୬ ତାରିଖରେ ରୁଗୁଡୁପାଲି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିଥିଲେ। ଏହି ଜିଲାର ଉଦାହରଣ ଦେଇ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ତାଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୬୯୨୧/୧୨।୬।୨୦ ରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖି ବାଲ୍ୟ ବିବାହ ମୁକ୍ତ ଗାଁ ସୃଷ୍ଟି କରିଥିବା ସମ୍ପର୍କରେ ସଫଳ କାହାଣୀ ବୟାନ କରିବାକୁ ଜଣାଇଥିଲେ। ରୁଗୁଡିପାଲି ଗ୍ରାମର ୬୫ ବର୍ଷୀୟା ଜ୍ଞାନ ରଣାଙ୍କ ନାତୁଣୀର ୧୫ ବର୍ଷ ବୟସରେ ବିବାହ ଠିକ୍ ହୋଇଥିବାରୁ ଦୃଢ ବିରୋଧ କରିଥିଲେ। ଏହା ଚର୍ଚ୍ଚାର ବିଷୟ ହୋଇଥିଲା। ଏଥିରୁ ପ୍ରେରଣା ପାଇ ଜିଲାର ୧୨ଟି ଗାଁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି। ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଅବସରରେ ୭ଟି ଗାଁକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରା ଯାଇଥିଲା। ଏହି ଗ୍ରାମ ଗୁଡିକ ହେଲା ସୋନପୁର ବ୍ଲକର ଜନମୁରା, ଉଲୁଣ୍ଡା ବ୍ଲକର ସାଲିପାଲି, ବିନିକା ବ୍ଲକର ଜାମପାଲି, ବୀରମହାରାଜପୁର ବ୍ଲକର ଖେରମାଲ, ଡୁଙ୍ଗୁରିପାଲି ବ୍ଲକର ଗଜବନ୍ଧ ଏବଂ ତରଭା ବ୍ଲକର ଭୁରାଡ ଓ ସୁର୍ଜିମୁଣ୍ଡା। ୧୪ ନଭେମ୍ବର ଶିଶୁ ଦିବସରେ ପୁଣି ୪ଟି ଗାଁ ସୋନପୁର ବ୍ଲକର କବାଟତଲେଇ, ବିନିକା ବ୍ଲକର ଫବ୍‌ସି, ଡୁଙ୍ଗୁରିପାଲି ବ୍ଲକର ସାଲେପାଲି ଏବଂ ତରଭା ବ୍ଲକର ରଙ୍ଗପୁରକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଛି।

ଜାତୀୟ ପରିବାର ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ଓଡିଶାର ୭.୫ ଭାଗ ମହିଳା ୧୫ରୁ ୧୯ ବର୍ଷ ବୟସରେ ମା ହେଉଛନ୍ତି। ସୁବର୍ଣ୍ଣପୁର ଜିଲାରେ ଏହା ୩.୨%। ସେହିପରି ଆମ ରାଜ୍ୟରେ ୨୧.୩ ପ୍ରତିଶତ ମହିଳା ୧୮ ବର୍ଷ ପୂର୍ବରୁ ବାହା ହେଉଛନ୍ତି। ସୁବର୍ଣ୍ଣପୁର ଜିଲାରେ ୨୨.୨ଭାଗ ମହିଳା ବାଲ୍ୟ ବିବାହ କରୁଛନ୍ତି। ଅଧାରୁ ପାଠ ଛାଡିବା, ମାତୃ ମୃତ୍ୟୁ ହାର ବୃଦ୍ଧି, ରକ୍ତହୀନତା, ଅପପୁଷ୍ଟି ଓ ଘରୋଇ ହିଂସା ଭଳି ସମସ୍ୟା ସହିତ ବାଲ୍ୟବିବାହର ସମ୍ପର୍କ ରହିଛି। ସମାଜରେ ପ୍ରଚଳିତ ନିୟମ ଓ ଝିଅଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ଏମାନଙ୍କ ପ୍ରଗତିରେ ବାଧକ ସାଜୁଛି। ଏହି କାରଣରୁ ଅନେକ କିଶୋରୀ ବିଦ୍ୟାଳୟ ଯିବା ମଧ ବନ୍ଦ କରିଦିଅନ୍ତି। ତେଣୁ ସଚେତନତା ସୃଷ୍ଟି ପାଇଁ ଜିଲା ପ୍ରଶାସନ ଲଗାତର ଉଦ୍ୟମ କରିଆସୁଛି। ୨୦୧୮ରେ ବାଲ୍ୟବିବାହକୁ ରୋକିବା ପାଇଁ ସଚେତନତା ସୃଷ୍ଟି ସକାଶେ ଜିଲାସ୍ତରରେ ମାନବ ଶୃଙ୍ଖଳର ଆୟୋଜନ କରା ଯାଇଥିଲା। ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ଆକ୍ସନ ଏଡ୍‌ର ଘାସିରାମ ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲା ପରାମର୍ଶଦାତା ରାକେଶ ପ୍ରଧାନ, ସମସ୍ତ ବାଲ୍ୟବିବାହ ପ୍ରତିରୋଧ ଅଧିକାରୀ ତଥା ସିଡିପିଓ ବୃନ୍ଦ, ବାଲ୍ୟ ବିବାହ ପ୍ରତିରୋଧ କମିଟି ସଭ୍ୟ, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି।

– ମୃତ୍ୟୁଞ୍ଜୟ ଶତପଥୀ




ସୋନପୁର ବ୍ଲକର କବାଟତଲେଇକୁ ବାଲ୍ୟ ବିବାହ ମୁକ୍ତ ବୋଲି ଶପଥ ପାଠ କରାଯାଉଛି।

# କଳଦ୍ୱୀପ ଓ ମା' ବରୁଣେଇ

ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ପ୍ରକୃତିପ୍ରେମୀଙ୍କୁ ଆହ୍ଲାଦିତ କରିଥାଏ। ବନ୍ୟ ପଶୁପକ୍ଷୀ, ଲୁଣା କୁମ୍ଭୀରଠାରୁ ଆରମ୍ଭ କରି ଗହୀରମଥାର ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଆଗମନ ପର୍ଯ୍ୟଟକଙ୍କୁ ଆନମନା କରେ। ଭିତରକନିକାର ଏହି ବିଭବ ମଧ୍ୟରେ ଗଡଚଣ୍ଡୀ ଭାବେ ମାଆ ବରୁଣେଶ୍ୱରୀ।

କେନ୍ଦ୍ରାପଡ଼ା ଜିଲା ରାଜନଗର ଓ ମହାକାଳପଡ଼ା ବ୍ଲକର ମିଳନସ୍ଥଳ ବରୁଣେଇ ବେଳାଭୂମି ଘଞ୍ଚ ଜଙ୍ଗଲରେ ମାଆ ପୂଜା ପାଉଛନ୍ତି। ଉତ୍ତର ଦିଗରେ ଅଛି ସାତଭାୟା, ଅଲିଭ୍ ରିଡ୍‌ଲେ କଇଁଛଙ୍କ ମିଳନସ୍ଥଳୀ ଗହୀରମଥା ଓ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଲୁଣା କୁମ୍ଭୀର ପ୍ରଜନନ କେନ୍ଦ୍ର ଡାଙ୍ଗମାଳ। ସେହିପରି ଦକ୍ଷିଣ ଦିଗରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ବତୀଘର ଓ ହୁକିଟୋଲା। ବ୍ରାହ୍ମଣୀ ଶାଖା ହଂସୁଆର ଜଳ ପ୍ରବାହିତ ହୋଇ ବରୁଣେଇ ମୁହାଣରେ ବଙ୍ଗୋପସାଗରରେ ମିଶୁଛି। ଏହି ଅଞ୍ଚଳରେ ମାଆ ବରୁଣେଶ୍ୱରୀ ପୂର୍ବରୁ ଚାଳଘରେ ପୂଜା ପାଉଥିବାବେଳେ ଏବେ ସିମେଣ୍ଟ ଚଉତରା ନିର୍ମାଣ ହୋଇଛି।

ବିଭିନ୍ନ ପୁସ୍ତକ ଓ ପତ୍ରିକାରେ ମାଆଙ୍କୁ ଗଡଚଣ୍ଡୀ ଭାବେ ଉଲ୍ଲେଖ କରାଯାଇଛି। ଏପରି କି ନୌଶକ୍ତି ଓ ମା' ବରୁଣେଶ୍ୱରୀଙ୍କ ଆଶୀର୍ବାଦ ବଳରେ କନିକାର ବୀର ଯୋଦ୍ଧାଗଣ ଅଷ୍ଟାଦଶ ଶତାବ୍ଦୀରେ କଟକର ନବାବଙ୍କୁ ହରାଇଥିଲେ। ଷୋଡ଼ଶ ଶତାବ୍ଦୀରେ କନିକା ଉପକୂଳସ୍ଥ ବଙ୍ଗୋପସାଗରର ଏକ ଅଂଶକୁ କନିକା ଉପସାଗର, ଧାମରା ନଦୀକୁ କନିକା ନଦୀ ଓ ଉପସାଗର ଉତ୍ତରଅଂଶ ବାଲିଚରକୁ କନିକା ଦ୍ୱୀପ କୁହାଯାଉଥିଲା। ଉତ୍କଳ ସାହିତ୍ୟରେ ରାଧାଚରଣ ପଣ୍ଡା ଉଲ୍ଲେଖ କରିଛନ୍ତି ଯେ, ଭଞ୍ଜ ରାଜବଂଶ ଦ୍ୱାଦଶ ଶତାବ୍ଦୀରେ କନିକା ଜୟ କରିବା ପୂର୍ବରୁ ଏହି ଅଞ୍ଚଳ ଚାରିଗୋଟି ସ୍ୱତନ୍ତ୍ର ଇଲାକା ଥିଲା। ଏଥିମଧ୍ୟରୁ ଚତୁର୍ଥଟି ସମୁଦ୍ରତଟରେ ଥିବାରୁ କଳଦ୍ୱୀପ ଭାବେ ଜଣାଶୁଣା ଥିଲା।

ଏହି ତଥ୍ୟକୁ ବିଭିନ୍ନ ପୁସ୍ତକରେ ଜଗବନ୍ଧୁ ସିଂହ ସମର୍ଥନ ଜଣାଇଥିବା ବେଳେ ଭଞ୍ଜ କନିକା ପୁସ୍ତକରେ ଦାମୋଦର ସରସ୍ୱତୀ ଉଲ୍ଲେଖ କରିଛନ୍ତି। ଏହା ସତ୍ତ୍ୱେ ମାଆ ବରୁଣେଶ୍ୱରୀ ଐତିହାସିକ ଓ ସାଧାରଣ ଲୋକଙ୍କଠାରୁ ଦୂରରେ ଅଛନ୍ତି। ଅପରପକ୍ଷେ ବରୁଣେଇ ଅଞ୍ଚଳ ଭିତରକନିକାରେ ଥିବାରୁ ୧୯୯୮ରେ ଜାତୀୟ ଉଦ୍ୟାନ ମାନ୍ୟତା ପାଇଥିବା ବେଳେ ୨୦୦୨ରେ ରାମସାର ସାଇଟ୍ ବା ଅନ୍ତର୍ଜାତୀୟ ମାନ୍ୟତା ମିଳିଛି। ୧୮୭୦ରେ ଏହି ଅଞ୍ଚଳ ୨୦୦ ବର୍ଗକିଲୋମିଟର ପରିବ୍ୟାପ୍ତ ଥିବାବେଳେ ତଟକ୍ଷୟ ଯୋଗୁ ଏବେ ପ୍ରାୟ ୫୦ ବର୍ଗକିଲୋମିଟର ରହିଛି। ଏହି ସ୍ଥାନକୁ ଏକନାଳିଆ ଓ ସମୁଦ୍ରପଥ ଦେଇ ଏକମାତ୍ର ରାସ୍ତା ଅଛି। ଫେରିଘାଟ, ସୂଚନା କେନ୍ଦ୍ର, ବିଶ୍ରାମାଗାର, ପର୍ଯ୍ୟଟକଙ୍କ ପାଇଁ ବ୍ୟାଟେରି ଚାଳିତ ଡଙ୍ଗା ଆଦି ବ୍ୟବସ୍ଥା ହେଲେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ।



–ଜଗନ୍ନାଥ ଧଳ

# କଳାଘୋଡ଼ାର ଗାଁ

ଓଡ଼ିଶାର ବାଲେଶ୍ୱର ଜିଲାକୁ କଳା ଓ କଳାକାରମାନଙ୍କର ଏକ ଉତ୍କୃଷ୍ଟ ଭୂମି ବୋଲି ଗ୍ରହଣ କରାଯାଏ। ବହୁ ଚର୍ଚ୍ଚିତ କଳାକାର ସେମାନଙ୍କର ପ୍ରତିଭା ପ୍ରଦର୍ଶନ ପାଇଁ ଦେଶବିଦେଶରେ ସମ୍ମାନିତ ହେବା ସହିତ ପ୍ରତିଷ୍ଠିତ ହୋଇଛନ୍ତି। ସେମାନଙ୍କ ପାଇଁ ଏହି ଜନ୍ମଭୂମି ଗର୍ବିତ। ସେହିପରି ଏକ ଗାଁ ବାଲେଶ୍ୱର ଜିଲା ରେମୁଣା ବ୍ଲକର 'ଗୁଡୁଦା'। ସଦର ମହକୁମାରୁ ମାତ୍ର ୧୨ କି.ମି. ଦୂର ଦୁର୍ଗାଦେବୀ ରାସ୍ତାରେ ପଡ଼େ ଗାଁଟି । 'ବାଲେଶ୍ୱର ଜିଲା ପୋଷ୍ୟ କଳାଗ୍ରାମ' ଭାବେ ଗତ ୨୦୧୯ରେ ମାନ୍ୟତା ପାଇଛି। ଏହି ଗାଁ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ କୁମ୍ଭାର ଘର ଭଳିକି ଭଳି ବିଭିନ୍ନ ଆକାରର କଳାଘୋଡ଼ା ପ୍ରସ୍ତୁତ କରି ରାଜ୍ୟର ବିଭିନ୍ନ ଜିଲା ତଥା ଅନ୍ୟ ରାଜ୍ୟକୁ ଯୋଗାଉଛନ୍ତି।

କୌଳିକ ବୃତ୍ତିରେ ପୂର୍ବପୁରୁଷରୁ ଏହି ଗ୍ରାମର ଲୋକେ କୁମ୍ଭାର କାର୍ଯ୍ୟ କରି ପରିବାର ପୋଷଣ କରି ଆସୁଛନ୍ତି। ମୁଖ୍ୟତଃ ଏମାନେ ଭଳିକି ଭଳି, ବିଭିନ୍ନ ଆକାରର କଳା ଘୋଡ଼ା ଅତି ସୁନ୍ଦର ଭାବରେ ତିଆରି କରିଥାନ୍ତି। କଳାଘୋଡ଼ା ଗୋଟିଏକୁ ୨ଶହରୁ କରାଯାଇଥାଏ। ଗୋଟିଏ ଘୋଡ଼ା ପ୍ରସ୍ତୁତ କରିବା ପାଇଁ ୬ଟି ଅଂଶ କରିବାକୁ ପଡ଼ିଥାଏ। ପରେ ଏହି ଅଂଶଗୁଡ଼ିକୁ ଯୋଡ଼ା ଯାଏ। ଅଳ୍ପ ଶୁଖିବା ପରେ ମହିଳା କାରିଗରଙ୍କ ଦ୍ୱାରା କୁଟି କାମ କରାଯାଇ ଖରାରେ ଶୁଖାଯାଏ। ୧୫ଦିନ ପରେ ପୋଡ଼ାଯିବା ପାଇଁ ଭାଟିରେ ଦିଆଯାଏ ଓ ୬ଦିନ ପରେ ଭାଟିରୁ ବାହାର କରାଯାଏ। ଘୋଡ଼ାଗୁଡ଼ିକର ଉଚ୍ଚତା ୧ଫୁଟ୍‌ରୁ ୪ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ। ୧ଫୁଟ୍ ବିଶିଷ୍ଟ ଘୋଡ଼ାକୁ ୨୦୦ରୁ ୨୫୦ ଟଙ୍କା ମଧ୍ୟରେ ବିକ୍ରି କରାଯାଉଥିବା ବେଳେ ୪ଫୁଟିଆ ଘୋଡ଼ାକୁ ୮୦୦ରୁ ୧ହଜାର ଟଙ୍କା ମଧ୍ୟରେ ବିକ୍ରି କରାଯାଇଥାଏ। ବିଭିନ୍ନ ଅଞ୍ଚଳର ଲୋକେ ବରାଦ ଦେଇ ଏହି ଘୋଡ଼ା ସବୁ ନେଇଥାନ୍ତି।

ମହିଳା କାରିଗର ଉମାମଣି ବେହେରା କୁହନ୍ତି, ବୟସ ୬୧। ୧୭ବର୍ଷ ବୟସରେ ସ୍ୱାମୀ କୃପାସିନ୍ଧୁଙ୍କ ହାତ ଧରି ଗୁଡୁଦା ଗ୍ରାମକୁ ଆସିଥିଲି। ଟେରାକୋଟା କଳାର ତାଲିମ ନେଇ ୩୫ବର୍ଷ ଧରି କଳା ଘୋଡ଼ା ତିଆରି କରିଆସୁଛି। ଭକ୍ତମାନେ ନିଜର ମନସ୍କାମନାପୂର୍ଣ୍ଣ ଉଦ୍ଦେଶ୍ୟରେ ବିଭିନ୍ନ ଦେବୀପୀଠରେ



୧ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିଥାନ୍ତି। ପ୍ରତ୍ୟେକଙ୍କ ଘର ସାମ୍ନାରେ ଛୋଟବଡ଼ ଆକାରର ସୁନ୍ଦର ସୁନ୍ଦର କଳାଘୋଡ଼ା ସବୁ ଛିଡ଼ା ହୋଇଥିବା ଦୃଶ୍ୟମାନ ହୁଏ। ଏଭଳି ଓ ଏତେ ସଂଖ୍ୟାରେ କଳାଘୋଡ଼ା କେବେ ଗୋଟିଏ ଗ୍ରାମ ବା ରାଜ୍ୟରେ କ୍ୱଚିତ ଦେଖିବାକୁ ମିଳେ। 'ଗୁଡୁଦା' ହେଉଛି 'କଳାଘୋଡ଼ାର ଦେଶ'। ବିଶିଷ୍ଟ କଳାକାର କେଶୁ ଦାସ କହିଛନ୍ତି, ଏହି ପଞ୍ଚାୟତରେ ଯାତ୍ରା କଳାକାରଙ୍କଠାରୁ ପାଲାଗାୟକଙ୍କ ପର୍ଯ୍ୟନ୍ତ କଳାକାର ଭର୍ତ୍ତି ହୋଇ ରହିଛନ୍ତି। ୨୦୧୯ ଡିସେମ୍ବରରେ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲା ପ୍ରଶାସନ ମିଳିତ ଭାବେ ଏହି ପୋଷ୍ୟ କଳାଗ୍ରାମକୁ ଉଦ୍‌ଘାଟନ କରିଥିଲେ।

ମାଷ୍ଟର ଟ୍ରେନର କାର୍ତ୍ତିକ ମୁଦୁଲି କୁହନ୍ତି, ମୁଁ ୭୦ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ୫୮ବର୍ଷ ଧରି ପିତୃପୁରୁଷଙ୍କର ଏହି କୌଳିକ ବୃତ୍ତିକୁ କରିଆସୁଛି। ପ୍ରଥମେ ନଦୀ ଏବଂ ବିଲରୁ ମାଟି ଆଣି ଘରେ ରଖାଯାଏ। ପରେ ଉକ୍ତ ମାଟିରେ ଆବଶ୍ୟକ ପରିମାଣର ବାଲି ମିଶାଇ କମାଣି (ମାଟି ଚିରା) କରାଯାଏ। ଚିରା ମାଟି ପ୍ରସ୍ତୁତ ପରେ ମାଟି ଚକ ଘୂରାଣି ସାହାଯ୍ୟରେ କଳାଘୋଡ଼ାର ବିଭିନ୍ନ ଅଂଶ ପ୍ରସ୍ତୁତ କଳାଘୋଡ଼ା ମାନସିକ କରିଥାନ୍ତି। ସେଥିପାଇଁ ବିଭିନ୍ନ ଉଚ୍ଚତାରେ ଆଗରୁ ବଇନା ଦେଇଯାନ୍ତି। ବାଲେଶ୍ୱର ଜିଲା ସମେତ ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଅଞ୍ଚଳର ଲୋକ ଆସି ଏହି ଗ୍ରାମରେ ପହଞ୍ଚନ୍ତି। ସବୁ ଖର୍ଚ୍ଚ ପରେ ମାସିକ ୧୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ମୋ ପରିବାରର ପାରିଶ୍ରମିକ ଉଠିଥାଏ।

ସରପଞ୍ଚ ବସନ୍ତ କୁମାର ପ୍ରଧାନ କୁହନ୍ତି, ଗୁଡୁଦା ପଞ୍ଚାୟତ ଯାତ୍ରା କଳାକାର, ଚଢ଼େୟା ନାଟ, ସଙ୍କୀର୍ତ୍ତନ ମଣ୍ଡଳୀ, ପାଲା ଗାୟକ ବ୍ୟତୀତ ଭିନ୍ନ ଭିନ୍ନ କଳାରେ ପରିପୂର୍ଣ୍ଣ। ଏହାରି ଆଧାରରେ ଜିଲା ପ୍ରଶାସନ 'ଗୁଡୁଦା'କୁ 'ବାଲେଶ୍ୱର ଜିଲା ପୋଷ୍ୟ କଳାଗ୍ରାମ'ର ମାନ୍ୟତା ଦେଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସାମୂହିକ ସଭାଗୃହ ନିର୍ମାଣ କରାଯିବା କଥା ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଠାକାର କଳା ଓ କଳାକାରଙ୍କୁ କେବେ ଗଣମାଧ୍ୟମରେ ଦେଖିବାକୁ ବା ଶୁଣିବାକୁ ମିଳିନାହିଁ। ଏହାକୁ ଜିଲା ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଗଲେ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହୋଇପାରନ୍ତା।

–ମାନସ ବିଶ୍ୱାଳ

# ବିଷ ବଳୟରେ ଭାରତ

ବାୟୁ ପ୍ରଦୂଷଣ ଏବେ ଭାରତ ସମେତ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ୨୦୧୯ର ଏକ ସର୍ଭେ ଅନୁଯାୟୀ ବିଶ୍ୱର ୩୦ ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୨୧ଟି ଭାରତରେ ରହିଛି। ଦେଶର ୧୪ କୋଟି ଲୋକ ଶ୍ୱାସକ୍ରିୟାରେ ଯେଉଁ ବାୟୁ ଗ୍ରହଣ କରୁଛନ୍ତି, ତାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ନିରାପତ୍ତା ସୀମାର ୧୦ ଗୁଣରୁ ଅଧିକ ପ୍ରଦୂଷିତ। ଭାରତରେ ୫୧ ପ୍ରତିଶତ ବାୟୁ ପ୍ରଦୂଷଣ କଳ କାରଖାନାର ଧୂଆଁ ଓ ବିଷାକ୍ତ ବର୍ଜ୍ୟ ଯୋଗୁ ହେଉଥିବାବେଳେ ଗାଡ଼ିମୋଟର ଯୋଗୁ ୨୭%, ନଡ଼ା ପୋଡ଼ିବା ଯୋଗୁ ୧୭% ପ୍ରଦୂଷଣ ହେଉଛି। ପ୍ରଦୂଷିତ ବାୟୁ ଯୋଗୁ ପ୍ରତିବର୍ଷ ଦେଶରେ ୧୭ ଲକ୍ଷ ଲୋକଙ୍କର ଅସମୟରେ ମୃତ୍ୟୁ ଘଟୁଥିବା ଜଣାପଡିଛି।



**ବର୍ଷକୁ ବାୟୁ ପ୍ରଦୂଷଣ ନେଉଛି ୧୭ ଲକ୍ଷ ଜୀବନ**

ବାୟୁରେ ଧୂଆଁ, ଧୂଳିକଣା, ବିଭିନ୍ନ ଗ୍ୟାସ୍ ଓ ରାସାୟନିକ ପଦାର୍ଥ ମିଶିବା ଯୋଗୁ ଏହା ପ୍ରଦୂଷିତ ହୋଇଥାଏ। ଏହି ପ୍ରଦୂଷିତ ବାୟୁ ମାନବ ସମାଜ ସମେତ ସମଗ୍ର ପୃଥିବୀ ପାଇଁ କ୍ଷତିକାରକ। ବାୟୁ ପ୍ରଦୂଷଣ ମୁଖ୍ୟତଃ ଜୀବାଶ୍ମ ଇନ୍ଧନର ଦହନ ଏବଂ ଉତ୍ପାଦନରୁ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ପାଇଁ ମଧ୍ୟ ଏହି ପ୍ରଦୂଷଣ ଦାୟୀ। ବାୟୁ ପ୍ରଦୂଷଣ ଯୋଗୁ ପରିବେଶ କୁହୁଡ଼ିମୟ ଦେଖାଯାଏ ଏବଂ ଅଲଟ୍ରାଭାଓଲେଟ ବିକିରଣ ମଧ୍ୟ ଅଧିକ ହୁଏ।

ସହରାଞ୍ଚଳରେ ମୁଖ୍ୟତଃ କଳକାରଖାନା ଏବଂ ଗାଡ଼ିମୋଟରରୁ ନିର୍ଗତ ଧୂଆଁ ଓ ବିଷାକ୍ତ ଗ୍ୟାସ୍ ଯୋଗୁ ପ୍ରଦୂଷଣ ହେଉଥିବାବେଳେ ଗ୍ରାମାଞ୍ଚଳରେ ନଡ଼ା ପୋଡ଼ିବା, ଘସି ଓ କାଠିକୁଟା ଜାଳିବା ଯୋଗୁ ହୋଇଥାଏ। ଚାଇନା ଓ ଆମେରିକା ପରେ ଭାରତ ତୃତୀୟ ବୃହତ୍ ସବୁଜ ବାଷ୍ପ ସୃଷ୍ଟି କରୁଥିବା ଦେଶ।

ପେଟ୍ରୋଲ, ଡିଜେଲରେ ଅପମିଶ୍ରଣ ଯୋଗୁ ପ୍ରଦୂଷଣ ଅଧିକ ହୋଇଥାଏ। ଏହାବ୍ୟତୀତ ଭାରତର ବିଭିନ୍ନ ସହରରେ ଟ୍ରାଫିକ୍ ଜାମ୍ ଏକ ମୁଖ୍ୟ ସମସ୍ୟା। ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ। ଏହିସବୁ ପ୍ଲାଣ୍ଟରେ ପ୍ରଚୁର ପରିମାଣରେ କୋଇଲା, ତେଲ କିମ୍ବା ପ୍ରାକୃତିକ ଗ୍ୟାସ୍ ଜଳାଯାଇ ବିଦ୍ୟୁତ୍ ଉତ୍ପାଦନ କରାଯାଇଥାଏ। ଫଳରେ ବାୟୁରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଏ।

ବାୟୁ ପ୍ରଦୂଷଣ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଭାରତର ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ହେଲା ଆଜ୍‌ମା। ପ୍ରଦୂଷଣ ଯୋଗୁ ଅଧିକାଂଶ ଲୋକଙ୍କ ଠାରେ ଆଜ୍‌ମା ସମସ୍ୟା ଦେଖାଦେଉଛି। ପ୍ରଦୂଷିତ ବାୟୁରେ ଅଧିକ ଦିନ ରହିଲେ ଆଜ୍‌ମା, ବ୍ରୋଙ୍କାଇଟିସ୍, ସିଓପିଡି, ଫୁସ୍‌ଫୁସ୍ କ୍ୟାନ୍‌ସର, ହୃଦ୍‌ଘାତ ଭଳି ରୋଗ ସୃଷ୍ଟି ହୋଇଥାଏ। ୨୦୨୦ରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ ଭାରତରେ ବାହ୍ୟ ବାୟୁ ପ୍ରଦୂଷଣ ପଞ୍ଚମ ସର୍ବାଧିକ ଘାତକ। ଏଥିପାଇଁ ବର୍ଷକୁ ୬ ଲକ୍ଷ ୨୦ ହଜାରରୁ ଅଧିକ ଲୋକଙ୍କର ଅକାଳ ବିୟୋଗ ହେଉଛି। ଭାରତରେ ସର୍ବାଧିକ ସିଓପିଡି ରୋଗୀ ରହିଥିବାବେଳେ ଏହି ରୋଗଜନିତ ମୃତ୍ୟୁ ମଧ୍ୟ ଦେଶରେ ସର୍ବାଧିକ।

> ହେଲ୍‌ଥ ଇଫେକ୍ଟସ୍ ଇନ୍‌ଷ୍ଟିଚ୍ୟୁଟର ତଥ୍ୟ ଅନୁଯାୟୀ ଭାରତରେ ପ୍ରତିବର୍ଷ ୧୭ ଲକ୍ଷରୁ ଅଧିକ ଲୋକଙ୍କର ଅକାଳ ମୃତ୍ୟୁ ବାୟୁ ପ୍ରଦୂଷଣ ଯୋଗୁ ହେଉଛି। ୨୦ ଲକ୍ଷରୁ ଅଧିକ ଶିଶୁଙ୍କର ଫୁସ୍‌ଫୁସ୍ କାର୍ଯ୍ୟ କରିବାରେ ଅସ୍ୱାଭାବିକତା ଦେଖାଯାଉଛି। ୨୦୧୭ରେ ଗ୍ଲୋବାଲ ବର୍ଡେନ ଅଫ୍ ଡିଜିଜ୍ ଷ୍ଟଡି ପକ୍ଷରୁ କରାଯାଇଥିବା ଅନୁଧ୍ୟାନ ଅନୁଯାୟୀ ୭୬.୮ ପ୍ରତିଶତ ଭାରତୀୟ ବିପଜ୍ଜନକ କଣିକା ଥିବା ବାୟୁକୁ ଶ୍ୱାସକ୍ରିୟାରେ ନେଉଛନ୍ତି, ଯେଉଁଥିରେ ବିଷାକ୍ତ କଣିକା ପରିମାଣ ଘନମିଟର ପ୍ରତି ୪୦ ମାଇକ୍ରୋଗ୍ରାମରୁ ଅଧିକ ରହିଛି। ଏହାକୁ ସର୍ବନିମ୍ନ ଜାତୀୟ ସୁପାରିସ ସ୍ତରକୁ କମାଇପାରିଲେ ଭାରତୀୟଙ୍କ ହାରାହାରି ଆୟୁଷ ୧.୭ ବର୍ଷ ବୃଦ୍ଧି ପାଇପାରନ୍ତା।

କୌଣସି ଅଞ୍ଚଳରେ ନିର୍ଦ୍ଦିଷ୍ଟ ଦିନର ବାୟୁର ମାନକୁ ମାପି ସାଂଖ୍ୟିକ ଆକାରରେ ପ୍ରକାଶ କରିବାକୁ ବାୟୁ ଗୁଣବତ୍ତା ସୂଚକାଙ୍କ ବା ଏକ୍ୟୁଆଇ କୁହାଯାଇଥାଏ। ବାୟୁ ମାନ ଜାଣିବା ପାଇଁ ସେଥିରେ ଥିବା ୮ଟି ପ୍ରଦୂଷକ ଯଥା ପିଏମ୍‌୧୦, ପିଏମ୍‌୨.୫, ନାଇଟ୍ରୋଜେନ୍ ଡାଇଅକ୍ସାଇଡ, ସଲ୍‌ଫର ଡାଇଅକ୍ସାଇଡ୍, କାର୍ବନ ମନୋଅକ୍ସାଇଡ୍, ଓଜୋନ, ଆମୋନିଆ ଏବଂ ସିସାକୁ ମପାଯାଇଥାଏ। ଏକ୍ୟୁଆଇ ବଢ଼ିଲେ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ିଥାଏ। ଭାରତ ସରକାରଙ୍କ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଦେଶର ପ୍ରମୁଖ ସହରଗୁଡ଼ିକର ବାୟୁ ଏକ୍ୟୁଆଇ ସମ୍ପର୍କରେ ସୂଚନା ଦେଇଥାଏ। ଏହି ସୂଚନା ଅନୁଯାୟୀ ଦିଲ୍ଲୀ, ଅହମଦାବାଦ, ପାଟନା, ଗୁରୁଗ୍ରାମ, ଲକ୍ଷ୍ନୌରେ ଏକ୍ୟୁଆଇ ସର୍ବାଧିକ ରହିଛି।

ସମ୍ପ୍ରତି ରାଜଧାନୀ ଦିଲ୍ଲୀ ସବୁଠାରୁ ଅଧିକ ବାୟୁ ପ୍ରଦୂଷଣର ଶିକାର ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସର୍ଭେ ଅନୁଯାୟୀ ଦିଲ୍ଲୀର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ପ୍ରଦୂଷିତ ବାୟୁ ଯୋଗୁ ୫୦% ଶିଶୁ ଆଜ୍‌ମା, ଫୁସ୍‌ଫୁସ୍ ଜନିତ ରୋଗର ଶିକାର ହୋଇଥାନ୍ତି । ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳକୁ ହେଲ୍‌ଥ ଇମର୍ଜେନ୍ସି ଭାବେ ଘୋଷଣା କରାଯାଇଛି। ତେଣୁ ଏବେଠାରୁ ପରିବେଶ ସୁରକ୍ଷା ପ୍ରତି ସଚେତନ ହେବା ଜରୁରୀ।

–ସୁଶାନ୍ତ କୁମାର ଦାସ, ଅରୂପାନନ୍ଦ ଦେଠୀ



# ଚାଟିକଣା ଜଳପ୍ରପାତ

ଆଦିବାସୀ ବହୁଳ ରାୟଗଡ଼ା ଜିଲାର ବିଷମକଟକ ବ୍ଲକ୍ ନିୟମଗିରି ପାଦଦେଶର ଏକ ଛୋଟିଆ ଗାଁ ଚାଟିକଣା। ଏଠାରେ ରହିଛି ପ୍ରସିଦ୍ଧ ଗଦଗଦା ଜଳପ୍ରପାତ। ନିୟମଗିରି ପାହାଡ଼ରୁ ଝରି ଆସୁଥିବା ଜଳପ୍ରପାତର ମନଲୋଭା ଦୃଶ୍ୟ ସାଙ୍ଗକୁ ଏଠାରେ ଥିବା ଶୈବପୀଠ ଲୋକଙ୍କୁ ଆକୃଷ୍ଟ କରେ। ରାୟଗଡ଼ା ସହରଠାରୁ ପ୍ରାୟ ୪୦ କି.ମି. ଦୂରରେ ଅବସ୍ଥିତ ଏହି ସ୍ଥାନରେ ବର୍ଷା ଦିନ ବ୍ୟତୀତ ବର୍ଷ ତମାମ୍ ପର୍ଯ୍ୟଟକଙ୍କ ଭିଡ଼ ଜମେ। ବଶେଷ କରି କାର୍ତ୍ତିକ ମାସ, ଶିବରାତ୍ରି ଏବଂ ଶୀତଦିନେ ପିକ୍‌ନିକ୍ ପାଇଁ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ନିୟମଗିରି ପାହାଡ଼ ଉପରେ ବସବାସ କରୁଥିବା ଆଦିମ ଜନଜାତି 'ଡଙ୍ଗରିଆ'ମାନେ ଏଠାକାର ଅନ୍ୟତମ ଆକର୍ଷଣ।

ଡଙ୍ଗରିଆଙ୍କ ପାରମ୍ପରିକ ଜୀବନଶୈଳୀ, ବେଶ ପୋଷାକ, ଖାଦ୍ୟ, ଚିତ୍ରକଳା ଆଦି ନିଆରା। ଏଠାକାର ଆଦିବାସୀ ହାଟରେ ଡଙ୍ଗରିଆଙ୍କ ହାତବୁଣା କପଡ଼ାଗୁନ୍ଦା ଏବଂ କଳାକୃତିର ସାମଗ୍ରୀ ମିଳିଥାଏ। ଚାଟିକଣା ବୁଲିଯିବାକୁ ହେଲେ ରାୟଗଡ଼ା ସହରରୁ ବସ୍ ଏବଂ ଟାକ୍ସିର ସୁବିଧା ରହିଛି। ଟ୍ରେନ୍‌ରେ ଆସୁଥିବା ପର୍ଯ୍ୟଟକ ନିକଟସ୍ଥ ବିଷମକଟକ ଷ୍ଟେଶନରେ ଓହ୍ଲାଇ ଯାଇପାରିବେ।

କରୋନା କଟକଣା ଯୋଗୁ ଏବେ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି। ଜିଲା ପ୍ରଶାସନର ସହଯୋଗରେ ଏକ ରୁରାଲ୍ ପାର୍କ, କମ୍ୟୁନିଟି ସାନିଟାରି କମ୍ପ୍ଲେକ୍ସ, ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣ, ସୁରକ୍ଷା ବାଡ଼ ତିଆରି ଯୋଜନା ରହିଛି। ବର୍ଷକ ମଧ୍ୟରେ କାର୍ଯ୍ୟ କରାଯିବ ବୋଲି ପଞ୍ଚାୟତ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସମସ୍ତ ଉନ୍ନୟନ କାର୍ଯ୍ୟ ଡିଆର୍‌ଡିଏ ପିଡି ଅମ୍ରିତ୍ ଋତୁରାଜଙ୍କ ନିର୍ଦ୍ଦେଶ ଏବଂ ବିଷମକଟକ ବିଡିଓ ଆଲବର୍ଟ ଲାକ୍‌ଡ଼ାଙ୍କ ତତ୍ତ୍ୱାବଧାନରେ କରାଯାଉଥିବା ସେ କହିଛନ୍ତି।

–ବିଭୂତି ଭୂଷଣ ନାୟକ


# ପାରାଦୀପ ବନ୍ଦର ନ୍ୟାସ
## ପସନ୍ଦିତ ବନ୍ଦର

SAGARMALA

ଏକ ଆଇଏସ୍‌ଓ ୯୦୦୧-୨୦୧୫ ପ୍ରମାଣିତ ଓ ଆଇଏସ୍‌ପିଏସ୍ ମାନ୍ୟ ବନ୍ଦର

- ଭାରତର ପୂର୍ବତଟର ସାମୁଦ୍ରିକ ପ୍ରବେଶପଥରେ ଏହାର ଅବସ୍ଥିତି ।
- ଗୋଟିଏ ସ୍ଥଳରେ ସମସ୍ତ ସେବା ଉପଲବ୍ଧ ।
- ପଣ୍ୟ କାରବାର ନିମିତ୍ତ ଆଧୁନିକ ଯନ୍ତ୍ରପାତିର ସୁବ୍ୟବସ୍ଥା ।
- ଦକ୍ଷ ଏବଂ ସୁଲଭ ସେବା ଉପଲବ୍ଧ ।
- ବର୍ତ୍ତମାନ କେପ୍ ସାଇଜ ଜାହାଜ ଅଭ୍ୟନ୍ତରୀଣ ପୋତାଶ୍ରୟ ମଧ୍ୟରେ ଏବଂ ୩,୫୦,୦୦୦ ଡିଡବ୍ଲୁଟି କ୍ଷମତା ବିଶିଷ୍ଟ ଜାହାଜ ସିଙ୍ଗଲ୍ ପଏଣ୍ଟ୍ ମୁରିଂ (ଏସ୍‌ପିଏମ୍)ଠାରେ କାରବାର କରାଯାଉଅଛି ।
- ପାରାଦୀପ ବନ୍ଦରରେ ସାର ପଣ୍ୟର କାରବାର କରାଯାଉଅଛି ।
- ପାର୍ଶ୍ୱ ବ୍ୟବସାୟିକ କ୍ଷେତ୍ର ସହିତ ରେଳ ଓ ସଡ଼କର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ।
- ଶୁଷ୍କ ପୋତାଶ୍ରୟ (ଡ୍ରାଏ ଡକ୍) ସୁବିଧା ଉପଲବ୍ଧ ।
- କମ୍ପ୍ୟୁଟରଭିତ୍ତିକ କାର୍ଯ୍ୟ ପରିଚାଳନା ସହ ଇଲେକ୍‌ଟ୍ରୋନିକ୍ ଡାଟା ଇଣ୍ଟରଚେଞ୍ଜ (ଇ.ଡି.ଆଇ) ବ୍ୟବସ୍ଥା ଉପଲବ୍ଧ ।
- ଜାହାଜ ଯାତାୟତ ପ୍ରବନ୍ଧନ (ଭି.ଟି.ଏମ୍.ଏସ୍) ବ୍ୟବସ୍ଥା ଉପଲବ୍ଧ ।
- ଆର୍ଥିକବର୍ଷ ୨୦୧୯-୨୦ ରେ ୧୧୨.୬୯ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରାଯାଇଛି ।
- ଆଗାମୀ ୨୦୨୦ରେ ବନ୍ଦରର ପଣ୍ୟ କାରବାର କ୍ଷମତା ୩୨୫ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିବ ।
- ଦେଶର ସମସ୍ତ ବୃହତ ବନ୍ଦରଗୁଡ଼ିକ ମଧ୍ୟରେ ପଣ୍ୟ କାରବାରରେ ପାରାଦୀପ ବନ୍ଦର ନିଜର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି ।
- ସମ୍ଭବତଃ ଦେଶରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦରରେ ଭୂମଧ୍ୟସାଗରୀୟ ମୁରିଂ ପଦ୍ଧତିରେ ପଣ୍ୟ ଖଲାସ ପ୍ରକ୍ରିୟା ଆରମ୍ଭ କରାଯାଇଛି ଓ ଏହି ପଦ୍ଧତିରେ ବିନା ବର୍ଥରେ ଜାହାଜରୁ ଖାଇବା ତେଲ ଖଲାସ କରଯାଉଛି ।








paradipport.gov.in www.paradipport.gov.in paradipport










# ପରିବର୍ତ୍ତନର ନାଁ ବାଇଡେନ୍



ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେଲା । ରାଷ୍ଟ୍ରପତି ଟ୍ରମ୍ପ୍ ହାରିଗଲେ ଓ ପୂର୍ବତନ ଉପରାଷ୍ଟ୍ରପତି ବାଇଡେନ୍ ଜିତିଲେ । ଏମିତି ଦେଖିଲେ ସାଧା କଥା । ନିର୍ବାଚନ ଏକ ସ୍ୱାଭାବିକ ଗଣତାନ୍ତ୍ରିକ ପ୍ରକ୍ରିୟା । ପୂର୍ବରୁ ମଧ୍ୟ ଅନେକ ଶାସକ ପରାଜିତ ହୋଇଛନ୍ତି । କିନ୍ତୁ ସାମଗ୍ରିକ ଭାବେ ବିଚାର କଲେ ଅହଂକାରୀ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପରାଜୟ ଓ ଅନୁଭବୀ ଡେମୋକ୍ରାଟ୍ ଜୋ ବାଇଡେନ୍‌ଙ୍କ ପୁନଃ ଅଭ୍ୟୁଦୟ ଭୂ-ରାଜନୈତିକ ପ୍ରେକ୍ଷାପଟରେ ଅନେକ ପରିବର୍ତ୍ତନର ସଙ୍କେତ ଦିଏ । ୭୪ ବର୍ଷୀୟ ଶକ୍ତିଶାଳୀ ନେତା ଟ୍ରମ୍ପଙ୍କୁ ତାଙ୍କ ପାର୍ଟିର ଗୋଟିଏ ପରେ ଗୋଟିଏ ଦୁର୍ଗରେ ଧରାଶାୟୀ କରିବା ସହଜ କି ସମ୍ଭବ ନ ଥିଲା । ହେଲେ ଏହି ଅସମ୍ଭବକୁ ବାସ୍ତବର ରୂପ ଦେଇଛନ୍ତି ୭୭ ବର୍ଷୀୟ ରାଜନେତା ବାଇଡେନ୍ । ଆମେରିକାର ମଙ୍ଗ ଜୋ ବାଇଡେନ୍‌ଙ୍କ ହାତକୁ ଏମିତି ସମୟରେ ଆସିଛି ଯେତେବେଳେ କରୋନା ମହାମାରୀ ଯୋଗୁ ଏହି ପାଶ୍ଚାତ୍ୟ ଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଅବଶିଷ୍ଟ ପୃଥିବୀ ସବୁ କଥାରେ ଆମେରିକାକୁ ଦେଖୁଥିବାବେଳେ ଘାତକ କୋଭିଡ୍ ମାଡ଼ରେ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ରର ଅଣ୍ଟା ନଇଁ ଯାଇଛି । କୁଢ଼ କୁଢ଼ ଶବ, ଭଣ ଭଣ ସଂକ୍ରମଣ, ମୃତ୍ୟୁର ଆତଙ୍କ ଓ ପରିଜନଙ୍କ ଚିତ୍କାର ସହ ବଢ଼ିଚାଲିଥିବା କବର ସଂଖ୍ୟା କହିଦେଉଛି ଯେ, ସ୍ଥିତି ଆଦୌ ଭଲ ନାହିଁ । କୋଭିଡ୍-୧୯ ଭୂତାଣୁଜନିତ କଟକଣା ଦେଶର ଅର୍ଥନୀତିକୁ ରସାତଳଗାମୀ କରିଛି । ମାନ୍ଦାବସ୍ଥା ଓ ବେକାରି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଥିବାବେଳେ ଭଙ୍ଗାଘର ସଜାଡ଼ିବା ବଡ଼ ଚ୍ୟାଲେଞ୍ଜ ସାଜିଛି । ଗୋଟି ଗୋଟି କରି ଅନେକ ଆନ୍ତର୍ଜାତିକ ଚୁକ୍ତିରୁ ଆମେରିକା ଓହରିଯିବା ଟ୍ରମ୍ପ୍‌ଙ୍କ ଅସହିଷ୍ଣୁ ତଥା ଏକଚ୍ଛତ୍ରବାଦୀ ବିଚାରଧାରାକୁ ପଦାରେ ପକାଇଥିଲା । ଶରଣାର୍ଥୀ ସମସ୍ୟା ଓ ବର୍ଣ୍ଣଭେଦ ଆନ୍ଦୋଳନ ଟ୍ରମ୍ପ୍ ପ୍ରଶାସନକୁ ସବୁଠି ନିନ୍ଦିତ କରିଥିଲା । ଏସବୁ ବିଫଳତାକୁ ଟ୍ରମ୍ପ୍‌ଙ୍କ ପରାଜୟର ପ୍ରମୁଖ କାରଣ କୁହାଯାଉଥିବାବେଳେ ସବୁକିଛିର ସମାଧାନ ସମ୍ଭବ । ଏକତାରୁ ପରିବର୍ତ୍ତନ ସମ୍ଭବ ବୋଲି ନାରା ଦେଇ ନିର୍ବାଚନ ଜିତିଛନ୍ତି ବାଇଡେନ୍ । ହେଲେ ବିଦାୟୀ ରାଷ୍ଟ୍ରପତି ଟ୍ରମ୍ପ୍ ନିଜ ପରାଜୟକୁ ସ୍ୱୀକାର ନ କରିବା ହ୍ୱାଇଟ୍ ହାଉସ୍ ପରମ୍ପରାରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ବର୍ତ୍ତମାନର ଅଭୂତପୂର୍ବ ରାଜନୈତିକ ସ୍ଥିତି ଆମେରିକାକୁ ଦୋଛକିରେ ଛଡ଼ା କରାଇଛି । କାରଣ ଆମେରିକାରେ ଏବେ ବସ୍ତୁତଃ ଦୁଇଜଣ ରାଷ୍ଟ୍ରପତି । ଜଣେ ଚୌକିରେ ବସିବାକୁ ଯାଉଛନ୍ତି ଏବଂ ତାଙ୍କ ପୂର୍ବସୁରୀ ଚୌକି ଛାଡୁନାହାନ୍ତି । ନିର୍ବାଚନ ଜିତିବାର ୬ ଦିନ ପରେ ବାଇଡେନ୍‌ଙ୍କୁ ଅଭିନନ୍ଦନ ଜଣାଇ ଆମେରିକା ପ୍ରତି ଚାଇନା ନିଜ ପୂର୍ବ ଆଭିମୁଖ୍ୟକୁ ଦୋହରାଇଛି କହିଲେ ଚଳେ । ତଥାପି ବେଜିଂ ସହ ଟ୍ରେଡ୍‌ୱାର୍ ପରେ କରୋନା ଭୂତାଣୁକୁ ଚାଇନା ଭାଇରସ୍‌ର ଆଖ୍ୟା ଦେଇଥିବା ବ୍ୟବସାୟୀ ଟ୍ରମ୍ପ୍‌ଙ୍କ ତୁଳନାରେ ବୁଦ୍ଧିଜୀବୀ ବାଇଡେନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବାରେ ସଫଳ ହୋଇପାରନ୍ତି ।

## ଭାରତ ନୁହେଁ, ଆମେରିକାକୁ ନେଇ ଗର୍ବିତ

**ଡେମୋକ୍ରାଟ୍ କମଳା ହାରିସ୍ ଏକକାଳୀନ ୩ ବିରଳ ରେକର୍ଡର ଅଧିକାରିଣୀ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ଆମେରିକାର ପ୍ରଥମ ମହିଳା ଉପରାଷ୍ଟ୍ରପତି। ଦକ୍ଷିଣ ଏସୀୟ ତଥା କୃଷ୍ଣକାୟ ଭାବେ ଏହି ପଦରେ ଆସୀନ ହେବାରେ ମଧ୍ୟ କମଳା ପ୍ରଥମ । ତେବେ ଭାରତୀୟ ବଂଶୋଦ୍ଭବ ଭାବେ କମଳା କୌଣସି ଅବସରରେ ନିଜର ପରିଚୟ ଦେଇ ନ ଥାଆନ୍ତି, ବରଂ ଆମେରିକୀୟ ରୂପେ ସେ ଗର୍ବିତ । କମଳାଙ୍କ ବିଜୟକୁ ନେଇ ତାମିଲନାଡୁସ୍ଥିତ ତାଙ୍କ ମା'ଙ୍କ ଗାଁ ଥୁଲାସେନ୍ଦ୍ରପୁରମ୍ ସମେତ ସାରା ଭାରତ ଉଲ୍ଲସିତ ହୋଇ ଉତ୍ସବ ମନାଉଥିବାବେଳେ କମଳାଙ୍କ ଏଭଳି ଆଭିମୁଖ୍ୟ ଭାରତୀୟଙ୍କୁ ନିରାଶ କରିଛି।**

ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ନଭେମ୍ବର ୮ ରାତିରେ ଡେଲାୱେରସ୍ଥିତ ୱିଲ୍‌ମିଂଟନର ଚେସ୍ ସେଣ୍ଟରରେ କମଳା ହାରିସ୍ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରିଥିଲେ । ସେ କହିଥିଲେ, ଆମେରିକାରେ ମହିଳାଙ୍କୁ ଭୋଟ ପାଇବା ପାଇଁ ୧୦୦ ବର୍ଷ ଧରି ସଂଗ୍ରାମ କରିବାକୁ ପଡ଼ିଛି । ସେମାନଙ୍କ ମଧ୍ୟରେ ଥିବା କୃଷ୍ଣକାୟ ମହିଳାଙ୍କୁ ଅଣଦେଖା କରାଯାଇଛି । କିନ୍ତୁ ସେମାନେ ଆମ ଗଣତନ୍ତ୍ରର ମେରୁଦଣ୍ଡ ବୋଲି ଅନେକ ସମୟରେ ପ୍ରମାଣିତ କରିଛନ୍ତି । କୃଷ୍ଣକାୟ ରାଷ୍ଟ୍ରପତି ଭାବେ ମୁଁ ପ୍ରଥମ ହୋଇପାରେ । କିନ୍ତୁ ଶେଷ ମହିଳା ନୁହେଁ । ଏହି ଅବସରରେ କମଳା ହାରିସ୍ ତାଙ୍କ ମା' ଶ୍ୟାମଳା ଗୋପାଳନ୍ ହାରିସ୍‌ଙ୍କୁ ମନେପକାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଶ୍ୟାମଳାଙ୍କୁ ୧୯ ବର୍ଷ ହେଉଥିବାବେଳେ ସେ ଡାକ୍ତରୀ ପଢ଼ିବା ପାଇଁ ଆମେରିକା ଯାଇଥିଲେ । ୨୦୦୯ରେ ଆର ପାରିକୁ ଚାଲିଯାଇଥିବା ମା'ଙ୍କୁ କମଳା ତାଙ୍କ ସଫଳତାର ଶ୍ରେୟ ଦେଇ ସେ ସବୁବେଳେ ଆମ ହୃଦୟରେ ରହିବେ ବୋଲି କହିଥିଲେ ।

କମଳା ହାରିସ୍



- ୧୯୬୪ ଅକ୍ଟୋବର ୨୦ରେ କାଲିଫର୍ନିଆର ଅକ୍‌ଲାଣ୍ଡରେ ଜନ୍ମିତ କମଳା ହେଲେ କର୍କଟ ଗବେଷକ ଶ୍ୟାମଳା ଗୋପାଳନ୍ (ଭାରତୀୟ) ଓ ଜାମାଇକା ଅର୍ଥନୀତିଜ୍ଞ ଡୋନାଲ୍ଡ ହାରିସ୍‌ଙ୍କ ବଡ଼ଝିଅ ।
- କମଳାଙ୍କୁ ମାତ୍ର ୭ ବର୍ଷ ହେଉଥିବାବେଳେ ମା'ବାପାଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିଲା ।
- ୧୯୯୦ରେ କମଳା ଆଇନ ଶିକ୍ଷା ଶେଷ କରି ଆଲାମେଡା କାଉଣ୍ଟି ପ୍ରୋସିକ୍ୟୁଟର ଅଫିସ୍‌ରେ ଆସିଷ୍ଟାଣ୍ଟ ଡିଷ୍ଟ୍ରିକ୍ଟ ଆଟର୍ନି ଭାବେ କ୍ୟାରିୟର ଆରମ୍ଭ କରିଥିଲେ ।
- ୨୦୦୪ରେ ସେ ଡେମୋକ୍ରାଟିକ୍ ପାର୍ଟିରୁ କାଲିଫର୍ନିଆରୁ ସିନେଟ୍‌କୁ ନିର୍ବାଚିତ ହୋଇଥିଲେ ।
- ୨୦୧୪ରେ କମଳା ହାରିସ୍ କର୍ପୋରେଟ୍ ଲୟର ଡୋଉଗ୍ ଏମ୍‌ହୋଫ୍‌ଙ୍କୁ ବିବାହ କରିଥିଲେ ।

## ଆଗକୁ ବଡ଼ ଚ୍ୟାଲେଞ୍ଜ

**ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇ ଜୋ ବାଇଡେନ୍ ଦେଶର ୪୬ତମ ରାଷ୍ଟ୍ରପତି ହେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପରବର୍ତ୍ତୀ ୪ ବର୍ଷରେ ବାଇଡେନ୍‌ଙ୍କ ଆଗରେ ଅନେକ ଚ୍ୟାଲେଞ୍ଜ ରହିଛି। ସେଥିମଧ୍ୟରୁ ସବୁଠୁ ବଡ଼ ଆହ୍ୱାନ ହେଉଛି କଂଗ୍ରେସରେ ରିପବ୍ଲିକାନ୍ ନେତାମାନଙ୍କୁ ମନାଇବା। ରାଷ୍ଟ୍ରପତି ପଦ ସମ୍ଭାଳିବା ପରେ ବାଇଡେନ୍‌ଙ୍କ ଆଗରେ ବୈଦେଶିକ ନୀତି, କରୋନା ମହାମାରୀ ବ୍ୟତୀତ ଆମେରିକାର ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇ ଆଣିବା ଭଳି ପ୍ରସଙ୍ଗ ରହିବ। ଅର୍ଥନୀତିକୁ ନେଇ ବାଇଡେନ୍‌ଙ୍କ ପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ...**

- କିଛି ମାସ ଧରି ଆମେରିକାର ଅର୍ଥନୀତିଜ୍ଞ କରୋନା ସହାୟତା ପ୍ୟାକେଜ୍ ବଢ଼ାଇବା ପାଇଁ ସରକାରଙ୍କ ନିକଟରେ ଦାବି କରୁଛନ୍ତି । ରିପବ୍ଲିକାନ୍ ପାର୍ଟି ନେତାଙ୍କ ମୁତାବକ ଖର୍ଚ୍ଚକୁ ନେଇ ସହମତି ହୋଇପାରି ନ ଥିବାରୁ ଗତିରୋଧ ଜାରି ରହିଛି । କୌଣସି କାରଣରୁ ଏହି ପ୍ୟାକେଜ୍ ଡେମୋକ୍ରାଟିକ୍ ନେତାଙ୍କ ଆଶାନୁରୂପ ନ ହେଲେ ଓ ଅର୍ଥବ୍ୟବସ୍ଥାରେ ରିକଭରି ସଙ୍କେତ ମଧ୍ୟ ଦୁର୍ବଳ ହେଲେ ବାଇଡେନ୍ କ'ଣ କରିବେ ? ସେ କେତେ ବଡ଼ ଆର୍ଥିକ ପ୍ୟାକେଜ୍ ଦାବି କରିବେ ?
- ବିଗତ ୫ ଦଶନ୍ଧି ମଧ୍ୟରେ ଆମେରିକାରେ ଆୟ ଅସମାନତା ସବୁଠୁ ଉଚ୍ଚସ୍ତରରେ ରହିଛି । ଉଦାରବାଦୀଙ୍କ କହିବା ହେଲା ସରକାରଙ୍କୁ ଧନୀଙ୍କ ଉପରେ ଲାଗୁଥିବା ଟ୍ୟାକ୍ସ ବଢ଼ାଇବା ଉପରେ ବିଚାର କରିବାକୁ ପଡ଼ିବ । ପ୍ରତିଶ୍ରୁତି ମୁତାବକ ବାଇଡେନ୍ ବଡ଼ କମ୍ପାନୀଗୁଡ଼ିକ ଉପରେ ଲାଗୁଥିବା ଟ୍ୟାକ୍ସକୁ ୨୧%ରୁ ୨୮%କୁ ବୃଦ୍ଧି କରିପାରନ୍ତି । ଏପରି କଲେ ଆଗାମୀ ଦଶନ୍ଧିରେ ସରକାରଙ୍କୁ ୩୦ ଟ୍ରିଲିୟନ ଡଲାର ମିଳିପାରେ । କରୋନା ମହାମାରୀ ଯୋଗୁ ଆଗକୁ ଆମେରିକାର ଜାତୀୟ ଋଣ ବଢ଼ିଲେ ଏହି ଅର୍ଥ ସରକାରଙ୍କ କାମରେ ଆସିପାରେ । କିନ୍ତୁ ଟିକସ ବୃଦ୍ଧି ଯୋଜନାକୁ ରିପବ୍ଲିକାନ୍ ବିରୋଧ କରିବେ ।
- ଜଳବାୟୁ ପରିବର୍ତ୍ତନ ସହ ଲଢ଼ିବା ପାଇଁ ବାଇଡେନ୍‌ଙ୍କ ଯୋଜନାକୁ ନେଇ ବିରୋଧ ହେବା ପରେ ସେ ଏକ ନୂଆ ପ୍ରସ୍ତାବ ଆଣିଥିଲେ, ଯେଉଁଥିରେ ସମାଲୋଚକଙ୍କ କଥାକୁ ମଧ୍ୟ ଗୁରୁତ୍ୱ ଦେଇଥିଲେ । ଶକ୍ତି କ୍ଷେତ୍ରରେ ଗବେଷଣା ପାଇଁ ୪ ଟ୍ରିଲିୟନ ଡଲାରର ନିବେଶ କଥା ଏଥିରେ କୁହାଯାଇଥିଲା । ଏହାକୁ ରିପବ୍ଲିକାନ୍ ନେତାମାନେ ଆମେରିକୀୟ ଅର୍ଥନୀତିକୁ 'ସମାଧି ପର୍ଯ୍ୟନ୍ତ ପହଞ୍ଚାଇବା' ପ୍ରସ୍ତୁତି ବୋଲି କହିଥିଲେ ।
- ବାଇଡେନ୍ ବାଣିଜ୍ୟ କ୍ଷେତ୍ରରେ ବିଗତ ୪ ବର୍ଷରେ ଟ୍ରମ୍ପ୍ ପ୍ରଶାସନ ନେଇଥିବା ପଦକ୍ଷେପକୁ ବଦଳାଇପାରନ୍ତି । ସେ ବିଶ୍ୱ ମଞ୍ଚରେ ଆମେରିକାର ଭୂମିକାକୁ ପୁଣି ମଜଭୁତ କରିବାରେ ଲାଗିପାରନ୍ତି । କିନ୍ତୁ ଏଥିରେ ସେ ଟ୍ରମ୍ପଙ୍କଠାରୁ କେତେ ଅଲଗା ହେବେ ?

## ଟ୍ରମ୍ପ୍‌ଙ୍କ ପରାଜୟର କାରଣ



୨୦୨୦ ଆମେରିକା ନିର୍ବାଚନ ବହୁ ଲୋକଙ୍କ ଭୁଲ ଧାରଣାକୁ ସବୁଦିନ ପାଇଁ ଦୂର କରିଛି, ଯେଉଁମାନେ ମନେକରୁଥିଲେ ଯେ, ୨୦୧୬ର ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିଜୟ ଏକ ଐତିହାସିକ ଦୁର୍ଘଟଣା ଥିଲା । ଟ୍ରମ୍ପ୍‌ଙ୍କୁ ଏଥର ୭୦ ନିୟୁତ ଅର୍ଥାତ୍ ୭ କୋଟିରୁ ଅଧିକ ଭୋଟ ମିଳିଛି, ଯାହାକି ଆମେରିକା ଇତିହାସରେ ଦ୍ୱିତୀୟ ସର୍ବାଧିକ ଭୋଟିଂ ନମ୍ବର । ଜାତୀୟ ସ୍ତରରେ ତାଙ୍କୁ ୪୭%ରୁ ଅଧିକ ଭୋଟ ମିଳିଛି ଓ ଫ୍ଲୋରିଡା-ଟେକ୍ସାସ୍ ଭଳି ଫେଭୋରାଇଟ୍ ଷ୍ଟେଟ୍ ସମେତ ୨୪ ରାଜ୍ୟରେ ଟ୍ରମ୍ପ୍‌ଙ୍କ ବିଜୟ ହୋଇଛି । ଟ୍ରମ୍ପ୍‌ଙ୍କ ପରାଜୟ ପରେ ତାଙ୍କ ନାମ ଆଧୁନିକ ଯୁଗର ସେହି ୪ ରାଷ୍ଟ୍ରପତିଙ୍କ ମଧ୍ୟରେ ସାମିଲ ହୋଇଯାଇଛି, ଯେଉଁମାନେ କ୍ଷମତାରେ ଥାଇ ନିର୍ବାଚନ ହାରିଛନ୍ତି । କୁହାଯାଏ ଡୋନାଲ୍ଡ ଟ୍ରମ୍ପ୍ ଅଣରାଜନୈତିକ ପୃଷ୍ଠଭୂମିରୁ ଆସିଥିବା ନେତା ହୋଇଥିବାରୁ ୨୦୧୬ ରାଷ୍ଟ୍ରପତି ନିର୍ବାଚନରେ ଜିତିଥିଲେ । ପୂର୍ବରୁ ଯେଉଁ ପ୍ରସଙ୍ଗଗୁଡ଼ିକ ଉପରେ ରାଜନୈତିକ ଚର୍ଚ୍ଚା ହେଉ ନ ଥିଲା ଟ୍ରମ୍ପ୍ ତା' ଉପରେ ଖୋଲାଖୋଲି ଆଲୋଚନା କରୁଥିଲେ । କିନ୍ତୁ ଯେଉଁ ପ୍ରସଙ୍ଗ ଉପରେ ରାଜନେତାମାନେ ମୁହଁ ଖୋଲିବା ପାଇଁ କୁଣ୍ଠାବୋଧ କରନ୍ତି ସେନେଇ ଆକ୍ରମଣାତ୍ମକ ଢଙ୍ଗରେ ବୟାନ ଦେବା ଯୋଗୁ ଟ୍ରମ୍ପ୍ ୨୦୨୦ ନିର୍ବାଚନ ହାରିଗଲେ । ଏହାବାଦ୍ ବର୍ଣ୍ଣବୈଷମ୍ୟ ଜନିତ ଉତ୍ତେଜନାକୁ ଉପହାସ କରିବା, ଟୁଇଟର୍‌ରେ ବର୍ଣ୍ଣଭେଦୀ ଭାଷା ବ୍ୟବହାର କରି କୃଷ୍ଣକାୟଙ୍କୁ ବଦନାମ କରିବା ଏବଂ ଶ୍ୱେତାଙ୍ଗ ଅଫିସରଙ୍କୁ ସେମାନଙ୍କ ଭୁଲ୍ ପାଇଁ ସମାଲୋଚନା ନ କରିବା ଟ୍ରମ୍ପ୍‌ଙ୍କ ବିରୋଧରେ ଯାଇଛି । ଟ୍ରମ୍ପ୍ ନିର୍ବାଚନ ପରିଣାମକୁ ଅସ୍ୱୀକାର କରିଥିବାରୁ କେତେଜଣ ସମାଲୋଚକ ତାଙ୍କୁ 'ଏକଚ୍ଛତ୍ରବାଦର ସମର୍ଥକ' କହୁଛନ୍ତି । ଟ୍ରମ୍ପ୍ ୨୦୧୬ରେ ୩୦ ରାଜ୍ୟ ଜିତିଥିଲେ । କିନ୍ତୁ ଏପରି ଶାସନ କଲେ, ଯେମିତି କି ସେ କେବଳ ରୁଢ଼ିବାଦୀ ଆମେରିକୀୟଙ୍କ ରାଷ୍ଟ୍ରପତି । ଟ୍ରମ୍ପ୍ ସେହି ୨୦ ରାଜ୍ୟର ଲୋକଙ୍କୁ କେବେ ନିଜ ଆଡ଼କୁ ଟାଣିବା ପାଇଁ ମଜଭୁତ ପ୍ରୟାସ କଲେ ନାହିଁ, ଯେଉଁଠି ହିଲାରୀ କ୍ଲିଣ୍ଟନ୍‌ଙ୍କୁ ଅଧିକ ଭୋଟ ମିଳିଥିଲା ।

### ହ୍ୱାଇଟ୍ ହାଉସ୍ ନ ଛାଡ଼ିଲେ...

ନଭେମ୍ବର ୭ରେ ବାଇଡେନ୍‌ଙ୍କ ବିଜୟ ଖବର ଆସିବାବେଳେ ଟ୍ରମ୍ପ୍ ୱାଶିଂଟନ ନିକଟରେ ଗଲ୍ଫ ଖେଳୁଥିଲେ । କିଛି ସମୟ ପରେ ତାଙ୍କ କ୍ୟାମ୍ପେନ୍ ପକ୍ଷରୁ ବିବୃତି ଜାରି କରି କୁହାଯାଇଥିଲା, ନିର୍ବାଚନ ଏବେ ଶେଷ ହୋଇନାହିଁ । ବାଇଡେନ୍ ନିଜକୁ ଭୁଲ୍ ଉପାୟରେ ବିଜୟୀ ବୋଲି ଦର୍ଶାଇବାକୁ ତରତର ହେଉଛନ୍ତି । ଆମେରିକାର ୨୪୪ ବର୍ଷର ଇତିହାସରେ କେବେ ଏପରି ରାଷ୍ଟ୍ରପତିଙ୍କୁ ଦେଖିବାକୁ ମିଳିନାହିଁ, ଯିଏ ନିର୍ବାଚନ ହାରିବା ପରେ ହ୍ୱାଇଟ୍ ହାଉସ୍ ଛାଡ଼ିବାକୁ ମନା କରିଥିବେ । ଜୁନ୍ ୧୧ରେ ଏକ ଟିଭି ସାକ୍ଷାତ୍କାର ବେଳେ ବାଇଡେନ୍‌ଙ୍କୁ ପଚରାଯାଇଥିଲା ଯେ, ଯଦି ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍ ଛାଡ଼ିବାକୁ ମନା କରନ୍ତି ତେବେ ସେ କ'ଣ କରିବେ । ବାଇଡେନ୍ ଉତ୍ତର ଦେଇଥିଲେ, ଯଦି ଏପରି ସ୍ଥିତି ସୃଷ୍ଟି ହୁଏ ତେବେ ଅମାନିଆ ରାଷ୍ଟ୍ରପତିଙ୍କୁ ହ୍ୱାଇଟ୍ ହାଉସ୍‌ରୁ କିପରି ବାହାର କରାଯିବ ତାହା ସେନା ସୁନିଶ୍ଚିତ କରିବ ।

-ଦୁର୍ଯ୍ୟୋଧନ ମିଶ୍ର

## ଆଇପିଏଲ୍ ଆବିଷ୍କାର ଟି. ନଟରାଜନ



**ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଯୁବ ଦ୍ରୁତ ବୋଲର ଟି. ନଟରାଜନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ଫଳସ୍ୱରୂପ ଅଷ୍ଟ୍ରେଲିଆ ଗସ୍ତ ପାଇଁ ସେ ଭାରତୀୟ ଟି୨୦ ଦଳରେ ସାମିଲ ହୋଇଛନ୍ତି। ଯୁବାବସ୍ଥାରୁ ୟର୍କର ପକାଇବାର ଦକ୍ଷତା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ତାମିଲନାଡୁର ଏହି ପ୍ରତିଭାସମ୍ପନ୍ନ ଯୁବ ବୋଲର ବହୁ ଆଗକୁ ବଢ଼ିବାର ସମ୍ଭାବନା ସୃଷ୍ଟି କରିଛନ୍ତି...।**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରଥିବା ତାମିଲନାଡୁର ଯୁବ ଦ୍ରୁତ ବୋଲର ଟି. ନଟରାଜନ ଏବେ ଚର୍ଚ୍ଚାରେ । ପ୍ରଭାବୀ ପ୍ରଦର୍ଶନ କରି ଆଇପିଏଲରୁ ଆବିଷ୍କାର ହୋଇଥିବା କେତେକ ଯୁବ ଖେଳାଳିଙ୍କ ମଧ୍ୟରେ ନଟରାଜନ ଅନ୍ୟତମ । ଯୁବ ଅବସ୍ଥାରୁ ୟର୍କର ସ୍ପେଶାଲିଷ୍ଟର ମାନ୍ୟତା ପାଉଥିବା ଏହି ପେସ୍ ସେନ୍‌ସେଶନ ଭାରତୀୟ ଟି୨୦ ଦଳରେ ସାମିଲ ହୋଇ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି । ବରୁଣ ଚକ୍ରବର୍ତ୍ତୀ କାନ୍ଧରେ ଇଞ୍ଜୁରି କାରଣରୁ ଏହି ହାଇପ୍ରୋଫାଇଲ ଗସ୍ତରୁ ବାଦ୍ ପଡ଼ିବା ପରେ ନଟରାଜନଙ୍କୁ ସୁଯୋଗ ମିଳିଛି । ଆଇପିଏଲ୍‌ରେ ହାଇଦ୍ରାବାଦ ଦଳକୁ ପ୍ଲେ-ଅଫ୍‌କୁ ନେବାରେ ନଟରାଜନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ବ୍ୟକ୍ତିଗତ ଭାବେ ଆକର୍ଷଣୀୟ ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରି ଟି୨୦ ଦଳରେ ସ୍ଥାନ ପାଇଥିଲେ । ପୂର୍ବରୁ ସେ କେବଳ ନେଟ୍ ବୋଲର ଭାବେ ଚୟନ ହୋଇ ଅଷ୍ଟ୍ରେଲିଆ ଯିବାକୁ ମନୋନୀତ ହୋଇଥିଲେ । ମାତ୍ର ଏବେ ତାଙ୍କ ପାଇଁ ଭାରତୀୟ ଜର୍ସି ପରିଧାନ କରିବାର ସୁଯୋଗ ଆସିଛି ।

ଟେଷ୍ଟ ସିରିଜ ପୂର୍ବରୁ କେତେଜଣ ତାରକା ବୋଲରଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଥିବାରୁ ନଟରାଜନଙ୍କୁ ଦଳରେ ସ୍ଥାନ ଦିଆଯିବାର ଯଥେଷ୍ଟ ସମ୍ଭାବନା ଥିଲା । ୟର୍କର ସ୍ପେଶାଲିଷ୍ଟ ଭାବେ ଜଣାଥିବା ନଟରାଜନ ସଦ୍ୟ ସମାପ୍ତ ଆଇପିଏଲ୍‌ରେ ୭୦ରୁ ଊର୍ଦ୍ଧ୍ୱ ୟର୍କର ପକାଇଥିଲେ । ତାମିଲନାଡୁ ପାଇଁ ଘରୋଇ କ୍ରିକେଟ ଖେଳିଥିବା ନଟରାଜନ ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍, ୧୫ଟି ଲିଷ୍ଟ-ଏ ଓ ୩୮ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି ।

ଆଇପିଏଲ୍ ଢାଞ୍ଚାରେ ଖେଳାଯାଉଥିବା ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍), କର୍ନାଟକ ପ୍ରିମିୟର ଲିଗ୍‌ରେ ସ୍ଥାନୀୟ ଖେଳାଳିଙ୍କୁ ଖେଳିବାର ସୁଯୋଗ ମିଳିଥିଲା । ଟିଭିରେ ମଧ୍ୟ ଏହି ଲିଗ୍‌ର ମ୍ୟାଚ୍ ପ୍ରସାରଣ କରାଯାଇଥିଲା । ଫଳରେ ନଟରାଜନଙ୍କ ପରି ଯୁବ ଖେଳାଳିଙ୍କ ପାଇଁ ଏହା ଭଲ ପ୍ଲାଟଫର୍ମ ସଦୃଶ ହୋଇଥିଲା । ୨୦୧୬ରେ ଟିଏନ୍‌ପିଏଲ୍‌ର ପ୍ରାରମ୍ଭିକ ସଂସ୍କରଣରେ ଏକ ମ୍ୟାଚ୍‌ରେ କ୍ରମାଗତ ୬ଟି ୟର୍କର ପକାଇ ସମସ୍ତଙ୍କ ନଜରକୁ ଆସିଥିଲେ । ଏହାକୁ ବହୁ ସଂଖ୍ୟାରେ ଦର୍ଶକ ଟିଭିରେ ଦେଖିଥିଲେ । ତାଙ୍କ ପ୍ରଦର୍ଶନରେ ଆଇପିଏଲ୍ ଫ୍ରାଞ୍ଚାଇଜ କିଙ୍ଗ୍ସ ଇଲେଭେନ ପ୍ରଭାବିତ ହୋଇ ୨୦୧୭ରେ ୩ କୋଟି ଟଙ୍କାରେ ତାଙ୍କୁ କ୍ରୟ କରିଥିଲା । ସେତେବେଳେ ତାଙ୍କ ବେସ୍ ପ୍ରାଇସ୍ ମାତ୍ର ୧୦ ଲକ୍ଷ ଟଙ୍କା ଥିଲା । ଏଥିସହ ସେ ପ୍ରଥମ ବିଗ୍ ବ୍ରେକ୍ ପାଇଥିଲେ । ମାତ୍ର କ୍ୟାରିୟରର ପ୍ରଥମ ଆଇପିଏଲ୍‌ରେ ନଟରାଜନ ନିରାଶ କରିଥିଲେ । ୬ଟି ମ୍ୟାଚ୍ ଖେଳି ସେ ମାତ୍ର ୨ଟି ଉଇକେଟ ହାସଲ କରିଥିଲେ ଓ ତାଙ୍କର ଇକୋନୋମି ରେଟ୍ ୯.୦୭ ଥିଲା । ୨୦୧୭ ଆଇପିଏଲ୍‌ରେ ସେ ୭୬ଟି ବଲ୍ ପକାଇଥିଲେ । ଏହାପରେ ପଞ୍ଜାବ ତାଙ୍କୁ ରିଲିଜ୍ କରିଥିଲା ଓ ନିଲାମରେ ତାଙ୍କ ପାଇଁ ବିଡ୍ ଦାଖଲ କରି ନ ଥିଲା ।

ଆଇପିଏଲ୍‌ରେ ପ୍ରାରମ୍ଭିକ ବିଫଳତା ସତ୍ତ୍ୱେ ପୁଣି ନିଲାମରେ ସାମିଲ ହେବେ ବୋଲି ତାଙ୍କର ବିଶ୍ୱାସ ଥିଲା । ସର୍ବନିମ୍ନ ବେଶ୍ ପ୍ରାଇସ୍ ୨୦ ଲକ୍ଷ ଥିବା ବେଳେ ତାଙ୍କ ବେଶ୍ ପ୍ରାଇସ୍ ୪୦ ଲକ୍ଷକୁ ବୃଦ୍ଧି କରାଯାଇଥିଲା । ହାଇଦ୍ରାବାଦ ଏକମାତ୍ର ଫ୍ରାଞ୍ଚାଇଜ ଭାବେ ତାଙ୍କ ପାଇଁ ବିଡ୍ ଦାଖଲ କରିଥିଲା । ତାଙ୍କୁ ବାଦ ଦେଲେ ବାସିଲ ଥାମ୍ପି, ସିଦ୍ଧାର୍ଥ କାଉଲ ଓ ଖଲିଲ ଅହମ୍ମଦ ନବାଗତ ଦ୍ରୁତ ବୋଲର ଭାବେ ହାଇଦ୍ରାବାଦ ଲାଇନ୍- ଅପ୍‌ରେ ଥିଲେ । ତେବେ ବେସ୍ ପ୍ରାଇସ୍‌ରେ ନଟରାଜନଙ୍କୁ ହାଇଦ୍ରାବାଦ କିଣିଥିଲା । ୨୦୧୮ ଓ ୨୦୧୯ ଆଇପିଏଲ୍‌ରେ ପରିବର୍ତ୍ତିତ ସ୍ଥିତି ଅନୁଯାୟୀ କେନ୍ ୱିଲିୟମସନଙ୍କୁ ହାଇଦ୍ରାବାଦର ନେତୃତ୍ୱ ଦିଆଯାଇଥିଲା । କିନ୍ତୁ ୱିଲିୟମସନଙ୍କ ନଜରକୁ ଆସିପାରି ନ ଥିଲେ ନଟରାଜନ । ଫଳରେ ତାଙ୍କ ନେତୃତ୍ୱ କାଳରେ ନଟରାଜନଙ୍କୁ ଖେଳିବାର ସୁଯୋଗ ମିଳି ନ ଥିଲା । ତେବେ ଡେଭିଡ୍ ୱାର୍ନର ନେତୃତ୍ୱ ନେବା ପରେ ନଟରାଜନଙ୍କ ଭାଗ୍ୟ ପରିବର୍ତ୍ତନ ହୋଇଥିଲା । ଆଇପିଏଲ ୨୦୨୦ରେ ସେ ୧୬ଟିଯାକ ମ୍ୟାଚ୍ ଖେଳିଥିଲେ । ସୁଯୋଗର ସଦ୍‌ବ୍ୟବହାର କରି ସେ ୧୬ଟି ଉଇକେଟ ଅକ୍ତିଆର କରିଥିଲେ ।

ଅଳ୍ପ କେତେ ସଂଖ୍ୟକ ଖେଳାଳିଙ୍କ ପରି ନଟରାଜନ ଭାରତ ଏ' ଓ ବୋର୍ଡ ସଭାପତି ଏକାଦଶ ପାଇଁ ଖେଳି ନ ଥିଲେ ମଧ୍ୟ ସିଧାସଳଖ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି । ଅବଶ୍ୟ କୋଭିଡ-୧୯ ଯୋଗୁ ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ଭାରତ-ଏ କିମ୍ବା ବୋର୍ଡ ସଭାପତି ଏକାଦଶ ଲାଗି ମ୍ୟାଚ୍ ଆୟୋଜନ କରିବା ଅସମ୍ଭବ ହୋଇ ପଡ଼ିଛି । ତେଣୁ ଆଇପିଏଲ୍ ୨୦୨୦ରେ ଭଲ ପ୍ରଦର୍ଶନ ପାଇଁ ନଟରାଜନଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି ବୋଲି କହିଲେ ଭୁଲ ହେବନି । ଆଇପିଏଲ୍‌ରେ ଅନେକ ନାମୀ, ଦାମୀ ବୋଲର ଫେଲ୍ ମାରିଥିବାବେଳେ ନଟରାଜନ ବିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇବାରେ ସକ୍ଷମ ହୋଇଛନ୍ତି । ତେବେ ସେ ଅଷ୍ଟ୍ରେଲିଆ ଗସ୍ତରେ ସେଠାକାର ପରିବେଶରେ କେତେ ସଫଳ ହେଉଛନ୍ତି ତାହା ସମୟ କହିବ ।

ଧରିତ୍ରୀ DHARITRI
୪୭ ତମ
# ଜନ୍ମଦିନ ବିଶେଷ
ଛ
ମଙ୍ଗଳବାର, ୨୪ ନଭେମ୍ବର, ୨୦୨୦





## ମହାପୁରୁଷଙ୍କ ସିଦ୍ଧିପୀଠ

# ଓଳାଶୁଣୀ

**ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ପୀଠ ଏକ ପ୍ରମୁଖ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ ସ୍ଥଳୀର କୀର୍ତ୍ତି ବହନ କରୁଛି। ଓଡ଼ିଶାର ମହାନ୍ ସନ୍ଥ ଓ ମହାପୁରୁଷ ଅରକ୍ଷିତ ଦାସଙ୍କ ସାଧନା, ସିଦ୍ଧି ତଥା ସମାଧି ପୀଠ ଭାବରେ ଏହା ପରିଚିତ।**

ଅଷ୍ଟାଦଶ ଶତାବ୍ଦୀର ସନ୍ଥ ଶିରୋମଣି ଅରକ୍ଷିତ ଦାସ ଓଳାଶୁଣୀ ପର୍ବତର ଶିଖର ଦେଶରେ ସାଧନା କରୁଥିବା ସମୟରେ ମହାସମାଧି ଗ୍ରହଣ କରିଥିଲେ। ଉତ୍କଳର ଆଧ୍ୟାତ୍ମିକ ସାହିତ୍ୟ କ୍ଷେତ୍ରରେ ଅରକ୍ଷିତ ଦାସଙ୍କ ନିଗୂଢ଼ ଚିନ୍ତନର ସାରସ୍ୱତ ସୃଷ୍ଟି ସମ୍ଭାର ବହୁ ଭାବରେ ଯଶସ୍ୱୀମଣ୍ଡିତ ହୋଇଛି। ରାଜବଂଶରେ ଜନ୍ମ ହୋଇ ମଧ୍ୟ ସେ ନିରାକାର ପରମବ୍ରହ୍ମଙ୍କ ନିଗୂଢ଼ ରହସ୍ୟ ଅନ୍ୱେଷଣରେ ସୁଖ ଓ ମୋହପୂର୍ଣ୍ଣ ସଂସାର ତ୍ୟାଗ କରିଥିଲେ। ସେ ଅବିଭକ୍ତ ଗଞ୍ଜାମ ଜିଲାର ବଡ଼ଖେମୁଣ୍ଡି ରାଜପରିବାରରେ ଗଙ୍ଗବଂଶୀୟ ଯୁବରାଜ ଥିଲେ। ଓଳାଶୁଣୀ ପର୍ବତ ଶିଖରରେ ଅବସ୍ଥିତ ପ୍ରାଚୀନ ଗିରିଗୁମ୍ଫା, ପାଦଦେଶରେ ପ୍ରବହମାନ କୃଶୋଦରୀ ଗୋବରୀ ତାଙ୍କ ଜୀବନର ଅନ୍ତିମ ସାଧନା କ୍ଷେତ୍ର ରହିଥିଲା। ପୀଠର ଅନତିଦୂରରେ ରହିଛି ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା। ଅଷ୍ଟାଦଶ ଶତାବ୍ଦୀର ଲୋକପ୍ରିୟ ଶାସକ ରାଧାଶ୍ୟାମ ନରେନ୍ଦ୍ର ଥିଲେ କେନ୍ଦ୍ରାପଡ଼ାର ତତ୍କାଳୀନ ଜମିଦାର, ଯାହାଙ୍କ ଅଧୀନରେ ଥିଲା ଓଳାଶୁଣୀ ଗୁମ୍ଫା ପାହାଡ଼। ପରମ ଆଧ୍ୟାତ୍ମବାଦୀ ରାଧାଶ୍ୟାମ ତାଙ୍କ ଜମିଦାରିରେ ଥିବା ଓଳାଶୁଣୀ ପାହାଡ଼କୁ ଅରକ୍ଷିତ ଦାସଙ୍କୁ ଦାନ କରିଥିଲେ। ଏହି ପ୍ରାଚୀନ ପୀଠର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଓଳାଶୁଣୀ। ସେ ପାହାଡ଼ର ଶୀର୍ଷଦେଶରେ ପୂର୍ବରୁ ଅବସ୍ଥାନ କରୁଥିଲେ। ହେଲେ ମା' ଓଳାଶୁଣୀ ଭକ୍ତ ଅରକ୍ଷିତଙ୍କ ସାଧନାରେ ପ୍ରୀତ ହୋଇଥିଲେ। ଫଳରେ ପାହାଡ଼ର ଶୀର୍ଷସ୍ଥାନକୁ ଭକ୍ତ ଅରକ୍ଷିତଙ୍କ ପାଇଁ ଛାଡ଼ି ପାଦଦେଶକୁ ଓହ୍ଲାଇପଡ଼ିଥିଲେ ବୋଲି ଲୋକକଥା ରହିଛି। ଏବେ ମା' ଓଳାଶୁଣୀ କୃଶୋଦରୀ ନଦୀ ଗୋବରୀ କୂଳରେ ପୂଜା ପାଉଛନ୍ତି।

ସନ୍ଥକବି ଅରକ୍ଷିତ ବିଶେଷ କୌଣସି ଶିକ୍ଷାଲାଭ କରି ନ ଥିଲେ ମଧ୍ୟ ଦେବୀ ଓଳାଶୁଣୀଙ୍କ ଆଶୀର୍ବାଦରୁ ଅନେକ ମାନବବାଦୀ ବାଣୀ ଲେଖିଯାଇଛନ୍ତି। ତାଙ୍କ ଦ୍ୱାରା ରଚିତ ମହୀମଣ୍ଡଳ ଗୀତା ହେଉଛି ଓଡ଼ିଆ ଭାଷା ଓ ସାହିତ୍ୟ ବିଭବର ପ୍ରଥମ ଆତ୍ମଜୀବନୀମୂଳକ ଏକ ଅମୂଲ୍ୟ ଗ୍ରନ୍ଥ। ମୁଖ୍ୟତଃ ଆଧ୍ୟାତ୍ମିକ ଦର୍ଶନରେ ସେ ଥିଲେ ନାମବ୍ରହ୍ମର ଉପାସକ, ନିର୍ଗୁଣ ସାଧକ ତଥା ଅବଧୂତପନ୍ଥୀ। ଓଳାଶୁଣୀ ପୀଠରେ ୧୮୩୦ରେ ସେ ପଦାର୍ପଣ କରିଥିଲେ। ଏହା ପୂର୍ବରୁ ସେ ପ୍ରାୟ ୩୫ ବର୍ଷ ଧରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅବସ୍ଥାନ କରି ଆଧ୍ୟାତ୍ମିକ ସାଧନା କରିଥିଲେ। ଓଳାଶୁଣୀ ଗୁମ୍ଫାଠାରେ ୧୮୩୭ ମସିହା ମାଘ କୃଷ୍ଣ ଏକାଦଶୀ ତିଥିରେ ସେ ବ୍ରହ୍ମଲୀନ ହୋଇଥିଲେ। ସେହି ତିଥିରୁ ଆୟୋଜିତ ହେଉଛି ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାଯାତ୍ରା।

# ଯେଉଁଠି ଶୁଖୁଆ ହୁଏ ସାତ୍ତ୍ୱିକ

ଓଳାଶୁଣୀ ପୀଠର ବିଶେଷତ୍ୱ ହେଲା ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ପୀଠରେ ଭକ୍ତମାନେ ମାନସିକ କରି ପୋଡ଼ପିଠା ଅର୍ପଣ କରିଥାଆନ୍ତି। ସେମାନଙ୍କୁ ମଠ ପକ୍ଷରୁ ପବିତ୍ର କାଞ୍ଜିପାଣି ପରଷା ଯାଇଥାଏ, ଯାହାକି ଏକ ଅବ୍ୟର୍ଥ ମହୌଷଧି ଭାବରେ କାର୍ଯ୍ୟ କରିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏହାସହ ଏଠାରେ ଭକ୍ତମାନେ ମାନସିକ ରଖି ଶୁଖୁଆ ଭୋଗ ଅର୍ପଣ କରିବା ପ୍ରଥା ରହିଛି। ଏହାକୁ ମାନସିକ ଭୋଗ କୁହନ୍ତି। ମହାପୁରୁଷଙ୍କଠାରେ ଅର୍ପଣ କଲାପରେ ଶୁଖୁଆ ସାତ୍ତ୍ୱିକ ଖାଦ୍ୟରେ ପରିଣତ ହେଉଥିଲା। ଏହା ଲୋକ ଜାଣିଲା ପରେ ମହାପୁରୁଷ ଅରକ୍ଷିତ ଦାସଙ୍କୁ ମାଛ, ଶୁଖୁଆ ଭୋଗ ଦେବା ଆରମ୍ଭ କରିଥିଲେ। ମହନ୍ତ ନାମାନନ୍ଦ ଦାସ କୁହନ୍ତି, କୈବର୍ତ୍ତ ସମାଜର ଜଣେ ବୃଦ୍ଧା ମହାପୁରୁଷ ଅରକ୍ଷିତଙ୍କଠାରେ ଏକ ନାତି ପାଇଁ ମାନସିକ କରିଥିଲେ। ମାନସିକ ପୂରଣ ହେଲା ପରେ ବୃଦ୍ଧା ଜଣକ ଟୋପେ ଶୁଖୁଆ ଧରି ବାବାଙ୍କୁ ଅର୍ପଣ କରିଥିଲେ। ବାବା ତାହାକୁ ଗ୍ରହଣ କଲାପରେ ଶୁଖୁଆ ଭୋଗ ପୋଡ଼ପିଠା ଭାବେ ପରିବର୍ତ୍ତନ ହୋଇଗଲା। ବାବାଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଡ଼ପିଠାକୁ ଭକ୍ତମାନଙ୍କୁ ସେ ବଣ୍ଟନ କରିଥିଲେ। ଏହି ପ୍ରବାଦକୁ ଲୋକାଚାର ଭାବେ ଗ୍ରହଣ କରାଯାଇଛି। ସେ ଯେହେତୁ ବ୍ରହ୍ମ ଅବଧୂତ ସନ୍ନ୍ୟାସୀ, ତେଣୁ ତାଙ୍କର ଖାଦ୍ୟ ଉପରେ କୌଣସି ବିଚାର ନ ଥାଏ। ତେଣୁ ଶୁଖୁଆ ଓ ମାଛ ଭୋଗ ଅର୍ପଣ ବେଳେ ତୁଳସୀ ପଡ଼ିଥାଏ। ଭକ୍ତ ତା'ର ଶ୍ରଦ୍ଧା ଅନୁଯାୟୀ ଯାହା ନେଇ କରି ଆସେ, ତାହା ଅବଧୂତ ସନ୍ନ୍ୟାସୀମାନେ ଗ୍ରହଣ କରନ୍ତି। ଯେତେବେଳେ ଶୁଖୁଆ ଭୋଗକୁ ବ୍ରହ୍ମାର୍ପଣ କରାଯାଏ, ସେତେବେଳେ ତାହା ସାତ୍ତ୍ୱିକ ଖାଦ୍ୟରେ ପରିଣତ ହୋଇଥାଏ। ସେହିପରି ମଣିଷ ଭିତରେ ଥିବା ଗର୍ବ, ଅହଙ୍କାର, ଅଜ୍ଞାନତାକୁ ପୋଡ଼ି ଦେବା ପାଇଁ ମହାପୁରୁଷ ଅରକ୍ଷିତ ଦାସ ପୋଡ଼ପିଠାକୁ ପ୍ରୋତ୍ସାହନ ଦେଇଥିଲେ। ମହାଲକ୍ଷ୍ମୀ ତାଙ୍କୁ ପୋଡ଼ପିଠା ଖୁଆଇ ଦେଇଥିଲେ ବୋଲି କିମ୍ବଦନ୍ତୀ ରହିଥିବା ମହନ୍ତ ନାମାନନ୍ଦ ଦାସ କହିଛନ୍ତି।

## ପୀଠକୁ ଯିବାକୁ ରାସ୍ତା

ଚଣ୍ଡୀଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ପଲାଇ ଓ ବନ୍ଦରେଶ୍ୱର ଛକଠାରୁ ମାତ୍ର ୨ କିଲୋମିଟର ଦୂରରେ ଓଳାଶୁଣୀ ପୀଠ ରହିଛି। ପାହାଡ଼ର ଶୀର୍ଷଦେଶ ପର୍ଯ୍ୟନ୍ତ ପକ୍କା ସଡ଼କପଥ ନିର୍ମାଣ ହୋଇଛି। ଅପୂର୍ବ ପ୍ରାକୃତିକ ପରିବେଶ ମଧ୍ୟରେ ଗଢ଼ି ଉଠିଥିବା ଓଳାଶୁଣୀ ପୀଠରେ ବ୍ୟାସଦେବ, ହନୁମାନ, ଶ୍ରୀବୈଦେଶ୍ୱର, ଶ୍ରୀ ଜଗନ୍ନାଥ ଓ ରାଧାକୃଷ୍ଣଙ୍କ ମନ୍ଦିର, ଅନନ୍ତଗୁମ୍ଫା ସମେତ ଗଣେଶ ମଣ୍ଡପ, ତୁଳସୀବଣ-ଚନ୍ଦନବଗିଚା ଓ ସୁବିସ୍ତୀର୍ଣ୍ଣ ବଡ଼ଦାଣ୍ଡ ରହିଛି। ମହାପୁରୁଷଙ୍କ କୃପାଲାଭ କରି ବହୁ ଭକ୍ତ ଆରୋଗ୍ୟ ଲାଭ କରିବା ପରେ ଖୁସିରେ ଶତାଧିକ ଏକର ଜମି ଦାନ କରିଛନ୍ତି। ଏପରିକି ପୁରୀ, ବ୍ରହ୍ମବରଦା, ଭୁବନେଶ୍ୱରର ଖଣ୍ଡଗିରି, କେନ୍ଦ୍ରାପଡ଼ା, ଜଗତସିଂହପୁର ଆଦି ସ୍ଥାନରେ ମହାପୁରୁଷଙ୍କ ମଠ ରହିଛି। ସଂପ୍ରତି ପର୍ଯ୍ୟଟକମାନଙ୍କ ରହିବା ପାଇଁ ଓଳାଶୁଣୀ ପାହାଡ଼ ଶୀର୍ଷରେ ୫୦ରୁ ଊର୍ଦ୍ଧ୍ୱ ପକ୍କାଘର ନିର୍ମାଣ ହୋଇଛି। ଏହାସହ ଆମୋଦପ୍ରମୋଦ ପାଇଁ ଏକ ସୁନ୍ଦର ପାର୍କ ନିର୍ମାଣ କରାଯାଇଛି। ଓଳାଶୁଣୀ ପୀଠ ଏବେ ଓଡ଼ିଶାର ଏକ ପ୍ରମୁଖ ପରିବେଶ ପର୍ଯ୍ୟଟନ କ୍ଷେତ୍ର ଭାବରେ ମଧ୍ୟ ମାନ୍ୟତା ଲାଭ କରିଛି। ପର୍ଯ୍ୟଟନ ଋତୁରେ ଅଗଣିତ ଦର୍ଶକ ଓ ପର୍ଯ୍ୟଟକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛି।

– ହର୍ଷବର୍ଦ୍ଧନ ବେହେରା, ପ୍ରଦୀପ୍ତ ପୃଷ୍ଟି

ନାମ ଲେଖାନ୍ତୁ ନାମ ଲେଖାନ୍ତୁ

ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର, ଶେରଗଡ
(ଇଂରାଜୀ ମାଧ୍ୟମ) (ଓଡ଼ିଆ ମାଧ୍ୟମ)
ଶିକ୍ଷାବର୍ଷ-୨୦୨୧-୨୨ ମଧ୍ୟରେ
ଶିଶୁ ପ୍ରାରମ୍ଭଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ
(୨୦୨୦।୨୦୨୧)
ଛାତ୍ରଛାତ୍ରୀ ନାମଲେଖା ପାଇଁ ଯୋଗାଯୋଗ କରନ୍ତୁ।
ପ୍ରଧାନାଚାର୍ଯ୍ୟ, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର, ଶେରଗଡ
ଦୂରଭାଷ- ୯୪୩୮୪୬୪୫୩୦/୯୩୪୮୨୨୯୭୩୭



ଭାଷା, ସାହିତ୍ୟ, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇ ସମାଜକୁ ସକାରାତ୍ମକ ଦିଗ୍‌ଦର୍ଶନ ଦେଇଥିବା ଏହି ବିର୍ଷୀୟାନ ଅନୁଷ୍ଠାନର ଦୀର୍ଘ ଜୀବନ କାମନା କରୁଛୁ।
ଜଣେ ଶୁଭେଚ୍ଛୁ
ଶେରଗଡ

Good Wishes From
BERHAMPUR CARDIAC CENTRE
Bhavanagar Square, Berhampur

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ବ୍ରହ୍ମପୁର କାର୍ଡ଼ିଆକ୍ ସେଣ୍ଟର ଓ ରଘୁନାଥ ଫିଲିଙ୍ଗ୍ ଷ୍ଟେସନ ଆନ୍ତରିକ ଶୁଭେଚ୍ଛା ଜଣାଉଛି।
ଆପଣଙ୍କ ସେବାରେ:
ରଘୁନାଥ ଫିଲିଙ୍ଗ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର
ଏଠାରେ ULTRA SOUND, E.C.G., E.E.G. ଓ ସମସ୍ତ ପ୍ରକାର ପରୀକ୍ଷା ଯଥା ମଳ, ମୂତ୍ର, ରକ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ପରୀକ୍ଷା କରାଯାଏ।

ନିର୍ମଳ କୁମାର ସାହୁ, ପ୍ରୋପ୍ରାଇଟର
ଭାବାନଗର ଛକ, ବ୍ରହ୍ମପୁର, ମୋ: ୯୯୩୭୪୯୭୫୯୩

ଧରିତ୍ରର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା। ତିନି ଠାକୁର ସମସ୍ତଙ୍କୁ ଭଲରେ ରଖନ୍ତୁ।
ଇଂ. ଦେବୀପ୍ରସାଦ ଦାଶ
ଧବଳପୁର, ଶେରଗଡ

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା ଜଣାଉଛି।
LIC
भारतीय जीवन बीमा निगम
LIFE INSURANCE CORPORATION OF INDIA
LIC କରନ୍ତୁ, ନିଜ ଜୀବନକୁ ସୁରକ୍ଷିତ ରଖନ୍ତୁ।
ଗୌତମ ମହାପାତ୍ର
LIC Agent, ଶେରଗଡ

ଧରିତ୍ରୀ ପରିବାର, ପାଠକପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଆନ୍ତରିକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ। ଶେରଗଡ ବ୍ଲକର ବିଜୁ ଜନତା ଦଳର କର୍ମୀ ଓ ନେତାଙ୍କୁ ଅଭିନନ୍ଦନ।
ହୃଷୀକେଶ ପାଢୀ
ବିଜେଡି ନେତା, ଶେରଗଡ

MAHAVEER FLY ASH INDUSTRIES
SUNATARA WISHES
HAPPY BIRTH ANNIVERSARY 'DHARITRI'
ଏଠାରେ ସିମେଣ୍ଟ, ଇଟା ସହ ସମସ୍ତ ପ୍ରକାର ଫେବରବ୍ଲକ ସୁଲଭ ମୂଲ୍ୟରେ ଅର୍ଡର ଅନୁସାରେ ଯୋଗାଇ ଦିଆଯାଏ। ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଶେରଗଡ ବ୍ଲକର ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।
ଶ୍ରୀ କୃଷ୍ଣଚନ୍ଦ୍ର ସାହୁ
ପ୍ରୋପ୍ରାଇଟର, ମହାବୀର ଫ୍ଲାଏ ଏସ୍, ସୁନାନ୍ତର, ଶେରଗଡ

इंडियनऑयल IndianOil
ଭାରତୀୟ ତୈଳ ନିଗମ ପେଟ୍ରୋଲ ଟାଙ୍କି, ଶେରଗଡ ପକ୍ଷରୁ ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଆନ୍ତରିକ ଶୁଭେଚ୍ଛା। ଏଠାରେ ପେଟ୍ରୋଲ, ଡିଜେଲ, ମୋବିଲ ଏବଂ ସମସ୍ତ ପ୍ରକାର କୃଷି ସରଞ୍ଜାମ ସୁଲଭ ଦରରେ ମିଳେ।
ସନ୍ତୋଷ କୁମାର ପାଢୀ
ପ୍ରୋପ୍ରାଇଟର, ପେଟ୍ରୋଲ ଟାଙ୍କି

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ। ଶେରଗଡ ବ୍ଲକ ଧନନ୍ତର ପଞ୍ଚାୟତର ସମସ୍ତ ବିଜେଡି କର୍ମୀ ଓ ନେତାଙ୍କୁ ଆନ୍ତରିକ ଅଭିନନ୍ଦନ। ଆଶା ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ସହାୟ ହୁଅନ୍ତୁ।
ଶ୍ରୀ ନିରଂଜନ ଜେନା
ସୁନାନ୍ତର, ଶେରଗଡ

ଧରିତ୍ରୀ କାଗଜର ଲେଖା ଛପା ନିଆରା। ବିଶେଷକରି ସମ୍ପାଦକୀୟ ପୃଷ୍ଠାର ଲେଖା, ଶୈଳୀ ମତେ ବହୁ ବର୍ଷ ହେଲା ଆକୃଷ୍ଟକରିଛି। ଆସନ୍ତୁ, ଧରିତ୍ରୀର ଜନ୍ମଦିନ ଅବସରରେ ଭଲପାଇବା ଓ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା।
ଶ୍ରୀ ଅବନୀ କୁମାର ଦାଶ
ତାକରଡା, ଶେରଗଡ

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା ତଥା ବିଜ୍ଞାପନଦାତାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଶୁଭେଚ୍ଛା ଓ ଶୁଭ କାମନା।
ଗ୍ରାମ୍ୟ ଉନ୍ନୟନ ବିଭାଗ
ହିଞ୍ଜିଳି, ଶେରଗଡ

(ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ)
ମାସ୍କ ପିନ୍ଧନ୍ତୁ
ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା ତଥା ବିଜ୍ଞାପନଦାତାଙ୍କୁ ଅନେକ ଅନେକ ଶୁଭେଚ୍ଛା ସହ ଶୁଭକାମନା।
ଶ୍ରୀ କବୀନ୍ଦ୍ରନାଥ ପଣ୍ଡା
ଶେରଗଡ

ଧରିତ୍ରୀ କାଗଜର ଲେଖା, ଛପା ନିଆରା। ଆମେ ଧରିତ୍ରୀକୁ ଭଲପାଉ। ଏହାର କର୍ମକର୍ତ୍ତା, ସାମ୍ବାଦିକ, ବିଜ୍ଞାପନଦାତା ସମସ୍ତଙ୍କୁ ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଶୁଭେଚ୍ଛା ଜଣାଉଛି।
ବନୋଜକାନ୍ତ ସେଠୀ
ସହକାରୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଶେରଗଡ

- ଶୁଭେଚ୍ଛା -
ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ଅନେକ ଶୁଭେଚ୍ଛା। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ।
ଶ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ
ସହକାରୀ ନିର୍ବାହୀ ଯନ୍ତ୍ରୀ, ଶେରଗଡ ବ୍ଲକ

BIJU PATNAIK HIGHER SECONDARY SCHOOL
Good Wishes on the occasion of the Birth Anniversary of DHARITRI.
ଆମ୍ଭ ବିଦ୍ୟାଳୟ ଉନ୍ନତମାନର ଶିକ୍ଷାଦାନ ଓ ଅଭିଜ୍ଞ ଅଧ୍ୟାପକ/ଅଧ୍ୟାପିକାମାନଙ୍କ ଦ୍ୱାରା ପାଠଦାନ କରାଯାଏ। ଯୁକ୍ତ ଦୁଇ କଳା ପାଇଁ ନାମ ଲେଖାନ୍ତୁ। ମେଧାବୀ କରିବା ପାଇଁ ଆମ୍ଭ ଅନୁଷ୍ଠାନ ଶତତ ଚେଷ୍ଟିତ।
ଶ୍ରୀଯୁକ୍ତ ଗୌରହରି ବିଷୋୟୀ
ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଶେରଗଡ ବ୍ଲକ ତଥା ଧବଳପୁର ପଞ୍ଚାୟତର ଜନସାଧାରଣ ଓ ଓଡ଼ିଶାର ଅଗଣିତ ପାଠକପାଠିକାମାନଙ୍କୁ ଶୁଭେଚ୍ଛା ଜଣାଉଛି।
ଦୁର୍ଗା ପ୍ରସାଦ ବିଷୋୟୀ
ଶେରଗଡ

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ତଥା ଶୁଭେଚ୍ଛୁଙ୍କୁ ଶୁଭକାମନା ଜଣାଉଛି।
ସହକାରୀ ଯନ୍ତ୍ରୀ
ଜଳସେଚନ କାର୍ଯ୍ୟାଳୟ, ପିତଳ ଛକ, ଶେରଗଡ ବ୍ଲକ

ହିରୋ କିଣନ୍ତୁ, ସୁରକ୍ଷିତ ରୁହନ୍ତୁ।
ଆଦିତ୍ୟ ହିରୋ ମୋଟର୍ସ, ଶେରଗଡ ପକ୍ଷରୁ ଅଭିନନ୍ଦନ।
ଏଠାରେ ହିରୋ କମ୍ପାନୀର ସମସ୍ତ ବାଇକ୍ ଆକର୍ଷଣୀୟ ଅଫର ସହ ମିନିମମ୍ ମୂଲ୍ୟର ଇଏମଆଇ ଋଣ ସହଜରେ ବାଇକ୍ ନେଲାବେଳେ କରାଇ ଦିଆଯାଏ।
ପର୍ଶୁରାମ ସ୍ୱାଇଁ
ପ୍ରୋପ୍ରାଇଟର, ଶେରଗଡ

ଜଗଦମ୍ବା ମେଟଲ ପଥରପୁଞ୍ଜି ଓ ଶ୍ୟାମାକାଳୀ ଷ୍ଟୋନ୍ କ୍ରସର ପକ୍ଷରୁ ଧରିତ୍ରୀ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା।
ପ୍ରୋପ୍ରାଇଟର:
ଶ୍ୟାମାକାଳୀ କ୍ରସର | ଜଗଦମ୍ବା ମେଟଲ
ପଥରପୁଞ୍ଜି, ଶେରଗଡ

# କରୋନା: ଭବିଷ୍ୟତ ପାଇଁ ଆହ୍ୱାନ



ପୂର୍ବରୁ ଏକାଧିକ ମହାମାରୀର ଭୟାବହତା ସମ୍ପର୍କରେ ଆମକୁ ଇତିହାସରୁ ପ୍ରମାଣ ମିଳେ। ହେଲେ ୨୦୧୯ ଶେଷ ଆଡ଼କୁ ଦେଖାଦେଇଥିବା କୋଭିଡ୍-୧୯ ପାଣ୍ଡେମିକ(ଅତିମାରୀ) କରୋନା କେବଳ ମଣିଷର ସ୍ୱାସ୍ଥ୍ୟାବସ୍ଥାକୁ ପ୍ରଭାବିତ କରିନାହିଁ, ସମଗ୍ର ପୃଥିବୀରେ ୧୯୩୦ ଦଶକର ଉତ୍କଟ ଆର୍ଥିକ ମାନ୍ଦାବସ୍ଥାକୁ ମଧ ପୁନର୍ବାର ଟାଣି ଆଣିଛି। ଏହିଭଳି ଅର୍ଥନୈତିକ ଦୁର୍ଗତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ପୃଥିବୀରେ ମଧ ଦେଖାଦେଇଥିଲା। ଯେହେତୁ ଅତୀତର ସେହି ମାନ୍ଦାବସ୍ଥା ସମ୍ପର୍କରେ ଇତିହାସ ନଥିଭୁକ୍ତ କରିଛି, ତେଣୁ ବର୍ତ୍ତମାନ ସମଗ୍ର ଦୁନିଆରେ ଦେଖାଦେଇଥିବା ସ୍ୱାସ୍ଥ୍ୟଗତ ଏବଂ ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ତଥ୍ୟ ପ୍ରସ୍ତୁତ କରି ରଖିବାର ଆବଶ୍ୟକତା ଅନୁଭୂତ ହେଉଛି। କୋଭିଡ୍ ପରବର୍ତ୍ତୀ ସମୟରେ ଭାରତ ସମେତ ସାରା ବିଶ୍ୱର ଆର୍ଥିକ ଦୁର୍ଗତି କେଉଁ ସ୍ତରରେ ପହଞ୍ଚିବ ତାହା ଆକଳନ କରାଯାଇ ନ ଥିବାରୁ ଭବିଷ୍ୟତ ରଣନୀତି ସ୍ଥିର କରିବା ମଧ ଏକ ଦୁରୂହ ବ୍ୟାପାର।

ଚାଇନାର ଉହାନରେ ପ୍ରଥମେ ଅତିମାରୀ କରୋନାର ସଂକ୍ରମଣ ଘଟିବା ସମୟରେ ପୃଥିବୀବାସୀ ଏହି ଭୂତାଣୁର ଭୟାବହତା ନେଇ ଅନଭିଜ୍ଞ ଥିଲେ। ଏପରିକି କରୋନା ନାମକ ଭୂତାଣୁ ସମ୍ପର୍କରେ କାହାର ଧାରଣା ମଧ ନ ଥିଲା। ଅତି କମ୍ ସମୟ ମଧରେ ଚାଇନାର କରୋନା ସଂକ୍ରମଣ ପ୍ରଭାବ ଇଟାଲୀର ଉତ୍ତରାଞ୍ଚଳରେ ଦେଖିବାକୁ ମିଳିଥିଲା। ବହୁସଂଖ୍ୟକ ଲୋକ ଭୂତାଣୁରେ କବଳିତ ହୋଇ ପ୍ରାଣ ମଧ ହରାଇଲେ। ଏବେ ବିଶ୍ୱର ୨୧୭ ଦେଶ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଭାରତରେ ମାର୍ଚ୍ଚମାସରେ କରୋନା ଭୂତାଣୁର ପ୍ରକୋପ ବଢ଼ିବାରେ ଲାଗିଥିଲା। କୁହାଯାଉଛି ଯେ, ଚାଇନା ପ୍ରଥମରୁ ଏହି ସଂକ୍ରମଣ ସମ୍ପର୍କରେ ତଥ୍ୟ ଗୋପନ ରଖିବା କାରଣରୁ କରୋନା ମୁକାବିଲା ପାଇଁ ଯେଉଁ ସତର୍କତା ଓ ସଚେତନତାର ଆବଶ୍ୟକତା ଥିଲା ତାହା ଅନ୍ୟ ଦେଶଗୁଡ଼ିକ ଗ୍ରହଣ କରିବାରେ ବିଳମ୍ବ କରିଦେଇଥିଲେ। ଏପରିକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ମଧ କରୋନାର ଗତି ପ୍ରଗତି ସମ୍ପର୍କରେ ଦୀର୍ଘ ସମୟ ଧରି ଅନ୍ଧାରରେ ରହିଥିଲା। ସାରା ପୃଥିବୀରେ କରୋନା ବ୍ୟାପିବାର ପ୍ରାୟ ବର୍ଷେ ପୂରିବାକୁ ଯାଉଥିଲେ ମଧ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅଦ୍ୟାବଧି ଏକ ସ୍ପଷ୍ଟ ନୀତି ନିର୍ଦ୍ଦେଶିକା ପ୍ରସ୍ତୁତରେ ସମର୍ଥ ହୋଇପାରି ନାହିଁ।

ଅତିମାରୀ କରୋନା ଦ୍ୱାରା ବିଶ୍ୱର ଅର୍ଥନୀତି ଘୋର ପ୍ରଭାବିତ ହୋଇଥିବାବେଳେ ଏହାର ମୁକାବିଲା କରିବା ରାଷ୍ଟ୍ରଗୁଡ଼ିକ ପାଇଁ ଚ୍ୟାଲେଞ୍ଜ ହୋଇଛି। ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ଦେଶରେ ଜାରି କଟକଣା ଯୋଗୁ ଶିଳ୍ପ କାରଖାନା ବନ୍ଦ ହୋଇଯିବା ସହ ଆର୍ଥିକ ଗତିବିଧି ମଧ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଏହାର ପ୍ରଭାବରେ ଆମେରିକା, ଜାପାନ ଓ ଫ୍ରାନ୍ସ ଭଳି ବୃହତ୍ ଅର୍ଥନୀତିର ମେରୁଦଣ୍ଡ ଦୋହଲିଯାଇଛି। ଏପରି କି ଭାରତରେ ମଧ ଘୋର ଆର୍ଥିକ ସଙ୍କଟ ଦେଖାଦେଇଛି। ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଯଥେଷ୍ଟ ତଳକୁ ଖସିଯାଇଥିବାରୁ ଅର୍ଥନୀତି ଏବେ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛି। ସାଧାରଣ ଲୋକଙ୍କ ଜୀବନଜୀବିକାକୁ ଟ୍ରାକ୍‌କୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକାଧିକ ପର୍ଯ୍ୟାୟରେ ଆର୍ଥିକ ପ୍ୟାକେଜ ଘୋଷଣା କରାଯାଉଛି। ତେବେ ଅର୍ଥନୀତି ସଜାଡ଼ିବାରେ ଏହା କେତେଦୂର ସହାୟକ ହେବ ସେନେଇ ମଧ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। ଦେଶର ଆର୍ଥିକ ବ୍ୟବସ୍ଥା ନ ସୁଧୁରିଲେ ଏହା ବିଷମ ପରିସ୍ଥିତି ସୃଷ୍ଟି କରିବ। ଏପରି କି ଖାଦ୍ୟ ସଙ୍କଟଠାରୁ ଆରମ୍ଭ କରି ବେରୋଜଗାରୀ ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।




## ମୁକାବିଲାରେ ଓଡ଼ିଶାକୁ ପ୍ରଶଂସା

କରୋନା ଅତିମାରୀ ମୁକାବିଲା କ୍ଷେତ୍ରରେ ଅନ୍ତର୍ଜାତୀୟସ୍ତରରେ ଭାରତର ପଦକ୍ଷେପକୁ ଦୃଷ୍ଟାନ୍ତ ଭାବେ ନିଆଯାଉଥିବାବେଳେ ଓଡ଼ିଶାର ରଣନୀତି ଜାତୀୟସ୍ତରରେ ପ୍ରଶଂସନୀୟ ହୋଇପାରିଛି। କରୋନାକୁ ରୋକିବା ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବପ୍ରଥମେ ଲକ୍‌ଡାଉନ, ଶଟ୍‌ଡାଉନ ସମେତ ପ୍ରବାସୀ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ ପ୍ରଭାବୀନିଷ୍ପତ୍ତି, କ୍ୱାରାଣ୍ଟାଇନ୍ଓକଣ୍ଟେନମେଣ୍ଟଜୋନ୍‌ଘୋଷଣାଆଦିପଦକ୍ଷେପସୁବ୍ୟବସ୍ଥିତ ଢଙ୍ଗରେ କରାଯାଇପାରିଥିଲା। ତେବେ କରୋନା ପରିଚାଳନା କ୍ଷେତ୍ରରେ ବିଭିନ୍ନ ଅବ୍ୟବସ୍ଥା ଓ ଅନିୟମିତତାର ପ୍ରଶ୍ନ ଉଠାଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ସରକାର ଇତିମଧ୍ୟରେ ଅର୍ଥାଭାବରୁ କ୍ୱାରାଣ୍ଟାଇନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇ ଆକ୍ରାନ୍ତଙ୍କୁ ଗୃହ ସଙ୍ଗରୋଧ (ହୋମ୍ ଆଇସୋଲେଶନ)ରେ ରହିବାର ପରାମର୍ଶ ଦେବା ସହ କରୋନା ନୀତି ନିର୍ଦ୍ଦେଶିକାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କହୁଛନ୍ତି। ତେବେ ଗତ କିଛିଦିନ ହେବ ରାଜ୍ୟରେ ଦୈନିକ ସଂକ୍ରମଣ ହାରରେ ହ୍ରାସ ଘଟିଥିବାବେଳେ ମୃତ୍ୟୁ ସଂଖ୍ୟା ନ ଥମିବା ସରକାରଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ସାମାଜିକ ଦୂରତା (ସୋସିଆଲ ଡିଷ୍ଟାନ୍ସିଂ) ଏବଂ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରିବାକୁ ଯାଇ ଉଲ୍ଲଂଘନକାରୀଙ୍କ ପାଇଁ ଜରିମାନା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଟ୍ରାକ୍‌କୁ ଫେରୁଛି ଭାରତ



ଆମେରିକା ପରେ ଭାରତ ହେଉଛି ଦ୍ୱିତୀୟ ସର୍ବାଧିକ କରୋନା ପ୍ରଭାବିତ ରାଷ୍ଟ୍ର। ନଭେମ୍ବର ଦ୍ୱିତୀୟ ସପ୍ତାହ ଶେଷ ସୁଦ୍ଧା ଦେଶରେ ୮୯ଲକ୍ଷ ଲୋକ ସଂକ୍ରମିତ ହେଲେଣି। ଏପରି କି ୧ଲକ୍ଷ ୩୧ହଜାର ଲୋକଙ୍କ କରୋନାରେ ଜୀବନ ଗଲାଣି। ଚଳିତ ମାସରେ ସଂକ୍ରମଣରେ ହ୍ରାସ ପାଇଥିଲେ ମଧ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ସଂକ୍ରମଣ ଯୋଗୁ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି ବିଶେଷଭାବେ ପ୍ରଭାବିତ ହୋଇଛି। ସରକାର ଜୀବନଜୀବିକାକୁ ଟ୍ରାକ୍‌କୁ ଫେରାଇବାକୁ ଚେଷ୍ଟା ଜାରି ରଖିଛନ୍ତି। ଏପରି କି ସଂକ୍ରମଣକୁ ହ୍ରାସ କରିବା ପାଇଁ ପୂର୍ବରୁ ଲଗାଯାଇଥିବା ଅନେକ ପ୍ରତିବନ୍ଧକକୁ ମଧ ଉଠାଇ ଦିଆଗଲାଣି। ବିଶେଷକରି ବାଣିଜ୍ୟବ୍ୟବସାୟକୁ ସୁବ୍ୟବସ୍ଥିତ କରିବାକୁ ଚେଷ୍ଟା ଜାରି ରହିଛି। ଫଳରେ ଲକ୍‌ଡାଉନ ଯୋଗୁ ଗାଁକୁ ଫେରିଥିବା ଲକ୍ଷଲକ୍ଷ ପ୍ରବାସୀ ଶ୍ରମିକ ଏବେ ସହର ମୁହାଁ ହୋଇଥିବା ଦେଖିବାକୁ ମିଳୁଛି।



## ଟିକାକୁ ନେଇ ପ୍ରତିଯୋଗିତା

କରୋନା ଅତିମାରୀରୁ ମୁକ୍ତି ପାଇଁ ବିଶ୍ୱବାସୀ ଅପେକ୍ଷା କରିଥିବାବେଳେ ବିଭିନ୍ନ ଦେଶର ଟିକା ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ଏଦିଗରେ ଗବେଷଣା ଜାରି ରଖିଛନ୍ତି। ଆମେରିକୀୟ ଫାଇଜର ଏବଂ ମଡର୍ନା ଫାର୍ମାସ୍ୟୁଟିକାଲ କମ୍ପାନୀ ଟିକା ପ୍ରସ୍ତୁତି କରିବା ସହ ଏହା ୯୫% ଫଳପ୍ରଦ ବୋଲି ଦାବି କରିଛି। ସେହିପରି ରୁଷିଆ ଏହାର ସ୍ପୁଟନିକ ଭି ଟିକା ୯୨% ଫଳପ୍ରଦ ବୋଲି କହୁଛି। ଏହି ଟିକା ପାଇବା ପାଇଁ ଭାରତ ରୁଷିଆର ଗାମାଲେୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ସହ ମଧ ଚୁକ୍ତି କରିଛି। ଭାରତର ବାୟୋଟେକ୍, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଜାଇଡସ୍ କାଡିଲା ଭଳି ଫାର୍ମା ସଂସ୍ଥା ସେମାନଙ୍କ ଦ୍ୱାରା ବିକଶିତ କରୋନା ପ୍ରତିଷେଧକ ଟିକାର ମାନବ ପରୀକ୍ଷଣ ଆରମ୍ଭ କରି ସାରିଛନ୍ତି। ବାୟୋଟେକ୍‌ର କୋଭାକ୍ସିନ୍ ନାମକ ପ୍ରତିଷେଧକର ତୃତୀୟ ବା ଚୂଡ଼ାନ୍ତ ପର୍ଯ୍ୟାୟ ମାନବ ପରୀକ୍ଷଣ ଚାଲିଛି। ଡବ୍ଲ୍ୟୁଏଚ୍ଓ ବର୍ତ୍ତମାନ ସୁଦ୍ଧା କୌଣସି ଟିକାକୁ ସ୍ୱୀକୃତି ଦେଇ ନ ଥିଲେ ମଧ ଅତିମାରୀ କବଳରୁ ମୁକ୍ତି ପାଇଁ ବିଭିନ୍ନ ରାଷ୍ଟ୍ର ଦ୍ୱାରା ଭାକ୍ସିନ ପ୍ରସ୍ତୁତି ବିଶ୍ୱବାସୀଙ୍କ ମନରେ ଆଶା ସଞ୍ଚାର କରିଛି। ଗୋଟିଏ ପଟେ ଭାକ୍ସିନ ବିକଶିତ କରିବା ପାଇଁ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବାବେଳେ ତା'ର ବଜାର ପ୍ରବେଶ ପୂର୍ବରୁ ବିପୁଳ ପରିମାଣର ଟିକା ହାତେଇବା ପାଇଁ ଧନୀ ରାଷ୍ଟ୍ରଗୁଡ଼ିକ ଅଧିକାର ଜମାଇଲେଣି। ଫଳରେ ସ୍ୱଳ୍ପ, ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକର ଲୋକେ ଆଗାମୀ ୪ବର୍ଷ ପର୍ଯ୍ୟନ୍ତ ଟିକା ପାଇବେ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଡବ୍ଲ୍ୟୁଏଚ୍ଓ ଭାକ୍ସିନ ସହ ସଚେତନତା ଉପରେ ଗୁରୁତ୍ୱ ଦେଇଛି। କେବଳ ଟିକା ଏହି ଅତିମାରୀକୁ ସମୂଳେ ନାଶ କରିପାରିବ ନାହିଁ ବୋଲି ନିକଟରେ ଡବ୍ଲ୍ୟୁଏଚ୍ଓ ସତର୍କ କରାଇଛି।



–ଲାଲା ସୁନୀଲ କୁମାର ରଥ

# ଭାରତରେ ଆତସବାଜି

ଡ. କମଳାକାନ୍ତ ଜେନା

୨୦୨୦ ମସିହା ଦୀପାବଳିରେ ବାଣ ବର୍ଜନ ଭାରତ ପାଇଁ ଏକ ଐତିହାସିକ ପଦକ୍ଷେପ । କାରଣ ଦୀପାବଳି ହେଉଛି ହିନ୍ଦୁମାନଙ୍କର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉତ୍ସବ । ହିନ୍ଦୁ ସଂସ୍କୃତିରେ ଭଗବାନ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ରାବଣକୁ ବଧ ସହ ସୀତାଦେବୀଙ୍କୁ ଉଦ୍ଧାର କରି ଏହି ଦିନ ଅଯୋଧ୍ୟାକୁ ଫେରିଥିଲେ । ତେଣୁ ସେଦିନ ଅଯୋଧ୍ୟାବାସୀ ଦୀପ ଜାଳି ଅନ୍ଧକାର ବିପକ୍ଷରେ ଆଲୋକର ବିଜୟ ଦିବସ ପାଳନ କରିଥିଲେ । କିନ୍ତୁ ଯେତେଦୂର ବିଶ୍ୱାସ, ବାଣ ଫୁଟେଇ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିବାର ପ୍ରମାଣ ମିଳିନାହିଁ କି ରାମାୟଣରେ ଉଲ୍ଲେଖନାହିଁ ।

ମନୋରଞ୍ଜନ ଉଦ୍ଦେଶ୍ୟରେ ବ୍ୟବହୃତ ଶବ୍ଦ ସୃଷ୍ଟି କରି ଫୁଟୁଥିବା କିମ୍ବା ଦୀପ୍ତି ବାହାରୁଥିବା ଅଥବା ଫୁଟିବା ସହିତ ଦୀପ୍ତି ବାହାରୁଥିବା ବସ୍ତୁକୁ ଆମେ 'ବାଣ' ବୋଲି କହିଥାଉ, ଯାହାର ମୁଖ୍ୟ ଉପାଦାନ ହେଉଛି ବାରୁଦ । ଚାଇନାରେ ପ୍ରଥମେ ବାରୁଦ ତିଆରି ହୋଇଥିଲା ବୋଲି ପ୍ରାୟ ସମସ୍ତେ ସ୍ୱୀକାର କରନ୍ତି । ନିଆଁରେ ବାଉଁଶ ଗଣ୍ଠି ଫୁଟିବା ପରି ଘଟଣା ସେମାନଙ୍କୁ ୨୨୦୦ ବର୍ଷ ତଳେ ବାଣ ତିଆରି ପାଇଁ ବାଟ ଦେଖେଇଥିଲା। ସେମାନେ ୭ମ ଶତାବ୍ଦୀରେ ବାଣ ପାଇଁ ବାରୁଦ ତିଆରି କରିଥିଲେ ଓ ଯୁଦ୍ଧ ପାଇଁ ବିସ୍ଫୋରକ ଅସ୍ତ୍ର ନିର୍ମାଣ ଆରମ୍ଭ କରିଥିଲେ। ଏକାଦଶ ଶତାବ୍ଦୀରେ ଯୁଦ୍ଧ ପାଇଁ ରକେଟ୍ ଓ ବିସ୍ଫୋରକ ବ୍ୟବହୃତ ହୋଇଥିଲା । ସେତେବେଳେ ଚାଇନାରେ ମଧ୍ୟ ବନ୍ଧୁକ ତିଆରି ହେଲା । ଧୀରେ ଧୀରେ ବାରୁଦ ଓ ବନ୍ଧୁକ ଜ୍ଞାନକୌଶଳ ବିଭିନ୍ନ ଦେଶରେ ପହଞ୍ଚିଥିଲା ।



ବିଶିଷ୍ଟ ଐତିହାସିକ ସ୍ୱର୍ଗତ ପି. କେ. ଗୋଡେଙ୍କ ମତରେ ପ୍ରାୟ ଖ୍ରୀଷ୍ଟାବ୍ଦ ୧୪୦୦ ପରେ ଭାରତରେ ବାରୁଦର ବ୍ୟବହାର ଆରମ୍ଭ ହେଲା। ଆଗ ଯୁଦ୍ଧ ପାଇଁ ବ୍ୟବହାର ହେଉଥିଲା ଏବଂ ପରେ ମନୋରଞ୍ଜନ ଉଦ୍ଦେଶ୍ୟରେ ବାଣ ତିଆରିରେ ବ୍ୟବହୃତ ହେଲା । ୧୯୫୦ ମସିହାରେ ପ୍ରକାଶିତ ଗୋଡେଙ୍କ ପୁସ୍ତକରେ ଏହା କୁହାଯାଇଛି । ଆଉ କେତେକ ସୂତ୍ରରୁ ସୂଚନା ମିଳେଯେ, ଖ୍ରୀଷ୍ଟପୂର୍ବ ୩୦୦ ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ରଚିତ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ 'ଅଗ୍ନିଚୂର୍ଣ୍ଣ' (ସଲ୍ଟପିଟର) ବିଷୟରେ ଉଲ୍ଲେଖ ରହିଛି । ଏହି ଅନୁସାରେ ଯୁଦ୍ଧରେ ଧୂଆଁ ସୃଷ୍ଟି କରି ଶତ୍ରୁକୁ ଘଉଡ଼ାଇବା ପାଇଁ ଅଗ୍ନିଚୂର୍ଣ୍ଣ, ଝୁଣା ଓ ଗଛର ବକ୍କଳ ବ୍ୟବହାର କରାଯାଇପାରିବ। ୧୩୦୦ ବର୍ଷ ତଳେ ଚୀନା ଭାଷାରେ ଲିଖିତ ଏକ ପ୍ରବନ୍ଧରେ ଭାରତର 'ଅଗ୍ନିଚୂର୍ଣ୍ଣ' ବିଷୟରେ ଉଲ୍ଲେଖ ଅଛି। ସେହିପରି ଖ୍ରୀଷ୍ଟାବ୍ଦ ୬୦୦ ରୁ ୮୦୦ ମଧ୍ୟରେ ଲିଖିତ କଶ୍ମୀରର ଏକ ପୁରାଣରେ ଆତସବାଜି ବିଷୟରେ ବର୍ଣ୍ଣନା ରହିଛି । କୁହାଯାଇଛି, ଉଜ୍ଜ୍ୱଳ ଆଲୋକ ବ୍ୟବହାର କରି କାର୍ତ୍ତିକମାସ ଦୀପାବଳିରେ ପୂର୍ବପୁରୁଷଙ୍କୁ ଆସିବା ପାଇଁ ରାସ୍ତା ଦେଖାଯାଏ । ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାର ଗଜପତି ପ୍ରତାପରୁଦ୍ରଦେବଙ୍କ 'କୌତୁକଚିନ୍ତାମଣି'ରେ ମଧ୍ୟ ବାଣକୌଶଳ ବିଷୟରେ ଉଲ୍ଲେଖ ଅଛି ।

ଭାରତରେ ବାରୁଦ ଜ୍ଞାନକୌଶଳର ପ୍ରବେଶ ସମ୍ପର୍କରେ ଇତିହାସ କହେ, ଚାଇନାକୁ ଆକ୍ରମଣ କରିବା ପରେ ମଙ୍ଗୋଲିଆ ୧୨୨୧ ମସିହାରେ ଭାରତ ଉପରେ ଆକ୍ରମଣ କରି ବିଜୟ ଲାଭ କରିଥିଲା । ମଙ୍ଗୋଲିଆ ସହାୟତାରେ ଚାଇନା ଓ ଭାରତ ମଧ୍ୟରେ ବ୍ୟବସାୟ ବୃଦ୍ଧି ପାଇଥିଲା। ଫଳରେ ଚାଇନାଠାରୁ ବାଣ ଓ ବାରୁଦ ସମ୍ପର୍କିତ ଅଧିକ ଜ୍ଞାନକୌଶଳ ଭାରତକୁ ଆସିଲା । ଏହି ଜ୍ଞାନକୌଶଳର ବ୍ୟବହାର ପୂର୍ବକ ୧୬ଶ ଶତାବ୍ଦୀରେ ଭାରତ ନିଜେ ବିଭିନ୍ନ ବିସ୍ଫୋରକ-ଅସ୍ତ୍ର ନିର୍ମାଣ କରିପାରିଥିଲା । ୧୫୨୬ରେ ମୋଗଲ ସାମ୍ରାଜ୍ୟ ମୁଣ୍ଡଟେକିଲା, ଯାହାର ପ୍ରତିଷ୍ଠାତା ଥିଲେ ବାବର । ମୋଗଲ ପ୍ରଚେଷ୍ଟାରେ ୧୮ଶ ଶତାବ୍ଦୀ ବେଳକୁ ଭାରତ ପୃଥିବୀର ସର୍ବପ୍ରଥମ ଲୁହା ରକେଟ୍ ତିଆରି କରିପାରିଥିଲା। ୧୭ଶ ଶତାବ୍ଦୀରେ ୟୁରୋପକୁ ସଲ୍ଟପିଟର ଓ ବାରୁଦ ରପ୍ତାନିରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ପରେ ଭାରତରୁ ବାରୁଦ-ଜ୍ଞାନକୌଶଳ ପଶ୍ଚିମ-ଏସିଆ, ଇଜିପ୍ଟ ଓ ତୁର୍କୀ ଭୂଖଣ୍ଡକୁ ବ୍ୟାପ୍ତ ହେଲା ।

ଦୀପାବଳିରେ ବାଣ ବ୍ୟବହୃତ ହେଉଥିଲା ବୋଲି କେତେକ ମୋଗଲ-ଚିତ୍ରରୁ ମଧ ପ୍ରମାଣ ମିଳେ । ତେବେ ୧୬୬୭ ମସିହାରେ ମୋଗଲ ସମ୍ରାଟ୍ ଆଉରଙ୍ଗଜେବ ବାଣ ବର୍ଜନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରିବେଶକୁ ଶାନ୍ତ ରଖିବା ସକାଶେ ଏହା ଏକ ଆଦର୍ଶ ପଦକ୍ଷେପ ଥିଲା । ସବୁଠାରୁ ବଡ଼ କଥା, ମନୋରଞ୍ଜନ ଓ ସଂସ୍କୃତିର ଦୁହାଇ ଦେଇ ଆଜିର ପ୍ରଦୂଷିତ ପରିବେଶକୁ ଆଉ ନଷ୍ଟ କରିବା ଆମ ପାଇଁ ବୁଦ୍ଧିମତ୍ତାର ପରିଚାୟକ ହେବ ନାହିଁ । ଆଗକୁ ବଞ୍ଚିରହିବା ପାଇଁ ଅତ୍ୟାବଶ୍ୟକ ଉପାଦାନ ବା-ପା-ମା (ବାୟୁ-ପାଣି-ମାଟି)କୁ ସୁସ୍ଥ ରଖିବା ଜରୁରୀ ଏବଂ ସେଥିଲାଗି ଆମକୁ ଛୋଟ ଛୋଟ କିଛି ମୋହକୁ ତ୍ୟାଗ କରିବାକୁ ହେବ ।

*–କୋଅର୍ଡିନେଟର, ସ୍ନାତକୋତର ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ, ଫୋନ-୯୪୩୯୫୦୧୬୫୧*





## ନୟନତାରା

ମୂଳ ବଂଗଳା: କବୀର ସୁମନ
ଓଡ଼ିଆ ଅନୁବାଦ: ମୃଣାଳ

ସନ୍ଧ୍ୟା ହେଲା ସନ୍ଧ୍ୟା ହେଲା
ଚାହିଁ ଦେଖୁଛି ପ୍ରଥମ ତାରା
ସେ ଯେମିତି ଚାହିଁଛି ମୋ' ଆଖିରେ
ତା'ର ଦୁଇଟି ନୟନତାରା

ସନ୍ଧ୍ୟା ହେଲା ସନ୍ଧ୍ୟା ହେଲା
ଏବେ ଘରକୁ ଫେରୁଛି ଯିଏ
ତା' ମନରେ ଶାନ୍ତି ଆସୁ
ଶାନ୍ତି ଆଣୁ ସନ୍ଧ୍ୟାତାରା

ସନ୍ଧ୍ୟା ହେଲା ସନ୍ଧ୍ୟା ହେଲା
ଚାହିଁ ଦେଖୁଛି ପ୍ରଥମ ତାରା
ସେ ଯେମିତି ଚାହିଁଛି ମୋ' ଆଖିରେ
ତା'ର ଦୁଇଟି ନୟନତାରା

ସନ୍ଧ୍ୟା ହେଲା ସନ୍ଧ୍ୟା ହେଲା
କ୍ଳାନ୍ତ ହୋଇ ଦିନ ସରିଲା
ଏବେ ଅବସନ୍ନ ଜନ
ସେମାନଙ୍କ ପାଇଁ ସନ୍ଧ୍ୟାତାରା

ସନ୍ଧ୍ୟା ହେଲା ସନ୍ଧ୍ୟା ହେଲା
କେବେ ତୁମେ ଆସିବ କୁହ
ଅପେକ୍ଷାରେ ମୁଁ ତନ୍ଦ୍ରାହରା
ଆକାଶ ରହିବ ତାରା ଭରା

ସନ୍ଧ୍ୟା ହେଲା ସନ୍ଧ୍ୟା ହେଲା
ଚାହିଁ ଦେଖୁଛି ପ୍ରଥମ ତାରା
ସେ ଯେମିତି ଚାହିଁଛି ମୋ' ଆଖିରେ
ତା'ର ଦୁଇଟି ନୟନତାରା।



ଉଷାକୋଠି ପାହାଡ଼

# ସୁନ୍ଦରଗଡ଼ର ପ୍ରସ୍ତରକଳା

**ଦିନଥିଲା, ମଣିଷ ପାଇଁ ନିରାପଦ ଆଶ୍ରୟସ୍ଥଳ ନ ଥିଲା। ସେ ଘଞ୍ଚ ବଣଜଙ୍ଗଲରେ ଘୂରି ବୁଲୁଥିଲା। ହିଂସ୍ର ବନ୍ୟଜନ୍ତୁ ଓ ପ୍ରକୃତିର ପ୍ରକୋପରୁ ନିଜକୁ ରକ୍ଷା କରିବା ପାଇଁ ବୃକ୍ଷ କ୍ରୋଟର ଓ ଗହଳ ପତ୍ରର ଛାୟାରେ ଆଶ୍ରୟ ନେଉଥିଲା। ଏହି ସମସ୍ୟାରୁ ନିଜକୁ ରକ୍ଷା କରିବା ପାଇଁ ଉନ୍ନତ ପୁରାତନ ପ୍ରସ୍ତର ଯୁଗରେ ମାନବ ପାହାଡର ଖୋଲ ବା ଗୁମ୍ଫାକୁ ତାର ନିରାପଦ ଆବାସସ୍ଥଳୀରୂପେ ବ୍ୟବହାର କରିବାର ପ୍ରକ୍ରିୟା ଆରମ୍ଭ କରିଥିଲା। ଏହି ଶୈଳାଶ୍ରୟରେ ବସବାସ କରୁଥିବା ସମୟରେ ନିଜସ୍ୱ ଜ୍ଞାନ କୌଶଳ, ସୃଜନଶକ୍ତିର ଆଧାରରେ ପ୍ରସ୍ତର ଚିତ୍ର ଆଙ୍କିବା ଆରମ୍ଭ କରିଥିଲା। ବିଶେଷକରି ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବରେ ସେ ଶୈଳାଶ୍ରୟର ଗାତ୍ର, କାନ୍ଥ ଓ ଛାତରେ ଶୈଳଚିତ୍ର ତିଆରି କରିଥିଲା ବୋଲି ଐତିହାସିକମାନେ ମତ ଦେଇଥାନ୍ତି।**

ସୁନ୍ଦରଗଡ଼ ଜିଲାର ପ୍ରସ୍ତରକଳା ବିଶ୍ୱ ଐତିହ୍ୟ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜିଲାର ହେମଗିରି ବ୍ଲକସ୍ଥିତ ମାଣିକମୋଡା, ଲେଖାମୋଡା, ଇମଲିମୁଣ୍ଡା, ପେଟେନ୍‌ମୁଣ୍ଡା, ଛେରାମୁଣ୍ଡା, ଡୋଲାମୁଣ୍ଡା, ଟୋଙ୍ଗୋରେ ଏହି କଳାରେ ନିଖୁଣ ଚିତ୍ର ରହିଛି। ଜାମକାନିସ୍ଥିତ ଉଷାକୂପ, ବାରିକୂପ, ରାଜାମଚାନ୍, ଲେଫ୍ରିପଡା ବ୍ଲକସ୍ଥିତ ରାଜବାହାଲର ଉଷାକୋଠି ଆଦି ଶୈଳାଶ୍ରୟରେ ଚିତ୍ରିତ ଓ ଖୋଦିତ ପ୍ରସ୍ତରଚିତ୍ର ଏବେ ବି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି।

ଜିଲାର ମାଣିକମୋଡ଼ା, ଉଷାକୋଠି, ଝାରସୁଗୁଡ଼ା ଜିଲାର ବିକ୍ରମଖୋଲ, କଳାହାଣ୍ଡି ଜିଲାର ଗୁଡହାଣ୍ଡି ଓ ଯୋଗୀମଠରେ ଥିବା ଶୈଳାଶ୍ରୟଗୁଡ଼ିକରେ ରହିଥିବା ଶୈଳଚିତ୍ର ଐତିହାସିକ ତଥା ଗବେଷକମାନଙ୍କୁ ପ୍ରାଚୀନ ପ୍ରସ୍ତରଯୁଗୀୟ ପ୍ରସ୍ତରକଳା ସମ୍ପର୍କରେ ପ୍ରାମାଣିକ ତଥ୍ୟ ପ୍ରଦାନ କରିଥାଏ। ସୁନ୍ଦରଗଡ଼ ଜିଲାର ହେମଗିରି ବ୍ଲକ ଅଧୀନ ମାଣିକମୋଡାରେ ଥିବା ଶୈଳାଶ୍ରୟରେ ୬୦ଟି ଶୈଳଚିତ୍ର ଦେଖିବାକୁ ମିଳିଥାଏ। ଏହି ଚିତ୍ରଗୁଡିକ ମଧ୍ୟରେ ବିଭିନ୍ନ ପଶୁ ଯଥା ଝାମ୍ପ ଦେଉଥିବା ଗାଈ, ବିଭିନ୍ନ ଜ୍ୟାମିତିକ ଏବଂ ଅଣଜ୍ୟାମିତିକ ରେଖାଚିତ୍ରଗୁଡ଼ିକରେ ମୁଖ୍ୟତଃ ଲାଲ, ହଳଦିଆ ଓ ଧଳା ରଙ୍ଗର ଚିତ୍ର ରହିଛି। ଏତଦ୍‌ବ୍ୟତୀତ ଗାଢ଼ ଲାଲରଙ୍ଗରେ ମଣିଷର ଚିତ୍ର ସହିତ ଖଣ୍ଡା, ଢାଲ ଓ ବାଦ୍ୟଯନ୍ତ୍ରର ଚିତ୍ର ଉଭୟ ଲାଲ ଏବଂ ଧଳା ରଙ୍ଗରେ ଚିତ୍ରିତ ହୋଇଛି। ହେମଗିରି ବ୍ଲକ୍ ଅନ୍ତର୍ଗତ ଲେଖାମୋଡାରେ ମୁଖ୍ୟତଃ ୧୨ଟି ଶୈଳାଶ୍ରୟରେ ୫୦୨ଟି ଶୈଳଚିତ୍ର ମଧ୍ୟରୁ ୩୬ଟି ଖୋଦିତ ହୋଇଥିବାର ଦେଖାଯାଇଥାଏ। ଏଠାରେ ଅଙ୍କିତ ମାନବ ହାତରେ ଏକ ଯଷ୍ଟି ଓ ବାଜା କାନ୍ଧରେ ପକାଇଥିବାର ଚିତ୍ରକଳା ରହିଛି। ପଶୁପକ୍ଷୀମାନଙ୍କ ମଧ୍ୟରେ ହରିଣ, ମାଙ୍କଡ, ଷଣ୍ଢ, ଛେଳି, ସାପ, ମୟୂରର ଚିତ୍ର ସହ ହାତ ପାପୁଲି ଓ ପାଦର ଚିତ୍ର ଦେଖିବାକୁ ମିଳିଥାଏ। ହେମଗିରି ବ୍ଲକ ଗିରିପୁର ଗ୍ରାମ ନିକଟବର୍ତ୍ତୀ ଟୋଙ୍ଗୋ ଶୈଳାଶ୍ରୟରେ ଥିବା ୧୦୯ଟି ଶୈଳଚିତ୍ର ଖୋଦିତ ହୋଇଛି।। ତ୍ରିକୋଣାଗାର ଜ୍ୟାମିତିକ ରେଖା, ହାତ ପାପୁଲି ଓ ମହୁଫେଣାର ଚିତ୍ର ଏବଂ ରୋମାନ ଅକ୍ଷର ଏକ୍ସ, ୱାଇ ଏବଂ ଏଚ୍ ଆକାରର ଚିତ୍ର ହଳଦିଆ ରଙ୍ଗରେ ରହିଛି। ହେମଗିରି ବ୍ଲକ ଧନୁବାନୁସ ସଂରକ୍ଷିତ ଜଙ୍ଗଲରେ ଇମଲିମୁଣ୍ଡା, ପାଟେନ ମୁଣ୍ଡା, ଡୋଲା ମୁଣ୍ଡା, ଚେରେନମୁଣ୍ଡା ଶୈଳାଶ୍ରୟରେ ବିଭିନ୍ନ ପ୍ରସ୍ତର ଚିତ୍ର ରହିଛି।

ପାଟେନମୁଣ୍ଡା ଶୈଳାଶ୍ରୟ ଛତିଶଗଡ଼ ରାଜ୍ୟର ସୀମାନ୍ତ ଅଞ୍ଚଳରେ ଅବସ୍ଥିତ। ଏଠାରେ ଲାଲରଙ୍ଗରେ ଚିତ୍ରିତ ହରିଣ, ମହୁଫେଣାର ଚିତ୍ର, ତ୍ରିକୋଣାକାର ଜ୍ୟାମିତି ରେଖା ଚିତ୍ର, ୧୫୩ଟି ଶୈଳଚିତ୍ରଗୁଡିକ ମଧ୍ୟରେ ମାଛ, ବେଙ୍ଗ ଓ କଇଁଛ ଚିତ୍ର ହଳଦିଆରଙ୍ଗରେ ଚିତ୍ରିତ ହୋଇଛି। ଏହି ଶୈଳାଶ୍ରୟର ଚଟାଣରେ ଅନେକ ଗର୍ତ୍ତ ରହିଛି। ସେହିପରି ଜିଲାର ଲେଫ୍ରିପଡା ବ୍ଲକ ଅଧୀନ ରାଜବାହାଲଠାରେ ଉଷାକୋଠି ଶୈଳାଶ୍ରୟ ମୁଖ୍ୟତଃ ପ୍ରାଗ୍‌ଐତିହାସିକ ମାନବର ଉପାସନାସ୍ଥଳୀ ବୋଲି ବିଶ୍ୱାସ କରାଯାଏ।



ଉଷାକୋଠି ପଥରରେ ଖୋଦେଇ ହୋଇଥିବା ଚିତ୍ର

ଐତିହାସିକ ତଥା ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା. ସରୋଜ କୁମାର ପଟେଲ ଏ ସଂକ୍ରାନ୍ତରେ କୁହନ୍ତି, ସୁନ୍ଦରଗଡ଼ର ଶୈଳଚିତ୍ର ଆଜି କାଳର କରାଳ ଗର୍ଭରେ ଲୀନ ହେବାକୁ ବସିଛି। ଉପଯୁକ୍ତ ରକ୍ଷାଣାବେକ୍ଷଣ ଅଭାବରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏହି ବିରଳ ପ୍ରାଚୀନ କଳାକୃତି ଓ ଆଦିମାନବର ଆବାସସ୍ଥଳୀଗୁଡିକର ସଂରକ୍ଷଣ ଦିଗରେ ଯଥେଷ୍ଟ ଧ୍ୟାନଦେବା ଆବଶ୍ୟକତା ରହିଛି।

– ଜୟ ନାରାୟଣ ମେଣ୍ଡୁଲୀ



# ବଦଳୁଛି କୋରାପୁଟିଆ ଜନଜାତି ସଂସ୍କୃତି

ଅସରନ୍ତି ବୈଭବରେ ପରିପୂର୍ଣ୍ଣ କୋରାପୁଟ ଜିଲା। ଲୋଭନୀୟ ପ୍ରାକୃତିକ ଶୋଭା ସମ୍ପଦ ଏଠି ପର୍ଯ୍ୟଟକଙ୍କ ମନ କିଣେ। ଏଠାରେ ବସବାସ କରୁଥିବା ସରଳ ନିରୀହ ଜନଜାତି, ଏମାନଙ୍କ ଭାଷା, ସଂସ୍କୃତି, ଜୀବନ ଚଳଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ। କନ୍ଧ, ପରଜା, ଗଦବା, ବଣ୍ଡା, ଅମନାତ୍ୟ, ଭତ୍ରା, ଭୁମିଆ, ଦୁରୁଆ ଓ ଗଣ୍ଡ ଜନଜାତିଙ୍କ ଚିତ୍ରିତ ଚିତ୍ରଶାଳାର ଭୂମି ଇଏ। ଏମାନଙ୍କର ନିଜର ଏକ ଭାଷା ରହିଛି। ନୃତ୍ୟ, ସଙ୍ଗୀତ, ଖାଦ୍ୟପେୟ, ପୋଷାକ ପରିଧାନ ରୀତିରେ ମଧ ରହିଛି ପାର୍ଥକ୍ୟ। ତେବେ ଆଧୁନିକତାର ଅନୁପ୍ରବେଶ ପରେ ଏହାର ତୀବ୍ର ପ୍ରଭାବ ସେମାନଙ୍କ ଉପରେ ପଡିଛି। ସେମାନଙ୍କ ଭାଷା, ପୋଷାକ ପରିଛେଦ, ଖାଦ୍ୟପେୟରେ ପରିବର୍ତ୍ତନ ଆସିଛି।। ବିଭିନ୍ନ ନଦୀବନ୍ଧ ଯୋଜନା, ଶିଳ୍ପାୟନ, କୋଠାବାଡି, ରାସ୍ତାଘାଟର ନିର୍ମାଣରେ ବନଭୂମି ପଦା ହେଲା। ଜନଜାତି ମଣିଷଙ୍କ ଜୀବନ ବିପର୍ଯ୍ୟସ୍ତ ହୋଇପଡିଲା। ବହୁ ଜନଜାତି ଗୋଷ୍ଠୀ ଅନ୍ୟତ୍ର ଚାଲିଗଲେ। ସଂସ୍କୃତିକୁ ବାଦ ଦେଲେ ସେମାନଙ୍କ ଜୀବନ ନିରର୍ଥକ। ଜନଜାତି ଜୀବନ କହିଲେ ଯେଉଁ ପରିବେଶ ମନକୁ ଆସେ ସେସବୁ ଜଙ୍ଗଲକୈନ୍ଦ୍ରିକ। ଆଧୁନିକତାର ସ୍ପର୍ଶରେ ଜଙ୍ଗଲ ଅବକ୍ଷୟ ଯୋଗୁ ଏବେ ସେସବୁ ପାଲଟିଛି ଦୁର୍ଲଭ। ଘନ ଅନ୍ଧାର ରାତିରେ ଜଙ୍ଗଲର କାଠ ଏକାଠି କରି ନିଆଁ ଜଳା ହୋଇଥିବ, ପାଖରେ ଥିବ କ୍ଷୁଦ୍ର ପଲ୍ଲୀଟିଏ, ସେଇଠି ଜଙ୍ଗଲକୁ କମ୍ପାଇ ବାଦ୍ୟ ବାଜୁଥିବ, ଧାଙ୍ଗଡା, ଧାଙ୍ଗଡି ନୃତ୍ୟ କରୁଥିବେ। ଏହା ହେଉଛି କୋରାପୁଟିଆ ଜନଜାତି ଗୋଷ୍ଠୀର ପୁଷ କିମ୍ବା ଚଇତି ପରବର ପରିବେଶ ଯାହା ଏବେ କ୍ରମଶଃ ଦେଖିବାକୁ ମିଳୁନାହିଁ।

–ଅମିତାଭ ବେହେରା

## କବିତା

### କୁହୁଡ଼ି ହଟେନାହିଁ

ଡ. ପ୍ରସନ୍ନ କୁମାର ମହାନ୍ତି

ଜାଣିଚି, ସୋଜାରେ ଛାଡ଼ିବନି ତମେ !
ଦିନରାତି ତୁମକୁ ନିହାତି
ନିମ୍ନସ୍ତରର ପ୍ରାଣୀ କହି ଭର୍ତ୍ସନା କରିଛି ମୁଁ,
ନାନା ଅକଥ୍ୟ ଗାଳିଫଜିତ୍‌ରେ
ଲାଂଛିତ କରିଛି ତୁମକୁ, ତୁମପରି
ମହାମହିମ ଓ ସର୍ବଶକ୍ତିମାନ୍‌କୁ।

ଏଥିକୁ କି କଠୋର ଦଂଡ଼ାଦେଶ
ନିର୍ଦ୍ଧାରଣ କରିବ ତମେ, ଜଣା ନାହିଁ।
ସବୁଠୁ ଯଂତ୍ରଣାକ୍ତ, ମରଣଠୁ ଆହୁରି ବେଶି,
ପୁରାଣରେ ବର୍ଣ୍ଣିତ ସମସ୍ତ ନରକଠୁ
ଆହୁରି ମାରକ କିଛି ଦଣ୍ଡ ହୁଏତ...
କଳ୍ପନାର ସବୁ ସୀମା ଡେଇଁ, କେଉଁ ଦଣ୍ଡ
ମୋ' ପାଇଁ ନିର୍ଦ୍ଧାରଣ କରିବ ତମେ ?

ତମେ ଚାଲିଚ ମହାଦର୍ପରେ
ପହଣ୍ଡି ଠାଣିରେ ଝୁଲିଝୁଲି ରାଜପଥରେ,
ମୁଁ ଆବର୍ଜନାରେ ଜୁଡୁବୁଡୁ ବସ୍ତିର ବୁଲା କୁକୁର
ଭୁକି ଚାଲିଛି ପ୍ରଚୁର ନିଷ୍ଠାରେ...
ତମେ ଜହ୍ନରେ, ମୁଁ ଜହନ୍ନମ୍‌ରେ ଜୁଡୁବୁଡୁ !

ମୋ' ହାତ ମୁଠାର ଦୁର୍ବଳ ମୁଣିରେ
କେତେ ସମୟ ଭରିଛ ତମେ
ଜଣାନାହିଁ, ଆସନ୍ନ ଏ ବିକଟ ଘୂର୍ଣ୍ଣି
ଗୋଟାଏ ନତଜାନୁ ପ୍ରାରବ୍ଧ
କି ଏକତରଫା ହାସ୍ୟାସ୍ପଦ ଯୁଦ୍ଧ
କି ଯୁଦ୍ଧଫୁଦ୍ଧ କିଛି ହିଁ ନୁହ, କେବଳ
ମୋ' ଭଳି ଗୋଟେ ଅଦୃଶ୍ୟପ୍ରାୟ ଜୀବାଣୁର
ଏକତରଫା ଯୁଯୁତ୍ସା ?

ଗୋଟେ ଈର୍ଷାଳୁ ଭୂତଦ୍ୱାରା ତୁମପରି
ଭଲଲୋକର ଆଜୀବନ କୁତ୍ସା ?

– ଅମୃତାଶ୍ରୁ, ୩–ମହାଲକ୍ଷ୍ମୀ ନଗର
ଗ୍ୟାରେଜ୍ ଛକ, ଭୁବନେଶ୍ୱର–୨

### ଗଣତନ୍ତ୍ର

ସମରେନ୍ଦ୍ରନାଥ ମହାପାତ୍ର

ମୋତେ ମାରିଦିଅନା
ମୁଁ ତ ମରିଗଲିଣି ଅନେକ ଦିନରୁ–

କେବେ ସାମ୍ୟବାଦ ନାମରେ ବ୍ୟକ୍ତିବାଦ
କେବେ ସମାଜବାଦ ନାମରେ ବଂଶବାଦ
କେବେ ସୁଶାସନ ନାମରେ ଶୋଷଣ
କେବେ ଧର୍ମନିରପେକ୍ଷତା ନାମରେ ଧର୍ଷଣ
କେବେ ଶିଳ୍ପାୟନ ନାମରେ ବିସ୍ଥାପନ
କେବେ କଲ୍ୟାଣ ନାମରେ କର୍ଷଣ
କେବେ ଯୋଜନା ନାମରେ ଯାତନା

କେବେ କ୍ଷମତାର ଅଳିନ୍ଦ ନିଳୟରେ
ଦୁର୍ନୀତି ପରି ଦୂଷିତ ରକ୍ତର ବନ୍ୟା

ମୁଁ କୋଉ ଦେଶର କନ୍ୟା
ଯୋଉ ଦେଶର ଭ୍ରଷ୍ଟାଚାରୀ ଶାସକ ପାଇଁ
ମୋତେ ବାରମ୍ବାର କରିବାକୁ ହୁଏ ଡାକ୍ତରୀ ମାଇନା !

ଏଫ–୩୧, ସେକ୍ଟର–୬, ସିଡିଏ, କଟକ–୭୫୩୦୧୪
ମୋ: ୯୪୩୯୨୯୧୨୭୭

# ପ୍ରକୃତି ପର୍ଯ୍ୟଟନର ଗନ୍ତାଘର ଭିତରକନିକା

ଡ. ବିଜୟ କେତନ ପଟ୍ଟନାୟକ

ପ୍ରାକ୍ତନ କନିକା ରାଜ୍ୟର ଭିତିରିଆ ଅଞ୍ଚଳ ହୋଇଥିବାରୁ ନାଁ ତା'ର ଭିତରକନିକା। ଅନାବିଳ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଘଞ୍ଚ ହେନ୍ତାଳବନ ପରିବେଷ୍ଟିତ ଏହି ଇଲାକା ପ୍ରକୃତି ପର୍ଯ୍ୟଟନ ଦୃଷ୍ଟିକୋଣରୁ ପ୍ରକୃତିପ୍ରେମୀ ପର୍ଯ୍ୟଟକମାନଙ୍କ ନିମନ୍ତେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶା ରାଜ୍ୟର ପୂର୍ବ ଉପକୂଳରେ, ବଙ୍ଗୋପସାଗର ତଟ ଦେଶରେ ଏବଂ ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ଦ୍ୱାରା ସୃଷ୍ଟି ହୋଇଥିବା ତ୍ରିକୋଣ ଭୂମି ଅଞ୍ଚଳରେ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଭିତରକନିକା ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ତ୍ରିବେଣୀ ସଂଗମ।

**ଡାଙ୍ଗମାଳ:** ପ୍ରକୃତିପ୍ରେମୀ ପର୍ଯ୍ୟଟକମାନଙ୍କ ପାଇଁ ଭିତରକନିକାର ଡାଙ୍ଗମାଳ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏହି ମନୋମୁଗ୍ଧକର, ଚିତ୍ତାକର୍ଷକ ପର୍ଯ୍ୟଟନସ୍ଥଳୀରେ ରହିଛି ଭାରତର ସର୍ବବୃହତ୍



କୃତ୍ରିମ ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର। ଅନେକ ଛୋଟବଡ଼ ପର୍ଯ୍ୟଟନ କୁଟୀର ବ୍ୟତୀତ ରହିଛି ଗୋଟେ ଛୋଟ ମ୍ୟୁଜିୟମ୍, ଯେଉଁଠି ବଉଳା କୁମ୍ଭୀର ଓ ଲୁଣା ଜଙ୍ଗଲରେ ମିଳୁଥିବା ମାଛ, କଙ୍କଡା ଓ ଅନ୍ୟାନ୍ୟ ସରୀସୃପମାନଙ୍କର କଙ୍କାଳ ସଂରକ୍ଷିତ ରହିଛି। ଦୁଇ ପଟରୁ ପହଞ୍ଚି ହେବ ଏହି ଅନନ୍ୟ ପ୍ରାକୃତିକ ପରିବେଷ୍ଟନୀ ଭିତରେ। ଭଦ୍ରକ ଜିଲାର ଚାନ୍ଦବାଲିଠାରୁ ମୋଟର ଲଞ୍ଚ୍‌ରେ ବୈତରଣୀ ନଦୀରେ କିଛିବାଟ ଗଲେ ପଡ଼ିବ 'ଦୁର୍ଗାପୁର' ମୁହାଣ, ବ୍ରାହ୍ମଣୀ ବୈତରଣୀ ନଦୀର ସଂଗମସ୍ଥଳ। ଏଠାରୁ ନଦୀସ୍ରୋତରେ ତଳକୁ କିଛି ବାଟ ଗଲେ ପଡ଼ିବ 'ଖୋଳା'। ପ୍ରାୟ ୮୫/୯୦ ବର୍ଷ ତଳେ ତତ୍କାଳୀନ କନିକା ରାଜା ଖୋଳାଇଥିଲେ ଦୁଇ କିଲୋମିଟର ଦୀର୍ଘ ଏହି କୃତ୍ରିମ ନାଳ, ଅପରପଟେ ବୋହି ଯାଇଥିବା ଭିତରକନିକା ନଦୀ ସହ ସଂଯୋଗ ସ୍ଥାପନ କରିବା ପାଇଁ। କୃତ୍ରିମ ଭାବରେ ଖୋଳା ଯାଇଥିବାରୁ ନାଁ ତାର 'ଖୋଳା'। ଏହି ଖୋଳା ନାଳି ବା କ୍ରିକ୍ ବାଟରେ ଗଲେ ମୋଟର ଲଞ୍ଚ୍‌ରେ ଡାଙ୍ଗମାଳରେ ପହଞ୍ଚି ହେବ।

**ବଗ ଗହନ:** ବର୍ଷା ଋତୁର ପ୍ରାରମ୍ଭରେ, ମୌସୁମୀ ପ୍ରବାହର ଆଗମନରେ ବଗ, ଗେଣ୍ଡାଳିଆ, ପାଣିକୁଆ, କ୍ରୌଞ୍ଚ, କର୍ମୋରାଣ୍ଟ ଆଦି ହଜାର ହଜାର ସଂଖ୍ୟାର ବଗ ଦମ୍ପତି ପ୍ରଜନନ ପାଇଁ ଏଠାରେ ବସା ବାନ୍ଧନ୍ତି। ଦଶ ଏକର ବ୍ୟାପ୍ତ ଗୁଆଁ ଓ ସୁନ୍ଦରୀ ଗଛର ଜଙ୍ଗଲ ମଝିରେ ପ୍ରତିବର୍ଷ ବର୍ଷାଋତୁରେ ଗଢ଼ିଉଠେ ହଜାର ହଜାର ଦେଶୀୟ ବଗପକ୍ଷୀ ଦମ୍ପତିଙ୍କ ବସତି ଓ ପ୍ରସୂତିଶାଳା। ଦୂରରୁ ଦେଖିଲେ ମନେହେବ, ସତେଯେପରି ପରିବ୍ୟାପ୍ତ ଲୁଣା ଜଙ୍ଗଲ ଉପରେ ଧଳା ଚାଦରଟିଏ କିଏ ଘୋଡ଼ାଇ ଦେଇଛି। ବର୍ଷା ଦିନେ ଯେତେବେଳେ ଭିତରକନିକାର ଅନ୍ୟାନ୍ୟ ଅଞ୍ଚଳରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଏ, ସେତେବେଳେ 'ବଗ ଗହନ' ପ୍ରକୃତ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ପାଲଟିଥାଏ।

**ଗହୀରମଥା ବେଳାଭୂମି:** ସତୁରି କିଲୋମିଟର ବ୍ୟାପ୍ତ ଗହୀରମଥା ବେଳାଭୂମିରେ ରହିଛି 'ଏକକୂଳା', 'ହାବାଳି ଖଟି', 'ବରୁଣେଇ', 'ହୁକିଟୋଲା' ଏବଂ ହ୍ୱିଲର ଆଦି ଛୋଟ ଛୋଟ ଦ୍ୱୀପପୁଞ୍ଜ ଓ ତା' ନିକଟରେ ଥିବା ନାସି–୧, ନାସି–୨, ବାହୁବଳୀ ଏବଂ ଅଗରନାସିର ମନୋରମ ବେଳାଭୂମି। ବିଜୁଳି ଆଲୋକ ଓ ଯାନ୍ତ୍ରିକ ଶବ୍ଦର କୋଳାହଳଠାରୁ ଅନେକ ଦୂରରେ ଏଠି ରହିଛି ଏକ ନିଆରା ପୃଥିବୀ, ଯେଉଁଠି ଘଡ଼ିଏ ବସିଗଲେ ପ୍ରକୃତି କୋଳରେ ହଜିଯାଏ ପର୍ଯ୍ୟଟକ। ବାହାର ଦୁନିଆକୁ ପୂରାପୂରି ଭୁଲିଯାଏ ସେ।

ଗହୀରମଥା ବେଳାଭୂମି ନିକଟବର୍ତ୍ତୀ ସମୁଦ୍ରକୁ 'ଅଲିଭ୍ ରିଡ୍‌ଲେ' କଇଁଛମାନେ ବହୁ ସଂଖ୍ୟାରେ ଆସି ନଭେମ୍ବରରୁ ମେ' ମାସ ପର୍ଯ୍ୟନ୍ତ ଅର୍ଥାତ୍ ବର୍ଷର ଅଧାରୁ ଅଧିକ ସମୟ ଅଗଭୀର ଜଳରେ ରହିଥାଆନ୍ତି। ଫେବୃୟାରୀରୁ ଏପ୍ରିଲ ମାସ ମଧରେ ଲକ୍ଷ ଲକ୍ଷ ସଂଖ୍ୟାରେ ମାଈ କଇଁଛ ବେଳାଭୂମି ଉପରକୁ ଉଠିଆସି ସାମୂହିକ ଅଣ୍ଡା ଦେବାର ଦୃଶ୍ୟ ଅତ୍ୟନ୍ତ ବିରଳ। ଅଲିଭ୍ ରିଡ୍‌ଲେ କଇଁଛମାନଙ୍କର ସାମୂହିକ ଅଣ୍ଡାଦାନ ପ୍ରକ୍ରିୟା 'ଆରିବାଦା' ନାମରେ ଖ୍ୟାତ। କେବଳ କୋଷ୍ଟାରିକାର ପାସିଫିକ୍ ବେଳାଭୂମି ଓ ମେକ୍ସିକୋ, ନିକାରାଗୁଆର ପ୍ରଶାନ୍ତ ମହାସାଗରୀୟ ବେଳାଭୂମିକୁ ଛାଡ଼ିଦେଲେ, ବିଶ୍ୱର ଅନ୍ୟ କୌଣସି ବେଳାଭୂମିରେ ଏହି ବିରଳ ଦୃଶ୍ୟ ଦେଖିବାକୁ ମିଳେ ନାହିଁ।

**ଏକକୂଳା:** ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଏକାନ୍ତ ନିର୍ଜନ, ନିରୋଳା ପରିବେଶରେ ରହିଛି 'ଏକକୂଳା'– ବନ ବିଭାଗର ଅତିଥିଶାଳା। ଗୋଟେ ପଟେ ସମୁଦ୍ର ଏବଂ ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା। ଅନ୍ୟପଟେ ମହୀପୁରା ନଈ। କେବଳ ଜୁଆର ଆସିବା ସମୟରେ ଛୋଟ ଡଙ୍ଗା ବା ବୋଟ୍‌ରେ ଏକକୂଳାରେ ପହଞ୍ଚି ହେବ। ଏଠି ରାତି ବିତାଇବା ପାଇଁ ଏକାନ୍ତ ନିର୍ଜନ ବିଶ୍ରାମାଗାର ଓ ତମ୍ବୁର କଟେଜ୍‌ମାନ ରହିଛି। ଯେଉଁଠି ପ୍ରକୃତିପ୍ରେମୀ ପର୍ଯ୍ୟଟକଟିଏ ବିସ୍ତୀର୍ଣ୍ଣ ସ୍ନିଗ୍ଧ ବେଳାଭୂମିରେ ବସି ନିର୍ଜନତାର ସ୍ୱାଦ ଉପଭୋଗ କରିପାରିବ।

**ହାବାଳିଖଟି:** ମହୀପୁରା ନଈରୁ ବାଉଁଶଗଡ଼ ଯୋରରେ ପଶିଲେ ହାବାଳିଖଟି ଜେଟି ନିକଟରେ ପହଞ୍ଚି ହେବ। ଜେଟିରୁ କିଛି ବାଟ ପାଦଚଲା ରାସ୍ତାରେ ଗଲେ ପଡ଼ିବ କାଠ ନିର୍ମିତ ପୁରାତନ ବଙ୍ଗଳାଟିଏ ଏବଂ ଅନ୍ୟ କେତୋଟି ଛୋଟବଡ଼ ଅତିଥିଶାଳା। ବଙ୍ଗଳାର ସାମ୍‌ନା ପାର୍ଶ୍ୱରେ ରହିଛି ଦୀର୍ଘ, ନୀରବିତ ବେଳାଭୂମି। ଏକାକୂଳାଠାରୁ ଆରମ୍ଭ ହୋଇ ମାଇଲ ମାଇଲ ବ୍ୟାପ୍ତ ଏହି ବିସ୍ତୀର୍ଣ୍ଣ ବେଳାଭୂମି 'ହାବାଳିଖଟି' ଦେଇ ସାତଭାୟା ପର୍ଯ୍ୟନ୍ତ ଲମ୍ବିଯାଇଛି।

**କାଳିଭଞ୍ଜଡିହା:** ୮ କିଲୋମିଟର ଲମ୍ବ ଏବଂ ୧ କିଲୋମିଟର ଓସାର ବିଶିଷ୍ଟ ଏହି ଦ୍ୱୀପଟି ଭିତରକନିକାର ସବୁଠାରୁ ବଡ଼ ଦ୍ୱୀପ। ଜାତୀୟ ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଦ୍ୱୀପ। ଏଠାରେ ତେଣୁ ହେନ୍ତାଳବନ ବା ଜୁଆରିଆ ଜଙ୍ଗଲ ଉପରେ ଗବେଷଣା କେନ୍ଦ୍ରଟିଏ ଖୋଲାଯିବାର ପ୍ରସ୍ତାବ ରହିଛି। ଦ୍ୱୀପର ବିଶାଳତା ଓ ଜୈବବିବିଧତା ଅନେକ ସମୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ।

**ହୁକିତୋଳା:** ବରୁଣେଇ ମୁହାଣରୁ ଅଗରନାସି ଦେଇ ଆଉ ଟିକିଏ ତଳକୁ ଗଲେ ପଡ଼ିବ ବ୍ରିଟିଶ୍ ଅମଳରେ ନିର୍ମିତ ଅର୍ଦ୍ଧଭଗ୍ନ ଐତିହାସିକ ପ୍ରାସାଦ 'ହୁକିଟୋଲା ବା ହୁକିତୋଳା'। ଜଣେ ବ୍ରିଟିଶ୍ ଅଫିସର ହୁକି ୱାକରଙ୍କ ନାମରେ ଏହା ନାମିତ। ଏହି ପ୍ରାସାଦଟିର ନିର୍ମାଣ ଶୈଳୀରେ ଏପରି ବ୍ୟବସ୍ଥା କରାଯାଇଥିଲା, ଯାହା ଏଠାରେ ରହୁଥିବା ଲୋକମାନଙ୍କ ପାଇଁ ବର୍ଷସାରା ଦୈନନ୍ଦିନ ବ୍ୟବହାର କରିବା ନିମନ୍ତେ ବର୍ଷାଜଳ ସଂରକ୍ଷଣ କରି ରଖାଯାଇପାରୁଥିଲା। ସେ ସମୟରେ ହୁକିତୋଳା ଏକ ପ୍ରସିଦ୍ଧ ବନ୍ଦର ଥିଲା ଏବଂ ୧୯୨୪ ମସିହା ପର୍ଯ୍ୟନ୍ତ ବେଶ୍ ଚଳଚଞ୍ଚଳ ଥିଲା। ଏବେ କୋଳାହଳଠାରୁ ଦୂରରେ ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ନିର୍ଜନତାର ପସରା ମେଲାଇ ବସିଛି ହୁକିତୋଳା।



ପରିସଂସ୍ଥା ଦୃଷ୍ଟିକୋଣରୁ ଏବଂ ପରିବେଶୀୟ ସ୍ୱତନ୍ତ୍ରତା ହେତୁ ଭିତରକନିକାର ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଆର୍ଦ୍ରଭୂମିକୁ ଅନ୍ତର୍ଜାତୀୟ ରାମସର ସାଇଟ୍‌ରେ ମାନ୍ୟତା ୨୦୦୨ ମସିହାରେ ମିଳିଛି। ଭିତରକନିକାକୁ ବିଶ୍ୱର ଅନ୍ୟତମ ପ୍ରାକୃତିକ ଐତିହ୍ୟସ୍ଥଳୀ ରୂପେ ଘୋଷଣା କରିବା ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ସର୍ପିଳ ଗତିରେ କୁଳୁକୁଳୁ ନାଦରେ ବୋହି ଯାଉଥିବା ଭିତରକନିକା ନଦୀରେ ନୌକାଯାତ୍ରା, ଉଭୟ ପାର୍ଶ୍ୱରେ ଘଞ୍ଚ ହେନ୍ତାଳବନ, କର୍ଦ୍ଦମାକ୍ତ ନଈପଠାରେ ଘୁମେଇ ପଡ଼ିଥିବା ଅସଂଖ୍ୟ ବଉଳା କୁମ୍ଭୀର, ପର୍ଯ୍ୟଟନ କୁଟୀର ବାହାରେ ନିର୍ଜନରେ, ନିର୍ଭୟରେ ଚାରଣରତ ମୃଗଦଳ, ଖାଦ୍ୟ ଅନ୍ୱେଷୀ ପକ୍ଷୀମାନଙ୍କର କଳରବ ଏବଂ ପ୍ରତ୍ୟହ ପ୍ରତ୍ୟୁଷ ଓ ଗୋଧୂଳିର ରୋମାଞ୍ଚକର ବର୍ଣ୍ଣ ବିଭବ ଏସବୁ ଦେଖିଲେ ମନେହେବ, କେଉଁ ନିପୁଣ ଚିତ୍ରକରର ତୂଳୀରେ ଆଙ୍କି ହୋଇଯାଇଛି ଭିତରକନିକାରେ ଗୋଟିଏ ଗୋଟିଏ ମନ୍ତୁଆଲା ଦୃଶ୍ୟପଟ।

*–ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା, ଜାଗମରା ଭୁବନେଶ୍ୱର, ମୋ–୯୪୩୭୦୦୦୯୦୪*

# ଇ-ୱେଷ୍ଟରୁ ଇନୋଭେସନ

**ଟେକ୍ନୋଲୋଜୀର ବିକାଶ ଏବଂ କ୍ରମାଗତ ପରିବର୍ତ୍ତନ ଦ୍ୱାରା ସମଗ୍ର ବିଶ୍ୱରେ ଇ-ୱେଷ୍ଟର ପରିମାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଲୋକେ ନିୟମିତ ବ୍ୟବଧାନରେ ନିଜ କମ୍ପ୍ୟୁଟର, ମୋବାଇଲ୍ ଫୋନ୍, ଟାବ୍‌ଲେଟ୍‌ସ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣକୁ ଅପ୍‌ଗ୍ରେଡ୍ କରିବା ଦ୍ୱାରା ଇ-ୱେଷ୍ଟର ବୋଝ ପୃଥିବୀପୃଷ୍ଠରେ ବଢ଼ିବାରେ ଲାଗିଛି। ୨୦୧୬ରେ ସମଗ୍ର ବିଶ୍ୱରୁ ୪୯ ମିଲିୟନ୍ ଟନ୍‌ର ଇଲେକ୍ଟ୍ରୋନିକ୍ସ ୱେଷ୍ଟ୍ ବାହାରିଥିବା ବେଳେ ଏହା ୪୫୦୦ଟି ଏଫିଲ୍ ଟାୱାର ସଦୃଶ ବୋଲି କୁହାଯାଉଛି। ତେବେ ୨୦୨୧ ସୁଦ୍ଧା ବିଶ୍ୱରେ ଇ-ୱେଷ୍ଟର ପରିମାଣ ୫୭ ମିଲିୟନ ଟନ୍‌ରୁ ଊର୍ଦ୍ଧ୍ୱ ହେବାନେଇ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଚୀନ୍ ଏବଂ ଆମେରିକା ପଛକୁ ଭାରତ ୩ୟ ରାଷ୍ଟ୍ରଭାବେ ସର୍ବାଧିକ ଇ-ୱେଷ୍ଟ୍ ସୃଷ୍ଟି କରୁଥିବା ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏପରିସ୍ଥଳେ କିଛି ଟେକ୍ କମ୍ପାନୀ ସେମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା ଇ-ୱେଷ୍ଟର ସୁପରିଚାଳନା ସହ ଏ କ୍ଷେତ୍ରରେ ସଷ୍ଟେନେବୁଲ୍ ହେବାଲାଗି ଉଦ୍ୟମ କରୁଛନ୍ତି। ଏହାଦ୍ୱାରା ବିଶ୍ୱରେ ସୃଷ୍ଟି ହେଉଥିବା ଇଲେକ୍ଟ୍ରୋନିକ୍ସ ୱେଷ୍ଟର ପରିମାଣ ଅନେକାଂଶରେ କମିପାରିଛି।**

## ଆପଲ୍




ଟେକ୍ ଜାୟାଣ୍ଟ କମ୍ପାନୀ ଆପଲ୍‌ର ସମସ୍ତ କାର୍ଯ୍ୟ ନବୀକରଣ ଶକ୍ତି ବା ରିନିୱେବୁଲ୍ ଏନର୍ଜି ଦ୍ୱାରା ପରିଚାଳିତ ହୋଇଥାଏ। ଆପଲ୍ ଏହାର ସମସ୍ତ ଉତ୍ପାଦର ଉତ୍ପାଦର ପ୍ରସ୍ତୁତିଠାରୁ ପ୍ୟାକେଜିଂ ପର୍ଯ୍ୟନ୍ତ, ସବୁଥିରେ ପରିବେଶ ଉପରେ ଏହାର ପ୍ରଭାବକୁ ଗୁରୁତ୍ୱ ଦେଇଥାଏ। ଆପଲ୍‌ର ଆସେମ୍ବଲି ସାଇଟ୍‌ଗୁଡ଼ିକ ଜିରୋ ୱେଷ୍ଟର ମାନ୍ୟତା ପାଇଥିବା ବେଳେ ଗତ ୧୦ବର୍ଷ ମଧ୍ୟରେ ଆପଲ୍ ଏହାର ଉତ୍ପାଦଗୁଡ଼ିକରେ ବ୍ୟବହୃତ ଶକ୍ତିର ପରିମାଣକୁ ୭୦% ପର୍ଯ୍ୟନ୍ତ କମାଇପାରିଛି। ସେହିଭଳି ଆପଲ୍ ଏବଂ ଏହାର ସପ୍ଲାୟରମାନେ ମିଳିତଭାବେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନକୁ ୪୬୬,୦୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ କମାଇପାରିଛନ୍ତି, ଯାହାକି ଗୋଟିଏ ବର୍ଷରେ ୧ ଲକ୍ଷ କାର୍‌ରୁ ନିର୍ଗତ ଗ୍ରୀନ୍ ହାଉସ୍ ଗ୍ୟାସ୍ ସହ ସମାନ।

## ଏଚ୍‌ପି




ଟେକ୍ନୋଲୋଜୀରେ ଇନୋଭେସନ ଆଣିବା ଭଳି ଏଚ୍‌ପି ସଷ୍ଟେନେବିଲିଟିରେ ଇନୋଭେସନ ଆଣି ବିଶେଷ ଲୋକପ୍ରିୟତା ହାସଲ କରିଛି। ଏଚ୍‌ପି ଏହାର ଅଧିକାଂଶ ଉତ୍ପାଦକୁ ରିସାଇକଲ୍ ହୋଇଥିବା ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ କରୁଛି। ୨୦୨୫ ସୁଦ୍ଧା ଏଚ୍‌ପି ଏହାର ୩୦% ଅଧିକ ଉତ୍ପାଦରେ ରିସାଇକଲ୍ ପ୍ଲାଷ୍ଟିକ୍ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଏଚ୍‌ପି ବ୍ରାଣ୍ଡର ପେପର ଦ୍ୱାରା କମ୍ପାନୀ ନିର୍ଦ୍ଧାରିତ ସମୟର ଦୁଇବର୍ଷ ପୂର୍ବରୁ ୧୦୦% ଜିରୋ ଡିଫରେଷ୍ଟେସନ୍ ଲକ୍ଷ୍ୟ ହାସଲ କରିପାରିଛି। ଗତ କିଛିବର୍ଷ ମଧ୍ୟରେ ଏଚ୍‌ପି ଏହାର କାର୍ବନ ଫୁଟ୍‌ପ୍ରିଣ୍ଟକୁ ଏକ ତୃତୀୟାଂଶ କମାଇପାରିଛି। ତେବେ ଏଚ୍‌ପିର ଏହି ପ୍ରୟାସ କେବଳ ପରିବେଶ ପାଇଁ ଉପଯୋଗୀ ହୋଇନି, ବରଂ କମ୍ପାନୀର ଲାଭାଂଶକୁ ମଧ୍ୟ ବୃଦ୍ଧିପାଇଛଇ।

## ଲିନୋଭୋ




ଲିନେଭୋ ସମଗ୍ର ବିଶ୍ୱରେ ଏହାର ଜନଉପଯୋଗୀ କାର୍ଯ୍ୟ ପାଇଁ ଯେତିକି ଲୋକପ୍ରିୟତା ହାସଲ କରିଛି ପରିବେଶ ଉପଯୋଗୀ କାର୍ଯ୍ୟ ଲାଗି ମଧ୍ୟ ସେତିକି ପ୍ରଶଂସିତ ହୋଇଛି। ଲିନୋଭୋର କର୍ପୋରେଟ୍ ଅଫିସ୍‌ରୁ ଆରମ୍ଭକରି ମ୍ୟାନୁଫାକ୍‌ଚରିଂ ହବ୍ ପର୍ଯ୍ୟନ୍ତ, ସବୁଠାରେ ସଷ୍ଟେନେବିଲିଟିକୁ ଗୁରୁତ୍ୱ ଦିଆଯାଇଥାଏ। ୨୦୨୧ ସୁଦ୍ଧା ଲିନୋଭୋ ଏହାର ଗ୍ରୀନ୍‌ହାଉସ୍ ଗ୍ୟାସ୍ ଏମିଶନକୁ ୪୦% ପର୍ଯ୍ୟନ୍ତ କମାଇବାକୁ ଲକ୍ଷ୍ୟ ରଖିଛି। ସେହିଭଳି ପ୍ରଡକ୍ଟ ପ୍ୟାକେଜିଂରେ ମଧ୍ୟ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିଥାଏ। ପ୍ଲାଷ୍ଟିକ୍ ଓ ଅନ୍ୟା ସାମଗ୍ରୀ ପରିବର୍ତ୍ତେ ଏହା ଆଖୁ ଓ ବାଉଁଶକୁ ବ୍ୟବହାର କରି ପ୍ୟାକେଜିଂକୁ ଅଧିକ ପତଳା ଓ ହାଲ୍‌କା କରିଥାଏ। କେବଳ ଏତିକି ନୁହେଁ, ଇଣ୍ଟେଲ୍, ଆସସ୍ ଭଳି ଟେକ୍ କମ୍ପାନୀ ମଧ୍ୟ ସଷ୍ଟେନେବିଲିଟିକୁ ପ୍ରାଥମିକତା ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ଡେଲ୍




ଆମେରିକାନ୍ ମଲ୍ଟିନ୍ୟାସନାଲ କମ୍ପ୍ୟୁଟର ଟେକ୍ନୋଲୋଜୀ କମ୍ପାନୀ 'ଡେଲ୍' ପରିବେଶ ଉପଯୋଗୀ ବିଭିନ୍ନ ଦୀର୍ଘକାଳୀନ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ସେମାନେ ଇତିମଧ୍ୟରେ ୭୫% ଟାର୍ଗେଟ୍ ହାସଲ କରିସାରିଛନ୍ତି। ଡେଲ୍ ଏହାର ବିଭିନ୍ନ ଉତ୍ପାଦରେ ୧୦୦ ମିଲିୟନ୍ ପାଉଣ୍ଡ୍‌ର ରିସାଇକେଲ୍ ହୋଇଥିବା ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରି ରେକର୍ଡ ସୃଷ୍ଟିକରିଛି। ସେହିଭଳି ବିଶ୍ୱର ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କୁ ଏହା ଆବଶ୍ୟକ ସମୟରେ ଜରୁରୀ ସେବା ଯୋଗାଇଦେଇଛି। ମ୍ୟାନୁଫ୍ୟାକ୍‌ଚରିଂରୁ ନିର୍ଗତ ୱେଷ୍ଟ୍ ୱାଟର୍ ବା ବର୍ଜ୍ୟଜଳର ପରିମାଣକୁ ୪.୫୬ ମିଲିୟନ୍ କ୍ୟୁବିକ୍ ମିଟର କମାଇପାରିଛି।

## ସାମ୍‌ସଙ୍ଗ୍




ଦକ୍ଷିଣ କୋରିଆର ମଲ୍ଟିନ୍ୟାସନାଲ କମ୍ପାନୀ 'ସାମ୍‌ସଙ୍ଗ୍‌ଗ୍ରୁପ୍' ୨୦୧୯ରେ ଏହାର ଉତ୍ପାଦଗୁଡ଼ିକରେ ପରିବେଶ ଉପଯୋଗୀ ତଥା ସଷ୍ଟେନେବୁଲ୍ ପ୍ୟାକେଜିଂ ବ୍ୟବହାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟିକରିଛି। ରିସାଇକେଲ୍ ହୋଇଥିବା ବିଭିନ୍ନ ସାମଗ୍ରୀକୁ ଏହା ପ୍ୟାକେଜିଂରେ ବ୍ୟବହାର କରୁଛି। ଉଭୟ ମ୍ୟାନୁଫ୍ୟାକ୍‌ଚରିଂ ଏବଂ ପ୍ୟାକେଜିଂରେ ଏହା ଡିସ୍‌ପୋଜେବୁଲ୍ ମ୍ୟାଟେରିଆଲର ବ୍ୟବହାର କମାଇଦେଇଛି। ଆଗାମୀ ୨୦୩୦ ସୁଦ୍ଧା ସାମ୍‌ସଙ୍ଗ୍ ୭.୫ ବିଲିୟନ୍ ପାଉଣ୍ଡର ଇ-ୱେଷ୍ଟକୁ ରିସାଇକେଲ ବା ପୁନଃ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ନବୀକରଣ ଯୋଗ୍ୟ ଶକ୍ତି ବା ରିନିୱେବୁଲ୍ ଏନର୍ଜିର ବ୍ୟବହାରକୁ ମଧ୍ୟ ଏହି କମ୍ପାନୀ ବିଶେଷ ଗୁରୁତ୍ୱ ଦେଉଛି।

## ମାଇକ୍ରୋସଫ୍ଟ




ମଲ୍ଟିନ୍ୟାସନାଲ ଟେକ୍ନୋଲୋଜୀ କମ୍ପାନୀ 'ମାଇକ୍ରୋସଫ୍ଟ' ଏହାର ସମସ୍ତ କାର୍ଯ୍ୟରେ ସଷ୍ଟେନେବିଲିଟିକୁ ଗୁରୁତ୍ୱ ଦେଇଥାଏ। ୨୦୨୩ ସୁଦ୍ଧା ମାଇକ୍ରୋସଫ୍ଟର ୭୦% ମାସିଭ୍ ଡାଟା ସେଣ୍ଟରଗୁଡ଼ିକୁ ନବୀକରଣ ଯୋଗ୍ୟ ଶକ୍ତିରେ ପରିଚାଳନା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ୨୦୩୦ ସୁଦ୍ଧା ଏହି କମ୍ପାନୀ କାର୍ବନ୍ ନେଗେଟିଭ୍ ହେବାକୁ ଲକ୍ଷ୍ୟ ରଖିଥିବା ବେଳେ ୨୦୫୦ ସୁଦ୍ଧା ଏହା ନିଜର କାର୍ବନ ନିଗମନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଲକ୍ଷ୍ୟ ରଖିଛି। ପ୍ରତି ମେଟ୍ରିକ୍ ଟନ୍ କାର୍ବନ ଏମିସନ ପିଛା ମାଇକ୍ରୋସଫ୍ଟ ୧୫ ଡଲାରର ଇଣ୍ଟରନାଲ କାର୍ବନ ଫି ଚାର୍ଜ କରି ଏହି ଲକ୍ଷ୍ୟ ହାସଲ ଦିଗରେ ଉତ୍ସାହିତ କରୁଛି। ଏହି ଫାଇନ୍ ଅର୍ଥରେ ମାଇକ୍ରୋସଫ୍ଟ ବିଭିନ୍ନ ପରିବେଶ ଉପଯୋଗୀ କାର୍ଯ୍ୟକ୍ରମ ମାନ କରିଥାଏ। ସେହିଭଳି ମାଇକ୍ରୋସଫ୍ଟ ଏହାର ଉତ୍ପାଦଗୁଡ଼ିକରେ ମଧ୍ୟ ରିସାଇକେଲ ଓ ପୁନଃ ବ୍ୟବହୃତ ସାମଗ୍ରୀ ବ୍ୟବହାର କରିଥାଏ।

–ସସ୍ମିତା ପାଇକରାୟ

# ପଲଟନ କୂଅର ପାଣି

ସମ୍ବଲପୁର ମାଟି ଐତିହାସିକ କୀର୍ତ୍ତିରାଜି, ପରମ୍ପରା, ସଂସ୍କୃତିକୁ ନେଇ ସ୍ୱତନ୍ତ୍ର ପରିଚୟ ବହନ କରିଆସିଛି। ଏହି ବୀର ମାଟିର ପାହାଡ, ପୁଷ୍କରିଣୀ, ନଦୀ ଓ କୂଅରେ ସାଇତା ହୋଇ ରହିଛି ଅନେକ ଇତିହାସ । ସେମିତି ଏକ କୂଅ ରହିଛି ସମ୍ବଲପୁର ସହରର ମଧ୍ୟଭାଗରେ । ଜିଲା ସ୍କୁଲ ଛକରେ ରହିଥିବା ଏହି ଐତିହାସିକ ସ୍ମାରକୀ 'ପଲଟନ୍ କୂଅ' ନାମରେ ପରିଚିତ । ଏହି କୂଅଟି ଭାରତ ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ସାଜିଛି । ଏହି ସମୟରେ ବସନ୍ତ ଓ ହଇଜା ରୋଗ ବ୍ୟାପୁଥିଲା । ରୋଗର ଉପଶମ ପାଇଁ ଲୋକେ ପଲଟନ କୂଅର ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଥିବା ନଜିର ରହିଛି ।

ଐତିହାସିକ ତଥ୍ୟାନୁସାରେ ବ୍ରିଟିଶ ସରକାରଙ୍କ ବିରୋଧରେ ବୀର ସୁରେନ୍ଦ୍ର ସାଏ ଉଲଗୁଲାନ ଡାକରା ଦେଇଥିଲେ । ଏପରି ଡାକରାରେ ବ୍ରିଟିଶ ଅଧିକାରୀମାନେ ଭୟଭୀତ ହୋଇ ଶାସନକୁ ଠିକ୍ ଭାବେ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ । ବୀର ସୁରେନ୍ଦ୍ର ସାଏଙ୍କୁ ଦୃଢ଼ ମୁକାବିଲା କରିବା ଲାଗି ରାଞ୍ଚି, କଟକ, ରାୟପୁର ଓ ଦାକ୍ଷିଣାତ୍ୟରୁ ସୈନ୍ୟ ସହାୟତା ଲୋଡ଼ା ଯାଇଥିଲା । ଫଳସ୍ୱରୂପ ମାଡ୍ରାଜ୍ ରେଜିମେଣ୍ଟ (ପଲଟନ୍) ସମ୍ବଲପୁରକୁ ଆସିଥିଲା । ପଲଟନ୍ ମାନଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୧୯୬୦ ଦଶକର ପ୍ରାରମ୍ଭରେ ଏହି କୂଅ ଖୋଳା ଯାଇଥିଲା । ସମ୍ବଲପୁର ସହରରେ ରହୁଥିବା ପଲଟନ (ସୈନ୍ୟ)ମାନଙ୍କ ବାସସ୍ଥଳୀକୁ ପେନସନପଡା ଓ ଖନନ କରାଯାଇଥିବା କୂଅକୁ ପଲଟନ କୂଅ ଭାବେ ନାମିତ କରାଯାଇଥିଲା ।



ପଲଟନ୍ କୂଅର ପାଣିରେ ଔଷଧୀୟ ଗୁଣ ଭରି ରହିଥିଲା। ସେହି ପାଣି ବ୍ୟବହାର କରି ହଇଜା, ବସନ୍ତ ଭଳି ମହାମାରୀରେ ପୀଡ଼ିତ ରୋଗୀମାନେ ସୁସ୍ଥ ହେଉଥିଲେ ବୋଲି ବିଭିନ୍ନ ପୁସ୍ତକରେ ବର୍ଣ୍ଣନା କରାଯାଇଛି। ପୁରୁଣା ବଙ୍ଗଳା ପୁସ୍ତକ ନବ ଯୁଗେର୍ ମହାପୁରୁଷରେ ସ୍ୱାମୀ ଆତ୍ମାନନ୍ଦଙ୍କ ଜୀବନୀ ବର୍ଣ୍ଣନାରେ ସମ୍ବଲପୁରର ପଲଟନ୍ କୂଅ, ବୁଢ଼ାରଜା ପାହାଡ଼ ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ପୁସ୍ତକ ତଥ୍ୟ ଅନୁସାରେ ସ୍ୱର୍ଗତ ବୀରେନ ସରକାରଙ୍କ ବାପା ସୁଶିଲ ସରକାର ୧୯୧୬ ଦଶହରା ମହାସପ୍ତମୀରେ ବେଲୁର ମଠ ଯାଇଥିଲେ । ସ୍ୱାମୀ ସୁଧାନନ୍ଦଙ୍କ ସହ ଆଲୋଚନା କରି ଆତ୍ମାନନ୍ଦଙ୍କୁ ସମ୍ବଲପୁର ପରିଦର୍ଶନ ଲାଗି ଡାକିଥିଲେ । ବିଜୟା ଦଶମୀ ଦୁଇ ଦିନ ପରେ ହାୱଡାରୁ ଟ୍ରେନ ଯୋଗେ ସ୍ୱାମୀ ସୁଧାନନ୍ଦ ସମ୍ବଲପୁର ଆସିଥିଲେ । ଏହାର କିଛିଦିନ ପରେ ସ୍ୱାମୀ ଅସୁସ୍ଥ ହୋଇପଡିଥିଲେ । ସ୍ୱାମୀଜୀଙ୍କୁ ଡା. ତାରକାନାଥ ମିତ୍ର ଚିକିତ୍ସା କରିଥିଲେ । ଏହି ସମୟରେ ପଲଟନ କୂଅର ପାଣି ଆଣି ସ୍ୱାମୀଜୀଙ୍କୁ କିଛି ଦିନ ଲଗାତାର ପିଇବାକୁ ଦିଆଯାଇଥିଲା । ଏହାପରେ ସେ ସୁସ୍ଥ ହୋଇଥିଲେ । ସେହିପରି ପ୍ରଖ୍ୟାତ ବଙ୍ଗଳା ଲେଖକ ପ୍ରବୋଧ ସାନ୍ୟାଲ ମଧ୍ୟ ପଲଟନ କୂଅର ପାଣିକୁ ବିଚିତ୍ର ପାଣି ଭାବେ ବର୍ଣ୍ଣନା କରିଛନ୍ତି । ସେ ହିମାଳୟ ବୁଲିଥିଲେ ମଧ୍ୟ ଏଭଳି ଅଦ୍ଭୁତ ପାଣି ପିଇ ନ ଥିଲେ । କିନ୍ତୁ ପଲଟନ କୂଅ ପାଣି ପିଇ ତାଙ୍କର ହଜମ ଶକ୍ତି, ଖାଇବା ଶକ୍ତି ବଢ଼ି ଥିବା ପ୍ରକାଶ କରିଥିଲେ ।

ସଂପ୍ରତି ଏହି ଐତିହାସିକ ପଲଟନ କୂଅ ଚତୁଃପାର୍ଶ୍ୱରେ ଛୋଟ ବଗିଚାଟିଏ ରହିଛି । ବଗିଚା ମଝିରେ ମିଶାଇଲ୍ ମ୍ୟାନ୍ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ୍‌ଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି । ହେଲେ ସେଠାରେ ଏହି କୂଅ ସଂକ୍ରାନ୍ତରେ କୌଣସି ବର୍ଣ୍ଣନା ନାହିଁ। ଯଦି ସେଠାରେ ଏକ ଫଳକରେ ପଲଟନ୍ କୂଅ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଆ'ନ୍ତା, ତେବେ ତାହା ଛାତ୍ରୀଛାତ୍ର, ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୁଅନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

–ବି. ଶଙ୍କର

# ପଛ କଲେ ଚାକିରି, ପଡ଼ିଲେ ପକ୍ଷୀ ପ୍ରେମରେ...

**କେବେ ସଉକରେ ପାଳୁଥିଲେ ଚଢ଼େଇ। ଏବେ ତାହା ଦେଉଛି ଲକ୍ଷାଧିକ ଟଙ୍କାର ରୋଜଗାର। ମୋଟା ଅଙ୍କର ଚାକିରିକୁ ପଛ କରି ପକ୍ଷୀପ୍ରେମରେ ପଡ଼ିଥିବା ଏହି ଯୁବ ଇଞ୍ଜିନିୟର ଜଣକ ହେଲେ ଗିରିଜା ପ୍ରସାଦ ମିଶ୍ର। ତାଙ୍କ ଫାର୍ମରେ ଏବେ ଶୋଭା ପାଇଛନ୍ତି ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଆମାଜନ ସମେତ ଦେଶବିଦେଶର ବହୁ ପକ୍ଷୀ। କେବଳ ଏତିକି ନୁହେଁ, ବୈଜ୍ଞାନିକ ପଦ୍ଧତିରେ ମିଳନ କରାଇ ସେ ପ୍ରସ୍ତୁତ କରୁଛନ୍ତି ରଙ୍ଗବେରଙ୍ଗର ଶାବକ।**



ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ସହ ସକାଳ ଆରମ୍ଭ କରୁଥିବା ଗିରିଜା ହେଉଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ମାର୍ଥାପୁର ବ୍ରାହ୍ମଣଶାସନର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ମିଶ୍ର ଏବଂ ପୁଷ୍ପାରାଣୀ ମିଶ୍ରଙ୍କ ପୁଅ। ପେସାରେ ଇଞ୍ଜିନିୟର। ପାଠପଢ଼ା ସରିବା ପରେ ମୁମ୍ବାଇର ଏକ ଘରୋଇ କମ୍ପାନୀରେ ମାସିକ ୯୨ ହଜାର ଟଙ୍କାରେ ଚାକିରି କରୁଥିଲେ। ଏକ ଦୁର୍ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇଦେଲା। ଅଣ୍ଟାରେ ଆଘାତ ଲାଗିବା ପରେ ଆଉ କାମ କରିପାରିଲେ ନାହିଁ। ଚାକିରି ଛାଡ଼ିବା ପାଇଁ ପରିସ୍ଥିତି ତାଙ୍କୁ ବାଧ୍ୟ କରିଥିଲା। ପିଲାଦିନୁ ପକ୍ଷୀପାଳନ ପ୍ରତି ଆକର୍ଷଣ କାରଣରୁ ଗିରିଜା ମୁମ୍ବାଇସ୍ଥିତ ଭଡ଼ାଘରେ ମଧ୍ୟ କେତେକ ପକ୍ଷୀ ପାଳିଥିଲେ। ଘରବାହୁଡ଼ା ପରେ ଏହାକୁ ବ୍ୟବସାୟିକ ରୂପ ଦେବାକୁ ଆରମ୍ଭ କରିଥିଲେ ପ୍ରସ୍ତୁତି, ଯାହା ୨୦୧୫ରେ ନେଇଥିଲା ସଫଳ ରୂପ।

ଗିରିଜାଙ୍କ କୋଠା ଉପରେ ଏବେ ଶୋଭା ବଢ଼ାଉଛି ୨୦୦ ବର୍ଗଫୁଟର ପକ୍ଷୀବିହାର। ପ୍ରାରମ୍ଭିକ ପର୍ଯ୍ୟାୟରେ ୬୦ ହଜାର ଟଙ୍କାରେ ପକ୍ଷୀ କିଣି ଆଣି ସେଗୁଡ଼ିକର ଲାଳନପାଳନ କରିଥିଲେ। ଏବେ ଏହି ବ୍ୟବସାୟ ୩୫ ଲକ୍ଷରେ ପହଞ୍ଚିଲାଣି। ତାଙ୍କ 'ଦି ଏକ୍ସୋଟିକା ଫାର୍ମ'ରେ ଏବେ ୨୨ ପ୍ରଜାତିର ପକ୍ଷୀ। ପାଇନ୍‌ଆପଲ କନ୍ୟୁର, ବ୍ଲୁ ଗ୍ରୀନ୍ ଚିକ୍ କନ୍ୟୁର, ସନ୍ ଚିକ୍ କନ୍ୟୁର, ୟେଲୋ ସାଇଡେଡ୍ କନ୍ୟୁର, ସନ୍ କନ୍ୟୁର, ବ୍ରୋଞ୍ଜ ୱିଙ୍ଗ୍‌ଡ ପିନ୍‌ସ, ସେନେଗାଲ ପାରଟ, ପାଟାଗୋନିଆନ କନ୍ୟୁର, ରେଇନ୍‌ବୋ ଲରି, ରେଡ୍ କଲର୍‌ଡ ଲରି, ଉସ୍କି ଲରି, ଚାର୍ଟରିଂ ଲରି , ବ୍ଲାକ୍ ଉଇଙ୍ଗ୍‌ଡ ଲରି, ବ୍ଲୁ ଆଣ୍ଡ୍ ଗୋଲ୍ଡ ମକାଓ ପ୍ରମୁଖ ଭଲ ବ୍ୟବସାୟ ହେଉଛି। ଫାର୍ମର ସବୁଠୁ ବିରଳ ଏବଂ ଦାମୀ ପ୍ରଜାତିର ପକ୍ଷୀ 'ବ୍ଲୁ ଆଣ୍ଡ୍ ଗୋଲ୍ଡ ମକାଓ'ର ଦାମ୍ ୧ ଲକ୍ଷ ୨୦ ହଜାର ଟଙ୍କା। ପୂର୍ବରୁ କେବଳ ଢେଙ୍କାନାଳ, ଯାଜପୁର ଏବଂ କେନ୍ଦୁଝର ଜିଲା ମଧ୍ୟରେ ଏହି ପକ୍ଷୀ ବ୍ୟବସାୟ ସୀମିତ ଥିଲା। ହେଲେ ଗିରିଜାଙ୍କ ନିଷ୍ଠା ପାଇଁ ଏବେ ଏହା ଓଡ଼ିଶାର ବିଭିନ୍ନ ଜିଲା ସମେତ ବାଙ୍ଗାଲୋର, ହାଇଦ୍ରାବାଦ, କେରଳ, କୋଲକାତା ଯାଏ ପହଞ୍ଚିଲାଣି।

### ସ୍ଥାନୀୟ ଚାଷୀଙ୍କୁ ମିଳିଛି ରୋଜଗାର

ବ୍ୟବସାୟିକ ଭିତ୍ତିରେ ପକ୍ଷୀ ଫାର୍ମ କରିବା ସହଜ ନୁହେଁ। ଚଢ଼େଇଙ୍କ ନିୟମିତ ଯତ୍ନ ନେବା ସାଙ୍ଗକୁ ପୁଷ୍ଟିକର ଖାଦ୍ୟ ଦେବା ଚ୍ୟାଲେଞ୍ଜ ପାଲଟିଥାଏ। ପୂର୍ବରୁ ପକ୍ଷୀଙ୍କ ଖାଦ୍ୟ ପାଇଁ ଗିରିଜା ବାହାର ବଜାର ଉପରେ ନିର୍ଭର କରୁଥିଲେ। ହେଲେ ଏବେ ସ୍ଥାନୀୟ ଚାଷୀଙ୍କଠାରୁ ସୂର୍ଯ୍ୟମୁଖୀ ମଞ୍ଜି, ଚିନାବାଦାମ, ଧାନ, ମଦାନା, ମକା, ପିଜୁଳି, କାକୁଡ଼ି, ଅମୃତଭଣ୍ଡା ସହଜରେ ସଂଗ୍ରହ କରୁଛନ୍ତି। ଆଞ୍ଚଳିକ ଚାଷୀ ମଧ୍ୟ ପକ୍ଷୀ ଖାଦ୍ୟ ଉତ୍ପାଦନ କରିବାକୁ ଆଗ୍ରହୀ ହେଉଛନ୍ତି।

### ପାଲଟିଛି ସେଲ୍‌ଫି ପଏଣ୍ଟ

ଗିରିଜାଙ୍କ ପକ୍ଷୀ ଫାର୍ମ ପାଇଁ ଭୁବନ ବ୍ଲକର ମଫସଲ ଗାଁ ମାର୍ଥାପୁର ନୂତନ ପରିଚୟ ପାଇଛି। ଏଠାକୁ ପକ୍ଷୀ କିଣିବାକୁ ଓଡ଼ିଶା ସମେତ ବାହାର ରାଜ୍ୟର ବହୁ ଚଢ଼େଇପ୍ରେମୀ ଆସୁଛନ୍ତି। କେବଳ ଏତିକି ନୁହେଁ, 'ଦି ଏକ୍ସୋଟିକା ଫାର୍ମ' ଏବେ ଯୁବତୀଯୁବକଙ୍କ ପାଇଁ ପାଲଟିଛି ସେଲ୍‌ଫି ପଏଣ୍ଟ।

– ବିକ୍ରମ ପ୍ରସାଦ ପଣ୍ଡା
ତଥ୍ୟ– ବିପିନ ବିହାରୀ ସେଠୀ

# ମନ କିଣିବ ହୁମୁରୀ ତାମ୍ପରା



ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ତଥା ସୁବିସ୍ତୀର୍ଣ୍ଣ ଜଳରାଶିର ଭଣ୍ଡାର ହୁମୁରୀ ତାମ୍ପରା ହ୍ରଦ ଗଞ୍ଜାମ ଜିଲା ଛତ୍ରପୁରଠାରୁ ୨ କି.ମି. ଦୂରରେ ଅବସ୍ଥିତ । ହ୍ରଦର ଗୋଟିଏ ପାର୍ଶ୍ୱରେ ରହିଛି ଜାତୀୟ ରାଜପଥ ଏବଂ ଅନ୍ୟ ପାର୍ଶ୍ୱରେ ବେଳାଭୂମି। ଝାଉଁ, କାଜୁ ଜଙ୍ଗଲ ଏବଂ କିଆବୁଦା ମଧ୍ୟରେ ରହିଛି ୮ କି.ମି. ବ୍ୟାପ୍ତ ବିସ୍ତୀର୍ଣ୍ଣ ଜଳରାଶି । ରାଜ୍ୟ ସରକାର ତାମ୍ପରାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାର ମଧ୍ୟ ଏହାର ବିକାଶ ପାଇଁ ଆଗେଇ ଆସି ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲକରି ୩୩ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା କରିଛନ୍ତି। ଏବେ ତାମ୍ପରାର ନୂଆରୂପ ଦେଖିବାକୁ ମିଳିଛି, ଯାହାକି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। କରୋନା ଯୋଗୁ ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ନେଇ ମାର୍ଚ୍ଚରୁ ଏଠାରେ ଥିବା ଜେଟି, ବୋଟିଂ, ୱାଟର ସ୍ପୋର୍ଟସ ବନ୍ଦ ରହିଛି । ମାତ୍ର ଏବେ ମାସେ ହେଲା ତାମ୍ପରା ହ୍ରଦ ନିକଟକୁ ଯିବା ପାଇଁ ଲୋକଙ୍କୁ ଅନୁମତି ମିଳିଛି । ତେବେ କିଛି ସୁବିଧା ନ ଥିବାରୁ ବାହାରୁ ପର୍ଯ୍ୟଟକ ଆସିବା ବନ୍ଦ ହୋଇଯାଇଛି । ଜେଟି, ବୋଟିଂ, ୱାଟର ସ୍ପୋର୍ଟସ ଏହି ମାସରେ ଖୋଲିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏ ତାମ୍ପରା ଅପରପାର୍ଶ୍ୱରେ ଝାଉଁ ଜଙ୍ଗଲ ଓ ପରେ ସମୁଦ୍ର ବେଳାଭୂମି ରହିଛି । ୱାଟର ସ୍ପୋର୍ଟସ ଓ ବୋଟିଂ ବ୍ୟବସ୍ଥା ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ୍‌ରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କରାଯାଇଥିଲା । ଏବେ ତାମ୍ପରା ହ୍ରଦର ନୂଆ ରୂପ ଦେଖିବାକୁ ପାଇବେ ପର୍ଯ୍ୟଟକ । ଡିଆରଡିଏ ଅଧୀନରେ ଥିବା ଗେଷ୍ଟ ହାଉସ ଓ ପୂର୍ବରୁ ଥିବା ବୋଟ କ୍ଲବଠାରୁ ଏବେର ଥିବା ତାମ୍ପରା ପର୍ଯ୍ୟଟନ କ୍ଷେତ୍ର ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ, ପାର୍କ, ଆଲୋକ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା ଏଥିରେ ଯୋଡି ହୋଇଯାଇଛି। ତାମ୍ପରା ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଓଟିଡିସି ପକ୍ଷରୁ ମଧ୍ୟ ହ୍ରଦ ନିକଟରେ ପାଣି ଓ ଟଏଲେଟ୍ କମ୍ପ୍ଲେକ୍ସ ଓ ସ୍ନାକ୍ସ ବାର୍ ନିର୍ମାଣ ସରିଛି । ଏହା ଏହି ମାସ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି କମ୍ପ୍ଲେକ୍ସ ପରିଚାଳନା ପାଇଁ ରମ୍ଭା ପାନ୍ଥ ନିବାସ ମ୍ୟାନେଜରଙ୍କୁ ହସ୍ତାନ୍ତର କରାଯାଇଛି । ଏଥିପାଇଁ ୧ କୋଟି ୪୨ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଥିଲା। ଏଥିସହ ତାମ୍ପରା ହ୍ରଦ ନିକଟରେ ଘରୋଇ ସଂସ୍ଥାଗୁଡିକ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା କରିଛନ୍ତି। ଅଗସ୍ତି ନୂଆଗାଁରୁ ଆର୍ଯ୍ୟପଲ୍ଲୀ ପର୍ଯ୍ୟନ୍ତ ତାମ୍ପରା ହ୍ରଦର ଓସାର ୧.୨୫ କି.ମି. ରହିଛି। ଏହାର ଗଭୀରତା ୧୪ ଫୁଟ୍। ତାମ୍ପରାରୁ ଜଳସେଚନର ସୁବିଧା ମିଳୁଛି। ଏଥିସହ ଛତ୍ରପୁର ସହରକୁ ମଧ୍ୟ ଏଠାରୁ ପାନୀୟ ଜଳ ଯୋଗାଣ ହୋଇଥାଏ । ଏହି ହ୍ରଦର ପାଣି ମଧୁର ହୋଇଥିବାରୁ ସ୍ଥାନୀୟ ଧୀବରମାନେ ଏଠାରୁ ମାଛ ଧରିଥାନ୍ତି ।



–ସନ୍ତୋଷ କୁମାର ପାଢ଼ୀ

# ପୌରାଣିକ ଧାରାବାହିକ ବଢ଼ୁଛି ଆଦର


ଧାରାବାହିକ 'ସୁଭଦ୍ରା'ରେ ସୁମନ୍-ନୀଲ୍


ଧାରାବାହିକ 'ରାମାୟଣ'ରେ ଅରୁଣ-ଦୀପିକା

ଘରେ ବସି ମନୋରଞ୍ଜନ କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିଛି ଟେଲିଭିଜନ୍। ଦିନ ଥିଲା, ଖବର ଜାଣିବାକୁ ହେଉ ଅବା ଗୀତ-ନାଟକ ଶୁଣିବାକୁ ରେଡିଓ ଉପରେ ନିର୍ଭର କରିବାକୁ ପଡୁଥିଲା। ତା'ପରେ ଆସିଲା ଦୂରଦର୍ଶନ। ଏବେ ଅନେକ ଘରୋଇ ଚ୍ୟାନେଲ୍‌ରେ ପ୍ରସାରିତ ବିଭିନ୍ନ ପ୍ରୋଗ୍ରାମ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛି ତାହା କହିବା ବାହୁଲ୍ୟ। ଏପରି କି କେବଳ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ଚ୍ୟାନେଲ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏଥିରେ ଧାରାବାହିକ, ଚଳଚ୍ଚିତ୍ର, ରିୟଲିଟି ଶୋ' ଆଦିର ପ୍ରସାରଣ ଘରେ ବସି ନିଜକୁ ଏଣ୍ଟରଟେନ୍ କରିବାର ସୁଯୋଗ ଦେଇଛି। ସାମାଜିକ କଥାବସ୍ତୁ, ନାରୀକେନ୍ଦ୍ରିକ କାହାଣୀ ଉପରେ ଆଧାରିତ ଧାରାବାହିକ ବେଶ୍ ଲୋକପ୍ରିୟ ହୋଇପାରିଛି। ତା'ସହ ପୌରାଣିକ ବିଷୟ ଉପରେ ନିର୍ମିତ ଧାରାବାହିକର ରହିଛି ସ୍ୱତନ୍ତ୍ର ମହତ୍ତ୍ୱ। 'ରାମାୟଣ' 'ମହାଭାରତ' ଧାରାବାହିକ ସେତେବେଳେ ଡିଡି ନ୍ୟାଶନାଲରେ ପ୍ରସାରିତ ହୋଇ ସୃଷ୍ଟି କରିଥିଲା ମାଇଲଷ୍ଟୋନ୍। ନିକଟରେ କରୋନା ମହାମାରୀ ସମୟରେ ଦୂରଦର୍ଶନରେ ରାମାୟଣ, ମହାଭାରତ, ବିଷ୍ଣୁ ପୁରାଣ, ଶ୍ରୀକ୍ରିଷ୍ଣା ପରି ପୌରାଣିକ ଧାରାବାହିକର ପୁନଃ ପ୍ରସାରଣ କରାଯାଇଥିଲା। ଖାସ୍ କଥା ହେଲା, ଏହି ସମୟରେ ଏହାର ଲୋକପ୍ରିୟତା ଆହୁରି ବଢ଼ି ଯାଇଥିଲା। ୧୯୭୦-୯୦ରେ ଦୂରଦର୍ଶନରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା ପୌରାଣିକ ଧାରାବାହିକ। କାରଣ ଏହି ଦଶକ ମଧ୍ୟରେ ଦୁଇଟି ଲୋକପ୍ରିୟ ଧାରାବାହିକ 'ରାମାୟଣ' ଏବଂ 'ମହାଭାରତ' ପ୍ରସାରିତ ହୋଇଥିଲା। ପୌରାଣିକ କଥାବସ୍ତୁକୁ ଧାରାବାହିକର ରୂପ ଦେବା ଏବଂ ତାହାକୁ ଜାତୀୟ ଚ୍ୟାନେଲ୍‌ରେ ପ୍ରସାରଣ କରିବାକୁ ଏକ ଚ୍ୟାଲେଞ୍ଜ ଭାବରେ ନେଇଥିଲେ ସେ ସମୟର ଆଗଧାଡ଼ିର ପ୍ରଯୋଜକ ଏବଂ ନିର୍ଦ୍ଦେଶକ ରାମାନନ୍ଦ ସାଗର। ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ସେ ଏପରି ଲୋକପ୍ରିୟ ବିଷୟକୁ ଧାରାବାହିକରେ ପରିଣତ କରି ପ୍ରସାରିତ କରିବାରେ ସକ୍ଷମ ହୋଇଥିଲେ। ୧୯୮୭ ଜାନୁୟାରୀ ୨୪ରେ 'ରାମାୟଣ' ଧାରାବାହିକର ପ୍ରଥମ ଏପିସୋଡ୍ ପ୍ରସାରିତ ହୋଇଥିଲା। ୭୮ ଏପିସୋଡ୍ ବିଶିଷ୍ଟ ଏହି ମେଗା ପୌରାଣିକ ଧାରାବାହିକ ସେ ସମୟରେ ବେଶ୍ ଲୋକପ୍ରିୟ ହୋଇ ଧାରାବାହିକ ଦୁନିଆରେ ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲା। ସେତେବେଳେ ଦର୍ଶକ ଏହାର ପ୍ରସାରଣ ଦେଖିବାକୁ ଏପରି ପାଗଳ ହୋଇଯାଉଥିଲେ ଯେ ରାସ୍ତାଘାଟ ଶୂନ୍‌ଶାନ ହୋଇଯାଉଥିଲା। ଏହି ଧାରାବାହିକର ରାମ-ସୀତା ଭୂମିକାରେ ଅଭିନୟ କରୁଥିବା ଅରୁଣ ଗୋଭିଲ୍ ଏବଂ ଦୀପିକା ଚିଖଲିୟାଙ୍କୁ ଅନେକେ ଜୀବନ୍ତ ରାମ-ସୀତା ଭାବରେ ଗ୍ରହଣ କରିନେଇଥିଲେ। କେବଳ ସେତିକି ନୁହେଁ, ସୁନୀଲ ଲାହିରି (ଲକ୍ଷ୍ମଣ), ଦାରା ସିଂ (ହନୁମାନ), ଅରବିନ୍ଦ ତ୍ରିବେଦୀ (ରାବଣ), ବିଜୟ ଆରୋରା (ଇନ୍ଦ୍ରଜିତ) ଏବଂ ଲଳିତା ପାୱାର (ମନ୍ଥରା)ଙ୍କ ଅଭିନୟ ଧାରାବାହିକଟିକୁ ଆହୁରି ଲୋକପ୍ରିୟ କରାଇପାରିଥିଲା। ଏପରି କି ଚଳିତବର୍ଷ କରୋନା ମହାମାରୀ ସମୟରେ ଦୂରଦର୍ଶନ ପକ୍ଷରୁ ଏହାର ପୁନଃ ପ୍ରସାରଣ କରାଯାଇଥିଲା, ଯାହାକି ଆଶାତୀତ ସଫଳତା ହାସଲ କରିଥିଲା। ବି.ଆର. ଚୋପ୍ରାଙ୍କ ପ୍ରଯୋଜିତ ଏବଂ ରବି ଚୋପ୍ରାଙ୍କ ନିର୍ଦ୍ଦେଶିତ ମେଗା ତଥା ଦର୍ଶକାଦୃଶ ପୌରାଣିକ ଧାରାବାହିକ 'ମହାଭାରତ'। ୧୯୮୮ ଅକ୍ଟୋବର ୨ରେ ଏହାର ପ୍ରଥମ ଏପିସୋଡ୍ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା। ୯୪ ଏପିସୋଡ୍ ବିଶିଷ୍ଟ ଏହି ଧାରାବାହିକକୁ ଦର୍ଶକ ଏପରି ଗ୍ରହଣ କଲେ ଯେ, ତାହା ସବୁଠାରୁ ଲୋକପ୍ରିୟ ପୌରାଣିକ ଧାରାବାହିକ ଆଖ୍ୟା ପାଇଥିଲା। ଉକ୍ତ ସିରିଏଲ୍‌ରେ ମୁକେଶ ଖାନ୍ନା (ଭୀଷ୍ମ), ନିତେଶ ଭରଦ୍ୱାଜ (କୃଷ୍ଣ), ରୂପା ଗାଙ୍ଗୁଲି (ଦ୍ରୌପଦୀ), ଗୁଫି ପେଣ୍ଟାଲ (ଶକୁନି), ପଙ୍କଜ ଧୀର (କର୍ଣ୍ଣ), ଗଜେନ୍ଦ୍ର ଚୌହାନ (ଯୁଧିଷ୍ଠିର), ପ୍ରବୀଣ କୁମାର (ଭୀମ) ଏବଂ ଅର୍ଜୁନ (ଅର୍ଜୁନ)ଙ୍କ ଭୂମିକା କେତେ ଜୀବନ୍ତ ଥିଲା, ତାହା ଯିଏ ଦେଖିଛି ସିଏ ଜାଣିଛି। ଚଳିତବର୍ଷ କୋଭିଡ୍ ଲକ୍‌ଡାଉନ୍ ସମୟରେ ଦୂରଦର୍ଶନ ପକ୍ଷରୁ ଏହାର ପୁନଃ ପ୍ରସାରଣ ମଧ୍ୟ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଏହାବ୍ୟତୀତ ଲୋକପ୍ରିୟ ପୌରାଣିକ ଧାରାବାହିକଗୁଡ଼ିକ ମଧ୍ୟରେ ରହିଛି 'ଶ୍ରୀକ୍ରିଷ୍ଣା'। କରୋନା ଲକ୍‌ଡାଉନ୍ ସମୟରେ ଦୂରଦର୍ଶନ ପକ୍ଷରୁ ଏହାର ମଧ୍ୟ ପୁଣି ଥରେ ପ୍ରସାରଣ କରାଯାଇଥିଲା। ଅନ୍ୟପକ୍ଷରେ ରବି ଚୋପ୍ରାଙ୍କ ନିର୍ଦ୍ଦେଶିତ ତଥା ୨୦୦୦ ମସିହାରେ ପ୍ରସାରିତ ଅନ୍ୟତମ ପୌରାଣିକ ଧାରାବାହିକ 'ବିଷ୍ଣୁ ପୁରାଣ' ବେଶ୍ ଚର୍ଚ୍ଚିତ ହୋଇଥିଲା। ଏଥିରେ କୃଷ୍ଣ ଭୂମିକାରେ ନିତେଶ ଭରଦ୍ୱାଜ ଏବଂ ଲକ୍ଷ୍ମୀ ରୋଲ୍‌ରେ ବୈଦେହୀ ଅମୃତେ ଅଭିନୟ କରିଥିଲେ। ଚଳିତବର୍ଷ ଲକ୍‌ଡାଉନ୍ ସମୟରେ ଏହାର ପୁନଃ ପ୍ରସାରଣ ମଧ୍ୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ଏଗୁଡ଼ିକ ବ୍ୟତୀତ 'ସଙ୍କଟମୋଚନ ମହାବଳୀ ହନୁମାନ', 'ମହିମା ଶନିଦେବ କି', 'ଜୟ ଗଙ୍ଗା ମୟା', 'ଓଁ ନମଃ ଶିବାୟ', 'ଜୟ ହନୁମାନ' ଆଦି ପୌରାଣିକ ଧାରାବାହିକ ଦର୍ଶକଙ୍କୁ ସ୍ୱତନ୍ତ୍ର ମନୋରଞ୍ଜନ ଯୋଗାଇବାରେ ସକ୍ଷମ ହୋଇଛି।

## ଓଡ଼ିଆରେ ପୌରାଣିକ ଧାରାବାହିକ

ଓଡ଼ିଆରେ ପୌରାଣିକ ଧାରାବାହିକ 'ଶ୍ରୀଜଗନ୍ନାଥ' ନିର୍ମାଣ କରିଥିଲେ ବିଜୟ କାନ୍ଦୋଇ। ହର ପଟ୍ଟନାୟକ-ହିମାଂଶୁ ପରିଜା (ଚଣ୍ଡୀ)ଙ୍କ ନିର୍ଦ୍ଦେଶନାରେ ଏହା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଜଗନ୍ନାଥଙ୍କ କଥାବସ୍ତୁକୁ ବେଶ୍ ସୁନ୍ଦର ଭାବରେ ଏଥିରେ ଉପସ୍ଥାପନା କରାଯାଇଥିଲା। ତରଙ୍ଗ ଚ୍ୟାନେଲ୍‌ରେ ପ୍ରସାରିତ ଏହି ଧାରାବାହିକରେ ମନ୍ମଥ ମିଶ୍ରଙ୍କର ସ୍ୱର ସଂଯୋଜନାରେ ସଙ୍ଗୀତ କୌଣସି ଗୁଣରେ କମ୍ ନ ଥିଲା। ଧାରାବାହିକର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଥିଲେ ବିଶିଷ୍ଟ ସଂଳାପକାର ବିଜୟ ମିଶ୍ର। ସେହି ସମୟରେ ଏହି ଧାରାବାହିକ ଦର୍ଶକଙ୍କୁ ଏକ ଭିନ୍ନ ସ୍ୱାଦର ମନୋରଞ୍ଜନ ଯୋଗାଇଥିଲା। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସମୀର ତ୍ରିପାଠୀ (ଜଗନ୍ନାଥ), ଡ. ଚିତ୍ତରଞ୍ଜନ ମିଶ୍ର (ବଳରାମ) ଏବଂ ମେଘନା ମିଶ୍ର (ଲକ୍ଷ୍ମୀ)। ନିକଟରେ ଜି ସାର୍ଥକ ପକ୍ଷରୁ ପ୍ରସାରିତ ହୋଇଥିଲା ଆଉ ଏକ ପୌରାଣିକ ଧାରାବାହିକ, ଯାହାର ଶୀର୍ଷକ ଥିଲା 'ସୁଭଦ୍ରା'। ଚଳିତବର୍ଷ ଜୁନ୍ ମାସରୁ ଏହାର ପ୍ରସାରଣ ଆରମ୍ଭ ହୋଇ ନଭେମ୍ବର ୬ରେ ଶେଷ ହୋଇଛି। ୧୦୮ ଏପିସୋଡ୍ ବିଶିଷ୍ଟ ଏହି ଧାରାବାହିକର ଟାଇଟଲ (ସୁଭଦ୍ରା) ଭୂମିକାରେ ଅଭିନୟ କରିଥିଲେ ସୁମନ ପଟ୍ଟନାୟକ। ଅନ୍ୟପକ୍ଷରେ ନୀଲ୍ (ଶ୍ରୀକୃଷ୍ଣ) ଏବଂ ଦୀପିକା ତ୍ରିପାଠୀ (ଦ୍ରୌପଦୀ)ଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଧାରାବାହିକର ନିର୍ଦ୍ଦେଶନା ଦେଇଥିଲେ ଅଜୟ ରଥ। ଏହାବ୍ୟତୀତ କେତୋଟି ହିନ୍ଦୀ ଧାରାବାହିକର ଓଡ଼ିଆ ଡବିଂ କରାଯାଇ ତାହାର ପ୍ରସାରଣ ଘରୋଇ ଚ୍ୟାନେଲଗୁଡ଼ିକରେ ଚାଲୁ ରହିଛି।

## ସେମାନଙ୍କ ମତରେ...

### ପୌରାଣିକ ଧାରାବାହିକ ସବୁବେଳେ ସ୍ୱତନ୍ତ୍ର : ମହେଶ ହାଜ୍‌ରା (ନିର୍ଦ୍ଦେଶକ)



ପୌରାଣିକ ଧାରାବାହିକ ସବୁବେଳେ ସ୍ୱତନ୍ତ୍ର ବୋଲି କହିବି। କାରଣ ଏହାର କଥାବସ୍ତୁ ଦର୍ଶକଙ୍କୁ ପ୍ରଭାବିତ କରିବାର କ୍ଷମତା ରଖିଥାଏ। ତା' ହୋଇ ନ ଥିଲେ ପୂର୍ବରୁ ରେକର୍ଡ ସୃଷ୍ଟି କରିଥିବା 'ରାମାୟଣ', 'ମହାଭାରତ' ପରି ମେଗା ପୌରାଣିକ ଧାରାବାହିକ କରୋନା ସମୟରେ ପୁଣି ଥରେ ପ୍ରସାରିତ ହୋଇ ଦର୍ଶକାଦୃତ ହୋଇ ନ ଥାନ୍ତା। ଅନେକ ପୁରାଣ ପଢ଼ିବା ଅପେକ୍ଷା ଏହା ଉପରେ ଆଧାରିତ ଧାରାବାହିକ ଦେଖିବାକୁ ପସନ୍ଦ କରିଥାଆନ୍ତି। ଏପରି ସିରିଏଲର ସ୍ୱତନ୍ତ୍ର ଦର୍ଶକ ଅଛନ୍ତି। ଏବେ ବିଶେଷଭାବରେ ଯୁବପିଢ଼ି ଏଭଳି ଧାରାବାହିକ ଦେଖିବାକୁ ପସନ୍ଦ କରୁଛନ୍ତି। ତାହା ବ୍ୟତୀତ ନୂଆ ଟେକ୍ନୋଲୋଜିକୁ ଆଧାର କରି ଏପରି ସିରିଏଲ ନିର୍ମାଣ କରାଯାଉଛି। ପୌରାଣିକ ଧାରାବାହିକ ଦର୍ଶକଙ୍କ ଦ୍ୱାରା ସବୁବେଳେ ଆଦୃତ ହୋଇଆସିଛି ଏବଂ ଏହି ଧାରା ଭବିଷ୍ୟତରେ ବଜାୟ ରହିବ ବୋଲି ମୋର ଦୃଢ଼ ବିଶ୍ୱାସ।

### ପୌରାଣିକ ଧାରାବାହିକ ଯେତେ ଦେଖିଲେ ନୂଆ ଲାଗିଥାଏ : ମନ୍ମଥ ମିଶ୍ର (ସଙ୍ଗୀତ ନିର୍ଦ୍ଦେଶକ)



ଦର୍ଶକଙ୍କ ରୁଚିରେ ସବୁବେଳେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଦିନକୁ ଦିନ ଯୁଗ ବଦଳୁଛି। ଏବେ ତ ହାଇଟେକ୍ ଯୁଗ। ହେଲେ ପୌରାଣିକ କଥାବସ୍ତୁକୁ ଆଧାର କରି ନିର୍ମିତ ଧାରାବାହିକର ଚାହିଦା କେତେ ତାହା କହିବା ବାହୁଲ୍ୟ। ଏପରି ଧାରାବାହିକ ଦର୍ଶକଙ୍କୁ ଏକ ଭିନ୍ନ ଧରଣର ମନୋରଞ୍ଜନ ଯୋଗାଇଥାଏ। ଲୋକମାନଙ୍କର ମାନସିକତା ବଦଳିଯାଇପାରେ, ହେଲେ ଶାସ୍ତ୍ର, ପୁରାଣର ଚାହିଦା ସବୁବେଳେ ରହିଛି ଏବଂ ରହିଥିବ। ଓଡ଼ିଆ ଭାଷାରେ ନିର୍ମିତ ପୌରାଣିକ ଧାରାବାହିକ 'ଶ୍ରୀ ଜଗନ୍ନାଥ'ର ସଙ୍ଗୀତ ଦାୟିତ୍ୱ ମୁଁ ତୁଲାଇଥିଲି। ମୁଁ ଗାଇଥିବା ଏହାର ଶୀର୍ଷକ ସଙ୍ଗୀତ ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା ସମସ୍ତେ ଜାଣନ୍ତି। ଏହି ଧାରାବାହିକକୁ ଦର୍ଶକ ଯେପରି ପ୍ରଶଂସା କରିଥିଲେ ତାହାକୁ ମୁଁ ଏବେ ବି ବିଶ୍ୱାସ କରିପାରୁନି। କାରଣ, ପୌରାଣିକ ବିଷୟବସ୍ତୁ ଆମ ମନରେ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି କରିଥାଏ। ଏବେ ମଧ୍ୟ ଏହାର ଚାହିଦା ରହିଛି ଏବଂ ଭବିଷ୍ୟତରେ ରହିଥିବ।

### ଆଧ୍ୟାତ୍ମିକ ଧାରାବାହିକ ମୋ ଜୀବନରେ ପରିବର୍ତ୍ତନ ଆଣିଛି (ସ୍ନେହଲତା ମହାନ୍ତି, ବିରିବାଟୀ, କଟକ)



ଆଧ୍ୟାତ୍ମିକ ଧାରାବାହିକ ଦେଖିବାକୁ ମୁଁ କେତେ ଭଲ ପାଏ ତାହା ଭାଷାରେ ବର୍ଣ୍ଣନା କରିପାରିବି ନାହିଁ। ଯେତେବେଳେ ପ୍ରଥମେ 'ରାମାୟଣ' ଏବଂ 'ମହାଭାରତ' ପ୍ରସାରିତ ହୋଇଥିଲା ସେତେବେଳେ ମୁଁ ଏହି ଧାରାବାହିକଦ୍ୱୟର ସବୁ ଏପିସୋଡ ଦେଖିଲି। ପୁରାଣ ଉପରେ ଆଧାରିତ ସିରିଏଲଟିଏ ଦେଖିଲେ ମୋ ମନରେ ଶାନ୍ତି ଆସିଥାଏ। ଏବେ ମଧ୍ୟ ଘର କାମରେ ବ୍ୟସ୍ତ ରହିଥିଲେ ମଧ୍ୟ ମୁଁ କୌଣସି ପୌରାଣିକ ଧାରାବାହିକକୁ ଦେଖିବାକୁ ଭୁଲି ନ ଥାଏ। ସେଗୁଡିକରୁ ଅନେକ କିଛି ଶିଖିବାର ଅଛି। ମୋଟ ଉପରେ କହିବାକୁ ଗଲେ ଏପରି ଧାରାବାହିକ ମୋ ଜୀବନରେ ପରିବର୍ତ୍ତନ ଆଣିଛି। ମୋ ମତରେ ଏଭଳି ଧାରାବାହିକଗୁଡିକର ଚାହିଦା ପୂର୍ବରୁ ଥିଲା, ଏବେ ରହିଛି ଏବଂ ଭବିଷ୍ୟତରେ ମଧ୍ୟ ରହିଥିବ।

-ଶୁଭ୍ର ପ୍ରକାଶ ମହାପାତ୍ର

## ତିରିଶ ବର୍ଷ ପୂର୍ବର ଏକ ଫଟୋ ଦେଖି

ଭଗବାନ ଜୟସିଂହ

ଏମାନଙ୍କ ଭିତରୁ ଜଣେ ଦି'ଜଣ ଆଉ ନାହାନ୍ତି
ଯେଉଁମାନେ ଅଛନ୍ତି ଦିନେ ଏମିତି ଥିଲେ
ବୋଲି ତାଙ୍କୁ ଆଉ ଚିହ୍ନି ହେଉନି ।

ଏମାନଙ୍କ ଭିତରୁ ଧୋତି ଓ ପଞ୍ଜାବୀରେ
ମୃଦୁ ମୃଦୁ ହସୁଥିବା ବାପାଙ୍କ ମୁହଁରେ
ଆଉ ଆଗର ତେଜ ନାହିଁ । ବୋଉ ତ
ଶେଯରେ ପଡ଼ି ରହିଛି କେଉଁ କାଳୁ ।

ସାନ ବାପା ଦିନେ ଯିଏ ଟର୍ଚ୍ଚ ଓ କୁକୁରଙ୍କ ସହ
ଦିନ ଦିନ ଜଙ୍ଗଲରେ ରାତି କାଟୁଥିଲେ
ଏବେ ଛଅ ମାସ ହେବ ହସ୍ପିଟାଲରେ
ଅବସର ପରେ ଏବେ ବଡ଼ କକା ଘରେ ।

ବୟସ ଆଗରେ ହାର୍ ମାନି ବି
ମାନି ନାହାନ୍ତି ମାମୁ । ଅବସର ପରେ ବି
ଆଗର କୋଟ୍ ଓ ଟାଇର ସଉକ
ତାଙ୍କଠୁଁ ଛଡ଼େଇ ନେଇ ପାରିନି ସମୟ ।

ତାସ୍ ଖେଳରେ ମାହିର ସାନ ମାମୁ ଏବେ
ପୂରାପୂରି ପୃଥୁଳ ଓ ଚନ୍ଦା
ରାତି ହେଲେ ବାଡି ପଟ ଗଛମାନେ
ତାଙ୍କୁ ଦିଶନ୍ତି ଭୂତ ଭଳି । ଭୂତମାନେ ହାତୀ
ଚଢ଼ି ଏବେ ବି ଆସନ୍ତି ତାଙ୍କ ସ୍ୱପ୍ନରେ ।

ଫଟୋରେ ସବୁଠୁ ପତଳା ଲୋକଟି ଏବେ
ପକ୍ଷାଘାତ ରୋଗୀ, ମୋ ବୋଉର ନିଜ
ପିଉସୀ ପୁଅ ଭାଇ, ତାଙ୍କ ବାଁ ପାଖରେ
ତାଙ୍କ ପତ୍ନୀ ରୋଜି ମାଇଁ, ଯିଏ କେବେଠୁଁ
ଛାଡ଼ି ଦେଲେଣି ଏ ଭବ ରଙ୍ଗ ଭୂଇଁ ।

ଏଭଳି ଏକ ଫଟୋ ଦେଖି ଏମାନେ ସବୁ
କିଏ ବୋଲି ପଚାରୁଛି ଦଶ ବର୍ଷର ନାତି
ଯେତେ ବୁଝେଇଲେ ବି ଯୋଡ଼ି ପାରୁନି ଖିଅ
ଆମ ପଛ ଘର ଅଗଣାରେ ପାରାମାନେ
ଗୁମୁରି ଗୁମୁରି ଖାଇଲା ବେଳେ ଖୁଦ ।

ଅଚ୍ୟୁତ ଆଶ୍ରମ ନିକଟ, ସେଣ୍ଟ୍ରାଲ
ସ୍କୁଲ ରୋଡ, ତାଳବଣିଆ, ପୁରୀ-୨

## ରମ୍ୟଲେଖା...

# ମାଙ୍କଡ଼



ମୁଁ ମାଙ୍କଡ଼। ଶୁଣିଚି ମୁଁ କୁଆଡ଼େ ମଣିଷମାନଙ୍କ ପୂର୍ବଜ। ପୃଥିବୀରେ ସଂଘଟିତ ବିବର୍ତ୍ତନ ଯୋଗୁଁ ମୋ' ଶରୀରରୁ କିଛି ଗୁଣ ବିବର୍ତ୍ତିତ ହୋଇ ମନୁଷ୍ୟ ଶରୀରର ସୃଷ୍ଟି। ତେଣୁ ପ୍ରକୃତ ଅର୍ଥରେ କହିବାକୁ ଗଲେ ଏ ମନୁଷ୍ୟ ଜାତି ହେଉଛି ମୋର ଦାୟାଦ। କିନ୍ତୁ ସେଇ ଦାୟାଦ, ଏବେ ଆଧୁନିକତାର ସ୍ପର୍ଶ ପାଇ ପୃଥିବୀର ଶ୍ରେଷ୍ଠ ଜୀବ ତଥା ମୋର ପ୍ରଧାନ ଶତ୍ରୁ ରୂପେ ପରିଗଣିତ। ମୋତେ ଯେବେ ଯୋଉଠି ଯେଉଁ ଅବସ୍ଥାରେ ଦେଖିବାକୁ ପାଇଲେ ବନ୍ଧୁକ, ଛିଟିକିଣି, ବାଡ଼ି, ଗୋଡ଼ି, ପଥର ଇତ୍ୟାଦି ଦ୍ୱାରା ଆକ୍ରମଣ କରିବାକୁ ସବୁବେଳେ ପ୍ରସ୍ତୁତ। ସତେ ଯେମିତି ମୁଁ ତାଙ୍କ ଜୀବନ ପ୍ରତି ଏକ ବିରାଟ ବିପଦ!

ମୁଁ ମାଙ୍କଡ଼। ମଣିଷ ଭାଷାରେ ଗୋଟେ ଅସନା ତଥା ସବୁଠୁ ଘୃଣ୍ୟ ଜୀବ। ଅସୁନ୍ଦର ଦିଶୁଥିବା ମଣିଷକୁ ଆଉ ଗୋଟେ ମଣିଷ ଛିଗୁଲେଇ ବା ନାକ ଟେକି କହୁଥିବାର ମୁଁ ସବୁବେଳେ ଶୁଣେ, 'ଛି ଲୋ, ଏଇଟା ମାଙ୍କଡ଼ ଭଳିଆ ଦିଶୁଚି।' ମଣିଷ ଲାଗି ମୁଁ ହେଉଛି ବୁଦ୍ଧି ବିବେକ ନଥିବା ଗୋଟେ ପାଗଳ ଆଉ ଉଦଣ୍ଡ ଜୀବ। କଥା କଥାରେ ଗୋଟେ ମଣିଷ ଆଉ ଗୋଟେ ଦୁଷ୍ଟ ମଣିଷକୁ ମୋ' ସହ ତୁଳନା କରି କୁହେ କି 'କାଇଁ ଗୋଟେ ମାଙ୍କଡ଼ ଭଳିଆ ହଉଛୁ କିରେ?' ବର୍ତ୍ତମାନ ସମୟରେ ମଣିଷ ପାଖରେ ଥିବା ସହସ୍ର ଦୁର୍ଗୁଣ ଭିତରେ 'ମାଙ୍କଡ଼ାମି' ଏକ ପ୍ରମୁଖ ଦୁର୍ଗୁଣ ରୂପେ ପରିଗଣିତ।

ମୁଁ ମାଙ୍କଡ଼। ସବୁଜ ସୁନ୍ଦର ଜଙ୍ଗଲ ହେଉଛି ମୋ' ବାସସ୍ଥାନ। ଉଁ.. ହୁଁ....ବାସସ୍ଥାନ ଥିଲା। ଏବେ ଜଙ୍ଗଲ ହେଉଛି ମୋର ସେଇ ଦାୟାଦଙ୍କ ପ୍ରଧାନ ଉତ୍ପାଦନସ୍ଥଳୀ। ଫୁଲ, ଫଳ, ପତ୍ର, ଗଛ, ଲତା, ଜୀବଜନ୍ତୁଙ୍କ ଉପରେ ସତେଯେପରି ତାଙ୍କର ଏକଚାଟିଆ ଅଧିକାର। ଲାଗୁଛି ଯେମିତି ତାଙ୍କ ଜୀବନକୁ ସରସ ସୁନ୍ଦର କରିବାକୁ ହିଁ ଭଗବାନ୍ ଆମକୁ ସୃଷ୍ଟି କରିଛନ୍ତି। ପୃଥିବୀରେ ତିଷ୍ଠି ରହିବାକୁ ହେଲେ, ତାଙ୍କ ଇଚ୍ଛା ଅନୁସାରେ ହିଁ ଚାଲିବାକୁ ପଡ଼ିବ। ନଚେତ୍ ହୋମକୁଣ୍ଡରେ ସ୍ୱାହା।

ମୁଁ ମାଙ୍କଡ଼। କୁକୁର କିବିଲେଇ ନୁହେଁ ଯେ, ମଣିଷ ମୋତେ ପୋଷା ମନେଇବ। ଭଲ ସ୍ୱର ରଖିଥିବା କୋଉ ଚଢ଼େଇ ନୁହେଁ ଯେ, ମୋତେ ପିଞ୍ଜରା ଭିତରେ ରଖି ସ୍ୱାଦିଷ୍ଟ ଭୋଜନ ଦେବ। ନା ମୁଁ ମଣିଷର କୌଣସି ସୁରକ୍ଷା କାମରେ ଆସେ, ନା ମୁଁ ମଣିଷର ମନୋରଞ୍ଜନ କରିପାରେ। ଅବଶ୍ୟ ମୋର ଜାତିଭାଇ ପାତିମାଙ୍କଡ଼ କିଛି ମାତ୍ରାରେ ମନୋରଞ୍ଜନ କରିପାରେ। ହେଲେ ମୋ' ଭଳି ସାଧାରଣ ମାଙ୍କଡ଼ମାନେ ମଣିଷର କୌଣସି କାମରେ ଆସନ୍ତିନି। ତେଣୁ ମୋର ଯତ୍ନ ନେବା କି ସୁରକ୍ଷା କରିବା କଥା କେହି ଥରୁଟିଏ ଭାବନ୍ତିନି।

ମୁଁ ମାଙ୍କଡ଼। କୁହାଯାଏ ମୁଁ କୁଆଡ଼େ ପ୍ରଭୁ ହନୁମାନଙ୍କ ବଂଶଜ। ହେଲେ ମୁଁ ପାଇପାରେନି ପ୍ରଭୁ ହନୁମାନଙ୍କ ଭଳି ସମ୍ମାନ। ପ୍ରଭୁ ହନୁମାନ, ଭଗବାନ୍ ଶିବଙ୍କ ଅଂଶ ହୋଇଥିବାରୁ ପ୍ରାୟତଃ ଶୈବପୀଠମାନଙ୍କରେ ମୁଁ ବାସ କରିଥାଏ। କିନ୍ତୁ ସେଠି କୋଉ ବୁଲାଷଣ୍ଢ ଗୋଟିଏ ଦେଖିଲେ ହୁଏତ କିଏ ଶିବଙ୍କ ବାହନ କହି ଘାସ ମୁଠାଏ ଦେଇପାରେ, କିନ୍ତୁ ମୋତେ କିଏ ଯାଚିକି ଗଣ୍ଡାଏ ଖାଦ୍ୟ ଦେବା ଅସମ୍ଭବ। ତେଣୁ ବାଧ ହେଇ ମୁଁ ଯା'ଠୁ ତା'ଠୁ ଛଡ଼େଇକି ଖାଦ୍ୟଖାଏ। ଆଉ ସେଇଟା ବି ମୋ' ଉପଦ୍ରବରେ ଗଣା।

ମୁଁ ମାଙ୍କଡ଼। ମଣିଷମାନଙ୍କ ଅଦାଲତରେ ମୁଁ ସବୁବେଳେ ଦୋଷୀ। ମୋ' ନାଁରେ ଅଭିଯୋଗ ଯେ, ମୁଁ କୁଆଡ଼େ ସବୁବେଳେ ମଣିଷର ପରିଶ୍ରମଲବ୍ଧ ଖାଦ୍ୟ ପଦାର୍ଥକୁ ନଷ୍ଟଭ୍ରଷ୍ଟ କରେ। କିନ୍ତୁ କିଏ କେବେ ମୋତେ ନିଜେ ନିଜ ତରଫରୁ ଓକିଲାତି କରିବାକୁ ସୁଯୋଗ ଦିଅନ୍ତିନି କି ମୋ' ବୟାନ ଶୁଣନ୍ତିନି। ଯଦି ଶୁଣିଥା'ନ୍ତେ, ତା'ହେଲେ ହୁଏତ ମୁଁ କହିଥା'ନ୍ତି, 'ରେ ମଣିଷ... ଆରେ କିଏ କାହା ଖାଦ୍ୟ ଆଗ ନଷ୍ଟ କରିଛି? ମୁଁ ତୋର ନା ତୁ ମୋର? କିଏ କାହା ବାସସ୍ଥାନ ଆଗ ଉଜାଡ଼ିଛି? ମୁଁ ତୋର ନା ତୁ ମୋର? ଆରେ ତୁ ଯଦି ମୋ' ଜଙ୍ଗଲକୁ ନଷ୍ଟ ନ କରିଥା'ନ୍ତୁ, ତା'ହେଲେ ମୁଁ ଜନବସତିକୁ ଏତେ ମାତ୍ରାରେ ଆସିଥା'ନ୍ତି କିଆଁ? ଆରେ ଯାଇ ପଚାରେ, ତୋ' ବାପା ଗୋସାଁବାପାଙ୍କୁ। ସେମାନେ କହିବେ ଆମେ କ'ଣ ତାଙ୍କ ଅମଳରେ ଏମିତି ଉପଦ୍ରବ କରୁଥିଲୁ? ଆରେ ସେମାନେ ତ ଆମକୁ ଦେଖିଲେ ହୁଏତ କେବଳ ବାଡ଼ି ଉଞ୍ଚାଉଥିଲେ ବା ଛୋଟ ଟେକାଟିଏ ଫୋପାଡ଼ି ଦେଉଥିଲେ। ହେଲେ ତୁ ଏବେକାର ଆଧୁନିକ ମଣିଷ କେତେ ପ୍ରକାରେ ଯେ ଆମକୁ ଘଉଡ଼ାଉଚୁ ତା'ର କେବେ ହିସାବ ରଖିଛୁ? ଆରେ କେତେବେଳେ ଜାଲ ପକେଇଦେଉଚୁ ତ କେତେବେଳେ କଣ୍ଟା ପକେଇଦେଉଚୁ ଆଉ କେତେବେଳେ ହାଇ ଭୋଲ୍‌ଟେଜର କରେଣ୍ଟ ଲଗେଇଦେଉଚୁ। ବେଳେବେଳେ ତ ତୁ ବିଷମିଶା ଖାଦ୍ୟ ଥୋଇ ଆମକୁ କଲବଲ କରି ମାରିବାକୁ ପଛାଉନୁ। କ'ଣ ପାଇଁରେ? କି ଦୋଷ କରିଛୁ ଆମେ ତୋର? ଆରେ ପେଟ ପାଇଁ ତ ତୁ ନିଜେ ଦରକାର ପଡ଼ିଲେ ଚୋରି, ଡକାୟତି, ହତ୍ୟା କରିଦେଉ। ଆମେ ତ କିନ୍ତୁ କାହାକୁ ହତ୍ୟା କରୁନି, କେବଳ ଯାହା ଟିକେ ଖାଇବା ଆଶାରେ ବିଲବାଡ଼ି ଆଡ଼େ ଆସୁ। କ'ଣ ସେଇଟା ଆମ ଅପରାଧ? ଆରେ ତୋ ନିଷ୍ଠୁର ପ୍ରହାରରୁ ନିଜକୁ ବଞ୍ଚେଇବାକୁ ଯାଇ କୁଦାମାରି ଧାଇଁବାର ନାମ କ'ଣ ଉପଦ୍ରବ??

ମୁଁ ମାଙ୍କଡ଼। ପୃଥିବୀର ସବୁ ଜୀବଜନ୍ତୁଙ୍କ ଭିତରୁ ଗୋଟିଏ ଜାତି। ମାନୁଛି, ମୁଁ ମଣିଷ ଭଳି ଶକ୍ତିଶାଳୀ ବା ବୁଦ୍ଧି ବିବେକଧାରୀ ନୁହେଁ, ତେବେ ମୋର ବି ମଣିଷ ଭଳି ଏ ପୃଥିବୀରେ ବଞ୍ଚିବାର ସମାନ ଅଧିକାର ଅଛି। ମୁଁ ଯାହା ବି କ୍ଷତି ବା ଉପଦ୍ରବ କରେ, କେବଳ ନିଜ ପେଟପାଟଣା ପାଇଁ କରେ। ତୁମେ ମଣିଷମାନେ ମୋତେ ସାହାଯ୍ୟ କଲେ ମୁଁ ତୁମମାନଙ୍କୁ ସାହାଯ୍ୟ କରିବି। ମୋ' ଖାଦ୍ୟର ବନ୍ଦୋବସ୍ତ କରିଦେଲେ ମୁଁ ତୁମମାନଙ୍କ ଖାଦ୍ୟ ନଷ୍ଟ କରିବି ନାହିଁ। ନଚେତ୍ ଏହି ନୂତନ ବିବର୍ତ୍ତନରେ ଖାଦ୍ୟ ଅଭାବରୁ କିମ୍ବା ତୁମ କ୍ରୂରତା ସହି ନ ପାରି, ମୁଁ ଦିନେ ବିଲୁପ୍ତ ହେଇଯିବି ଆଉ ତୁମ ଉତ୍ତର ପିଢ଼ି 'ସହଜ ଇଂରାଜୀ ଶିକ୍ଷା' ବହିର 'ଏମ୍' ଫର 'ମଙ୍କି' ପାଖରେ ଚାରିଗୋଡ଼ିଆ ଯନ୍ତୁ ବଦଳରେ ଦେଖିବେ ଗୋଟେ ଦୁଇଗୋଡିଆ ଦାନବକୁ, ଯିଏକି ବିଲ୍‌କୁଲ ତୁମରି ଭଳି ଦିଶୁଥିବ।

– ସତ୍ୟ ରଞ୍ଜନ ମିଶ୍ର
ଅଢ଼ଙ୍ଗ ଶାସନ, ଅଣଖିଆ, ବିରିଡ଼ି,
ଜଗତ୍‌ସିଂହପୁର, ମୋ: ୮୬୫୮୪୧୨୬୮୩

**କରୋନା ମହାମାରୀ ଯୋଗୁ ସ୍ଥାଣୁ ପାଲଟିଯାଇଥିବା କ୍ରୀଡ଼ା ଜଗତ କ୍ରମେ ସେଥିରୁ ମୁକୁଳିବା ଆରମ୍ଭ କରିଛି। ୟୁରୋପୀୟ ଦେଶଗୁଡ଼ିକରେ ଫୁଟବଲ ଆରମ୍ଭ ହୋଇଥିବାବେଳେ ଇଂଲଣ୍ଡ, ୟୁଏଇ, ଅଷ୍ଟ୍ରେଲିଆରେ କ୍ରିକେଟ ଏବଂ ଅନ୍ୟ କେତେକ ଦେଶରେ ଟେନିସ, ଫର୍ମୁଲାୱାନ ମୋଟରରେସିଂ ପରି କ୍ରୀଡ଼ା ସମ୍ଭବ ହୋଇପାରିଛି...**



ଟ୍ରେଲ୍‌ବ୍ଲେଜର୍ସ ଅଧିନାୟିକା ସ୍ମୃତି ମାନ୍ଧାନା ଟ୍ରଫି ସହ।



ୟୁଏସ୍ ଓପନ ଚାମ୍ପିୟନ ନାଓମି ଓସାକା।

# କରୋନା କବଳରୁ ମୁକୁଳୁଛି କ୍ରୀଡ଼ା

ଏପରି ଏକ ସମୟ ଆସିବ ଯେତେବେଳେ କି ସମଗ୍ର ବିଶ୍ୱରେ କ୍ରୀଡ଼ା ପ୍ରତିଯୋଗିତା ଏକାବେଳେକେ ବନ୍ଦ ହୋଇଯିବ ତାହା ବିଶ୍ୱାସର ବାହାରେ ଥିଲା। ଯଦିବା ଖେଳ ହେବ ଦେଖିବାକୁ ଷ୍ଟାଡିୟମରେ ଦର୍ଶକ ନ ଥିବେ ଏହା ମଧ୍ୟ କଳ୍ପନା କରିବା ଅସମ୍ଭବ ଥିଲା। ସିଜନ ଅନୁସାରେ ବିଭିନ୍ନ କ୍ରୀଡ଼ା ହେଉଥିବାରୁ ଫୁଟବଲ ନ ହେଲେ କ୍ରିକେଟ, ବେସ୍‌ବଲ, ରଗ୍‌ବୀ, ଆଥ୍‌ଲେଟିକ୍ସ କିମ୍ବା ହକି କେଉଁଠି ନା କେଉଁଠି କିଛି ନା କିଛି କ୍ରୀଡ଼ା ଚାଲିଥାଏ। ମାତ୍ର କୋଭିଡ-୧୯ ଯୋଗୁ ଏମିତି ଏକ ସମୟ ଆସିଲା ଯେଉଁଥିପାଇଁ ସମଗ୍ର ବିଶ୍ୱରେ କ୍ରୀଡ଼ା ଠପ୍ ହୋଇଗଲା। ଖେଳପଡ଼ିଆ ଖାଁ ଖାଁ, ସ୍ତବ୍ଧ ହୋଇଗଲେ କ୍ରୀଡ଼ାବିତ୍। ଘରୁ ବାହାରିବାର ଜୁ ନାହିଁ। ଲକ୍ ଡାଉନ୍, ଶଟ୍ ଡାଉନ୍‌ର କଟକଣା ମଧ୍ୟରେ ହଜିଗଲା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା। ଅଲିମ୍ପିକ୍ସ ପରି କ୍ରୀଡ଼ା ମହାକୁମ୍ଭ ମଧ୍ୟ ସ୍ଥଗିତ ରହିଲା। ମହାମାରୀ ପ୍ରକୋପରେ ବିଶ୍ୱବ୍ୟାପୀ ଅଗଣିତ କ୍ରୀଡ଼ା ବାତିଲ ହେଲା କିମ୍ବା ଘୁଞ୍ଚିଲା। ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ଏପରି ଆଶଙ୍କାରେ ବିତିବା ପରେ ଏବେ କୋଭିଡ କଟକଣା ମଧ୍ୟରେ କେତେକ ସ୍ଥାନରେ ଚଳଚଞ୍ଚଳ ହୋଇଛି କ୍ରୀଡ଼ା ଦୁନିଆ। ବିଭିନ୍ନ ଦେଶର ସରକାର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି କରି କଟକଣା ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ କରିଛନ୍ତି। କରୋନା ସଂକ୍ରମଣର ଆଶଙ୍କା ଥିବାରୁ ରୁଦ୍ଧଦ୍ୱାରରେ ଅର୍ଥାତ୍ ବିନା ଦର୍ଶକରେ ଖେଳ ଅନୁଷ୍ଠିତ ହେଉଛି। କ୍ୱାରାଣ୍ଟାଇନ୍ ଏବଂ କୋଭିଡ୍ ଟେଷ୍ଟ ମଧ୍ୟରେ ଖେଳାଳି ଯଦିଓ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି ତେବେ ଅନ୍ୟକିଛି ବିକଳ୍ପ ନ ଥିବାରୁ ସମସ୍ତେ ପରିସ୍ଥିତି ସହିତ ଖାପ ଖୁଆଇବାକୁ ବାଧ୍ୟ ହୋଇଛନ୍ତି। ୟୁରୋପୀୟ ଦେଶ ଗୁଡ଼ିକରେ ଫୁଟବଲ ଆରମ୍ଭ ହୋଇ ଯାଇଥିବାବେଳେ ଇଂଲଣ୍ଡ ଖୋଲିଛି କ୍ରିକେଟର ଦ୍ୱାର। ଏବେ ଏହି ଖେଳ ୟୁନାଇଟେଡ ଆରବ ଏମିରେଟ୍ସ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆରେ ମଧ୍ୟ କଟକଣା ମଧ୍ୟରେ ଆରମ୍ଭ ହୋଇଛି। ହର୍ଷ ରାଇଡିଂ, ଗଲ୍ଫ, ବ୍ୟାଡ୍‌ମିଣ୍ଟନ, ଟେନିସ, ମୋଟରସ୍ପୋର୍ଟ୍ସ କ୍ରୀଡ଼ା ମଧ୍ୟ କେତେକ ଦେଶରେ ସମ୍ଭବ ହୋଇପାରିଛି। ଅନ୍‌ଲାଇନ୍‌ରେ ଚେସ୍ ପ୍ରତିଯୋଗିତା ପ୍ରତ୍ୟାବର୍ତ୍ତନ କରିଛି।



ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଚେସ୍ ଦଳ।

**ଇଂଲଣ୍ଡରେ ଆରମ୍ଭ ଅନ୍ତର୍ଜାତୀୟ କ୍ରିକେଟ:** କରୋନା ବ୍ରେକ୍ ପରେ ଇଂଲଣ୍ଡରେ ହିଁ ପ୍ରଥମେ ଅନ୍ତର୍ଜାତୀୟ ପୁରୁଷ କ୍ରିକେଟ ଆରମ୍ଭ ହୋଇଛି। ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜ ଜୁଲାଇ ୮ରୁ ୨୮ ମଧ୍ୟରେ ଖେଳାଯାଇଥିଲା। ଏହାପରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ଓ ଟି୨୦ ଆୟୋଜିତ ହୋଇଥିଲା। ଏହି ୨ ସିରିଜ ମଧ୍ୟ ଇଂଲଣ୍ଡ ଘରୋଇ ପରିବେଶରେ ଖେଳିଥିଲା। ୱେଷ୍ଟଇଣ୍ଡିଜରେ କାରିବିୟନ କ୍ରିକେଟ ଲିଗ୍ ଅଗଷ୍ଟ ୧୮ରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଖେଳାଯାଇଥିଲା। ଏଥିରେ ତ୍ରିନବାଗୋ ନାଇଟ ରାଇଡର୍ସ ବାଜି ମାରିଥିଲା। ହାଇ ପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସେପ୍ଟେମ୍ବର ୧୦ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଏହି ବ୍ୟୟବହୁଳ ଲିଗ୍ ଆବୁଧାବି, ଦୁବାଇ ଓ ଶାରଜାରେ ଖେଳାଯାଇଥିଲା। ଏଥିରେ ଚାମ୍ପିୟନ ହୋଇ ମୁମ୍ବାଇ ଇଣ୍ଡିଆନ୍ସ ରେକର୍ଡ ୫ମଥର ପାଇଁ ଟାଇଟଲ ହାସଲ କରିଥିଲା। ଆଇପିଏଲ ଅବସରରେ ମହିଳା ଟି୨୦ ଚ୍ୟାଲେଞ୍ଜ୍ ମଧ୍ୟ ୟୁଏଇରେ ଅନୁଷ୍ଠିତ ହୋଇଥିଲା। ୩ ଦଳ ବିଶିଷ୍ଟ ପ୍ରତିଯୋଗିତାର ଫାଇନାଲରେ ସୁପରନୋଭାସକୁ ହରାଇ ଟ୍ରେଲବ୍ଲେଜର୍ସ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଇତିମଧ୍ୟରେ ପାକିସ୍ତାନ ଘରୋଇ ମାଟିରେ ଜିମ୍ବାୱେ ବିପକ୍ଷରେ ସିରିଜ ଖେଳି ସାରିଥିବାବେଳେ ଭାରତର ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ ହୋଇଛି। ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ମଧ୍ୟ ନ୍ୟୁଜିଲାଣ୍ଡରେ ଖେଳିବା ଆରମ୍ଭ କରିଛି। ଅଷ୍ଟ୍ରେଲିଆରେ ମହିଳା ସିରିଜ ସହିତ କ୍ରିକେଟ ଆରମ୍ଭ ହୋଇଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏହ ସିରିଜରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ଓ ଦିନିକିଆ ମ୍ୟାଚ ଖେଳାଯାଇଥିଲା।

**ୟୁରୋପରେ ଫୁଟବଲ ଲିଗ୍:** ୟୁରୋପୀୟ ଦେଶଗୁଡ଼ିକରେ ବିଭିନ୍ନ ଫୁଟବଲ ଲିଗ୍ ଇତି ମଧ୍ୟରେ ଆରମ୍ଭ ହୋଇ ଯାଇଛି। ଏହା ମଧ୍ୟରେ ସ୍ପାନିଶ୍ ଲିଗ୍ ଲା-ଲିଗା, ଜର୍ମାନୀର ବୁନ୍ଦେସଲିଗା ଆଦି ଅନ୍ୟତମ। ଏହା ବ୍ୟତୀତ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଏବଂ ଫିଫା ବିଶ୍ୱକପ କ୍ୱାଲିଫାୟର୍ସ ମଧ୍ୟ ଆରମ୍ଭ ହୋଇଛି।

**ଇଣ୍ଡିଆନ ସୁପରଲିଗ୍:** ଭାରତର ପ୍ରମୁଖ ଫୁଟବଲ ଲିଗ୍ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ) ନଭେମ୍ବର ୨୦ରୁ ଆରମ୍ଭ ହୋଇଛି। ଏହା ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଏଥର ସମ୍ପୂର୍ଣ୍ଣ ଲିଗ୍‌କୁ ବିନା ଦର୍ଶକରେ କେବଳ ଗୋଆରେ ଆୟୋଜନ କରାଯାଉଛି। ଗୋଆର ୩ ଷ୍ଟାଡିୟମ ମାର୍ଗାଓସ୍ଥିତ ଫତୋର୍ଦା, ବାମ୍ବୋଲିମ୍‌ସ୍ଥିତ ଜିଏମ୍‌ସି ଆଥଲେଟିକ୍ ଷ୍ଟାଡିୟମ ଏବଂ ଭାସ୍କୋଡାଗାମାସ୍ଥିତ ତିଳକ ମଇଦାନରେ ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେଉଛି।

**ଗ୍ରାଣ୍ଡସ୍ଲାମ ଟେନିସ:** ଅଷ୍ଟ୍ରେଲିଆରେ କରୋନା ପ୍ରଭାବ ଅନୁଭୂତ ହେବା ପୂର୍ବରୁ ଜାନୁୟାରୀ ୨୦ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ସିଜନ ପ୍ରାରମ୍ଭ ଗ୍ରାଣ୍ଡସ୍ଲାମ ଟେନିସ ଅନୁଷ୍ଠିତ ହୋଇ ଯାଇଛି। ଅଷ୍ଟ୍ରେଲିଆନ ଓପନର ପୁରୁଷ ସିଙ୍ଗଲ୍ସରେ ନୋଭାକ୍ ଜୋକୋଭିଚ୍ ଏବଂ ମହିଳା ସିଙ୍ଗଲ୍ସରେ ସୋଫିଆ କେନିନ୍ ଚାମ୍ପିୟନ ହୋଇଛନ୍ତି। କୋଭିଡ-୧୯ ପାଇଁ ବିଶେଷ ପ୍ରଭାବିତ ହୋଇଥିଲା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ୍ ଓପନ। ରୋଲାଣ୍ଡ ଗାରୋସର ଲାଲ୍ ମାଟିରେ ଏହି ପ୍ରତିଯୋଗିତା ପ୍ରକୃତରେ ମେ ୨୪ରୁ ଜୁନ୍ ୭ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କରୋନା ସଂକ୍ରମଣ ଯୋଗୁ ଏହାକୁ ପ୍ରଥମେ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୪ ଏବଂ ପରେ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୧କୁ ଘୁଞ୍ଚାଇ ଦିଆ ଯାଇଥିଲା। ପୁରୁଷ ସିଙ୍ଗଲ୍ସରେ ରାଫାଲ ନାଡାଲ କ୍ରମାଗତ ୪ର୍ଥ ଏବଂ ଓଭରଅଲ୍ ୧୩ତମ ଫ୍ରେଞ୍ଚ୍ ଟାଇଟଲ ହାସଲ କରିଥିଲେ। ମହିଳା ସିଙ୍ଗଲ୍ସରେ ଇଗା ସ୍ୱିଟେକ ଚାମ୍ପିୟନ ହୋଇଥିଲେ। ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ ଓପନ ଜୁନ ୨୯ରୁ ଜୁଲାଇ ୧୨ ମଧ୍ୟରେ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ରୋକ୍ୱେଟ କ୍ଲବ କୋର୍ଟରେ ହେବାର ଥିଲା। ମାତ୍ର କୋଭିଡ୍ ପାଇଁ ବାତିଲ ଘୋଷଣା କରାଯାଇଥିଲା। ନ୍ୟୁୟର୍କରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୩ ମଧ୍ୟରେ ଆୟୋଜିତ ହୋଇଥିଲା ସିଜନ ଶେଷ ଗ୍ରାଣ୍ଡସ୍ଲାମ ୟୁଏସ ଓପନ ଟେନିସ। ପ୍ରତିଯୋଗିତାର ଏହି ୧୪୦ତମ ସଂସ୍କରଣରେ ସୁରକ୍ଷା କାରଣରୁ ରାଫାଲ ନାଡାଲଙ୍କ ପରି ଅନେକ ଖେଳାଳି ଓହରି ଯାଇଥିଲେ। ଫଳରେ ପୁରୁଷ ସିଙ୍ଗଲ୍ସରେ ଡୋମିନିକ୍ ଥିମ୍ ଏବଂ ମହିଳାରେ ନାଓମି ଓସାକା ଟାଇଟଲ ହାସଲ କରିଥିଲେ। ଏହା ବ୍ୟତୀତ ଏକାଧିକ ଏଟିପି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାସହ ବର୍ଷ ଶେଷ ଏଟିପି ଫାଇନାଲ୍ସ ଲଣ୍ଡନରେ ଅନୁଷ୍ଠିତ ହୋଇଛି।

**ଫର୍ମୁଲାୱାନ ମୋଟର ରେସିଂ:** କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏଥର ଫର୍ମୁଲାୱାନ ମୋଟର ରେସିଂରେ କେତେକ ରେସ୍ ବାତିଲ ହୋଇଥିବାବେଳେ କେତେକ ନୂଆ ଗ୍ରାଁ ପ୍ରି ହୋଇଛି। ଏପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୧୪ଟି ଗ୍ରାଁ ପ୍ରି ହେଲା ଅଷ୍ଟ୍ରିଆନ, ଷ୍ଟିରିଆନ, ହଙ୍ଗେରିଆନ, ବ୍ରିଟିଶ୍, ୭୦ତମ ଆନିଭର୍ସାରି ଗ୍ରାଁ ପ୍ରି (ସିଲଭରଷ୍ଟୋନ), ସ୍ପାନିଶ୍, ବେଲ୍‌ଜିଆନ, ଇଟାଲିଆନ, ଟୋସ୍କାନା (ମୁଗେଲୋ ସର୍କିଟ), ରୁଷିଆନ, ଇଫେଲ ଗ୍ରାଁ ପ୍ରି(ନୁର୍ବରଗ୍ରିଙ୍ଗ୍), ପର୍ତ୍ତୁଗୀଜ, ଇମିଲିଆ ରୋମାଗ୍ନା (ଇମୋଲା) ଏବଂ ତୁର୍କୀଶ ଗ୍ରାଁ ପ୍ରି। ୧୪ ଗ୍ରାଁ ପ୍ରି ମଧ୍ୟରୁ ୧୦ଟିରେ ବିଜୟୀ ହୋଇ କ୍ୟାରିୟରର ୭ମ ବିଶ୍ୱ ଟାଇଟଲ ହାସଲ କରିଛନ୍ତି ବ୍ରିଟେନର ମର୍ସିଡିଜ୍ ଡ୍ରାଇଭର ଲୁଇସ ହାମିଲଟନ। ଏଥିସହ ସେ ଫର୍ମୁଲାୱାନ କିମ୍ବଦନ୍ତୀ ଜର୍ମାନୀର ମାଇକେଲ ସୁମାକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ବାହାରିନ୍ ଗ୍ରାଁ ପ୍ରି ନଭେମ୍ବର ୨୯ରେ ହେବାର କାର୍ଯ୍ୟସୂଚୀ ରହିଛି।

**ଏସିଆନ୍ ଅନ୍‌ଲାଇନ୍ ଟିମ୍ ଚେସ୍:** ଅକ୍ଟୋବର ୧୦ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ଏସିଆନ୍ ନେସନ୍ସ (ରିଜିଅନ୍ସ) ଅନ୍‌ଲାଇନ୍ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳାଙ୍କୁ ସ୍ୱର୍ଣ୍ଣ ଏବଂ ପୁରୁଷ ଦଳକୁ ରୌପ୍ୟ ପଦକ ମିଳିଥିଲା। ମହିଳା ଦଳର ସଦସ୍ୟା ଭାବରେ ଓଡ଼ିଶାର ପଦ୍ମିନୀ ରାଉତ ମଧ୍ୟ ସ୍ୱର୍ଣ୍ଣ ପଦକ ପାଇଥିଲେ। ପୂର୍ବରୁ ସେ ବୋର୍ଡ ପ୍ରାଇଜ୍‌ଭାବେ ରୌପ୍ୟ ପଦକ ହାସଲ କରିଥିଲେ। ଫାଇନାଲରେ ଭାରତୀୟ ମହିଳା ଦଳ ୬-୨ ବ୍ୟବଧାନରେ ଇଣ୍ଡୋନେସିଆକୁ ହରାଇଥିଲା। ପୁରୁଷ ଦଳ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୩.୫-୪.୫ ବ୍ୟବଧାନରେ ଅଷ୍ଟ୍ରେଲିଆଠାରୁ ହାରିଯିବାରୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା।

– ତପନ ସ୍ୱାଇଁ,
ବିଜୟ ରଣା,
ରଞ୍ଜନ ରାୟ



ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା।

## ୨୦୨୧ରେ ଟୋକିଓ ଅଲିମ୍ପିକ୍ସ

କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ୩୨ତମ ସଂସ୍କରଣ ୨୦୨୦ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର ଏହାକୁ ୨୦୨୧ ଜୁଲାଇ ୨୩ରୁ ଅଗଷ୍ଟ ୮କୁ ଘୁଞ୍ଚାଇ ଦିଆଯାଇଛି। ତେବେ ଏହି ଗେମ୍‌ର ନାମ ଟୋକିଓ-୨୦୨୦ ଅପରିବର୍ତ୍ତିତ ରହିଛି। ଏଥିରେ ୨୦୬ ଦେଶର ୧୧,୦୯୧ ଆଥଲେଟ୍ ୩୩ଟି କ୍ରୀଡ଼ାର ୩୩୯ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବା ଆକଳନ କରାଯାଉଛି। ସେହିପରି ୨୦୨୦ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ହେବାକୁଥିବା ପାରାଅଲିମ୍ପିକ୍ସ ୨୦୨୧ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ହେବ ବୋଲି ଧାର୍ଯ୍ୟ କରାଯାଇଛି। ଭାରତରେ ପ୍ରଥମ ଥରପାଇଁ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫୁଟବଲକୁ ବାତିଲ କରାଯାଇଛି। ତେବେ ୨୦୨୨ରେ ଏହା ଭାରତରେ ହିଁ ହେବ ବୋଲି ନିକଟରେ ଘୋଷଣା କରାଯାଇଛି। ଏହା ୫ ସହର ଓଡ଼ିଶାର ଭୁବନେଶ୍ୱର ସମେତ କୋଲକାତା, ଗୁଆହାଟୀ, ଅହମ୍ମଦାବାଦ ଓ ନଭି ମୁମ୍ବାଇରେ ଆୟୋଜନ ହେବ।




JSL 50 JINDAL STAINLESS
DELIVERING STAINLESS EXCELLENCE SINCE 1970

Building a Stainless India



PASSIONATELY PROGRESSIVE

As the pioneer of stainless steel in India, Jindal Stainless, over its five-decade long journey, has helped nurture an ecosystem that understands, adopts, and advocates stainless steel. Right from training young engineers in premier colleges and training fabricators at grassroot levels to educating masses and sensitizing decision makers, Jindal Stainless has laid the foundation and grown the outreach of the mettle of today and the metal of tomorrow, Stainless Steel.

To know more log on to www.jindalstainless.com

Connect with us on

adventz

Individually, we nurtured crops.
Together, we'll transform
the future of Indian agriculture.



Zuari Agro Chemicals, Paradeep Phosphates and Mangalore Chemicals & Fertilizers come together to usher in prosperity for Indian farmers.

When three amongst the biggest names in the Indian agricultural sector come together, it ushers in an exciting phase for the Indian agricultural economy. The complimentary strength of their three brands – Jai Kisaan, Navratna and Mangala will assure an enriched product offering with an enhanced range of nitrogenous and phosphatic fertilisers, speciality plant nutrients, micro-nutrients, soil conditioners, crop care products and seeds. Plus, our innovative initiatives and agri services will create a whole new relationship with the Indian farmers.

JAI KISAAN ZUARI AGRO CHEMICALS LTD. | PPL PARADEEP PHOSPHATES LIMITED | MCF MANGALORE CHEMICALS & FERTILIZERS LIMITED

Corporate Office: Tower A, 5th Floor, Global Business Park, M. G. Road, Sector 26, Gurgaon-122002. | www.adventz.com